# ଧରିତ୍ରୀ
DHARITRI

ସୋମବାର, ଏପ୍ରିଲ ୬/୨୦୨୦ (୧୪ ପୃଷ୍ଠା) | Monday, April 6/2020

୪୬ଶ ଭାଗ ୧୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ବସ୍ତି ବାସିନ୍ଦାଙ୍କ ମୁହଁରେ ହସ ଫୁଟାଇଲେ ରକୁଲ**

ଲକ୍‌ଡାଉନ୍ ସମୟରେ ଗୁରଗାଓଁସ୍ଥିତ ଏକ ବସ୍ତିର ୨୦୦ ପରିବାରକୁ ଦୁଇଓଳା ଖାଇବାକୁ ଦେଇ ସେମାନଙ୍କ ମୁହଁରେ ହସ ଫୁଟାଇବା ଲାଗି ଆଗେଇ ଆସିଛନ୍ତି ଅଭିନେତ୍ରୀ ରକୁଲ ପ୍ରୀତ୍ ସିଂ।

୦୫

୧୪

**୫ ହଜାର ପରିବାରକୁ ଖୁଆଇବେ ହରଭଜନ**

ପୂର୍ବତନ ଅଫ୍-ସ୍ପିନର ହରଭଜନ ସିଂ ଜଳନ୍ଧରରେ କୋଭିଡ୍-୧୯ରେ ପ୍ରଭାବିତ ୫,୦୦୦ ପରିବାରକୁ ଖୁଆଇବେ ବୋଲି କଥା ଦେଇଛନ୍ତି।



# ଭୁବନେଶ୍ୱର: ଦିନକରେ ୧୮ ସଂକ୍ରମିତ

- ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୯
- ବମିଖାଲରେ ୧୫ ନୂଆ ଆକ୍ରାନ୍ତଙ୍କ ମିଶାଇ ୧୮ ରୋଗୀ ଚିହ୍ନଟ
- ଗୋଷ୍ଠୀ ସଂକ୍ରମଣ ହୋଇନାହିଁ : ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୫।୪(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱର ରାଜ୍ୟରେ କରୋନା ସଂକ୍ରମଣର ଏକପ୍ରକାର ହଟସ୍ପଟ ପାଲିଟିଛି। କାରଣ ରବିବାର ଗୋଟିଏ ଦିନରେ ୧୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାପୂର୍ବରୁ ଶୁକ୍ରବାର ଭୁବନେଶ୍ୱରରେ ୧୦ଜଣ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ଏହାକୁ ମିଶାଇ ରାଜଧାନୀରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨ରେ ପହଞ୍ଚିଛି। ବିଶେଷକରି ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ କେବଳ ବମିଖାଲ ଅଞ୍ଚଳର ୧୮ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ଅଞ୍ଚଳକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ସିଲ୍ କରି କ୍ଲଷ୍ଟର କଣ୍ଟେନମେଣ୍ଟ ଲାଗୁ କରିଛି। ଘରକୁ ଘର ଯାଞ୍ଚ କରାଯାଇ କରୋନା ଭୂତାଣୁ ଲକ୍ଷଣ ଥିବା ଲୋକଙ୍କୁ ଠାବ କରାଯାଉଛି। ସମସ୍ତ ସନ୍ଦିଗ୍ଧ ଓ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କୁ ଏକାନ୍ତବାସରେ ରଖାଯିବା ସହ ତୁରନ୍ତ ନମୁନା ପରୀକ୍ଷା କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଟୁଇଟ୍ ମାଧ୍ୟମରେ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଟୁଇଟ୍ କରି କୁହାଯାଇଛି ଯେ, ଭୁବନେଶ୍ୱରର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସଂକ୍ରମିତ ଚିହ୍ନଟ ହୋଇଥିବାରୁ ରାଜ୍ୟବାସୀ ଭୟଭୀତ ହେବାର ଆବଶ୍ୟକତା ନାହିଁ। ବାହାରେ ନ ବୁଲି ଲକ୍‌ଡାଉନ୍‌କୁ ପାଳନ କରନ୍ତୁ। ନିୟମ ଭାଙ୍ଗିଲେ ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସିଏମ୍‌ଓ ପକ୍ଷରୁ କୁହାଯାଇଛି। ରବିବାରର ୧୮ଜଣଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୯ ଛୁଇଁଛି। ସେମାନଙ୍କ ମଧ୍ୟରୁ ଭଦ୍ରକର ୩ଜଣ ଏବଂ କଟକ, ପୁରୀ, ଯାଜପୁର ଓ କଳାହାଣ୍ଡିର ଜଣେ ଲେଖାଏ ରହିଛନ୍ତି। ଅନ୍ୟପକ୍ଷରେ ୨ ସଂକ୍ରମିତ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି।

ରବିବାର ଅପରାହ୍ଣରେ ଦୁଇଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସେମାନଙ୍କ ଘର ଭୁବନେଶ୍ୱରରେ। ଜଣେ ହେଲେ କପିଳପ୍ରସାଦ ହାଉସିଂବୋର୍ଡ କଲୋନୀ ଫେଜ-୨ରେ ରହୁଥିବା ୭୦ ବର୍ଷୀୟ ବୃଦ୍ଧ। ସେ ଗତ ୨୨ ତାରିଖରେ ଅଷ୍ଟ୍ରେଲିଆରୁ ଫେରି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ତାଙ୍କର ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ ଆସିଛି। ଅନ୍ୟଜଣେ ଆକ୍ରାନ୍ତ ହେଲେ ବମିଖାଲ ଅଞ୍ଚଳର ୨୯ ବର୍ଷୀୟ ଯୁବକ। ସେହିପରି ରାତି ପ୍ରାୟ ୯ଟାରେ ଆଉ ୧୬ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନେ ସମସ୍ତେ ରାଜଧାନୀର। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଏହି ୧୬ସଂକ୍ରମିତଙ୍କ ମଧ୍ୟରୁ ୧୪ଜଣ ବମିଖାଲ ଅଞ୍ଚଳରେ ହୋଇଥିବାବେଳେ ୨ଜଣଙ୍କ ସମ୍ପର୍କରେ ତଥ୍ୟ ହସ୍ତଗତ ହୋଇନାହିଁ।

ଲକ୍‌ଡାଉନ୍ ଓ ଶଟ୍‌ଡାଉନ ସତ୍ତ୍ୱେ ଗତ ୩ ଦିନ ମଧ୍ୟରେ ୩୪ଟି ନମୁନା ପଜିଟିଭ୍ ଚିହ୍ନଟ ହେବା ଯୋଗୁ ସାରା ରାଜ୍ୟ ବିଶେଷକରି ରାଜଧାନୀରେ ଆତଙ୍କ ଖେଳିଯାଇଛି। ଶନିବାର ପଶ୍ଚିମ ଓଡ଼ିଶାର ପ୍ରଥମ ଆକ୍ରାନ୍ତ କୁହାଯାଉଥିବା କଳାହାଣ୍ଡିର ଜଣେ ୨୯ବର୍ଷୀୟ ବିଦେଶ ଫେରନ୍ତା ଯୁବକଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଏବେସୁଦ୍ଧା ୭୫ଜଣ କରୋନା ସନ୍ଦିଗ୍ଧ ରାଜ୍ୟର ବିଭିନ୍ନ ହସ୍ପିଟାଲ ଆଇସୋଲେଶନ୍‌ରେ ଅଛନ୍ତି।

ଅନ୍ୟପକ୍ଷରେ ରବିବାର ରାତି ୮ଟାରେ ଶଟ୍‌ଡାଉନ୍ ☞ପୃଷ୍ଠା-୪

## ଶଟ୍‌ଡାଉନ୍‌ଠାରୁ କଡ଼ା ପଦକ୍ଷେପ ନିଆଯିବ

**ଚେତାବନୀ ଶୁଣାଇଲେ ରାଜ୍ୟ ସରକାର**

**ଭୁବନେଶ୍ୱର, ୫।୪ (ବ୍ୟୁରୋ)**

ଲକ୍‌ଡାଉନ୍ ସତ୍ତ୍ୱେ କିଛି ଲୋକ ନିୟମ ନ ମାନି ବୁଲିଲେ। ଛକ, ବଜାରରେ ଭିଡ଼ ଜମାଇଲେ। ଏଭଳି କେତେଜଣଙ୍କ ପାଇଁ କରୋନା ସଂକ୍ରମଣ ଆଶଙ୍କା ରହିବାରୁ ସରକାର କଟକ, ଭୁବନେଶ୍ୱର ଓ ଭଦ୍ରକ ଆଦି ୩ ସହରକୁ ୪୮ ଘଣ୍ଟିଆ ଶଟ୍‌ଡାଉନ୍ ଘୋଷଣା କରିଥିଲେ। ଦୋକାନ, ବଜାର, ଗାଡ଼ି ଚଳାଚଳ ଆଦି ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହ ଏକପ୍ରକାର କର୍ଫ୍ୟୁ ଜାରି କରାଯାଇଥିଲା। ଏହି ସମୟରେ ରାଜ୍ୟର ୨ଶହରୁ ଅଧିକ ଉଲ୍ଲଂଘନକାରୀଙ୍କୁ ଗିରଫ କରାଯିବା ସହ ଦଣ୍ଡସ୍ୱରୂପ ଶତାଧିକଙ୍କୁ ଧରି ୧୪ଦିନିଆ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ରବିବାର ରାତିରୁ ଶଟ୍‌ଡାଉନ୍ କଟକଣା ହଟିଥିବାରୁ ଲୋକେ ପୁଣି ପୂର୍ବଭଳି ଅନାବଶ୍ୟକ ଭାବେ ରାସ୍ତାରେ ବୁଲିବେ, ସାମାଜିକ ଦୂରତ୍ୱ ଭୁଲି ଗହଳି କରିବେ। ଏଭଳି ଆଶଙ୍କା କରି ସରକାର ଲୋକଙ୍କୁ କଡ଼ା ଚେତାବନୀ ଶୁଣାଇଛନ୍ତି। ଶଟ୍‌ଡାଉନ ହଟିବା ପରେ ଅଯଥାରେ ହାଟ ବଜାରରେ ଲୋକେ ଭିଡ଼ ଲଗାନ୍ତୁ ନାହିଁ। ନଚେତ ଶଟ୍‌ଡାଉନ୍‌ଠାରୁ ବଡ଼ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରବିବାର ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି। ସେ କହିଛନ୍ତି ଯେ, ପୂର୍ବପରି ସମସ୍ତ ଗ୍ରସେରି ସମେତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ। ତେଣୁ ଅନାବଶ୍ୟକ ଭାବେ ଭିଡ଼ ନ କରି ନିଜ ସହ ପରିବାର ଓ ଆତ୍ମୀୟଙ୍କ ପାଇଁ ଘରେ ରୁହନ୍ତୁ ଏବଂ ☞ପୃଷ୍ଠା-୪

## ବମିଖାଲରେ ତ୍ୱରାନ୍ୱିତ ହେବ ବିଶୋଧନ, ସ୍ୱାସ୍ଥ୍ୟ ପରୀକ୍ଷା

**ଭୁବନେଶ୍ୱର,୫।୪(ବ୍ୟୁରୋ)**

ଭୁବନେଶ୍ୱର ବମିଖାଲ ଅଞ୍ଚଳରେ କରେନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ଏହି ଅଞ୍ଚଳରେ ୩ ଜଣଙ୍କଠାରେ କରୋନା ପଜେଟିଭ ଚିହ୍ନଟ ହୋଇଥିବାବେଳେ ରବିବାର ଗୋଟିଏ ଦିନରେ ୧୫ ଜଣ ଚିହ୍ନଟ ହୋଇଛନ୍ତି। ଯାହାକି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ମୁଣ୍ଡବିନ୍ଧାର କାରଣ ସାଜିଛି। ଏବେ ବିଏମ୍‌ସି ଦ୍ୱାରା କରାଯାଉଥିବା ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ବିଶୋଧନ ପ୍ରକ୍ରିୟା ଉପରେ ବିଶେଷ ଭାବେ ଧ୍ୟାନ ଦିଆଯିବ ବୋଲି ବିଏମ୍‌ସି ଆଡିଶନାଲ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ କହିଛନ୍ତି। ବମିଖାଲ ଅଞ୍ଚଳରେ ଏବେ କଡ଼ାକଡ଼ି ଭାବେ ଆବଦ୍ଧ ଅଞ୍ଚଳ ନିୟମ ପାଳନ କରିବାକୁ ବିଏମ୍‌ସି ପ୍ରସ୍ତୁତ ହୋଇଛି। କେହି ବି ଲୋକ ଯଦି ବାହାରେ ବୁଲୁଥିବାର ନଜରକୁ ଆସେ ତେବେ ତାଙ୍କୁ ସିଧାସଳଖ କ୍ୱାରାଣ୍ଟାଇନ୍‌ରେ ରଖାଯିବ ବୋଲି ବିଏମ୍‌ସି ପକ୍ଷରୁ ପ୍ରକାଶ ପାଇଛି।

## ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ନ ଦେଲେ ଦୋକାନ ଲାଇସେନ୍ସ ରଦ୍ଦ ହେବ

- ଆବଶ୍ୟକ ପଡ଼ିଲେ ମାମଲାରେ ମହାମାରୀ ଦଫା ଲାଗିବ
- ପଦାକୁ ବାହାରିଲେ ମାସ୍କ, ରୁମାଲ ବ୍ୟବହାର କରିବାକୁ ପରାମର୍ଶ

**ଭୁବନେଶ୍ୱର,୫।୪ (ବ୍ୟୁରୋ)**

ଘାତକ କରୋନା ଭୂତାଣୁ କୋଭିଡ-୧୯ ସଂକ୍ରମଣ ରୋକିବାକୁ ରାଜ୍ୟର ୩ ସହରରେ ଲାଗୁ ହୋଇଥିବା ୪୮ ଘଣ୍ଟିଆ ଶଟ୍‌ଡାଉନ ସଫଳ ହୋଇଛି। ଲୋକମାନେ ଏହାକୁ ସମର୍ଥନ କରି ଘରେ ରହିଥିବାରୁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଭୁବନେଶ୍ୱର ଓ କଟକ ସହରବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି। ତେବେ ରବିବାର ରାତି ୮ଟାରେ ଶଟ୍‌ଡାଉନ୍ ହଟିଥିଲେ ମଧ୍ୟ ଦୋକାନ ବଜାରଗୁଡ଼ିକୁ ଖୋଲିବାକୁ ଦିଆଯାଇ ନ ଥିଲା। ସୋମବାରଠାରୁ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବ। ☞ପୃଷ୍ଠା-୪

## ସ୍କୁଲ, କଲେଜ ଖୋଲିବା ନିଷ୍ପତ୍ତି ୧୪ରେ

**ନୂଆଦିଲ୍ଲୀ,୫।୪(ପି.ଟି.)**

ଦେଶରେ ସ୍କୁଲ କଲେଜଗୁଡ଼ିକୁ ଖୋଲିବା ନେଇ ଆସନ୍ତା ୧୪ ତାରିଖରେ ନିଷ୍ପତ୍ତି ନିଆଯିବ। କୋଭିଡ୍-୧୯ର ମୁକାବିଲା ପାଇଁ ଘୋଷଣା କରାଯାଇଥିବା ଲକ୍‌ଡାଉନ୍ ଅବଧି ଶେଷ ହେବା ପରେ ଶିକ୍ଷାନୁଷ୍ଠାନଗୁଡ଼ିକ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ରବିବାର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖାରିୟାଲ୍ ସୂଚନା ଦେଇଛନ୍ତି। ପୋଖରିୟାଲ କହିଛନ୍ତି, ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସୁରକ୍ଷା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ୨୧ ଦିନିଆ ଲକ୍‌ଡାଉନ୍ ହଟିବା ପରେ ସ୍ଥଗିତ ଥିବା ସମସ୍ତ ପରୀକ୍ଷା ଓ ଖାତାଦେଖା ସୁଚାରୁ ରୂପେ କରାଇବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିବା ସେ ସ୍ପଷ୍ଟ କରିଛନ୍ତି।

**ଆଜିର ସମ୍ପାଦକୀୟ**

**କ୍ରୋଧ ସୃଷ୍ଟିକାରୀ**

**ଆଜିର ମନ୍ତବ୍ୟ**

“କୋଭିଡ୍-୧୯ ବିରୋଧରେ ନିର୍ଣ୍ଣାୟକ ଲଢ଼େଇ ଚାଲିଥିବାବେଳେ ଗୁଜବ ସୃଷ୍ଟିରୁ ଦୂରେଇ ରହନ୍ତୁ ଗଣମାଧ୍ୟମ।

-ଡୋନାଲ୍ଡ ଟ୍ରମ୍ପ୍,
ଆମେରିକା ରାଷ୍ଟ୍ରପତି

## ଶଟ୍‌ଡାଉନ୍‌ରେ ୩ ସହର ଶୂନ୍‌ଶାନ୍



ଭୁବନେଶ୍ୱର ସହରରେ ୪୮ ଘଣ୍ଟିଆ ଶଟ୍‌ଡାଉନ୍ ଯୋଗୁ ରବିବାର ଜୟଦେବବିହାର ଛକର ଦୃଶ୍ୟ।

- ରାସ୍ତା, ହାଟ, ବଜାର କଲୋନୀରେ ଷଣ୍ଢ ଓ କୁକୁରଙ୍କ ରାଜୁତି
- ରାଜଧାନୀରେ ୧୫୦ରୁ ଊର୍ଦ୍ଧ୍ୱ ଉଲ୍ଲଂଘନକାରୀଙ୍କୁ ଉଠାଇ ନେଲା ପୋଲିସ
- ୪୬ ଜଣଙ୍କୁ ବାଧ୍ୟତାମୂଳକ କ୍ୱାରାଣ୍ଟାଇନ୍‌ରେ ଛଡ଼ାଗଲା

**ଭୁବନେଶ୍ୱର,୫।୪ (ବ୍ୟୁରୋ)**

ମହାମାରୀ କରୋନାକୁ ହଟାଇବା ପାଇଁ ଓଡ଼ିଶା ସମେତ ସାରା ଦେଶରେ ୨୧ଦିନିଆ ଲକ୍‌ଡାଉନ୍ ଜାରି ରହିଛି। ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଥିବାବେଳେ ଗୋଷ୍ଠୀ ସଂକ୍ରମଣ ଆଶଙ୍କାକରି ସରକାର ଶୁକ୍ରବାର ରାତି ୮ଟାରୁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଭୁବନେଶ୍ୱର, କଟକ ଓ ଭଦ୍ରକ ସହରକୁ ଶଟ୍‌ଡାଉନ୍ କରିଦେଇଥିଲେ। ଦୋକାନ, ବଜାର, ପେଟ୍ରୋଲ ପମ୍ପ, ଗାଡ଼ିମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଫଳରେ ୪୮ ଘଣ୍ଟା ଧରି ତିନି ସହର ଓ ଉପକଣ୍ଠ ସବୁଠି ଶୂନ୍‌ଶାନ୍ ହୋଇଯାଇଥିଲା। ସକାଳୁ ରାତି ରାସ୍ତା, ହାଟ, ଗଳିକନ୍ଦି ସବୁଠି ଖାଁ ଖାଁ ଦେଖିବାକୁ ମିଳିଥିବାବେଳେ ନିଛାଟିଆ ଖରାରେ ଟାଣ ଖରାର ମରୀଚିକା ଦେଖିବାକୁ ମିଳିଥିଲା। ଶଟ୍‌ଡାଉନ୍ କଟକଣା ସହ କରୋନାକୁ ନେଇ ଲୋକଙ୍କ ମଧ୍ୟରେ ଭୟ ଓ ସଂକ୍ରମଣ ରୋକିବାର ସଂକଳ୍ପ ଏଇଥିରୁ ବାରିହୋଇ ପଡ଼ିଥିଲା। କେତେକ ଛକରେ ପୋଲିସ ବାଟ ବନ୍ଦ କରି ଜଗି ବସିଥିବାବେଳେ ରାସ୍ତାରେ କେତେବେଳେ କେମିତି ଆମ୍ବୁଲାନ୍ସ, ପୋଲିସ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ଗାଡି ଦେଖିବାକୁ ମିଳୁଥିଲା। ଏଭଳି ସ୍ଥିତିରେ ରାସ୍ତା ଉପରେ ରାଜୁତି କରୁଥିଲେ ବୁଲା ଷଣ୍ଢ, କୁକୁର ଓ ମାଙ୍କଡ଼। ସେମାନେ ନିର୍ଭୟରେ ☞ପୃଷ୍ଠା-୪

## ଅନୁପ୍ରବେଶ ଉଦ୍ୟମ ପଣ୍ଡ

- ୨୪ ଘଣ୍ଟାରେ ୯ ଆତଙ୍କବାଦୀ ନିହତ
- ୩ ଯବାନ ଶହୀଦ

**ଶ୍ରୀନଗର, ୫।୪ (ପି.ଟି./ ଆଇଏଏନ୍‌ଏସ୍)**

ଦେଶବାସୀ ମହାମାରୀ କରୋନା ବିରୋଧରେ ଲଢ଼େଇ ଜାରି ରଖିଥିବାବେଳେ ସୀମାରେ ଯବାନମାନେ ଆତଙ୍କବାଦୀଙ୍କୁ ମୁକାବିଲା କରୁଛନ୍ତି। ଜମ୍ମୁ-କଶ୍ମୀରର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଆତଙ୍କବାଦୀଙ୍କ ବଡ଼ଧରଣର ଅନୁପ୍ରବେଶ ଉଦ୍ୟମକୁ ସେନା ପଣ୍ଡ କରିଛି। କୁପଓ୍ୱାଡ଼ା ଜିଲା ସୀମାନ୍ତ କେରାନ ସେକ୍ଟରରେ ଶନିବାରଠାରୁ ଚାଲିଥିବା ଏନ୍‌କାଉଣ୍ଟରରେ ଅଦ୍ୟାବଧି ୯ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହାସହ ସେମାନଙ୍କ ଗୁଳିମାଡ଼ରେ ୩ ଭାରତୀୟ ଯବାନ ଶହୀଦ ହୋଇଛନ୍ତି। ପ୍ରତିରକ୍ଷା ମୁଖପାତ୍ର ରାଜେଶ କାଲିଆ ରବିବାର କହିଛନ୍ତି, ଉତ୍ତର କଶ୍ମୀରର ଆତଙ୍କବାଦୀମାନେ କେରାନ ସେକ୍ଟରର ରୁଗଡୋରି ବେହକ ଅଞ୍ଚଳରେ ଅନୁପ୍ରବେଶ ଉଦ୍ୟମ କରୁଥିବାବେଳେ ଯବାନମାନେ ଅପରେଶନ ଆରମ୍ଭ କରିଥିଲେ। ୨୪ ଘଣ୍ଟା ଧରି ଚାଲିଥିବା ଏହି ଆତଙ୍କବାଦୀ ନିରୋଧୀ ☞ପୃଷ୍ଠା-୪

## ସୁନ୍ଦରପଦା, ଯଦୁପୁର, ବେଗୁନିଆ ସିଲ୍

**ଭୁବନେଶ୍ୱର, ୫।୪(ବ୍ୟୁରୋ)**

ଦିନ ଯେତିକି ଗଡୁଛି, ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ସେତିକି ବଢୁଛି। ଇତିମଧ୍ୟରେ ରାଜ୍ୟରେ ୩୯ଜଣ ଚିହ୍ନଟ ହୋଇଥିବାବେଳେ କେବଳ ଭୁବନେଶ୍ୱରର ୩୨ଜଣ ରହିଛନ୍ତି। ତେଣୁ ବିଗିଡି ଚାଲିଥିବା ରାଜଧାନୀର ସ୍ଥିତିକୁ ରୋକିବା ପାଇଁ ସହରରେ କଟକଣାକୁ ବହୁଗୁଣିତ କରାଯାଇଛି। ଗୋଟିକପରେ ଆଉ ଗୋଟିଏ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ (ଆବଦ୍ଧ ଅଞ୍ଚଳ) ଘୋଷଣା କରାଯିବା ସହ ସିଲ୍ କରାଯାଉଛି। ପ୍ରଥମେ ସୂର୍ଯ୍ୟନଗର, ତା’ପରେ ବମିଖାଲକୁ ସିଲ୍ କରାଯାଇଥିଲା। ରବିବାର ବମିଖାଲ ଓ କପିଳପ୍ରସାଦରୁ ଆଉ ୨ଜଣ କରୋନା ପଜିଟିଭ୍ ରିପୋର୍ଟ ଆସିବା ପରେ ସଂକ୍ରମଣ ଆଶଙ୍କା ଆହୁରି ଘନୀଭୂତ ହୋଇଛି। ତେଣୁ ସଂକ୍ରମଣ ଏଡ଼ାଇବା ପାଇଁ ୱାର୍ଡ ନଂ. ୬୭ ଅନ୍ତର୍ଗତ ସୁନ୍ଦରପଦା, ୱାର୍ଡ ନଂ.୬୪ର ଯଦୁପୁର ଓ ବେଗୁନିଆର ବିଭିନ୍ନ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇ ସିଲ୍ କରାଯାଇଛି। ଜନହିତ ପାଇଁ ବିଏମ୍‌ସି ଏହି ପଦକ୍ଷେପ ନେଇଛି। ଲୋକମାନେ ନିୟମ ମାନି ସହଯୋଗ କରିବା ଆବଶ୍ୟକ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ☞ପୃଷ୍ଠା-୪

**ଆବଦ୍ଧ ଅଞ୍ଚଳ**







**ବଢ଼ିଲା କଣ୍ଟେନମେଣ୍ଟ ଜୋନ୍ ପରିସୀମା**

- ପଜିଟିଭ୍ ଚିହ୍ନଟ, ସଂକ୍ରମଣ ଆଶଙ୍କାରେ ତ୍ୱରିତ ପଦକ୍ଷେପ
- ପୂର୍ବରୁ ସିଲ୍ ହୋଇଛି ସୂର୍ଯ୍ୟନଗର, ବମିଖାଲ ଅଞ୍ଚଳ
- ଅତ୍ୟାବଶ୍ୟକ ସାମଗ୍ରୀ, ସେବା ଯୋଗାଇବ ବିଏମ୍‌ସି : କମିଶନର



ସୁରଟର ଏକ ପରିବାର ସଦସ୍ୟମାନେ ଭାରତ ମାନଚିତ୍ର ଆକୃତିର ଦୀପ ଜାଳିଛନ୍ତି।

# ଦେଶ ଜାଳିଲା ଦୀପ

**ନୂଆଦିଲ୍ଲୀ,୫।୪(ପି.ଟି.)**

କରୋନା ଭୂତାଣୁ ବିରୋଧୀ ଲଢ଼େଇରେ ସାରା ଦେଶ ଏକାଠି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ କୋଟି କୋଟି ଦେଶବାସୀ ସେମାନଙ୍କ ଘର ଦୁଆରେ ଦୀପ, ମହମବତି ଜଳାଇ କିମ୍ବା ମୋବାଇଲ ଫୋନ୍ ଫ୍ଲାସ୍‌ଲାଇଟ ଓ ଟର୍ଚ୍ଚ ଜଳାଇ ସାମୂହିକ ସଂକଳ୍ପ ଓ ଏକତାର ନିଦର୍ଶନ ଦେଖାଇଛନ୍ତି। ରବିବାର ରାତି ୯ଟା ହେବା ମାତ୍ରେ ଅଧିକାଂଶ ଘରର ବିଦ୍ୟୁତ ଆଲୋକ ବନ୍ଦ ହୋଇଯାଇଥିଲା। ଲୋକମାନେ ସେମାନଙ୍କ ବାଲ୍‌କୋନି ଓ ଘର ଦୁଆରେ ଏକାଠି ହୋଇ ଦୀପ, ମହମବତି ଜଳାଇଥିଲେ। ଏହି ସମୟରେ କେତେକ ସ୍ଥାନରେ ଲୋକେ ବାଣ ଫୁଟାଇବା ସହିତ ଥାଳି ବାଡ଼େଇବା ଓ ହ୍ୱିସିଲ ତଥା ପୋଲିସର ସାଇରନ ଶବ୍ଦ ଶୁଣାଯାଇଥିଲା। ପୁଣି କେତେକ ସ୍ଥାନରେ ଭକ୍ତି ଗୀତ, ମନ୍ତ୍ର ଓ ଜାତୀୟ ସଙ୍ଗୀତ ବଜାଯାଇଥିଲା।

ମାରାତ୍ମକ କରୋନା ଭୂତାଣୁ ବିରୋଧରେ ଲଢ଼େଇରେ ସାମୂହିକ ଏକତା ପ୍ରଦର୍ଶନ ସ୍ୱରୂପ ରବିବାର ରାତି ୯ଟାରେ ବିଜୁଳି ଆଲୋକ ବନ୍ଦ କରି ୯ ମିନିଟ ପାଇଁ ଦୀପ, ମହମବତି ଜାଳିବା ପାଇଁ ଶୁକ୍ରବାର ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ। ଲକ୍‌ଡାଉନ ବେଳେ ଆପଣ ଘରେ ଏକା ଥାଇପାରନ୍ତି। ହେଲେ ଦେଶର ୧୩୦ କୋଟି ଲୋକ ଆପଣଙ୍କ ସହ ରହିଛନ୍ତି, ଏହା ଜଣାଇବା ପାଇଁ ସମସ୍ତଙ୍କୁ ନିଜ ଘର ଆଗରେ ଦୀପ ଜାଳିବା ପାଇଁ ପ୍ରଧାନମନ୍ତ୍ରୀ କହିଥିଲେ। ୨୧ ଦିନିଆ ଲକ୍‌ଡାଉନ ଘୋଷଣା କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଗତମାସ ୨୨ରେ ଜନତା କର୍ଫ୍ୟୁ ପାଳନ କରିବା ଲାଗି କହିବା ସହ ସନ୍ଧ୍ୟା ୫ଟାବେଳେ ଘଣ୍ଟ,ଘଣ୍ଟା ଓ ତାଳି ବଜାଇ କରୋନା ଭୂତାଣୁ ବିରୋଧରେ ଲଢ଼େଇ କରୁଥିବା ଡାକ୍ତର, ନର୍ସ, ସଫେଇ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଆହ୍ୱାନ ଦେଇଥିଲେ। ବିଶ୍ୱରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨ ଲକ୍ଷ ଟପିଥିବାବେଳେ ୬୫,୬୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ଭାରତରେ ସଂକ୍ରମିତଙ୍କ ସଂଖ୍ୟା ୪ ହଜାର ଟପିଥିବାବେଳେ ମୃତ୍ୟୁସଂଖ୍ୟା ୮୩ରେ ପହଞ୍ଚିଛି। ସଂକ୍ରମଣ ରୋକିବା ଲାଗି ମାର୍ଚ୍ଚ ୨୫ରୁ ଦେଶରେ ୨୧ ଦିନିଆ ଲକ୍‌ଡାଉନ ପାଳନ କରାଯାଉଛି।



## କରୋନା ବିରୋଧୀ ଲଢ଼େଇରେ ଏକାଠି

କରୋନା ଭୂତାଣୁ ବିରୋଧୀ ଲଢ଼େଇରେ ଦେଶବାସୀ ଏକ ବୋଲି ଦୀପ, ମହମବତି ଜାଳି ଜଣାଇଦେଇଥିବା କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜଭଡେକର କହିଛନ୍ତି। ଲୋକମାନଙ୍କର ଏହି ଛୋଟିଆ କାର୍ଯ୍ୟ ଦେଶକୁ ଏକ ବଡ଼ ବାର୍ତ୍ତା ଦେଇଛି। ଦେଶର ଏକତାକୁ ମଜଭୂତ କରିବା ଲାଗି ଏହା ଏକ ପଦକ୍ଷେପ। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ସାଲ୍ୟୁଟ କରୁଛି ବୋଲି ଜାଭେଡକର ଟୁଇଟ୍ କରିଛନ୍ତି।

# ଦିନକରେ ୫୬ ହଜାର ଆକ୍ରାନ୍ତ

**ୱାଶିଂଟନ/ରୋମ୍/ଲଣ୍ଡନ,୫।୪**

## ଚିନ୍ତା ବଢ଼ାଇଲା କରୋନା

- ମୃତ୍ୟୁସଂଖ୍ୟା ୬୮ ହଜାର ଟପିଲା
- ୧୨.୫୫ ଲକ୍ଷରୁ ଅଧିକ ସଂକ୍ରମିତ
- ଆମେରିକାରେ ସ୍ଥିତି ଅସମ୍ଭାଳ
- ଇଟାଲୀରେ ଗଲାଣି ୧୫,୮୯୦ ଜୀବନ
- ବ୍ରିଟେନରେ ୨୪ ଘଣ୍ଟାରେ ୬୨୨ ମୃତ
- ସ୍ପେନ, ଜର୍ମାନୀ, ଫ୍ରାନ୍ସ ସ୍ଥିତି ସାଂଘାତିକ



ବିଶ୍ୱବ୍ୟାପୀ କରୋନା ଭାଇରସ୍ ଉଗ୍ରରୂପ ଦେଖାଇଛି। ବିଶ୍ୱର ୨୦୫ ଦେଶରେ ସେ ନିଜର ଅଧିକାର ଜାହିର କରିବା ସହ ୧୨ ଲକ୍ଷ ୫୦ ହଜାର ଲୋକଙ୍କୁ ନିଜ କବ୍ଜାକୁ ନେଇଛି। ଅଦ୍ୟାବଧି ମୃତ୍ୟୁସଂଖ୍ୟା ୬୮ ହଜାର ଛୁଇଁଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ି ବଢ଼ି ଚାଲିଛି। ଗୋଟିଏ ଦିନରେ ୫୬ ହଜାର ଲୋକ କରୋନା ଆକ୍ରାନ୍ତ ହୋଇଛନ୍ତି। ସବୁଠାରୁ ବଡ଼ କଥା ହେଲା ଗୋଟିଏ ଦିନରେ ବିଶ୍ୱର ୩,୧୬୩ ଲୋକ କରୋନା ଭୂତାଣୁ ସଂସ୍ପର୍ଶରେ ଆସି ଜୀବନ ହରାଇଛନ୍ତି। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ବିଶ୍ୱର ସବୁଠାରୁ ବିତ୍ତଶାଳୀ ରାଷ୍ଟ୍ର ଆମେରିକା। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଇ ୩ ଲକ୍ଷ ୨୭ ହଜାରରେ ପହଞ୍ଚି ଥିବାବେଳେ ମୃତ୍ୟୁସଂଖ୍ୟା ୯,୩୨୫ ଛୁଇଁଛି। ଗୋଟିଏ ଦିନରେ ଏଠାରେ ୧୧,୬୩୮ ଆକ୍ରାନ୍ତ ହୋଇଥିବା ବେଳେ ମୃତ୍ୟୁସଂଖ୍ୟା ରହିଛି ୮୭୦। ପରିସ୍ଥିତି ଏଠାରେ ଅସମ୍ଭାଳ ହୋଇପଡ଼ିଛି। କରୋନାର ସଫଳ ଚିକିତ୍ସା ଲାଗି ଔଷଧ ବାହାରି ନ ଥିବା ବେଳେ ବିଶ୍ୱବ୍ୟାପୀ ଆଲୋଡ଼ନ ଖେଳିଯାଇଛି।

ଆମେରିକା ପରେ ସବୁଠାରୁ ଅଧିକ ଆକ୍ରାନ୍ତ ସ୍ପେନ୍‌ରେ ଦେଖିବାକୁ ମିଳିଛି। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୧,୩୦,୭୬୭ ରେ ପହଞ୍ଚିଛି। ମୃତ୍ୟୁସଂଖ୍ୟା ୧୨,୪୨୦ରେ ଥିବାବେଳେ ପରିସ୍ଥିତି ସଙ୍ଗିନ ହୋଇପଡ଼ିଛି। ସେହିଭଳି ଇଟାଲୀରେ ସର୍ବାଧିକ ୧୫,୮୯୦ ବ୍ୟକ୍ତି ପ୍ରାଣ ହରାଇଲେଣି। ସଂକ୍ରମିତଙ୍କ ସଂଖ୍ୟା ଏଠାରେ ପହଞ୍ଚିଛି ୧,୨୮,୯୯୮ରେ। ବ୍ରିଟେନରେ ୪୮ ହଜାର ସଂକ୍ରମିତ ହୋଇଥିବା ବେଳେ ମୃତ୍ୟୁସଂଖ୍ୟା ୪,୯୩୪ରେ ପହଞ୍ଚିଛି। ଏଠାରେ ଗତ ୨୪ ଘଣ୍ଟାରେ ୬୨୨ ଜଣଙ୍କ ମୃତ୍ୟୁ ହୋଇଛି। ଏହାସହ ଜର୍ମାନୀ, ଫ୍ରାନ୍ସ ସ୍ଥିତି ସାଂଘାତିକ ହେବାରେ ଲାଗିଛି। ଜର୍ମାନୀରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଇ ୯୮,୭୭୫ରେ ପହଞ୍ଚି ଥିବାବେଳେ ମୃତ୍ୟୁସଂଖ୍ୟା ୧,୫୨୩କୁ ବଢ଼ିଛି। ଫ୍ରାନ୍ସରେ ମଧ୍ୟ ଆକ୍ରାନ୍ତଙ୍କ ସଂଖ୍ୟା ୯୦ ହଜାର ପାଖାପାଖି ହୋଇଥିବା ବେଳେ ମୃତ୍ୟୁସଂଖ୍ୟା ୭,୫୬୦କୁ ବୃଦ୍ଧିପାଇଛି। କେବଳ ସେତିକି ନୁହେଁ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ମଧ୍ୟ ଅଧିକ ମାତ୍ରାରେ କରୋନା ଭୂତାଣୁ ଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି। ଚାଇନାରେ ମୃତ୍ୟୁସଂଖ୍ୟା ୩,୩୨୯ ରହିଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୮୧ ହଜାର ଉପରେ ରହିଛି। ଇରାନରେ ୫୮ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ରହିଥିବା ବେଳେ ୩,୬୦୩ ଲୋକ ଜୀବନ ହରାଇଛନ୍ତି। ତୁର୍କୀରେ ୫୦୧ ଜଣ ପ୍ରାଣ ହରାଇଥିବା ବେଳେ ୨୪ ହଜାରରୁ ଅଧିକ ସଂକ୍ରମିତ ଥିବା ଜଣାପଡ଼ିଛି। ସୁଇଜରଲାଣ୍ଡରେ ମୃତ୍ୟୁସଂଖ୍ୟା ୬୮୫ରେ ପହଞ୍ଚି ଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୨୧,୧୦୦କୁ ବୃଦ୍ଧିପାଇଛି। ବେଲଜିୟମରେ ୧,୪୪୭ ଜୀବନ ଯାଇଥିବା ବେଳେ ନେଦରଲାଣ୍ଡରେ ୧, ୭୬୬ , ବ୍ରାଜିଲରେ ୪୪୮, ସ୍ୱିଡେନରେ ୪୦୧, ଡେନ୍‌ମାର୍କରେ ୧୭୯, ରୋମାନିଆରେ ୧୫୧, ଇକ୍ୱେଡ଼ରରେ ୧୭୨, ଫିଲିପାଇନ୍ସରେ ୧୫୪ ଲୋକ ପ୍ରାଣ ହରାଇଲେଣି। କ୍ରମଶଃ ସ୍ଥିତି ଭୟଙ୍କର ହେବାରେ ଲାଗିଛି। ଡବ୍ଲ୍ୟୁଏଚ୍‌ଓ, ୟୁଏନ୍ ଭଳି ବିଶ୍ୱସ୍ତରୀୟ ସଙ୍ଗଠନଗୁଡ଼ିକ କିଂ କର୍ତ୍ତବ୍ୟ ବିମୂଢ଼ ହୋଇପଡ଼ିଛନ୍ତି। କେବଳ ସାମାଜିକ ଦୂରତ୍ୱ ରକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଉଛି।

## ଛେପ ପକାଇଲେ ବଢ଼ିବ ସଂକ୍ରମଣ

**ନୂଆଦିଲ୍ଲୀ,୫।୪:** ସର୍ବସାଧାରଣ ସ୍ଥାନରେ ତମାଖୁ ସେବନ କରିବା ବା ଛେପ ପକାଇବା ଦ୍ୱାରା କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଇବ ବୋଲି କେନ୍ଦ୍ର ସରକାର ରବିବାର ଚେତାବନୀ ଜାରି କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ଯୁଗ୍ମ ସଚିବ ଲବ ଅଗ୍ରୱାଲ କହିଛନ୍ତି, ଦେଶରେ କୋଭିଡ୍-୧୯ ମହାମାରୀକୁ ନେଇ ବିପଦ ବଢ଼ିଚାଲିଥିବାବେଳେ ଲୋକଙ୍କୁ ସିଗାରେଟ ନ ଟାଣିବା, ତମାଖୁ ସେବନ ନ କରିବା ଓ ସର୍ବସାଧାରଣ ସ୍ଥାନରେ ଛେପ ନ ପକାଇବା ପାଇଁ ଅନୁରୋଧ କରାଯାଇଛି। ଏନେଇ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ ପକ୍ଷରୁ ଏକ ଆଡ୍‌ଭାଇଜରି ଜାରି କରାଯାଇଛି। ଉତ୍ତରପ୍ରଦେଶ ସରକାର କରୋନା ମୁକାବିଲା ପାଇଁ ତମାଖୁ ବିକ୍ରି ଉପରେ କଟକଣା ଜାରି କରିବା ପରେ କେନ୍ଦ୍ର ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି।



ଯିଶୁ ଖ୍ରୀଷ୍ଟଙ୍କୁ ସମାଧି ଦିଆଯାଇଥିବା ଜେରୁଜେଲମ୍ ଓଲ୍ଡ ସିଟିସ୍ଥିତ ଚର୍ଚ୍ଚ ଅଫ୍ ହୋଲି ସେପୁଲଚେର୍‌ରେ କରୋନାରୁ ମୁକ୍ତି ପାଇଁ ଜଣେ ମହିଳା ପ୍ରାର୍ଥନା କରୁଛନ୍ତି।

## ସ୍ୱାସ୍ଥ୍ୟକର୍ମୀଙ୍କୁ ସହଯୋଗ କର

### ମୁସଲମାନମାନଙ୍କୁ ଖୋଲାଚିଠି ଲେଖିଲେ ସମ୍ପ୍ରଦାୟର ୬୦ ବାବୁ

**ନୂଆଦିଲ୍ଲୀ, ୫।୪:** କୋଭିଡ୍-୧୯ ବିରୋଧୀ ଲଢ଼େଇରେ ନିୟୋଜିତ ସ୍ୱାସ୍ଥ୍ୟକର୍ମୀଙ୍କୁ ସହଯୋଗ କରିବା ପାଇଁ ମୁସଲମାନମାନଙ୍କୁ ଏହି ସମ୍ପ୍ରଦାୟର ପ୍ରାୟ ୬୦ ଜଣ ବରିଷ୍ଠ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ଖୋଲାଚିଠି ଲେଖିଛନ୍ତି। ସ୍ୱାସ୍ଥ୍ୟକର୍ମୀମାନଙ୍କ ବିରୋଧରେ ହିଂସା ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ସେମାନେ ଏପରି ପଦକ୍ଷେପ ନେଇଛନ୍ତି। ଉକ୍ତ ଚିଠିରେ ବରିଷ୍ଠ ଅଧିକାରୀମାନେ ଇସ୍‌ଲାମିକ୍ ଶାସ୍ତ୍ର ଓ ପରମ୍ପରା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ସନ୍ଦିଗ୍ଧ କରୋନା ଭାଇରସ୍ ରୋଗୀଙ୍କୁ ଆଇସୋଲେଶନରେ ରଖି ସ୍କ୍ରିନିଂ କରିବା ସମୟରେ ସ୍ୱାସ୍ଥ୍ୟକର୍ମୀମାନେ ନିଜ ଜୀବନକୁ ବାଜି ଲଗାଉଛନ୍ତି। ତେଣୁ ସେମାନଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ଏହି ଅଧିକାରୀମାନେ ନିଜ ସମ୍ପ୍ରଦାୟର ଲୋକଙ୍କୁ ଅନୁରୋଧ କରିଛନ୍ତି।

## ପୂର୍ବତନ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଲେ ମୋଦି

**ନୂଆଦିଲ୍ଲୀ, ୫।୪ (ପି.ଟି.):** କରୋନା ସଂକ୍ରମଣ ରୋକିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ବର୍ଗର ଲୋକଙ୍କଠାରୁ ଫିଡ୍‌ବ୍ୟାକ୍ ନେଉଛନ୍ତି। ଏହି କ୍ରମରେ ସେ ରବିବାର ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଓ ପ୍ରତିଭା ପାଟିଲଙ୍କ ସମେତ ଆଉ କେତେଜଣ ରାଜନେତାଙ୍କ ସହ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଦୁଇ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଏବଂ ଏଚ୍.ଡି. ଦେବେଗୌଡ଼ାଙ୍କ ସମେତ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବ, ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ୍, ଶିରୋମଣି ଅକାଳୀ ଦଳ ନେତା ପ୍ରକାଶ ସିଂ ବାଦଲଙ୍କ ସମେତ ଆଉ କେତେଜଣ ନେତାଙ୍କ ସହ ମଧ୍ୟ ମୋଦି ଆଲୋଚନା କରିଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ବୁଧବାର ମଧ୍ୟ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଉ କେତେଜଣ ରାଜନେତାଙ୍କ ସହ ଭାବ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି।

## ୧୫ରୁ ଟ୍ରେନ୍ ଚାଲିବା ଖବର ଗୁଜବ

ସଂକ୍ରମଣ ରୋକିବା ପାଇଁ ଏପ୍ରିଲ ୧୪ ପର୍ଯ୍ୟନ୍ତ ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା ପରିପ୍ରେକ୍ଷୀରେ ଯାତ୍ରୀବାହୀ ଟ୍ରେନ୍‌ଗୁଡ଼ିକର ଚଳାଚଳକୁ ବନ୍ଦ କରାଯାଇଛି। ତେବେ ଆସନ୍ତା ୧୫ରୁ ଦେଶରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହେବ ବୋଲି ଶନିବାର ରିପୋର୍ଟ ପ୍ରକାଶ ପାଇଥିଲା। ଉକ୍ତ ଖବରକୁ ଭାରତୀୟ ରେଲୱେ ପକ୍ଷରୁ ଖଣ୍ଡନ କରାଯାଇଛି। ଲକ୍‌ଡାଉନ୍ ହଟିବା ପରେ ଟ୍ରେନ୍ ଚଳାଚଳ ନେଇ କୌଣସି ଯୋଜନା ନାହିଁ। ଏ ସମ୍ପର୍କିତ ରିପୋର୍ଟ ଏକ ଗୁଜବ ବୋଲି ରେଲୱେ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ରପ୍ତାନି ଉପରୁ କଟକଣା ହଟାଅ

### ମୋଦିଙ୍କୁ ଟ୍ରମ୍ପଙ୍କ ଅନୁରୋଧ

**ୱାଶିଂଟନ, ୫।୪(ପି.ଟି.):** ଆମେରିକାରେ କରୋନା ଭାଇରସ୍ ତାଣ୍ଡବ ରଚିଛି। ଏହାର ମୁକାବିଲା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଟାବ୍‌ଲେଟ ଦେବା ପାଇଁ ଅନୁରୋଧ କରିଛନ୍ତି। ନିକଟରେ ଭାରତ ଏହି ମେଡିସିନ୍ ରପ୍ତାନି ଉପର କଟକଣା ଲଗାଇଥିବାବେଳେ ଆମେରିକାରେ ଏହାକୁ ନେଇ କରୋନା ସଂକ୍ରମିତଙ୍କ ଚିକିତ୍ସା ଚାଲିଛି। ଏଥିଯୋଗୁ ଆମେରିକା ପକ୍ଷରୁ ଭାରତକୁ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଯୋଗାଣ ଲାଗି ଅର୍ଡର ଦିଆଯାଇଥିଲା। ଟ୍ରମ୍ପ ଶନିବାର ସକାଳେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଫୋନ୍‌ରେ କଥା ହୋଇଥିଲେ।



ଶସ୍ତାରେ ମ୍ୟାଲେରିଆ ଚିକିତ୍ସା କରାଯାଉଥିବା ଏହି ବଟିକା ପଠାଇବା ପାଇଁ ସେ ଅନୁରୋଧ କରିଥିଲେ। ପ୍ରକାଶ ଯେ, ଭାରତର ବହିର୍ବ୍ୟାପାର ବାଣିଜ୍ୟ ମହାନିର୍ଦ୍ଦେଶାଳୟ ପକ୍ଷରୁ ମାର୍ଚ୍ଚ ୨୫ରେ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ରପ୍ତାନି ଉପରେ କଟକଣା ଜାରି କରାଯାଇଥିଲା।

## ଗୋଷ୍ଠୀ ସଂକ୍ରମଣ ରୋକିବାକୁ ଯୋଜନା ପ୍ରସ୍ତୁତ କର

**ନୂଆଦିଲ୍ଲୀ, ୫।୪(ପି.ଟି.):** କରୋନା ଭୂତାଣୁର ଗୋଷ୍ଠୀ ସଂକ୍ରମଣ ରୋକିବା ଦିଗରେ ଯୋଜନା ପ୍ରସ୍ତୁତ କରିବା ଲାଗି କେନ୍ଦ୍ର କ୍ୟାବିନେଟ ସଚିବ ରାଜୀବ ଗୌବା ରବିବାର ରାଜ୍ୟ ଓ କେନ୍ଦ୍ରଶାସିତ

### ରାଜ୍ୟଗୁଡ଼ିକୁ କ୍ୟାବିନେଟ ସଚିବଙ୍କ ପରାମର୍ଶ

ଅଞ୍ଚଳଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଗୌବା ମୁଖ୍ୟ ଶାସନ ସଚିବମାନଙ୍କ ସହ କୋଭିଡ୍-୧୯ ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ କିଛିଦିନ ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ଆମକୁ ସବୁପ୍ରକାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ହେବ। ଏଥିପାଇଁ ଆବଶ୍ୟକ ଅନୁଯାୟୀ ସବୁ ଉପଲବ୍ଧ ସମ୍ବଳର ବିନିଯୋଗ କରିବାକୁ



ରାଜୀବ ଗୌବା

ହେବ ବୋଲି ଗୌବା କହିଛନ୍ତି। ଜିଲା ପର୍ଯ୍ୟବେକ୍ଷଣ ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଟିମ୍‌କୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି।

ଦେଶରେ କରୋନା ଭୂତାଣୁ ଗୋଷ୍ଠୀ ସଂକ୍ରମଣ ରୂପ ନେଇଥିବା ଜଣାପଡି ନ ଥିଲେ ହେଁ ଏଥିପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ। ସଂକ୍ରମିତଙ୍କୁ ଖୋଜିବାହାର କରିବା, ପରୀକ୍ଷା କରାଇବା ଏବଂ ଆଇସୋଲେଶନ ତଥା କ୍ୱାରାଣ୍ଟାଇନରେ ରଖିବା କାର୍ଯ୍ୟକୁ ଜୋରଦାର କରିବା ଉପରେ କ୍ୟାବିନେଟ ସଚିବ ଗୁରୁତ୍ୱାରୋପ କରିଛନ୍ତି।

## ଭାରତରେ ଗଡ଼ିଲାଣି ୧୧୭ ମୁଣ୍ଡ

### ତଥ୍ୟରେ ରହୁନି ତାଳମେଳ

**ନୂଆଦିଲ୍ଲୀ,୫।୪:** ଭାରତରେ କରୋନା ଭୂତାଣୁ କାୟା ବିସ୍ତାର କରିବା ସହ ଏପର୍ଯ୍ୟନ୍ତ ୪,୨୮୮ ବ୍ୟକ୍ତିଙ୍କୁ ସଂକ୍ରମିତ କଲାଣି। ରବିବାର ରାତି ୧୨ ସୁଦ୍ଧା ମୋଟ ୧୧୭ ଜୀବନ ଯାଇଥିବା https://www.covid19india.org ର ତଥ୍ୟରୁ ଜଣାପଡ଼ିଛି। ରବିବାର କେବଳ ୬୦୪ଜଣ ସଂକ୍ରମିତ ହୋଇଥିବା ବେଳେ ୨୧ଜଣଙ୍କ ମୃତ୍ୟୁ ଘଟିଥିବା ଉକ୍ତ ୱେବ୍‌ସାଇଟ୍ ଦର୍ଶାଇଛି। କିନ୍ତୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ରିପୋର୍ଟରେ ମୃତ୍ୟୁସଂଖ୍ୟା ୯୯ ଦର୍ଶାଯାଇଛି। ଏହି ରିପୋର୍ଟରେ ଶନିବାରଠାରୁ ଏପର୍ଯ୍ୟନ୍ତ ମୋଟ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫୦୫ ନୂଆ ମାମଲା ସାମ୍ନାକୁ ଆସିଛି। ଯୁଗ୍ମ ସଚିବ ଲଭ୍ ଅଗ୍ରୱାଲ କହିଛନ୍ତି, ମୋଟ ୨୬୭ ବ୍ୟକ୍ତି ଆରୋଗ୍ୟ ଲାଭ କରିଛନ୍ତି। କେବଳ ଉତ୍ତରପ୍ରଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୭୬ ରହିଥିବା ବେଳେ ମହାରାଷ୍ଟ୍ରରେ ୭୪୮ରେ ପହଞ୍ଚିଛି। ତାମିଲନାଡୁରେ ସଂକ୍ରମିତଙ୍କ ସଂଖ୍ୟା ୫୭୧କୁ ବୃଦ୍ଧି ପାଇଛି।

## ଦୁଃଖକୁ ଦ୍ୱିଗୁଣିତ କରିଛି ତବ୍‌ଲିଘି ଜମାତ୍

**ନୂଆଦିଲ୍ଲୀ, ୫।୪:** ଦେଶରେ କରୋନା ଦୁଃଖକୁ ଦ୍ୱିଗୁଣିତ କରିଛି ତବଲିଘି ଜମାତ୍। ନୂଆଦିଲ୍ଲୀର ନିଜାମୁଦ୍ଦିନ ସେଣ୍ଟରେ ଆୟୋଜିତ ଏହି ଧର୍ମସଭାରେ ଯୋଗଦେଇଥିବା ଜମାତ୍ ସଦସ୍ୟଙ୍କ ଯୋଗୁ ଭାରତରେ କରୋନା ଭାଇରସ୍‌ରେ ସଂକ୍ରମିତଙ୍କ ସଂଖ୍ୟା ପ୍ରାୟ ଦୁଇଗୁଣ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ ଅଗ୍ରୱାଲ ରବିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଶନିବାର ୪୭୨ଟି ନୂଆ କୋଭିଡ୍-୧୯ ମାମଲା ସାମ୍ନାକୁ ଆସିଥିଲା। ସଂକ୍ରମିତଙ୍କ ସଂଖ୍ୟା ୩,୩୭୪ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୭୯ରେ ପହଞ୍ଚିଥିଲା। ୨୬୭ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ତବଲିଘି ଜମାତ୍ ଧର୍ମସଭା ଆୟୋଜିତ ହୋଇ ନ ଥିଲେ ବର୍ତ୍ତମାନ ଏହି ଟ୍ରେଣ୍ଡ ଅଧାରେ ଥାଆନ୍ତା।



### ବେଆଇନ ଘୋଷଣା ଦାବିକଲା ଭିଏଚ୍‌ପି

ଦେଶରେ କୋଭିଡ୍-୧୯ ସଂକ୍ରମଣର ହଟ୍‌ସ୍ପଟ ପାଲଟିଥିବା ତବ୍‌ଲିଘି ଜମାତ ଓ ଏହାର ନିଜାମୁଦ୍ଦିନ ମର୍‌କଜକୁ ତୁରନ୍ତ ବେଆଇନ ଘୋଷଣା କରିବା ଲାଗି ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ଦାବି କରାଯାଇଛି। ଦିଲ୍ଲୀର ନିଜାମୁଦ୍ଦିନ ୱେଷ୍ଟରେ ଥିବା ମର୍‌କଜରେ ଗତମାସରେ ଅନୁଷ୍ଠିତ ଧର୍ମସଭାରେ ଯୋଗଦେଇଥିବା ଶହ ଶହ ଲୋକ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତବଲିଘି ଜମାତରେ ଭାଗ ନେଇଥିବା ଅଧିକାଂଶ ବ୍ୟକ୍ତି ଦେଶରେ ଏହି ଭୂତାଣୁ ସଂକ୍ରମଣର ମାଧ୍ୟମ ପାଲଟିଛନ୍ତି। ସେଥିପାଇଁ ଉକ୍ତ ସଂଗଠନକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା ସହ ଏହାର ସମସ୍ତ ବ୍ୟାଙ୍କ ଆକାଉଣ୍ଟକୁ ବନ୍ଦ କରିଦେବା ଲାଗି ଭିଏଚ୍‌ପି ଯୁଗ୍ମ ସାଧାରଣ ସମ୍ପାଦକ ସୁରେନ୍ଦ୍ର ଜୈନ କହିଛନ୍ତି। ଏହି ସଂଗଠନ ଦେଶରେ ଇସ୍‌ଲାମିକ୍ ମୌଳବାଦ ଓ ଆତଙ୍କବାଦର ପ୍ରସାର କରୁଥିବା ସେ ଅଭିଯୋଗ କରିଛନ୍ତି।

## ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ପରେ ସଂକ୍ରମଣ ଭୟ

# ପଟାପୋଲ ଅଞ୍ଚଳ ସିଲ୍ କଲା ସିଏମ୍‌ସି

**କଟକ ଅଫିସ୍,୫।୪:** କଟକ ସହରରୁ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସଂକ୍ରମଣ ଭୟ ଦେଖାଦେଇଛି। ତାଙ୍କ ଘର ପଟାପୋଲ ଅଞ୍ଚଳରେ ବୋଲି ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଥିଲା। ଏଣୁ ଗୋଷ୍ଠୀ ସଂକ୍ରମଣ ଭୟରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ପଟାପୋଲ ଅଞ୍ଚଳକୁ ସିଲ୍ କରାଯାଇଛି। ଶନିବାର ରାତିରେ ସିଏମ୍‌ସି କମିଶନର୍ ଅନନ୍ୟା ଦାସ ଏହା ଘୋଷଣା କରିଥିଲେ। ଅଞ୍ଚଳବାସୀଙ୍କ ପାଖକୁ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇ ଦିଆଯିବ। ଏଣୁ କେହି ଭୟଭୀତ ନ ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି।

କମିଶନର୍ ଦାସଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି, ଜନଗହଳିପୂର୍ଣ୍ଣ ପଟାପୋଲ ଅଞ୍ଚଳରୁ ପ୍ରଥମ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଣୁ ତାଙ୍କ ସଂସ୍ପର୍ଶରେ କିଏ ଆସିଛନ୍ତି, ସେନେଇ ତଦନ୍ତ କରାଯାଇଥିଲା। ସଂକ୍ରମଣର ଆଶଙ୍କା ଥିବା ଯୋଗୁ ଅଞ୍ଚଳକୁ ସଂକ୍ରମିତ ଘୋଷଣା କରାଯାଇଛି। ଏହି ଅଞ୍ଚଳକୁ ସଂପୂର୍ଣ୍ଣ ସିଲ୍ କରିଦିଆଯାଇଛି। ଅଞ୍ଚଳବାସୀଙ୍କୁ ବାହାରକୁ ଯିବା ପାଇଁ କଟକଣା ଜାରି କରାଯାଇଛି। ସେହିଭଳି ବାହାରୁ କେହି ଏହି ଅଞ୍ଚଳକୁ ଯାଇ ପାରିବେ ନାହିଁ। ପ୍ରବେଶ ଏବଂ ପ୍ରସ୍ଥାନ ପଥ ସିଲ୍ ହୋଇଛି। ବକ୍ସି ବଜାର ଛକଠାକୁ ଷ୍ଟୁଆର୍ଟ ସାଇନ୍ସ କଲେଜ, ଷ୍ଟୁଆର୍ଟ ସାଇନ୍ସ କଲେଜଠାରୁ ସୂତାହାଟ ମସ୍‌ଜିଦ ଛକ, ସୂତାହାଟ ମସ୍‌ଜିଦ ଛକଠାରୁ ତିନି କୋଣିଆ ବାଗିଚା ଏବଂ ସେଠାରୁ ବକ୍ସିବଜାର ଛକ ପର୍ଯ୍ୟନ୍ତ ଅଞ୍ଚଳକୁ ସିଲ କରାଯାଇଛି। ସମସ୍ତ ଯାନବାହନ ଚଳାଚଳ ବାରଣ କରାଯାଇଛି। ଅଞ୍ଚଳର ସମସ୍ତ ସରକାରୀ ଏବଂ ବେସରକାରୀ ପ୍ରତିଷ୍ଠାନ ବନ୍ଦ ରହିବ। ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ଔଷଧ ଆଦି ଘରେ ପହଞ୍ଚାଇ ଦିଆଯିବ। ଏଥିପାଇଁ ସିଏମ୍‌ସି ତରଫରୁ ବିଭିନ୍ନ ଟିମ୍ ଗଠନ କରାଯାଇଛି। ପରିମଳ ଦାୟିତ୍ୱରେ ଡେପୁଟି କମିଶନର ସଞ୍ଜୀବିତା ରାୟ(୯୪୩୭୧୮୭୮୮) ରହିଥିବା ବେଳେ ଜରୁରୀ ସାମଗ୍ରୀ ଯୋଗାଣ ପାଇଁ ଆସିଷ୍ଟାଣ୍ଟ ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରଦୀପ କୁମାର ସାହୁ(୯୪୩୭୩୧୫୧୫୨), ସ୍ୱାସ୍ଥ୍ୟ ସେବା ପାଇଁ ଡା. ପ୍ରକାଶ ଚନ୍ଦ୍ର ସାହୁ (୯୬୯୨୯୭୮୫୭୯) ଏବଂ ଜିତେନ୍ଦ୍ର କୁମାର ପାଲ (୯୪୩୯୯୯୯୦୮୩)ଙ୍କୁ ଦାୟିତ୍ୱ ଦିଆଯାଇଛି। ଅଞ୍ଚଳବାସୀ ଏଥିରେ ସହଯୋଗ କରିବାକୁ କମିଶନର୍ ଦାସ ନିବେଦନ କରିଛନ୍ତି। ଅନ୍ୟପଟେ ସଂକ୍ରମିତ ଅଞ୍ଚଳରେ ସିଏମ୍‌ସି ପକ୍ଷରୁ ବିଶୋଧନ କରାଯାଇଛି।

**କରୋନା ଛୁଟିକୁ ନେଇ ଚିନ୍ତାରେ ଶିକ୍ଷା ବିଭାଗ**

# ଦଶମ ପିଲାଙ୍କୁ ମିଳିପାରେ ଅନ୍‌ଲାଇନ ଶିକ୍ଷା

**ଭୁବନେଶ୍ୱର, ୫।୪(ବ୍ୟୁରୋ)**

ବିଶ୍ୱବ୍ୟାପୀ ମହାମାରୀର ରୂପ ନେଇଥିବା କରୋନା ବର୍ତ୍ତମାନ ସବୁକିଛି ଓଲଟପାଲଟ କରିଦେଇଛି। ସାଧାରଣ ଅବସ୍ଥା ଦେଇ କିଛି ଗତି କରୁନାହିଁ। ଏହାକୁ ରୋକିବା ଲାଗି ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଦେଶକୁ ଲକ୍ ଡାଉନ ଘୋଷଣା କରିଦିଆଯାଇଛି। ଆଗକୁ ଏହି ଭାଇରସ ଯୋଗୁ ଦେଶକୁ ଆହୁରି ଅଧିକ ସମୟ ଲକ୍‌ଡାଉନ ରଖାଯିବ ନା କେନ୍ଦ୍ର ସରକାର ଦେଇଥିବା ସମୟ ସୁଦ୍ଧା ସବୁକିଛି ବାସ୍ତବ ସ୍ଥିତିକୁ ଫେରିବ ତାହା ମଧ୍ୟ କହିବା ଅସମ୍ଭବ ହୋଇପଡ଼ିଛି। ଏହା ମଧ୍ୟରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ସମସ୍ତ ଅଭିଭାବକ ଚିନ୍ତାରେ ପଡ଼ିଯାଇଛନ୍ତି। ନୂଆକରି ଦଶମ ଶ୍ରେଣୀରେ ପାଦ ଦେବାକୁ ଥିବା ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତକୁ ନେଇ ଅଭିଭାବକମାନେ ଅଧିକ ଚିନ୍ତାରେ ଅଛନ୍ତି। ଏ ପର୍ଯ୍ୟନ୍ତ ୯ମ ଶ୍ରେଣୀ ପିଲାଙ୍କ ଗୋଟିଏ ପରୀକ୍ଷା ଶେଷ ହୋଇପାରିନାହିଁ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ପିଲାଙ୍କ ପାଇଁ ଅଲ୍ ପାସ୍ ଲାଗୁ ହେବ ବୋଲି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିଲେ ମଧ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହା ଘୋଷଣା କରିସାରିଛନ୍ତି। ହେଲେ ୯ମ ଶ୍ରେଣୀ ପିଲାଙ୍କ କ୍ଷେତ୍ରରେ ଅଲ୍ ପାସ୍ ବ୍ୟବସ୍ଥା ଲାଗୁ ହେବନାହିଁ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। କିନ୍ତୁ ଏବେଠାରୁ ୯ମ ଶ୍ରେଣୀ ପିଲାଙ୍କୁ କିପରି ଅନ୍‌ଲାଇନରେ ପାଠ ପଢ଼ାଯାଇପାରିବ ସେନେଇ ବିଭାଗ ଚିନ୍ତା କରିବା ଆରମ୍ଭ କରିଛି। ଏନେଇ ଗଣଶିକ୍ଷା ମନ୍ତ୍ରୀ ଆଗ୍ରହ ପ୍ରକାଶ କରିଥିବା ବେଳେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

ଓଡ଼ିଆ ମିଡିୟମରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିବା ପିଲାମାନଙ୍କ ଖାତା ମୂଲ୍ୟାୟନ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ଗୋଟିଏ ଦିନ ଖାତା ଦେଖା ହେବା ପରେ ଏହାକୁ ସ୍ଥଗିତ ରଖାଯାଇଛି। ଏଥର ଖାତା ଦେଖା ୨୦ଦିନ ହେବ ବୋଲି ଘୋଷଣା କରାଯାଇଥିଲା।

**ସ୍କୁଲ, ଗଣଶିକ୍ଷା ବିଭାଗ ସଚିବଙ୍କ ପ୍ରସ୍ତାବ ଲୋଡ଼ିଲେ ବିଭାଗୀୟ ମନ୍ତ୍ରୀ**

ତେଣୁ ପରିସ୍ଥିତି ସ୍ୱାଭାବିକ ହେବା ପରେ ଦଶମ ଖାତା ମୂଲ୍ୟାୟନ ଆରମ୍ଭ ହେବ। ସେହି ଅନୁଯାୟୀ ୯ମ ଶ୍ରେଣୀ ପିଲାଙ୍କ ଗୋଟିଏ ପରୀକ୍ଷା ହେବା ସହିତ ସେମାନଙ୍କ ଖାତା ମୂଲ୍ୟାୟନ ହୋଇ ପାସ୍ ଏବଂ ଫେଲ୍ ତାଲିକା ପ୍ରକାଶ ପାଇବ। ହେଲେ ପରିସ୍ଥିତିକୁ ଦେଖି ଏବେଠାରୁ ମନ୍ତ୍ରୀ ଦାଶ ଦଶମକୁ ଆସିବାକୁ ଥିବା ପିଲାମାନଙ୍କୁ ଏବେଠାରୁ ଅନ୍‌ଲାଇନରେ ପାଠ ପଢ଼ାଇବା ଦିଗରେ ଚିନ୍ତା ଆରମ୍ଭ କରିଛନ୍ତି। ଏନେଇ ସେ ଗଣଶିକ୍ଷା ସଚିବଙ୍କ ପରାମର୍ଶ ଲୋଡିଥିବା ବେଳେ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ଯଥାଶୀଘ୍ର ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ସିବିଏସ୍‌ଇରେ ପଢୁଥିବା ଦଶମ ଶ୍ରେଣୀ ପିଲାମାନଙ୍କୁ ଏବେଠାରୁ ଅନ୍‌ଲାଇନରେ ପାଠ ପଢ଼ାଯାଉଥିବା ଜଣାପଡିଛି। ଏନେଇ ପୁରୀ ଡିଏଭି ସ୍କୁଲ ଅଧକ୍ଷ ସଙ୍ଗୀତା ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ତାଙ୍କ ସ୍କୁଲରେ ଯେଉଁ ପିଲାମାନଙ୍କ ପାଠପଢ଼ାରେ କିଛି ଦ୍ୱନ୍ଦ୍ୱ ରହୁଛି ସେମାନେ ଶିକ୍ଷକମାନଙ୍କ ସହ ଯୋଗାଯୋଗ କରି ସମସ୍ୟା ଦୂର କରୁଛନ୍ତି। ସ୍କୁଲର ଶିକ୍ଷକମାନଙ୍କୁ ମଧ୍ୟ କୁହାଯାଇଛି, କେଉଁମାନେ କେତେବେଳେ ପାଠ ପଢ଼ାଇବେ। ଏନେଇ ଶିକ୍ଷକମାନଙ୍କୁ ନେଇ ଏକ ସ୍ଲଟ୍ ତିଆରି ହୋଇଥିବା ସେ କହିଛନ୍ତି। ସେହିପରି ଅନ୍ୟ କେତେକ ସିବିଏସ୍‌ଇ ସ୍କୁଲ ସହ ଯୋଗାଯୋଗ କରିବା ପରେ ମଧ୍ୟ ସେମାନଙ୍କର ଅନ୍‌ଲାଇନରେ ପାଠପଢ଼ା ଚାଲିଥିବା ଜଣାପଡ଼ିଛି। କିନ୍ତୁ ଓଡ଼ିଆ ମିଡ଼ିୟମରେ ଏହା ସମ୍ଭବ ନୁହେଁ ବୋଲି ଅନେକେ ମତ ରଖୁଛନ୍ତି। ସରକାର ପୂର୍ବରୁ ସେତିକି ସୁବିଧା କରିନାହାନ୍ତି, ଯାହାଦ୍ୱାରା ବର୍ତ୍ତମାନ ହଠାତ୍ ଅନ୍‌ଲାଇନ ଜରିଆରେ ପିଲାଙ୍କୁ ପାଠ ପଢ଼ାଯାଇପାରିବ ବୋଲି କେତେଜଣ ଶିକ୍ଷକ ମତ ରଖିଛନ୍ତି। ଭାର୍ଗବୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମାନସ ମିଶ୍ର କହିଛନ୍ତି ଯେ, ଅନ୍‌ଲାଇନ ବ୍ୟବସ୍ଥା ଥିଲେ ବହୁତ ଭଲ ହୋଇଥାଆନ୍ତା। ଏମିତି ମଧ୍ୟ ଦଶମକୁ ଆସିବାକୁ ଥିବା ପିଲାଙ୍କ ପାଠପଢ଼ାରେ ବ୍ୟାପକ ସମସ୍ୟା ହେବ। ସ୍କୁଲ ଖୋଲିବା ମାତ୍ରେ ଖାତା ଦେଖା ଆରମ୍ଭ ହେବ। ତେଣୁ ଦଶମ ଶ୍ରେଣୀରେ ପଢ଼ାଉଥିବା କୌଣସି ଶିକ୍ଷକ ସ୍କୁଲରେ ରହିବେ ନାହିଁ। ତେଣୁ ଅନ୍‌ଲାଇନ ବ୍ୟବସ୍ଥା କରାଯାଇ ପାରିଲେ ବହୁତ ଭଲ ହେବ ବୋଲି ସେ କହିଛନ୍ତି।

## ମାସ୍କ ନ ପିନ୍ଧିଲେ ୧ ହଜାର ଟଙ୍କା ଜରିମାନା

**ଛତ୍ରପୁର,୫।୪(ଡି.ଏନ୍.ଏ.):** ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏପରି ସ୍ଥିତିରେ ଗଞ୍ଜାମ ଜିଲାରେ ଶନିବାରଠାରୁ ଆଂଶିକ ଶଟଡାଉନ୍ ଲାଗୁ କରାଯାଇଛି। ଅର୍ଥାତ୍ ପ୍ରତ୍ୟେହ ମଧ୍ୟାହ୍ନ ୧୨ଟାରୁ ପରଦିନ ସକାଳ ୭ଟା ପର୍ଯ୍ୟନ୍ତ ଜିଲା ଶର୍ଟଡାଉନ୍‌ରେ ରହିବ। ଏହି ସମୟ ମଧ୍ୟରେ ବାହାରେ ବୁଲୁଥିବା ଯେ କୌଣସି ଲୋକଙ୍କୁ ପୋଲିସ ଥାନାକୁ ଉଠାଇ ଆଣିବ। ସେମାନଙ୍କୁ ବାଧ୍ୟତାମୂଳକ ଭାବେ କ୍ୱାରାଣ୍ଟାଇନରେ ରଖାଯିବ। ସେହିପରି ଧାର୍ଯ୍ୟ ହୋଇଥିବା ସମୟରେ ବାହାରକୁ ବାହାରିବା ବେଳେ ମାସ୍କ ନ ପିନ୍ଧିଥିଲେ ଜରିମାନା ଆଦାୟ କରାଯିବ। ସହରାଞ୍ଚଳରେ ଏ ବାବଦରେ ୧ ହଜାର ଟଙ୍କା ଓ ଗ୍ରାମାଞ୍ଚଳରେ ୫୦୦ ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ସନ୍ଧ୍ୟାରେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମାସ୍କ ନ ଥିଲେ କଟନ କପଡ଼ା, ରୁମାଲ ଆଦି ମୁହଁରେ ବାନ୍ଧିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।

## ପର୍ଯ୍ୟଟନ, ହୋଟେଲ ଶିଳ୍ପ ସହ ଜଡ଼ିତ ସଂସ୍ଥାର ବିଜୁଳି ଦେୟ ୩ ମାସ ସ୍ଥଗିତ କରାଯାଉ

**ଓଇଆର୍‌ସିକୁ ପ୍ରସ୍ତାବ ଦେଲା ଶକ୍ତି ବିଭାଗ**

**ଭୁବନେଶ୍ୱର,୫।୪(ବ୍ୟୁରୋ):** ସାରା ବିଶ୍ୱ କରୋନା ମହାମାରୀ ଦ୍ୱାରା କବଳିତ। ଏହା ସମସ୍ତ ପ୍ରକାର ଆର୍ଥିକ ଦୁର୍ଗତିକୁ ଡାକି ଆଣିଛି। ସାରା ଦୁନିଆରେ କରୋନା ଦ୍ୱାରା ପର୍ଯ୍ୟଟନ, ହୋଟେଲ ଏବଂ ରେଷ୍ଟୁରାଣ୍ଟ ଶିଳ୍ପ ବହୁଳ ଭାବେ ପ୍ରଭାବିତ ହୋଇଛି। ଏହା ଦ୍ୱାରା ସାଧାରଣଭାବେ ବୁଲିବା, ନୂଆ ସ୍ଥାନକୁ ଯିବା ତଥା ରେଷ୍ଟୁରାଣ୍ଟରେ ଖାଇବା ବାଧାପ୍ରାପ୍ତ ହୋଇଛି। ଏହି ସବୁ ସଂସ୍ଥାମାନେ ନିଜକୁ କୌଣସି ମତେ ତିଷ୍ଠିବାକୁ ଚେଷ୍ଟା କରୁଛନ୍ତି। ଏପରି ପରିସ୍ଥିତିରେ ସେମାନେ ବିଜୁଳି ଦେୟ ଦେବା ପରିସ୍ଥିତିରେ ନ ଥିବା ଜଣାପଡିଛି। ତେଣୁ ପର୍ଯ୍ୟଟନ, ହୋଟେଲ ଏବଂ ରେଷ୍ଟୁରାଣ୍ଟ ଶିଳ୍ପ ସହ ଜଡିତ ଥିବା ବ୍ୟକ୍ତିବିଶେଷ ୩ ମାସର ବିଜୁଳି ଦେୟ ସ୍ଥଗିତ ରଖିବା ପାଇଁ ଶକ୍ତି ବିଭାଗକୁ ଅନୁରୋଧ କରିଥିଲେ।

ବିଭାଗ ପକ୍ଷରୁ ଏହି ଦାବିକୁ ଦୃଷ୍ଟିରେ ରଖି ଯଥାର୍ଥ ନିଷ୍ପତ୍ତି ନେବା ପାଇଁ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ(ଓଇଆରସି)କୁ ଚିଠି ଲେଖାଯାଇଛି। ଗତ ୩ ତାରିଖରେ ଶକ୍ତି ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ପ୍ରଦୀପ୍ତ କିଶୋର ଶତପଥୀ ଓଇଆରସି ସଚିବଙ୍କୁ ଏହି ଚିଠି ଲେଖିଛନ୍ତି। ସେହିଭଳି ପର୍ଯ୍ୟଟନ ଏବଂ ଆତିଥ୍ୟତା ସହ ଜଡିତ ଥିବା ବ୍ୟକ୍ତିବିଶେଷଙ୍କ ବ୍ୟତୀତ ପର୍ଯ୍ୟଟନ ବିଭାଗ ସଚିବ ତଥା କମିଶନରଙ୍କ ପକ୍ଷରୁ ମଧ୍ୟ ଓଇଆରସିକୁ ଏପରି ଅନୁରୋଧ କରାଯାଇଥିବା ଜଣାପଡିଛି।

## ଲକ୍‌ଡାଉନ: ୨୪ ଘଣ୍ଟାରେ ୨୫୦ ଗିରଫ

**ଭୁବନେଶ୍ୱର, ୫।୪(ବ୍ୟୁରୋ):** ଶଟ୍‌ଡାଉନ୍ ହଟିଥିଲେ ମଧ୍ୟ ଲକ୍‌ଡାଉନ୍ ଜାରି ରହିଛି। ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଏପ୍ରିଲ ୪ରୁ ୫ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଥାନାରେ ୨୦୩ଟି ମାମଲା ରୁଜୁ ହୋଇଛି। ସେଥିରୁ ୧୮୫ଟି ମାମଲା ଲକ୍‌ଡାଉନ୍ ସମ୍ପର୍କିତ ହୋଇଥିବାବେଳେ ୩ଟି ହୋମ୍ କ୍ୱାରାଣ୍ଟାଇନ୍ ଉଲ୍ଲଂଘନ ଓ ୧୫ଟି କୋଭିଡ୍-୧୯ ସମ୍ପୃକ୍ତ ନିୟମାବଳୀ ଉଲ୍ଲଂଘନ ଅନ୍ତର୍ଭୁକ୍ତ ରହିଛି। ଏଭଳି ଉଲ୍ଲଂଘନ ଅଭିଯୋଗରେ ୨୫୦ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

# ସୋସିଆଲ୍ ମିଡିଆରେ ଅପପ୍ରଚାର କରି ୪ ଗିରଫ

**କେନ୍ଦୁଝର, ୫।୪(ଡି.ଏନ୍.ଏ.)**

କରୋନାକୁ ନେଇ ସୋସିଆଲ ମିଡିଆରେ ଅପପ୍ରଚାର କରିବା ୪ଜଣ ଯୁବକଙ୍କୁ ମହଙ୍ଗା ପଡିଛି। ଏହି ଘଟଣାରେ କେନ୍ଦୁଝର ଟାଉନ ପୋଲିସ ରବିବାର ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ଗତ ୩୧ ତାରିଖ ରାତି ୧୦ଟା ୪୧ ମିନିଟ୍‌ରେ ଭଦ୍ରକରେ ରାଜ୍ୟର ଚତୁର୍ଥ କରୋନା ପଜିଟିଭ୍ ଚିହ୍ନଟ ନେଇ ଏକ ନ୍ୟୁଜ୍ ଚ୍ୟାନେଲରେ ବ୍ରେକିଂ ନିଉଜ୍ ପ୍ରସାରଣ ହୋଇଥିଲା। ଏହି ଖବର ଏକ ସ୍କ୍ରିନ ସଟ୍ ନେଇ ଜଣେ ଯୁବକ ଏହାକୁ ଏଡିଟିଂ କରି କେନ୍ଦୁଝର ଜିଲାର ମଇଦାନକେଲରେ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ବୋଲି ଏକ ଗୁଜବ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହି ଖବର ସାରା ଜିଲାରେ ବ୍ୟାପି ଯାଇଥିବା ବେଳେ ଜିଲାରେ ଭୟର ବାତାବରଣ ଖେଳିଯାଇଥିଲା। ଏନେଇ ଉକ୍ତ ନ୍ୟୁଜ୍ ଚ୍ୟାନେଲ ପକ୍ଷରୁ କେନ୍ଦୁଝର ଟାଉନ ଥାନାରେ ଏତଲା ଦିଆଯାଇଥିଲା। ଏହାକୁ କେନ୍ଦୁଝର ପୋଲିସ ଗୁରୁତର ଭାବେ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଅପପ୍ରଚାରକାରୀଙ୍କୁ ଖୋଜା ଆରମ୍ଭ କରିଥିଲା। ଶେଷରେ କୁଣ୍ଡେଇ ଗ୍ରାମର ମାନସ କୁମାର ମହାନ୍ତ ଏହାକୁ ଏଡିଟିଂ କରି ତାଙ୍କ ସାଙ୍ଗ ସୂର୍ଯ୍ୟନାରାୟଣ ଘଣାଙ୍କ ହ୍ୱାଟସଆପ୍‌ରେ ପଠାଇଥିଲେ। ତା'ପରେ ସୂର୍ଯ୍ୟନାରାୟଣ ଏହାକୁ ତାଙ୍କ ସାଙ୍ଗ ତ୍ରିଲୋଚନ ବାରିକଙ୍କୁ ପଠାଇଥିଲେ। ତ୍ରିଲୋଚନ ପୁଣି ଜିତୁ ପ୍ରଧାନଙ୍କୁ ହ୍ୱାଟସଆପ୍ ସେୟାର କରିଥିଲେ। ଜିତୁ ପ୍ରଧାନ ଖାଣ୍ଟି କେନ୍ଦୁଝରିଆ ନାମକ ଏକ ହ୍ୱାଟସଆପ୍ ଗ୍ରୁପରେ ପୋଷ୍ଟ କରି ଦେବାରୁ ଏହି ଗୁଜବ କ୍ଷିପ୍ର ଗତିରେ ସାରା ଜିଲାରେ ପ୍ରଚାରିତ ହୋଇଥିଲା। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ମାସ୍କ ଯୋଗାଇବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର୫।୪(ବ୍ୟୁରୋ)**

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସମସ୍ତେ ମାସ୍କ ପିନ୍ଧିବା ପାଇଁ ରବିବାର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପରାମର୍ଶ ଦେଇଛନ୍ତି। ଫଳରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତତ୍ପର ହୋଇପଡ଼ିଛି। ବିଭାଗର ସଚିବ ନିକୁଞ୍ଜ ଧଳଙ୍କ ପକ୍ଷରୁ ମାସ୍କ ଯୋଗାଣ ନେଇ ସମସ୍ତ ମହାନଗର ନିଗମର କମିଶନର୍ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ବ୍ୟକ୍ତିମାନଙ୍କୁ ତ୍ରିସ୍ତରୀୟ ସର୍ଜିକାଲ୍ ମାସ୍କ ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସମସ୍ତ ଫିଲ୍ଡ ୱାର୍କର, ଯାଞ୍ଚ କରୁଥିବା କର୍ମଚାରୀ, ଅତ୍ୟାବଶ୍ୟକକୀୟ ସାମଗ୍ରୀ ଯୋଗାଉଥିବା କର୍ମଚାରୀ ଏବଂ ଆମ୍ବୁଲାନ୍ସର ଚାଳକମାନଙ୍କୁ ମଧ୍ୟ ମାସ୍କ ଯୋଗାଇ ଦିଆଯିବ। ରାଜ୍ୟ ଔଷଧ ନିଗମକୁ ଏହି ମାସ୍କ ଯୋଗାଣ ଦାୟିତ୍ୱ ଦିଆଯାଇଛି।

## ୬୭ ୱାର୍ଡ ପାଇଁ ୬୮ ଅସ୍ଥାୟୀ ହାଟ

**ଭୁବନେଶ୍ୱର, ୫।୪(ବ୍ୟୁରୋ):** ଭୁବନେଶ୍ୱରରେ ଲୋକଙ୍କ ସୁରକ୍ଷା ସହ କୋଭିଡ୍-୧୯ ସଂକ୍ରମଣରୁ ଲୋକଙ୍କୁ ରକ୍ଷା କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହରରେ ୬୮ ଅସ୍ଥାୟୀ ହାଟ ନିର୍ମାଣ କରିଛି। ମୁଖ୍ୟ ହାଟରେ ଜନସାଧାରଣ ଭିଡ଼ ଜମାଉଥିବାରୁ ବିଏମ୍‌ସି ଦ୍ୱାରା ଏହି ପଦକ୍ଷେପ ନିଆଯାଇଛି। ସୋମବାରଠାରୁ ଭୁବନେଶ୍ୱରର ସବୁ ଗଳିକନ୍ଦିରେ ଅସ୍ଥାୟୀ ଭାବେ ହାଟ ବଜାର ଦେଖିବାକୁ ମିଳିବ। ଲୋକେ ଆବଶ୍ୟକ ସାମଗ୍ରୀ କିଣିପାରିବେ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

**କେଶରପୁର ମୋତି ଗଳିରେ ଉତ୍ତେଜନା**

# ପୋଲିସ ଉପରକୁ ଢେଲାମାଡ଼

**କଟକ ଅଫିସ୍,୫।୪**

ଶଟ୍‌ଡାଉନ୍ ସମୟରେ ପାଟ୍ରୋଲିଂ କରୁଥିବା ପୋଲିସ ଉପରକୁ କଟକ କେଶରପୁର ମୋତିଗଳିରେ ରବିବାର ଆକ୍ରମଣ ହୋଇଛି। କେତେକ ଦୁର୍ବୃତ୍ତ ପୋଲିସ ଉପରକୁ ପଥର ମାଡ଼ କରିବା ସହ ଲୁହାରଡ୍‌ରେ ଆକ୍ରମଣ କରିଛନ୍ତି। ଆକ୍ରମଣରେ

**ମଙ୍ଗଳାବାଗ୍ ଆଇଆଇସି ଆହତ, ୩୧ ଗିରଫ**

ମଙ୍ଗଳାବାଗ ଆଇଆଇସି ଅମିତାଭ ମହାପାତ୍ର ଆହତ ହୋଇଛନ୍ତି। ପୋଲିସ ଅଞ୍ଚଳର ୩୧ ଜଣଙ୍କୁ ଗିରଫ କରିଛି। ଘଟଣା ପରଠାରୁ ସ୍ଥାନୀୟ ଅଞ୍ଚଳରେ ପାଟ୍ରୋଲିଂକୁ କଡାକଡି କରାଯାଇଛି।

ସୂଚନା ଅନୁଯାୟୀ, ଅଞ୍ଚଳର ଦୁଇ ଗୋଷ୍ଠୀ ମଧ୍ୟରେ ରବିବାର ସକାଳେ ମସ୍‌ଜିଦରେ ହାଡ଼ ପକାଇବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଉଭୟ ଗୋଷ୍ଠୀ ମହାଁମୁହିଁ ପରିସ୍ଥିତି ହେବା ଖବର ପାଇ ମଙ୍ଗଳାବାଗ ଆଇଆଇସି ମହାପାତ୍ରଙ୍କ ସହ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ପିସିଆର ଭ୍ୟାନ ଦେଖି ଲୋକମାନେ ହଟି ନ ଥିଲେ। ଆଇଆଇସି ମହାପାତ୍ର ସେମାନଙ୍କୁ ତାଗିଦ କରିଥିଲେ। ଏହି ସମୟରେ ପୋଲିସକୁ ସହଯୋଗ କରିବାକୁ ମଧ୍ୟ ସେ ନିବେଦନ କରିଥିଲେ। ହେଲେ



ଢେଲା ମାଡ଼ କରିଥିବା ଯୁବକମାନଙ୍କୁ ପୋଲିସ ଭ୍ୟାନରେ ନିଆଯାଉଛି।

ଲୋକମାନେ ଆଇଆଇସି ମହାପାତ୍ରଙ୍କ କଥା ଶୁଣିବା ପରିବର୍ତ୍ତେ ଗାଡ଼ି ଉପରକୁ ଢ଼େଲା ଓ ପଥର ମାଡ଼ କରିଥିଲେ। ଏପରିକି କାଚ ବୋତଲ, ଲୁହା ରଡ୍ ଆଦିରେ ଆଇଆଇସି ମହାପାତ୍ରଙ୍କୁ ଆକ୍ରମଣ କରିଥିଲେ। ପିସିଆର ଯୋଗେ ଆଇଆଇସି ସେଠାରୁ ପଳାଇ ଆସିଥିଲେ। ଖବର ପାଇ ଡିସିପି ଅଖିଳେଶ୍ୱର ସିଂ, ଏସିପି ପ୍ରମୋଦ ରଥ, ଏସିପି ସେଖ ସରିଫୁଦ୍ଦିନ୍‌ଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ମୋବାଇଲ୍ ଭିଡ଼ିଓ ରେକର୍ଡିଂକୁ ଦେଖି ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଇଥିଲା। ପୋଲିସ ଏହି ଘଟଣାରେ ୩୧ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସେକ୍ ଅନଓ୍ୱର୍, ମିର୍ ସାଜିଦ୍ ଅଲ୍ଲୀ, ସେକ୍ ମନଓ୍ୱର୍ ରସିଦ୍, ସେକ୍ ମୁଜାହିଦ୍ ହମିଦ୍, ସେକ୍ ଫିରୋଜ୍ ହମିଦ୍, ସୟଦ୍ ଜାହିର୍ ହୁସେନ୍, ସେକ୍ ସନଓ୍ୱର୍, ସେକ୍ ହବିବୁଲ୍ଲା, ମିର୍ ଜାଭେଦ୍ ଅଲ୍ଲୀ, ସେକ୍ ଅବିଦ୍, କାଲିଦ୍ ଖାନ୍, ସେକ୍ ଅନଓ୍ୱର୍, ସେକ୍ ରହିମ୍ ପ୍ରମୁଖଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଡିସିପି ସିଂ ସୂଚନା ଦେଇଛନ୍ତି।

# ଘର ଦୁଆରେ ପହଞ୍ଚୁଛି ଅତ୍ୟାବଶ୍ୟକ ସାମଗ୍ରୀ

**ପୁରୀ ଅଫିସ/ପିପିଲି,(ଡି.ଏନ.ଏ.)୫।୪**

ପୁରୀ ଜିଲା ପିପିଲି ବ୍ଲକ ଦାନଗହୀର ଗାଁରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ଅଧିକ ତତ୍ପର ହୋଇପଡିଛି। ଜିଲାର ଅନ୍ୟ ଅଞ୍ଚଳକୁ କିପରି ଏହା ସଂକ୍ରମିତ ନ ହେବ ସେଥିଲାଗି ବିଭିନ୍ନ ପଦକ୍ଷେପ ନେଇଛି। ଦାନଗହୀର ସମେତ ଏହାର ଆଖାପାଖ ଅଞ୍ଚଳକୁ ଶଟ୍‌ଡାଉନ କରାଯାଇଥିବାବେଳେ ଏହାକୁ କଣ୍ଟେନମେଣ୍ଟ ଜୋନ(ଆବଦ୍ଧ ଅଞ୍ଚଳ) ଭାବେ ଘୋଷଣା କରାଯାଇଛି। ଫଳରେ ଏହି ଅଞ୍ଚଳ ମଧ୍ୟକୁ କେହି ବାହାର ଲୋକ ପ୍ରବେଶ କରିପାରିବେ ନାହିଁ କିମ୍ବା ସମ୍ପୃକ୍ତ ଅଞ୍ଚଳର ଲୋକେ ଘରୁ ବାହାରକୁ ବାହାରିବେ ନାହିଁ ବୋଲି କଟକଣା ଲଗାଯାଇଛି। ଏହି କଟକଣା ଶନିବାର ସକାଳ ୭ଟାରୁ ଆରମ୍ଭ ହୋଇଥିବାବେଳେ ଆସନ୍ତା ୧୪ ତାରିଖ ମଧ୍ୟ ରାତ୍ର ପର୍ଯ୍ୟନ୍ତ ବଳବତ୍ତର ରହିବ। ତେବେ ଏହି ସମୟରେ ସମ୍ପୃକ୍ତ ଅଞ୍ଚଳବାସୀ କିପରି ସୁବିଧାରେ ଅତ୍ୟାବଶ୍ୟକ ସାମଗ୍ରୀ ପାଇପାରିବେ ତାର ବ୍ୟବସ୍ଥା କରିଛି ଜିଲା ପ୍ରଶାସନ। ସମ୍ପୃକ୍ତ ଅଞ୍ଚଳବାସୀଙ୍କ ଘର ଦୁଆରେ ପନିପରିବା ଏବଂ ରାସନ ସାମଗ୍ରୀଠାରୁ ଆରମ୍ଭ କରି ଔଷଧପତ୍ର ପହଞ୍ଚାଉଛି ପ୍ରଶାସନ।

**ଦାନଗହୀର ଶଟ୍‌ଡାଉନ**



ଲକ୍‌ଡାଉନ ଅଞ୍ଚଳକୁ ଆସିଥିବା ଏକ ଗାଡ଼ିରୁ ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ କିଣୁଛନ୍ତି।

## ଆବଦ୍ଧ ଅଞ୍ଚଳରେ ୬ ହଜାର ଲୋକ

ପୁରୀ ଜିଲାର ପ୍ରଥମ କରୋନା ଆକ୍ରାନ୍ତ ଦାନଗହୀର ଗାଁରୁ ଚିହ୍ନଟ ହୋଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଦିଲ୍ଲୀ ନିଜାମୁଦ୍ଦିନ ଧର୍ମସଭାରୁ ଯୋଗଦେଇ ଫେରିଥିଲେ। ଶୁକ୍ରବାର ରାତିରେ ସେ କରୋନା ଆକ୍ରାନ୍ତ ଜଣାପଡ଼ିବା ପରେ ଜିଲା ପ୍ରଶାସନ ଭୋରୁ ସମ୍ପୃକ୍ତ ଗାଁକୁ ନିଜ ହେପାଜତକୁ ନେଇଥିଲା। ସକାଳୁ ଦାନଗହୀର ଗାଁକୁ ବିଶୋଧନ କରାଯିବା ସହ ଜିଲାପାଳ ବଲୱନ୍ତ ସିଂ ଦାନଗହୀର ଓ ଆଖପାଖ ଅଞ୍ଚଳକୁ ଶଟ୍‌ଡାଉନ କରିଥିଲେ। ଏଥିସହ ଦାନଗହୀରକୁ ସଂଯୋଗ ଥିବା ଦାନଗହୀର ଛକ, ଜୟପୁର ଛକ ଓ ଜୟପୁର ଶାସନ ଛକକୁ କଣ୍ଟେନମେଣ୍ଟ ଜୋନ(ଆବଦ୍ଧ ଅଞ୍ଚଳ) ଘୋଷଣା କରାଯାଇଛି। ଏହିସବୁ ଛକକୁ ବନ୍ଦ କରିଦିଆଯାଇଛି। ପିପିଲି ବ୍ଲକ ହାଟସାହି ପଞ୍ଚାୟତର ରାଜସ୍ୱ ଗ୍ରାମ ଦାନଗହିର। ଏହା ଅଧୀନରେ ୬ଟି ୱାର୍ଡ (ଦାନଗହୀର ଛକ, ଦାନଗହୀର, କାଇଣ୍ଡାସାହି, ସିଂହପାଟଣା, ତାଳବଣିଆ ଓ କାଲାମ୍‌ସାହି) ରହିଛି। ଏଠାରେ ପ୍ରାୟ ୪ହଜାର ଲୋକ ବସବାସ କରୁଛନ୍ତି। ସେହିପରି ପିପିଲି ଏନ୍ଏସିର ୧୪ ନଂ. ଓ ୧୫ ନଂ ୱାର୍ଡକୁ ମଧ୍ୟ ଆବଦ୍ଧ ଅଞ୍ଚଳ ଘୋଷଣା କରାଯାଇଛି। ଏହି ଦୁଇ ୱାର୍ଡରେ ଜୟପୁର ଶାସନ, ଜୟପୁର କିଲା, ଶିରିଆପୁର ଓ ସୁଲତାନ ନଗର ଆଦି ଅଞ୍ଚଳ ରହିଛି। ଏଠାରେ ପ୍ରାୟ ୨ହଜାର ଲୋକ ରହୁଛନ୍ତି। ତେଣୁ ୬ହଜାର ଲୋକ ଶଟ୍‌ଡାଉନରେ ରହିଥିବାବେଳେ ପ୍ରଶାସନ ପକ୍ଷରୁ ସେମାନଙ୍କ ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

## ଗାଁରେ ବୁଲୁଛି ରାଶନ ଓ ପରିବା ଗାଡ଼ି

ଆବଦ୍ଧ ଅଞ୍ଚଳର ବାସିନ୍ଦା ଯେପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହେବେ ତାହା ଉପରେ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛି। ଏହି ଅଞ୍ଚଳରେ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଓ ଡାକ୍ତରୀ ସୁବିଧାକୁ ସୁବନ୍ଦୋବସ୍ତ କରିବା ଲାଗି ଉପଜିଲାପାଳ ଭବତାରଣ ସାହୁଙ୍କ ଅଧୀନରେ ବିଭିନ୍ନ ଟିମ୍ ଗଠନ କରାଯାଇଛି। ପିପିଲି ବ୍ଲକ ପକ୍ଷରୁ ଦୁଇଟି ଗାଡ଼ି ବ୍ୟବସ୍ଥା କରାଯାଇଛି। ସକାଳ ୮ଟାରୁ ୧୦ ମଧ୍ୟରେ ଏହି ଦୁଇଟି ଗାଡି ରାଶନ ଏବଂ ପରିବାର ନେଇ ଲୋକଙ୍କ ଘର ପାଖରେ ପହଞ୍ଚିବ। ସେହିପରି ମେଡିକାଲ ସୁବିଧା ପାଇଁ ଦୁଇଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ସମ୍ପୃକ୍ତ ଦୁଇଜଣଙ୍କ ଫୋନ ନଂ. ଜାରି ହୋଇଛି। ଆବଦ୍ଧ ଅଞ୍ଚଳବାସୀ ସେମାନଙ୍କ ସହ ଯୋଗାଯୋଗ କରି ମେଡିକାଲ ସୁବିଧା ପାଇପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

**କରୋନା ଲଢ଼େଇ ପାଇଁ ମାନବ ସମାଜ ଏକାଠି ହେଲେ**

# ଦୀପ ଜାଳି ଏକତାର ବାର୍ତ୍ତା ଦେଲେ

**ଭୁବନେଶ୍ୱର,୫।୪ (ବ୍ୟୁରୋ):** ମହାମାରୀ କରୋନାକୁ ହରାଇବାକୁ ହେଲେ ମାନବ ସମାଜକୁ ଏକାଠି ହେବାକୁ ପଡ଼ିବ। ଏପରି ବାର୍ତ୍ତା ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ରାତି ୯ଟାରେ ଲାଇଟ୍ ବନ୍ଦ କରି ୯ମିନିଟ୍ ଧରି କ୍ୟାଣ୍ଡେଲ, ଦୀପ ଓ ମୋବାଇଲ୍ ଫ୍ଲାସ୍ ଜଳାଇବାକୁ ଦେଶବାସୀଙ୍କୁ ଆହ୍ୱାନ କରିଥିଲେ। ଏହି ଅନୁଯାୟୀ ରାଜଧାନୀ ସମେତ ସାରା ରାଜ୍ୟର ବିଭିନ୍ନ ଧର୍ମ ଓ ବର୍ଣ୍ଣର ଲୋକେ ଘରର ବିଦ୍ୟୁତ୍ ଲାଇଟ୍ ବନ୍ଦ କରି କ୍ୟାଣ୍ଡେଲ ଓ ଦୀପ ଜଳାଇ ଏକତାର ବାର୍ତ୍ତା ଦେଇଥିଲେ। ଏକାଠି ହୋଇ କରୋନାକୁ ହରାଇବାକୁ ସଂକଳ୍ପ ନେଇଥିଲେ। ଏଥିପାଇଁ ଲୋକେ ଘର ସମେତ ଛାତ, ବାଲ୍‌କୋନୀ ଉପରେ ଆଲୋକ ଜାଳି 'ଗୋ କରୋନା ଗୋ' ବୋଲି କହିଥିଲେ। ଏଥିସହ ଏକତାର ବାର୍ତ୍ତା ବାଣ୍ଟିଥିଲେ। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ ସମୀର ଦାଶ, ମନ୍ତ୍ରୀ ଅରୁଣ ସାହୁ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ବହୁ ନେତା ଓ ସେଲିବ୍ରିଟିମାନେ ମଧ୍ୟ ଦୀପ ଲଗାଇଥିଲେ। କରୋନା ଯୁଦ୍ଧର ଅସଲ ଯୋଦ୍ଧା ସାଜିଥିବା ଡାକ୍ତର, ନର୍ସ, ପୋଲିସ, ସଫେଇ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ମନୋବଳ ବଢାଇଥିଲେ।


ଭୁବନେଶ୍ୱର ଜଗନ୍ନାଥ ନଗରରେ ଏକ ପରିବାର କ୍ୟାଣ୍ଡେଲ ଜାଳି ଏକତାର ବାର୍ତ୍ତା ଦେଇଛନ୍ତି।


ପୁରୀର ମହିଳାମାନେ ଶ୍ରୀମନ୍ଦିର ସମ୍ମୁଖରେ ଦୀପ ଜାଳୁଛନ୍ତି।

| ଦେଶ | ମୋଟ ସଂକ୍ରମିତ | ରବିବାର ସଂକ୍ରମିତ | ମୋଟ ମୃତ୍ୟୁ | ରବିବାର ମୃତ୍ୟୁ | ଆରୋଗ୍ୟ ହୋଇଛନ୍ତି | ଚିକିତ୍ସାଧୀନ |
|---|---|---|---|---|---|---|
| ଆମେରିକା | ୩,୨୮,୬୬୨ | ୧୭,୩୦୫ | ୯,୩୬୫ | ୯୧୩ | ୧୬,୭୦୦ | ୩,୦୨,୫୯୭ |
| ସ୍ପେନ | ୧,୩୦,୭୫୯ | ୪,୫୯୧ | ୧୨,୪୧୮ | ୪୭୧ | ୩୮,୦୮୦ | ୮୦,୨୬୧ |
| ଇଟାଲୀ | ୧,୨୮,୯୪୮ | ୪,୩୧୬ | ୧୫,୮୮୭ | ୫୨୫ | ୨୧,୮୧୫ | ୯୧,୨୪୬ |
| ଜର୍ମାନୀ | ୯୯,୮୬୨ | ୩,୭୭୦ | ୧୫୫୦ | ୧୦୬ | ୨୮,୭୦୦ | ୬୯,୬୧୨ |
| ଫ୍ରାନ୍ସ | ୮୯,୫୫୦ | | ୭,୫୬୦ | | ୧୫,୪୩୮ | ୬୬,୯୫୫ |
| ଚାଇନା | ୮୧,୬୬୯ | ୩୦ | ୩,୩୨୯ | ୩ | ୭୬,୯୬୪ | ୧,୩୭୬ |
| ଇରାନ | ୫୮,୨୨୬ | ୨,୪୮୩ | ୩,୬୦୩ | ୧୫୧ | ୧୯,୭୩୬ | ୩୪,୮୮୭ |
| ବ୍ରିଟେନ | ୪୭,୮୦୬ | ୫,୯୦୩ | ୪,୯୩୪ | ୬୨୧ | ୧୩୫ | ୪୨,୭୩୭ |
| ଭାରତ | ୪,୨୮୮ | ୬୦୪ | ୧୧୭ | ୨୧ | ୩୨୮ | ୩,୮୪୩ |
| ପାକିସ୍ତାନ | ୩,୧୨୩ | ୩୦୫ | ୪୫ | ୪ | ୨୦୮ | ୨,୮୭୦ |
| ସାରା ବିଶ୍ୱ | ୧୨,୫୮,୦୯୧ | ୫୬,୬୩୮ | ୬୮,୨୮୭ | ୩,୫୯୯ | ୨,୫୯,୫୫୪ | ୯, ୩୦,୨୫୦ |

# ଥଣ୍ଡା, କାଶ ପାଇଁ ଘରେ ବସି ନେବେ ଡାକ୍ତରଙ୍କ ପରାମର୍ଶ

ପୁରୀ ଅଫିସ,୫।୪: କରୋନାର ମୁକାବିଲା ପାଇଁ ଦିନକୁ ଦିନ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। କିପରି ଏହି ପ୍ରାଣଘାତୀ ଭୂତାଣୁ ନ ବ୍ୟାପିବ ସେଥିଲାଗି ସରକାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ଉଦ୍ୟମ ଚଳାଇଛନ୍ତି। ପୁରୀ ଜିଲା ପ୍ରଶାସନ ମଧ୍ୟ ବିଭିନ୍ନ ପ୍ରକାର କଟକଣା ଲଗାଇଥିବାବେଳେ ଏବଂ ଅନେକଗୁଡ଼ିଏ ପଦକ୍ଷେପ ନେଇଛି। ସବୁ ଥଣ୍ଡା, କାଶ ରୋଗୀ ଯେପରି ହସ୍ପିଟାଲ ନ ଆସିବେ ସେଥିପାଇଁ ବ୍ୟବସ୍ଥା କରିଛି। ଥଣ୍ଡା, କାଶ ଓ ଫ୍ଲୁରେ ଯଦି କେହି ଆକ୍ରାନ୍ତ ହୋଇଥାନ୍ତି ତେବେ ସେମାନେ ଘରେ ଥାଇ ଡାକ୍ତରଙ୍କୁ ଫୋନ କରି ପରାମର୍ଶ ନେବେ। ଏଥିପାଇଁ କେଉଁ ଔଷଧ ସେବନ କରିବାକୁ ପଡ଼ିବ ଡାକ୍ତର ଫୋନରେ ସମ୍ପୃକ୍ତ ରୋଗୀଙ୍କୁ କହିବେ। ରୋଗୀ ନିକଟସ୍ଥ ଔଷଧ ଦୋକାନ କିମ୍ବା ଏଏନ୍ଏମ୍/ଆଶାଙ୍କଠାରୁ ସେହି ଔଷଧ ସଂଗ୍ରହ କରିପାରିବେ। ଏଥିଲାଗି ପୁରୀ ସହର ସମେତ ୧୧ଟି ଯାକ ବ୍ଲକରେ ଥିବା ସମସ୍ତ ସିଏଚ୍ସି ଓ ପିଏଚ୍ସିର ଡାକ୍ତରଙ୍କ ନମ୍ବର ଜିଲା ପ୍ରଶାସନ ପକ୍ଷରୁ ଜିଲାବାସୀଙ୍କ ଲାଗି ଜାରି କରାଯାଇଛି। ପୁରୀ ସହର ବ୍ୟତୀତ ପିପିଲି ବ୍ଲକର ପାଣିଦୋଳ ସିଏଚ୍ସି, ମଙ୍ଗଳପୁର ସିଏଚ୍ସି, ସଦର ବ୍ଲକର ଚନ୍ଦନପୁର ସିଏଚ୍ସି, ନିମାପଡ଼ା ବ୍ଲକର ଚାରିଛକ ସିଏଚ୍ସି, କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୂଆପଡ଼ା ସିଏଚ୍ସି, ଅସ୍ତରଙ୍ଗ ବ୍ଲକ ସିଏଚ୍ସି, ସତ୍ୟବାଦୀ ବ୍ଲକର ଅଳଗୁମ ସିଏଚ୍ସି, କଣାସ ବ୍ଲକ ସିଏଚ୍ସି, କାକଟପୁର ବାଙ୍ଗୁରିଙ୍ଗା ସିଏଚ୍ସି, ବ୍ରହ୍ମଗିରି ବ୍ଲକର ରେବଣା ନୂଆଗାଁ ସିଏଚ୍ସି, ଗୋପ ବ୍ଲକ ସିଏଚ୍ସି, ଡେଲାଙ୍ଗ ବ୍ଲକ ସିଏଚ୍ସି ଡାକ୍ତରଙ୍କ ନମ୍ବର ଜାରି କରାଯାଇଛି।

# ପୁରୀର ୩ ପରିବା ମାର୍କେଟ ବନ୍ଦ

## ସାହିଗଳିରେ ଠେଲା ଗାଡ଼ିରେ ବିକ୍ରି ହେବ ପରିବା

ପୁରୀ ଅଫିସ,୫।୪

ପୁରୀ ସହରର ୩ଟି ଯାକ ପ୍ରମୁଖ ପରିବା ମାର୍କେଟକୁ ବନ୍ଦ କରିଦେଇଛି ଜିଲା ପ୍ରଶାସନ। ଆସନ୍ତା ୧୪ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ବଡ଼ଶଙ୍ଖ, ମାର୍କେଟ ଛକ ଏବଂ ଲକ୍ଷ୍ମୀ ବଜାର ପରିବା ମାର୍କେଟ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିବ ବୋଲି ଟ୍ରାଫିକ ଆଇଆଇସି ଗୋକୁଳ ରଞ୍ଜନ ଦାଶ କହିଛନ୍ତି। କରୋନା ମୁକାବିଲା ପାଇଁ ବର୍ତ୍ତମାନ ୨୧ଦିନିଆ ଲକ୍ଡାଉନ ଚାଲିଛି। ଏହି ସମୟରେ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବାକୁ ବାଦ୍ ଦେଇ ଅନ୍ୟ ସମସ୍ତ ଦୋକାନ ବଜାର ବନ୍ଦ ରହିଛି। ମାତ୍ର ଜନସାଧାରଣଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ପରିବା ମାର୍କେଟ ଖୋଲା ରହିଥିଲା। ସାମାଜିକ ଦୂରତା ରକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ବାରମ୍ବାର ସଚେତନ ମଧ୍ୟ କରାଯାଇଥିଲା। ଏପରି କି ଅନେକ ଗ୍ରାହକ ଓ ବ୍ୟବସାୟୀ ଏହାକୁ ନ ମାନିବାରୁ ପ୍ରଶାସନ ପକ୍ଷରୁ ପରିବା ମାର୍କେଟରେ ସମସ୍ତ ଦୋକାନ ସମ୍ମୁଖରେ ବ୍ୟବଧାନ ରଖି ଧଳା ଚିହ୍ନ ଦିଆଯାଇଥିଲା। ବଡ଼ଶଙ୍ଖ ପରିବା ମାର୍କେଟରେ ଅଧିକ ଗହଳି ହେଉଥିବାରୁ କିଛି ବ୍ୟବସାୟୀଙ୍କୁ ଜେଲ୍ ରୋଡ ପରିସରକୁ ମଧ୍ୟ ସ୍ଥାନାନ୍ତର କରାଯାଇଥିଲା। ଏହାସତ୍ତ୍ୱେ ବିଭିନ୍ନ ସମୟରେ ପରିବା ମାର୍କେଟରେ ଗହଳି ହେଉଥିବାରୁ ପ୍ରଶାସନ ପକ୍ଷରୁ ଏହାକୁ ବନ୍ଦ କରାଯାଇଛି। ରବିବାର ପୂର୍ବାହ୍ନରେ ପୋଲିସ ବୁଲି ବୁଲି ସମସ୍ତ ପରିବା ବ୍ୟବସାୟୀଙ୍କୁ ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲା। ବ୍ୟବସାୟୀମାନେ ସେମାନଙ୍କ ଦୋକାନ ବନ୍ଦ କରିଦେଇଛନ୍ତି। ଆସନ୍ତା ୧୪ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ବଡ଼ଶଙ୍ଖ, ମାର୍କେଟ ଛକ ଏବଂ ଲକ୍ଷ୍ମୀ ବଜାର ପରିବା ମାର୍କେଟ ବନ୍ଦ ରହିବ। ଏହି ସମୟରେ ବ୍ୟବସାୟୀମାନେ ଠେଲା ଗାଡ଼ିରେ ସହରର ବିଭିନ୍ନ ସାହିଗଳିରେ ବୁଲି ବୁଲି ପରିବା ବିକ୍ରି କରିପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ସରକାରୀ ଅଧିକାରୀ, କର୍ମଚାରୀଙ୍କୁ ଜିଲାପାଳଙ୍କ ଚେତାବନୀ

## ଅନୁପସ୍ଥିତ ରହିଲେ ନିଲମ୍ବନ

ପୁରୀ ଅଫିସ,୫।୪

ବିଶ୍ୱ ମହାମାରୀ କରୋନା ସହିତ ଲଢୁଛି ବିଶ୍ୱ। କିପରି ଏହାକୁ ମୁକାବିଲା କରାଯାଇପାରିବ ତାହାକୁ ନେଇ ସମସ୍ତେ ଚିନ୍ତିତ। ଦିନକୁ ଦିନ ଅଧିକ ଉଗ୍ର ହେଉଛି କରୋନା। ରାଜ୍ୟରେ କରୋନା ଅକ୍ରାନ୍ତଙ୍କ ସଂଖ୍ୟା ୩୯ରେ ପହଞ୍ଚିଲାଣି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସରକାର କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ଯେଉଁ ନିର୍ଦ୍ଦେଶନାମା ଜାରି କରୁଛନ୍ତି ତାହାକୁ କାର୍ଯ୍ୟକାରୀ କରିବାରେ ସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କ ଗୁରୁଦାୟିତ୍ୱ ରହିଛି। ଯଦି ସେମାନେ ସତର୍କ ଏବଂ ତାଗିଦ୍ ନ କରିବେ କିମ୍ବା ଜନସାଧାରଣଙ୍କ ପାଖରେ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବାର ତଦାରଖ ନ କରିବେ ତେବେ ସ୍ଥିତି ଅସମ୍ଭାଳ ହୋଇପଡ଼ିବ। ଯେଉଁ ଉଦ୍ଦେଶ୍ୟ ନେଇ ଲକ୍ଡାଉନ, ଶଟ୍ଡାଉନ କରାଯାଉଛି ତାହା ସମ୍ପୂର୍ଣ୍ଣ ଫେଲ୍ ମାରିବ ଏବଂ କରୋନା ଲଢେଇରେ ଆମେ ବିଫଳ ହେବା। କିନ୍ତୁ ଅନେକ ସରକାରୀ ଅଧିକାରୀ ସେମାନଙ୍କ ଡ୍ୟୁଟି ଠିକ୍ ଭାବେ କରୁନାହାନ୍ତି। ଏପରି କି ପୁରୀ ଜିଲାର ବହୁ ଅଧିକାରୀ ଏବଂ କର୍ମଚାରୀ ଧାର୍ଯ୍ୟ ସମୟରେ କାର୍ଯ୍ୟାଳୟକୁ ଆସୁନାହାନ୍ତି। ତେଣୁ କରୋନା ମୁକାବିଲା କ୍ଷେତ୍ରରେ ବିଭିନ୍ନ ସମୟରେ ସମସ୍ୟା ଉପୁଜୁଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଜିଲାରେ ଜଣେ କରୋନା ଆକ୍ରାନ୍ତ ବି ଚିହ୍ନଟ ହୋଇଗଲେଣି। ତେଣୁ ପ୍ରଶାସନ ପାଇଁ ଆଗକୁ ଚ୍ୟାଲେଞ୍ଜ ଥିବାରୁ ଏଦିଗରେ କଠୋର ଆଭିମୁଖ୍ୟ ଆପଣାଇଛନ୍ତି ଜିଲାପାଳ ବଲୱନ୍ତ ସିଂ। କୌଣସି ଅଧିକାରୀ ଏବଂ କର୍ମଚାରୀ ଯଦି ଅନୁପସ୍ଥିତ ରୁହନ୍ତି ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନିଲମ୍ବନର ଚେତାବନୀ ଦେଇଛନ୍ତି।

# ୫ ଗୁଜବକାରୀଙ୍କ ନାମରେ ମାମଲା

ପୁରୀ ଅଫିସ,୫।୪

କରୋନା ସହିତ ଲଢୁଛି ବିଶ୍ୱ । ଭାରତ ବି ଏହି ପ୍ରାଣଘାତୀ ଭୂତାଣୁ ସହ ଜୁଝି ହେଉଛି। କିନ୍ତୁ ଏହାକୁ ନେଇ ଯେପରି କେହି ଭୟଭୀତ ନ ହେବେ ତା' ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି ସରକାର। କରୋନାକୁ ନେଇ କୌଣସି ପ୍ରକାର ମିଥ୍ୟା ସୂଚନା ଏବଂ ଗୁଜବକୁ ବିଶ୍ୱାସ ନ କରିବା ଲାଗି ସରକାର ବାରମ୍ବାର ଅନୁରୋଧ କରୁଛନ୍ତି। ଏହାସତ୍ତ୍ୱେ ଅନେକ ଏହାକୁ ମାନୁନାହାନ୍ତି। କରୋନାକୁ ନେଇ ବିଭିନ୍ନ ପ୍ରକାର ଗୁଜବ କରୁଛନ୍ତି। ଏପରି କି ସୋସିଆଲ ମିଡିଆରେ ମିଥ୍ୟା ସୂଚନା ପୋଷ୍ଟ କରୁଛନ୍ତି। ତେଣୁ ଏମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ପୋଲିସ ଏବଂ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ କରୋନାକୁ ନେଇ ମିଥ୍ୟା ସୂଚନା ଏବଂ ଗୁଜବ ପ୍ରଚାର କରିବା ଅଭିଯୋଗରେ ପୁରୀ ପୋଲିସ ପକ୍ଷରୁ ବିଭିନ୍ନ ଥାନାରେ ୫ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ଏସ୍ପି ଉମାଶଙ୍କର ଦାଶ ଜଣାଇଛନ୍ତି। ପୁରୀ ଟାଉନ ଥାନାରେ ଦୁର୍ଗାପ୍ରସାଦ ସାହୁ (କେସ୍ ନଂ.୭୯/୨୦), ବିଜୟ ସ୍ୱାଇଁ (କେସ୍ ନଂ.୮୦/୨୦) ଓ ରାକେଶ ମହାନ୍ତି (କେସ୍ ନଂ.୮୧/୨୦), କୁମ୍ଭାରପଡ଼ା ଥାନାରେ ମହେଶ ଆଚାର୍ଯ୍ୟ (କେସ୍ ନଂ.୭୯/୨୦) ଏବଂ ବ୍ରହ୍ମଗିରି ଥାନାରେ ଅଜିତ ପାଇକରାୟ (କେସ୍ ନଂ.୫୩/୨୦)ଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଏସ୍ପି ସୂଚନା ଦେଇଛନ୍ତି।

# ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଆର୍ଥିକ ସହାୟତା ବଣ୍ଟନ

ପୁରୀ ଅଫିସ,୫।୪

କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଇଛନ୍ତି। ଲକ୍ଡାଉନ ଯୋଗୁ ଦୋକାନ ବଜାର ବନ୍ଦ ରହିଥିବାବେଳେ ଲୋକେ ଘରୁ ନ ବାହାରିବା ଲାଗି ପରାମର୍ଶ ଦିଆଯାଇଛି। ଜନସାଧାରଣ ଯେପରି ଅସୁବିଧାରେ ନ ପଡ଼ିବେ ସେଥିଲାଗି ପୁରୀ ଜିଲାର ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସେମାନଙ୍କ ଘର ନିକଟରେ ସେବା ପ୍ରଦାନ କରାଯାଉଛି। ରାଜ୍ୟ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କ ପ୍ରତି କାର୍ଡ ପିଛା ୧ହଜାର ଟଙ୍କା ପ୍ରଦାନ ଶନିବାରଠାରୁ ଆରମ୍ଭ ହୋଇଛି। ସେହିପରି ଚାଉଳ ବଣ୍ଟନ କାର୍ଯ୍ୟ ମଧ୍ୟ ଜାରି ରହିଛି। ଜିଲାର ପ୍ରାୟ ୮୦ହଜାର ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ପ୍ରତ୍ୟେକ ଦେଢହଜାର ଟଙ୍କା ପ୍ରଦାନ ପ୍ରକ୍ରିୟା ଖୁବ୍ଶୀଘ୍ର ଆରମ୍ଭ କରିବାକୁ ଜିଲାପାଳ ବଲୱନ୍ତ ସିଂ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ୧୬୫ ରିଲିଫ ଶିବର ଓ ଆଶ୍ରୟସ୍ଥଳୀରେ ଅଟକି ରହିଥିବା ୨,୪୬୩ ଶ୍ରମିକ ଓ ବ୍ୟକ୍ତିଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି। ଏତଦ୍ବ୍ୟତୀତ ଜିଲାରେ ଥିବା ପ୍ରାୟ ୧୦ହଜାର ଅସହାୟ ବ୍ୟକ୍ତିଙ୍କୁ ଦୈନିକ ଖାଦ୍ୟ ଓ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଉଛି। ପିପିଲି ବ୍ଲକର ଦାନଗହିର, ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା କରୋନା ୱାର୍ଡ, ବିଭିନ୍ନ ବ୍ଲକରେ ଥିବା ସିଏଚ୍ସି ଓ ପିଏଚ୍ସି ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ବିଶୋଧନ ପ୍ରକ୍ରିୟା ଜାରି ରହିଛି । ଲକ୍ଡାଉନ ପାଳନ କରିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଉଛି ।



ପୁରୀ ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ମହାପ୍ରଭୁଙ୍କ ବନବାସ ନୀତି ସମ୍ପନ୍ନ କରାଯାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସ୍ୱାସ୍ଥ୍ୟପ୍ରତି ସଚେତନ ରହି କାମ କରନ୍ତୁ ନଚେତ୍ ଶନିକ୍ଷେତ୍ର ଏବଂ ଶନିଙ୍କ ସହ ମଙ୍ଗଳ ହେତୁ ଥଣ୍ଡାଜ୍ୱର ହୋଇପାରେ । କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିବାର ଆଶଙ୍କା ରହିଛି। ପରୋକ୍ଷ ଶତ୍ରୁତା ଜନିତ ଶିଳ୍ପ,ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ମଧ୍ୟ ଶିଥିଳତା ଦେଖାଦେବ । ଦୈନନ୍ଦିନର ଆବଶ୍ୟକତା ଅନୁଭବ କରି ବିଭିନ୍ନ ପ୍ରକାରର ଦ୍ରବ୍ୟ କ୍ରୟ କରିପାରନ୍ତି

**ବୃଷ** ପରିସ୍ଥିତିର ତାଡନାରେ ଇଚ୍ଛା ନଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ । ଶନିକ୍ଷେତ୍ରସ୍ଥ ବୁଧ ଯୋଗୁ ଦୀର୍ଘ ଦିନରୁ ପରିକଳ୍ପନା କରିଥିବା ନୂତନ ଯୋଜନା ପରିସ୍ଥିତିବଶତଃ ବନ୍ଦ ହୋଇଯିବ । ସାମାଜିକ ସ୍ତରରେ ବନ୍ଧୁଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ ।

**ମିଥୁନ** ଅଷ୍ଟମାଧିପ ଦୃଷ୍ଟିରେ ରବିଥିବାରୁ ପଡୋଶୀ କିମ୍ବା ପଦସ୍ଥବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ । ପାରିବାରିକ ସମସ୍ୟା କ୍ରମଶଃ ବଳିଯାଉଥିବାରୁ ମାନସିକ ସ୍ଥିତି ଭଲ ରହିନପାରେ । ତଥାପି ମନର ଦୁଃଖକୁ ଲୁଚାଇ ରଖି ବନ୍ଧୁ ମାନଙ୍କ ସମ୍ମୁଖରେ ହସି ହସି କଥା କହିପାରନ୍ତି ।

**କର୍କଟ** ଆଜି ସ୍ଥଗିତ କର୍ମ ସମ୍ପାଦନ ଓ ଅର୍ଥ ଲାଭର ଯୋଜନା କରିବା କାମରେ ନିଜକୁ ନିୟୋଜିତ କରିପାରନ୍ତି । ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରି ଉଚ୍ଚପଦାଧିକାରୀଙ୍କ ଚକ୍ଷୁଶୂଳ ହେବାକୁ ପଡିପାରେ । କରଜଦାତାଙ୍କ ଚାପ ବୃଦ୍ଧି ପାଇବା ସହ ଆବଶ୍ୟକତାର ଅପୂରଣ ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇପାରେ ।

**ସିଂହ** ବ୍ୟୟାଧିପ ରାଶିରେ ଥିବାରୁ ଆଜି ପାଇବେ ଯେତିକି ତାହାଠାରୁ ଅଧିକ ଦୁଇଗୁଣା ଖର୍ଚ୍ଚ କରିବାକୁ ପଡିପାରେ । ପରିବାର ସଦସ୍ୟଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ । ଆଲୋଚନା କାଳରେ କିଛି କହିବା ଅପେକ୍ଷା ବରଂ ନୀରବ ରହିବା ଭଲ ହେବ । ଶିଳ୍ପ,ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦେଖାଦେବ ।

**କନ୍ୟା** ବୁଧଙ୍କ ଦୃଷ୍ଟିରେ ଚନ୍ଦ୍ର ଥିବାରୁ ବନ୍ଧୁଙ୍କ ମାଧ୍ୟମରେ ଆଶା କରୁଥିବା ଜିନିଷ ପାଇବେ । କାର୍ଯ୍ୟ କ୍ଷେତ୍ରରେ କିଛିଟା ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି । ବହୁତ ସମୟ ଧରି ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ । ଘରେ ପରିବାର ସହିତ ଆମୋଦ ପ୍ରମୋଦ ସକାଶେ ନୂତନ ଯୋଜନା କରିପାରନ୍ତି ।

**ତୁଳା** ବିଭିନ୍ନ ଯୋଜନାର ଯେଉଁ କାମ ହାତକୁ ନେବେ ଶନି ଓ ଚନ୍ଦ୍ର ଷଡାଷ୍ଟକ ସ୍ଥିତିରେ ଥିବାରୁ ସମସ୍ୟା ମଧ୍ୟରେ ବୁଡି ରହି ଆପଣଙ୍କ ଦୈନ୍ୟଯୁକ୍ତ କଥା ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବ । ତଥାପି କର୍ମକ୍ଷେତ୍ରରେ ହେଉ କିମ୍ବା ସାମାଜିକ ସ୍ତରରେ ଆଜି ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ ।

**ବିଛା** କର୍ମଭାବସ୍ଥ ଭାଗ୍ୟାଧିପତି କାରଣରୁ ପରିସ୍ଥିତିର ତାଡନାରେ ଅଥବା ଭିନ୍ନ ଏକ ପରିସ୍ଥିତିରେ ଦୂରେଇ ଯାଇଥିବା ବନ୍ଧୁଟି ପାଖେଇ ଆସିବ । ବନ୍ଧୁଙ୍କ ପାରିବାରିକ ବିଷୟ ଚିନ୍ତାକରି ଭାବ ପ୍ରବଣତାରେ ବ୍ୟସ୍ତତା ଅନୁଭବ କରିପାରନ୍ତି । ଅଟକି ରହିଥିବା କାମକୁ ପୂର୍ଣ୍ଣାଙ୍ଗ କରିବେ ।

**ଧନୁ** ବୃହସ୍ପତି ଯୁକ୍ତ ଶନି ଓ ମଙ୍ଗଳ ଯୋଗୁ ଜୀବନଯାତ୍ରାରେ ସଂଯମତା ରକ୍ଷା ନକଲେ ବିବାଦଗ୍ରସ୍ତ ହୋଇ ପଡିବେ । କର୍ମ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ । ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବା ସହ ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବ ।

**ମକର** ରବି ଓ ରାହୁଙ୍କ ମଧ୍ୟବର୍ତ୍ତୀ ଶୁକ୍ର ପ୍ରଭାବରେ ବନ୍ଧୁଦର୍ଶନ ପାଇଁ ମନ ଛଟପଟ ହୋଇପାରେ । ପାରିବାରିକ ଜୀବନରେ ଜିଦ୍ଖୋର ପ୍ରବୃତ୍ତିରୁ ମତାନ୍ତର ସୃଷ୍ଟି ହେବାର ସଂଭାବନା ରହିଛି । ଅବଶ୍ୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ କିନ୍ତୁ ଆଲୋଚନା କାଳରେ ଝଗଡା ଲାଗିପାରେ ।

**କୁମ୍ଭ** ଦ୍ୱାଦଶସ୍ଥଗ୍ରହ ଜନିତ କର୍ମଜାଳ କିମ୍ବା ନିଃସଙ୍ଗତା ମାନସିକ ଚାପଗ୍ରସ୍ତ କରାଇପାରେ । ତଥାପି ସାଂଗଠନିକ କାମ,ପରିବହନ,ରାଜନୀତି,ଆଇନ ଓ ଆନୁଷ୍ଠାନିକ କାମରେ ଶୁଭ ଫଳ ମିଳିବ । କେତେକ କ୍ଷେତ୍ରରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ ।

**ମୀନ** କର୍ମାଧିପ ସହ ଶନିଙ୍କ ସଂଯୋଗରୁ ପୁରୁଣା କାମଗୁଡିକର ସମୀକ୍ଷା କରିବେ କିନ୍ତୁ ବିବାଦୀୟ ପରିସ୍ଥିତି ସୃଷ୍ଟିର ସମ୍ଭାବନା ରହିଛି । ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି । କଳା,ସାହିତ୍ୟ ,ସଂଗୀତ, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ ।

ଆଜି ଚୈତ୍ର ଶୁକ୍ଳ ତ୍ରୟୋଦଶୀ ସୋମବାର,ଅପରାହ୍ନଘ.୩/୫୨,ଗତେ, ବିଷ୍ଣୁଦମନକ ଚତୁର୍ଦ୍ଦଶୀ,ଶ୍ରୀମନ୍ଦିରରେ ଦମନକଯାତ୍ରା,ଦୟଣାଚୋରୀ ନୀତି,ରାମଲୀଳା,ମାୟାମୃଗ ପ୍ରସ୍ତାବ, ଶ୍ରୀଲିଙ୍ଗରାଜଦେବଙ୍କ ଦମନକ ଯାତ୍ରା,ଏପ୍ରିଲ ୬ ତାରିଖ,ମହାବୀର ଜୀନ ଜୟନ୍ତୀ, ରାଶିନକ୍ଷତ୍ର, ଦିବା,ଘ.୧୨/୧୫,ମି,ଗତେ ଉତରାଫାଲଗୁନୀ/ସିଂହ,ମିଥୁନ ରାଶିର ଘାତବାର,ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ,ପ୍ରାତଃ,ଘ.୫/୩୯,ଗତେ,ଘ.୭/୧୮,ମଧ୍ୟେ, ଘ.୧୦/୩୫. ଗତେ, ଘ.୧/୦୩,ମଧ୍ୟେ,ସଂଧ୍ୟା,ଘ.୬/୪୫,ଗତେ,ଘ.୯/୦୩, ମଧ୍ୟେ ,ରାତ୍ରି,ଘ.ଘ.୧୧/୨୬,ଗତେ,ଘ.୨/୩୧,ମଧ୍ୟେ,ଅମୃତବେଳା ॥ ଅପରାହ୍ନ,ଘ୩।୩୧, ଗତେ, ଘ୫।୦୯ମଧ୍ୟେ, ମାହେନ୍ଦ୍ର ବେଳା । ସକାଳ. ଘ.୭/୧୧. ଗତେ ଘ୮/୪୪ ମଧ୍ୟେ ରାହୁକାଳ ॥

## ପ୍ରଥମ ପୃଷ୍ଠାରୁ...

## ଭୁବନେଶ୍ୱର: ଦିନକରେ ...

ଅବଧି ସରିଛି। ତେବେ ଏହି ସମୟରେ ଯେଉଁ ସର୍ଭେ ହୋଇଥିଲା ଓ ଟ୍ରାକିଂ କରାଯାଇଥିଲା, ସେଥିରୁ ସୂର୍ଯ୍ୟନଗର ଓ ବମିଖାଲ ଉଭୟ ଘଟଣାରେ ରାଜ୍ୟ ବାହାରୁ ସଂକ୍ରମଣ ହୋଇଥିବା ଜଣାପଡ଼ିଛି। ଏଥିରୁ ସ୍ପଷ୍ଟ ହେଲା ଯେ, ଭୁବନେଶ୍ୱରରେ ଗୋଷ୍ଠୀ ସଂକ୍ରମଣ ହୋଇନାହିଁ। ରାଜ୍ୟ ବାହାରେ ରହୁଥିବା ସମ୍ପର୍କୀୟଙ୍କ ନିକଟରୁ ଉଭୟ ସଂକ୍ରମିତ ହୋଇଛନ୍ତି ବୋଲି ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ସୂଚନା ଦେଇଛନ୍ତି। ରାଜ୍ୟର କରୋନା ସ୍ଥିତିକୁ ନେଇ ମୁଖ୍ୟ ଶାସନ ସଚିବ ପ୍ରତିକ୍ରିୟା ରଖି କହିଛନ୍ତି, ସର୍ଭେ ସମୟରେ ଆମେ ବହୁତ ତଥ୍ୟ ପାଇଲୁ। ଗୋଷ୍ଠୀ ସଂକ୍ରମଣର ହୋଇଥିବା ନେଇ କୌଣସି ପ୍ରମାଣ ମିଳିନାହିଁ। ତେଣୁ ଗୋଷ୍ଠୀ ସଂକ୍ରମଣକୁ ନେଇ ଆମ ମନରେ ଯେଉଁ ଡର ଥିଲା ତାହା ଏବେ ନାହିଁ। ଶଟ୍ଡାଉନ ପାଇଁ ଆମକୁ ଏଭଳି ସଫଳତା ମିଳିଛି। ଏଥିପାଇଁ ୩ ସହର କଟକ, ଭୁବନେଶ୍ୱର ଓ ଭଦ୍ରକରେ କାର୍ଯ୍ୟରତ ପୋଲିସ କାର୍ଯ୍ୟକୁ ମୁଖ୍ୟ ଶାସନ ସଚିବ ପ୍ରଶଂସା କରିଛନ୍ତି।

## ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ...

ଲକ୍ଡାଉନ ସମୟରେ ଯେଉଁ ଦୋକାନ ବଜାର ଖୋଲୁଥିଲା, ଯେଉଁ କଟକଣା ଓ ନିୟମ ଲାଗୁ ହୋଇଥିଲା ସେହି ଅନୁସାରେ ବ୍ୟବସାୟୀମାନେ ବେପାର କରିବେ। ବିଶେଷକରି ସାମାଜିକ ଦୂରତ୍ୱକୁ ଅଧିକ ଗୁରୁତ୍ୱ ଦେବାକୁ ଦୋକାନୀଙ୍କ ଉପରେ କେତେକ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଦୋକାନ ଆଗରେ ଯେପରି ପୂର୍ବଭଳି ଗହଳି ନ ହେବ ସେଥିଲାଗି ପୋଲିସ କମିଶନର ଦୋକାନୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେବାକୁ ଦୋକାନୀମାନେ ପ୍ରୟାସ କରିବେ। ଦୋକାନ ଆଗରେ ବୃତ୍ତ ଆକାର ଚିହ୍ନ ଦେଇ ସେଥିରେ ଗ୍ରାହକଙ୍କୁ ଛିଡା କରି ସେମାନଙ୍କ ଆର୍ଡର ମୁତାବକ ନିଜେ ଆଣି ସାମଗ୍ରୀ ଦେବେ। ଯଦି ନିୟମରେ କୌଣସି ବ୍ୟତିକ୍ରମ ହୁଏ, ତେବେ ଏନେଇ ପୋଲିସ କାର୍ଯ୍ୟାନୁଷ୍ଠାନ ନେବ। ଯେଉଁ ଦୋକାନରେ ସାମାଜିକ ଦୂରତ୍ୱ ବଜାୟ ରହୁ ନ ଥିବା ପୋଲିସ ଦେଖିବ, ତୁରନ୍ତ ଏନେଇ ତୁରନ୍ତ ବିଏମ୍ସିକୁ ଖବର ଦେବ। ବିଏମ୍ସି ଉକ୍ତ ଦୋକାନୀଙ୍କ ଟ୍ରେଡ୍ ଲାଇସେନ୍ସ ରଦ୍ଦ କରିବା ସହ ଦୋକାନକୁ ସିଲ୍ କରିବ। ଆବଶ୍ୟକ ପଡ଼ିଲେ ଦୋକାନୀଙ୍କ ବିରୋଧରେ ପୋଲିସ ମହାମାରୀ ଦଫା ୨୬୯,୨୭୦,୨୭୧ରେ ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ଏହାସହ ସେ ଲୋକମାନଙ୍କୁ କିଛି ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଏହି ଭୂତାଣୁର ପ୍ରତିହତ ପାଇଁ ଏଯାଏ କୌଣସି ଔଷଧ ବାହାରି ନ ଥିବାରୁ ଆମ ପାଇଁ ସାମାଜିକ ଦୂରତ୍ୱ ଏକମାତ୍ର ବିକଳ୍ପ। ଏହାକୁ ସେମିତି ହେଲେ ବଜାୟ ରଖିବାକୁ ହେବ। ଘରକୁ ବାହାରିଲେ ମାସ୍କ ବ୍ୟବହାର କରନ୍ତୁ। ମାସ୍କ ନ ଥିଲେ ରୁମାଲ ବ୍ୟବହାର କରନ୍ତୁ। ବାହାରକୁ ଘରକୁ ଆସିଲେ ରୁମାଲ କିମ୍ବା ମାସ୍କକୁ ଭଲଭାବେ ଧୋଇ ଶୁଖାଇ ପୁଣି ବ୍ୟବହାର କରିବାକୁ କମିଶନର ଷଡ଼ଙ୍ଗୀ ସାଧାରଜଣ ଲୋକଙ୍କୁ କହିଛନ୍ତି।

## ଶଟ୍ଡାଉନ୍ରେ ୩ ସହର ...

ରାସ୍ତା ଉପରେ ବୁଲାବୁଲି କରିବା ସହ ଘଣ୍ଟା ଘଣ୍ଟା ଧରି ଦଳଦଳ ହୋଇ ରାସ୍ତା ଓ ଫୁଟ୍ପାଥକୁ କବ୍ଜା କରି ବସିଥିଲେ। ତେବେ ଶଟ୍ଡାଉନ ଯୋଗୁ ଅସହାୟ, ଦିବ୍ୟାଙ୍ଗ, ମାନସିକ ବିକାରଗ୍ରସ୍ତ, ଭିକାରି ଅଧିକ ହଇରାଣ ହୋଇଥିବାବେଳେ ପଶୁପକ୍ଷୀ ମଧ୍ୟ ପ୍ରଭାବିତ ହୋଇଥିଲେ। ଦିଆଯାଉଥିବା ଖାଦ୍ୟ ସେମାନଙ୍କ ଭୋକ, ଶୋଷ ମେଣ୍ଟାଇପାରି ନ ଥିଲା। ଅନ୍ୟପକ୍ଷରେ କେତେଜଣ ଅମାନିଆ ନିୟମ ଓ କଟକଣାକୁ ଖାତିର ନ କରି ରାସ୍ତାକୁ ଆସି ଧରାପଡିଥିଲେ। ଭୁବନେଶ୍ୱରରେ ପୋଲିସ ୧୬୦ଜଣଙ୍କୁ ଉଠାଇ ନେଇଥିବାବେଳେ ସେମାନଙ୍କ ମଧ୍ୟରୁ ୪୬ଜଣଙ୍କୁ ବାଧ୍ୟତାମୂଳକ କ୍ୱାରାଣ୍ଟାଇନ୍ରେ ଛାଡିଥିଲା। ଏହାସହ ଅନ୍ୟମାନଙ୍କୁ ପୋଲିସ ସେମାନଙ୍କ ପରିଚୟପତ୍ର ଯାଞ୍ଚ କରି ଛାଡି ଦେଇଥିଲା। ଶଟ୍ଡାଉନ୍ ଆରମ୍ଭରୁ ଏକାଧିକ ପୋଲିସ ଭ୍ୟାନ୍ ସାଇରନ୍ ଦେଇ ସହର ଭିତରେ ପଇଁତରା ମାରିଥିଲା। ପୋଲିସ ଲୋକଙ୍କୁ ଦେଖିଲେ ତୁରନ୍ତ ଘର ଭିତରକୁ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଲୋକେ ରାସ୍ତାରୁ ହଟିବା ପରେ ପୋଲିସ ମୁଖ୍ୟଛକଠାରୁ ଆରମ୍ଭ କରି ବିଭିନ୍ନ ପ୍ରବେଶ ପଥକୁ ସିଲ୍ କରି ଦେଇଥିଲା। ପୋଲିସ ଡିଜି ଅଭୟଙ୍କ ସମେତ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ, ଅଖିଳେଶ୍ୱର ସିଂ ଓ ଅନ୍ୟ ବରିଷ୍ଠ ଅଧିକାରୀ କ୍ଷେତ୍ରସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ।

## ସୁନ୍ଦରପଦା, ଯଦୁପୁର, ...

ଚୌଧାରୀଙ୍କ ସୂଚନାନୁସାରେ, କପିଳପ୍ରସାଦରୁ ଚିହ୍ନଟ ଆକ୍ରାନ୍ତଙ୍କ ବିଦେଶ ଗସ୍ତ ରହିଛି। ସେ ଅଷ୍ଟ୍ରେଲିଆରୁ ଆସି ଗତ ୨୨ ତାରିଖରୁ ହୋମ୍ କ୍ୱାରାଣ୍ଟାଇନ୍ରେ ଥିଲେ। ଏହାସତ୍ତ୍ୱେ ପଜିଟିଭ୍ ରିପୋର୍ଟ ଆସିଥିବାରୁ ଏହାକୁ ନେଇ ବିଏମ୍ସି ଚିନ୍ତା ପ୍ରକଟ କରିବା ସହ ଆପାତକାଳୀନ ସ୍ଥିତିରେ ଉଭୟ ଅଞ୍ଚଳକୁ ସିଲ୍ ପ୍ରକ୍ରିୟା ଆରମ୍ଭ କରିଛି। ସୁନ୍ଦରପଦାର ମ୍ୟୁନିସିପାଲ ହସ୍ପିଟାଲ ଛକରୁ କାଲୁଆଶୁଣୀ ମନ୍ଦିର, ମ୍ୟୁନିସିପାଲ ହସ୍ପିଟାଲ ଛକରୁ ସରକନ୍ତରା ନୂଆ କଲଭର୍ଟ, କାଳିଆଶୁଣୀ ମନ୍ଦିରରୁ ଟାଟା ଏସ୍ଇଟିପି ପ୍ରକଳ୍ପ ଓ ଟାଟା ଏସ୍ଇଟିପି ପ୍ରକଳ୍ପରୁ ସରକନ୍ତରା ନୂଆ କଲଭର୍ଟ ଯାଏ ଅଞ୍ଚଳକୁ ସିଲ୍ କରାଯାଇଛି। ଏହି ଅଞ୍ଚଳ ମଧ୍ୟରେ ଏବରଙ୍ଗ, କପିଳପ୍ରସାଦ ଗାଁ ରହିଛି। ସେହିପରି ବେଗୁନିଆ ପାଲାମଣ୍ଡପ ଛକରୁ ଯଦୁପୁର ଗାଁ, ପାଣି ଟାଙ୍କିଠାରୁ ଯଦୁପୁର ଗାଁ, ମୁଖ୍ୟ ରାସ୍ତା ଅଟୋଷ୍ଟାଣ୍ଡରୁ ଯଦୁପୁର ଗାଁ ଓ ଆମ୍ବେଦକର ଶିକ୍ଷା କେନ୍ଦ୍ରରୁ ଯଦୁପୁର ଗାଁକୁ ସଂଯୋଗ କରୁଥିବା ରାସ୍ତାକୁ ସିଲ୍ କରାଯାଇଛି। ଉଭୟ ଅଞ୍ଚଳକୁ ସଂଯୋଗ କରୁଥିବା ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥକୁ ବନ୍ଦ କରାଯାଇଛି। ଅନ୍ୟ ସିଲ୍ ଅଞ୍ଚଳ ପରି ଏସବୁ ଅଞ୍ଚଳରେ ମଧ୍ୟ ଲୋକଙ୍କୁ ସମସ୍ତ ସେବା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବିଏମ୍ସି ଦ୍ୱାରା ସ୍ୱତନ୍ତ୍ର ଭାବେ ଚିହ୍ନଟ କେତେଜଣ ବ୍ୟକ୍ତି ସମ୍ପୃକ୍ତ ଅଞ୍ଚଳରେ ଅତ୍ୟାବଶ୍ୟକ ସେବା ଯୋଗାଇବେ। ଦୁଆର ମୁହଁରେ ଗାଡ଼ି ପହଞ୍ଚିବ, ସେଠାରୁ ଲୋକେ ସାମଗ୍ରୀ କିଣିବେ। ଏସବୁ ପରିଚାଳନା ପାଇଁ ନୋଡାଲ ଅଫିସରଙ୍କୁ ବିଏମ୍ସି ନିୟୋଜିତ କରିଛି। ଏହି ସମୟରେ ଜନସାଧାରଣ ସଂକ୍ରମଣ ପ୍ରତି ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ଏହାବ୍ୟତୀତ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଦୈନିକ ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଔଷଧ ପ୍ରଦାନ କରିବେ ବୋଲି ସୂଚନା ଦିଆଯାଇଛି।

## ଶଟ୍ଡାଉନ୍ଠାରୁ କଡ଼ା ...

କୋଭିଡ-୧୯ର ମୁକାବିଲା କରିବାରେ ରାଜ୍ୟ ସରକାରଙ୍କ ସହଯୋଗ କରନ୍ତୁ। ପୂର୍ବରୁ ଜାରି ହୋଇଥିବା ଲକ୍ଡାଉନ ଆସନ୍ତା ୧୪ ତାରିଖ ଯାଏ ଚାଲିବ। ପୂର୍ବ ନିୟମ ଅନୁସାରେ ହିଁ ଏହା କାର୍ଯ୍ୟକାରୀ ହେବ। ଶଟ୍ଡାଉନ ସମୟରେ ଭୁବନେଶ୍ୱର, କଟକ ବାହାରେ କରୋନା ପଜିଟିଭ କେସ୍ ଚିହ୍ନଟ ହୋଇଛନ୍ତି। ଯେଉଁଥିରେ ରାଜ୍ୟ ସରକାର ତତ୍ପରତା ଦେଖାଇବା ସହ ସମ୍ପୃକ୍ତ ଅଞ୍ଚଳକୁ ସିଲ୍ କରିବା ପାଇଁ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିଛନ୍ତି। ଚିହ୍ନଟ ହୋଇଥିବା ସ୍ଥାନରୁ ସଂକ୍ରମଣ କିପରି ବାହାରକୁ ନ ଆସିବ ସେନେଇ ବ୍ୟବସ୍ଥା କରିବା ସହ ସମ୍ପୃକ୍ତ ଅଞ୍ଚଳକୁ ସିଲ୍ କରିବା ଓ ଆବଶ୍ୟକ ଅତ୍ୟାବଶ୍ୟକ ସେବା ଯୋଗାଇବା ପାଇଁ ସେମାନଙ୍କୁ କୁହାଯାଇଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

## ଅନୁପ୍ରବେଶ ଉଦ୍ୟମ...

ଅପରେଶନରେ ଶନିବାର ହିଜ୍ବୁଲ ମୁଜାହିଦ୍ଦିନ ସଙ୍ଗଠନର ୪ ଆତଙ୍କବାଦୀ ନିହତ ହୋଇଥିଲେ। ଏହାସହ ଜଣେ ଯବାନ ଶହୀଦ ହୋଇଥିବାବେଳେ ୨ ଯବାନ ଆହତ ହୋଇଥିଲେ। ରବିବାର ସେହି ଦୁଇ ଯବାନ ଶହୀଦ ହୋଇଛନ୍ତି। ସେହିପରି ରବିବାର କୁଲଗାମ୍ ଜିଲାରେ ଗୁଳି ବିନିମୟ ବେଳେ ଆଉ ୫ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ଐଜାଜ୍ ଅହମ୍ମଦ ନାଇକୋ (ମୁସା), ଶାହିଦ୍ ଅହମ୍ମଦ ମାଲିକ, ୱାକର ଫାରୁକ୍, ଏବଂ ଏମ୍. ଅଶରଫ୍ ମଲିକ (ସଦାମ)। ଏହି ଆତଙ୍କବାଦୀମାନେ ସାଧାରଣ ନାଗରିକଙ୍କୁ ହତ୍ୟା କରୁଥିଲେ। ସମ୍ପୃକ୍ତ ଅଞ୍ଚଳରେ ସେମାନଙ୍କ ଉପସ୍ଥିତି ନେଇ ସୂଚନା ମିଳିବା ପରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍ପିଏଫ୍) ଏବଂ ସ୍ପେଶାଲ ଅପରେଶନ ଗ୍ରୁପ୍ (ଏସ୍ଓଜି) ପକ୍ଷରୁ କୁଲଗାମ୍ରେ ମିଳିତ ତଲାସି ଅଭିଯାନ ଚାଲିଥିଲା।

# ପିତାଙ୍କ ମୃତଦେହକୁ କାନ୍ଧ ଦେଲେ ୫ କନ୍ୟା

ଲକ୍ଷ୍ନୌ, ୫।୪: କରୋନା ସଂକ୍ରମଣକୁ ରୋକିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୧ଦିନିଆ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହାଯୋଗୁ ବିଭିନ୍ନ କ୍ଷେତ୍ର ବେଶ୍ ପ୍ରଭାବିତ ହୋଇଛି। ଲୋକମାନେ ମଧ୍ୟ ଅନେକ ସମସ୍ୟା ଭୋଗୁଛନ୍ତି। ଲକ୍‌ଡାଉନ କାରଣରୁ ଚିକିତ୍ସା ସୁବିଧା ନ ପାଇ ଉତ୍ତରପ୍ରଦେଶ ରାଜ୍ୟ ଆଲିଗଡ଼ର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସୟ କୁମାର। ତେବେ ସବୁଠାରୁ ବଡ଼କଥା ହେଲା ସୟଙ୍କ ମୃତ୍ୟୁ ପରେ ତାଙ୍କର ୫ଜଣ କନ୍ୟା ତାଙ୍କୁ କାନ୍ଧ ଦେଇଥିଲେ। ୪୫ବର୍ଷୀୟ ସୟ ଜଣେ ଚା ବିକାଳି। ସେ ବନଦେବୀ ଥାନା ଅନ୍ତର୍ଗତ ନୁମାଇସ୍ ମୈଦାନରେ ବାସ କରୁଥିବାବେଳେ ୬ମାସ ହେଲା ଟିବିରେ ପୀଡ଼ିତ ଥିଲେ। ସୟଙ୍କ ମୃତଦେହକୁ ତାଙ୍କ ଝିଅମାନେ କାନ୍ଧରେ ବୋହି ନେଉଥିବାର ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ଆଣ୍ଟି-ପାରାସାଇଟ୍‌ରେ ନଷ୍ଟ ହେଲା କୋଭିଡ୍-୧୯

ନୂଆଦିଲ୍ଲୀ/ମେଲବୋର୍ନ, ୫।୪: କରୋନା ସଂକ୍ରମଣ ନେଇ ସାରା ପୃଥିବୀରେ ଅଚଳାବସ୍ଥା ଦେଖାଦେଇଛି। ତେବେ କରୋନା ଭୂତାଣୁ (କୋଭିଡ୍-୧୯)କୁ ମାତ୍ର ୪୮ ଘଣ୍ଟାରେ ନଷ୍ଟ କରାଯାଇଥିବା ଭଳି ଏକ ଭଲ ଖବର ମିଳିଛି। ଅଷ୍ଟ୍ରେଲିଆର ବୈଜ୍ଞାନିକ ଏଭଳି ଚମତ୍କାର କରି ଦେଖାଇଛନ୍ତି। ଏକ ଆଣ୍ଟି-ପାରାସାଇଟ୍ ଔଷଧର ଉପଯୋଗ ଦ୍ୱାରା ବୈଜ୍ଞାନିକ ଏଭଳି ସଫଳତା ହାସଲ କରିପାରିଛନ୍ତି। ଏ ନେଇ ଏକ ରିପୋର୍ଟ ଆଣ୍ଟିଭାଇରାଲ ପତ୍ରିକାରେ ପ୍ରକାଶ ପାଇଛି। ଇଭରମେକ୍ଟିନ୍ ଆଣ୍ଟି-ପାରାସାଇଟ୍ ଔଷଧ ବ୍ୟବହାର ଦ୍ୱାରା କରୋନା ଭୂତାଣୁ ନଷ୍ଟ ହୋଇଥିବା କୁହାଯାଉଛି। ଏହି ଔଷଧ କରୋନା ଭୂତାଣୁର ଆର୍‌ଏନ୍‌ଏ ସହିତ ଅନ୍ୟ ପରଜୀବୀ ଆର୍‌ଏନ୍‌ଏକୁ ସହଜରେ ନଷ୍ଟ କରିପାରିବ। ଏବେ ଏହା ଉପରେ ଅଧିକ ପରୀକ୍ଷାନିରୀକ୍ଷା ଜାରି ରହିଛି।



# ପ୍ରକୃତ ରୂପକୁ ଫେରୁଛି ପ୍ରକୃତି

ନୂଆଦିଲ୍ଲୀ: କୋଭିଡ୍-୧୯କୁ ନେଇ ସୃଷ୍ଟି ହୋଇଛି ହାହାକାର ପରିସ୍ଥିତି। ଏହାକୁ ନେଇ ଅବ୍ୟବସ୍ଥିତ ହୋଇପଡ଼ିଛି ସାରା ବିଶ୍ୱ। ସଂକ୍ରମଣ ରୋକିବାକୁ ଭାରତ ଏବେ ୨୧ଦିନିଆ ଲକ୍‌ଡାଉନ୍‌ରେ। ଇତିହାସରେ ପ୍ରଥମ ଥର ପାଇଁ ଏପରି କଟକଣା ଲାଗୁ କରାଯାଇଛି। ଫଳରେ ଏବେ ଅଟକି ଯାଇଛି ସାରା ଦେଶ। ହେଲେ କରୋନା ପ୍ରକୃତି ପାଇଁ ବରଦାନ ସାଜିଛି । ମନୁଷ୍ୟର ଅତ୍ୟଧିକ ହସ୍ତକ୍ଷେପ ପରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ପ୍ରକୃତି ନିଜକୁ ପୁଣି ଥରେ ସଜାଡ଼ିବା ଆରମ୍ଭ କରିଛି। ବାୟୁରେ କମିଗଲାଣି ପ୍ରଦୂଷଣ। ପ୍ରଦୂଷିତ ନଦୀ ଜଳରେ ଫେରିଲାଣି ସ୍ୱଚ୍ଛତା। କରୋନା ପ୍ରଭାବରେ ହୋଇଥିବା ବନ୍ଦ ମଣିଷଙ୍କ ପାଇଁ ବିଷମ ପରିସ୍ଥିତି ସୃଷ୍ଟି କରିଥିବାବେଳେ ପ୍ରକୃତି କିନ୍ତୁ ନିଜ ରୂପକୁ ଫେରିବା ଆରମ୍ଭ କରିଛି।

ମାର୍ଚ୍ଚ ୨୪ରୁ ଦେଶରେ ଲାଗୁ ହୋଇଛି ଲକ୍‌ଡାଉନ। ଦେଶର ୧୩୦କୋଟି ଜନସାଧାରଣଙ୍କ ଜୀବନ ଘରର ଚାରିକାନ୍ଥ ଭିତରେ ସୀମିତ ହୋଇଯାଇଛି। କଳକାରଖାନା, ଦୋକାନବଜାର ସବୁ କିଛି ବନ୍ଦ ଅଛି। ଏହାର ପ୍ରଭାବରେ ଭାରତର ବୃହତ୍ତମ ନଦୀ ଗଙ୍ଗା ସ୍ୱଚ୍ଛ ହେଉଛି। ବାରଣାସୀରେ ଅବିରାମ ଗତିରେ ପ୍ରବାହିତ ଗଙ୍ଗାର ନିର୍ମଳ ଧାରା ପାଲଟିଛି ଏହାର ମୂକସାକ୍ଷୀ। ଯେଉଁ ନଦୀଗୁଡ଼ିକୁ ପ୍ରଦୂଷଣମୁକ୍ତ କରିବା ଲାଗି ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ତାହାକୁ ସଫଳ କରୁଛି ଲକ୍‌ଡାଉନ୍।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ତଥ୍ୟ ଅନୁଯାୟୀ, ଗଙ୍ଗାନଦୀ କୂଳରେ ଗଢ଼ି ଉଠିଥିବା କମ୍ପାନୀର ବର୍ଜ୍ୟଜଳ ଏହାର ପାଣିକୁ ପ୍ରଦୂଷିତ କରୁଛି। ନଦୀର ପ୍ରଦୂଷଣ ମାତ୍ରା ଏତେ ବଢ଼ିଯାଇଥିଲା ଯେ, ତାହା ବ୍ୟବହାର ଅନୁପଯୋଗୀ ବୋଲି ବିଚାର କରାଯାଉଥିଲା। ହେଲେ ନିକଟରେ କରାଯାଇଥିବା ପରୀକ୍ଷଣରୁ ଗଙ୍ଗାନଦୀରେ ଚିହ୍ନଟ କରାଯାଇଥିବା ୩୬ସ୍ଥାନ ମଧ୍ୟରୁ ୨୭ଟିରେ ପାଣିର ଗୁଣବତ୍ତା ପୂର୍ବାପେକ୍ଷା ଯଥେଷ୍ଟ ପରିମାଣରରେ ବୃଦ୍ଧି ପାଇଛି। ଏସବୁ ସ୍ଥାନରେ ଜଳଚରଜୀବଙ୍କ ଉପସ୍ଥିତ ମଧ୍ୟ ଦେଖିବାକୁ ମିଳିଛି, ଯାହା ମତ୍ସ୍ୟଚାଷ ପାଇଁ ଅନୁକୂଳ ସାବ୍ୟସ୍ତ ହେବ। ସାଧାରଣତଃ ଏପ୍ରିଲ ମାସରେ ଗଙ୍ଗାନଦୀର ଜଳସ୍ତର ହ୍ରାସ ପାଇଥାଏ। ଏହାର ସ୍ରୋତ ଅପେକ୍ଷାକୃତ କମିଯାଇଥାଏ। ହେଲେ ଲକ୍‌ଡାଉନ୍ ଯୋଗୁ ଏହାର ଜଳସ୍ତର ବୃଦ୍ଧି ପାଉଥିବା ଜଣାପଡ଼ିଛି। କେବଳ ଗଙ୍ଗାନୁହେଁ ଅନ୍ୟତମ ବୃହତମ ନଦୀ ଯମୁନାରେ ମଧ୍ୟ ସମାନ କଥା ଦେଖିବାକୁ ମିଳିଛି। ପୂର୍ବରୁ ମାତ୍ରାଧିକ ପ୍ରଦୂଷଣ ଯୋଗୁ ନଦୀ ଜଳରେ ଧଳାଫେଣ ସୃଷ୍ଟି ହେଉଥିଲା। ଏହା ପିଇବା ତ ଦୂରର କଥା ସ୍ନାନ କରିବାକୁ ମଧ୍ୟ ଅନୁପଯୋଗୀ ବୋଲି ବିଚାର କରାଯାଉଥିଲା। କରୋନା ପାଇଁ ହୋଇଥିଲା ଲକ୍‌ଡାଉନ ପରେ ଏଥିରେ ସୁଧାର ଆସିଥିବା ସିପିସିବି ପକ୍ଷରୁ କୁହାଯାଇଛି।

କେବଳ ଏତିକି ନୁହେଁ, ଦିଲ୍ଲୀ-ଏନ୍‌ସିଆରବାସୀଙ୍କ ପାଇଁ ଶୁଦ୍ଧବାୟୁ ସ୍ୱପ୍ନ ପାଲଟିଥିଲା। ହେଲେ ଏବେ ବାୟୁରେ ଶୁଦ୍ଧତା ବଢ଼ିଛି। ଏଠାକାର ବାୟୁର ଗୁଣବତ୍ତା ଅନ୍ତର୍ଜାତୀୟ ଇଣ୍ଡେକ୍ସ ଭିତରକୁ ଆସିଛି, ଯାହା ଆଗାମୀ ଭବିଷ୍ୟତ ପାଇଁ ଶୁଭସଙ୍କେତ। ସେହିପରି ପଞ୍ଜାବର ଜଳନ୍ଧର ଆକାଶରେ ସ୍ୱଚ୍ଛତା ଆସିଛି। ଜଳନ୍ଧରରୁ ବରଫାବୃତ ହିମାଳୟ ପର୍ବତର ଅପରୂପ ସୌନ୍ଦର୍ଯ୍ୟ ଦେଖିବାକୁ ମିଳିଛି। ଏହାକୁ ସୋସିଆଲ ମିଡିଆ ୟୁଜରମାନେ ବହୁସଂଖ୍ୟାରେ ପସନ୍ଦ କରୁଛନ୍ତି।

# ଚଳିତ ବର୍ଷ ୧୬ରୁ ଅଧିକ ସାମୁଦ୍ରିକ ଝଡ଼

ୱାଶିଂଟନ, ୪।୪-କରୋନା ସଂକ୍ରମଣରୁ ରକ୍ଷା ପାଇବା ଲାଗି ବିଶ୍ୱବାସୀ ବାଟ ପାଉ ନ ଥିବାବେଳେ କଲୋରାଡୋ ବିଶ୍ୱବିଦ୍ୟାଳୟର ପାଣିପାଗ ବିଭାଗର ତଥ୍ୟ ଚିନ୍ତା ବଢ଼ାଇ ଦେଇଛି। ବିଭାଗ ପକ୍ଷରୁ କୁହାଯାଇଛି, ୨୦୨୦ରେ ୧୬ରୁ ଅଧିକ ସାମୁଦ୍ରିକ ଝଡ଼ ପୃଥିବୀ ଉପରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ। ଆଟଲାଣ୍ଟିକ୍ ମହାସାଗର ଉପରେ ପ୍ରବାହିତ ବାୟୁର ଗତିରୁ ଏପରି ପୂର୍ବାନୁମାନ କରାଯାଇଛି। ସମ୍ଭାବ୍ୟ ବାତ୍ୟା ମଧ୍ୟରେ ୮ ହରିକେନ୍ ରହିଥିବା ଅନୁମାନ କରାଯାଇଛି। ସେଥିରୁ ୪ଟି ବେଶ୍ ଶକ୍ତିଶାଳୀ ହେବ। ଏହାଦ୍ୱାରା ସାମୁଦ୍ରିକ ଉପକୂଳବର୍ତ୍ତୀ ଦେଶରେ ବ୍ୟାପକ କ୍ଷତି ହେବା ଆଶଙ୍କା ରହିଛି। ଜୁନ୍ ୧ରୁ ନଭେମ୍ବର ୩୦ ମଧ୍ୟରେ ଏସବୁ ସାମୁଦ୍ରିକ ଝଡ଼ ହେବାର ସମ୍ଭାବନା ଥିବା ପୂର୍ବାନୁମାନ କରାଯାଇଛି। ସାମୁଦ୍ରିକ ଝଡ଼ ଯୋଗୁ ଆମେରିକାରେ ୬୯ ପ୍ରତିଶତ ଭୂସ୍ଖଳନ ହେବାର ଆଶଙ୍କା ଥିବା ପାଣିପାଗ ବିଭାଗ କହିଛି।

# ଉହାନର ୬୩% ଡାକ୍ତର, ନର୍ସ ମାନସିକ ରୋଗୀ

ବେଜିଂ, ୫।୪-ଚାଇନାରୁ ଆରମ୍ଭ ହୋଇଥିବା କରୋନା ସଂକ୍ରମଣ ଏବେ ସାରା ପୃଥିବୀରେ ଆତଙ୍କ ସୃଷ୍ଟି କରିଛି। ତେବେ ଉହାନରେ ସଂକ୍ରମିତଙ୍କ ଚିକିତ୍ସା କରିଥିବା ୬୩% ଡାକ୍ତର ଏବଂ ନର୍ସ ମାନସିକ ରୋଗର ଶିକାର ହୋଇଥିବା ଜଣାପଡ଼ିଛି। ଭେଣ୍ଟିଲେଟରରେ କମ୍ ସମୟ ମଧ୍ୟରେ ହଜାର ହଜାର ସଂକ୍ରମିତଙ୍କ ମୃତ୍ୟୁ ଦୃଶ୍ୟ ସେମାନଙ୍କ ମାନସିକସ୍ଥିତି ଉପରେ ନକରାତ୍ମକ ପ୍ରଭାବ ପକାଇଥିବା କୁହାଯାଉଛି। କରୋନା ସଂକ୍ରମିତଙ୍କ ଚିକିତ୍ସା କରିଥିବା ୧୭.୫ ପ୍ରତିଶତ ଡାକ୍ତର ଏବଂ ନର୍ସ ମନୋବିଜ୍ଞାନୀଙ୍କ ପାଖକୁ ଯାଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଉହାନରେ ୯୯୪ ଜଣ ଡାକ୍ତର ଏବଂ ନର୍ସଙ୍କ ଉପରେ ହୋଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି। ସେମାନଙ୍କୁ ସ୍ୱାଭାବିକ କରିବା ପାଇଁ ଏବେ ଚାଇନା ସରକାର ଗୁରୁତ୍ୱ ଦେଉଛନ୍ତି।



# କମିଲା ପୃଥିବୀର କମ୍ପନ

ୱାଶିଂଟନ, ୫।୪-କରୋନାର ଭୟାବହତା ଏବେ ବିଶ୍ୱବାସୀଙ୍କୁ ଘରେ ନିବୁଜ ହୋଇ ରହିବାକୁ ବାଧ୍ୟ କରିଛି। ଏହାଦ୍ୱାରା କେବଳ ସାମାଜିକ ଜୀବନ ପ୍ରଭାବିତ ହୋଇଛି ତାହା ନୁହେଁ, ଗମନାଗମନ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଯାନବାହନ, ଟ୍ରେନ୍, ବିମାନ ଚଳାଚଳ ବନ୍ଦ ଯୋଗୁ ପୃଥିବୀ ପୃଷ୍ଠରେ ସୃଷ୍ଟି ହେଉଥିବା କମ୍ପନ ୩୦ରୁ ୫୦% କମିଯାଇଛି। ବେଲଜିୟମ୍‌ର ରୟାଲ ଅବଜରଭରଟୋରିର ଭୂବିଜ୍ଞାନୀଙ୍କ ଦ୍ୱାରା କରାଯାଇଥିବା ଏକ ଗବେଷଣା ରିପୋର୍ଟରେ ଏସମ୍ପର୍କିତ ବିସ୍ତୃତ ତଥ୍ୟ ପ୍ରକାଶ ପାଇଛି। ଲକ୍‌ଡାଉନ୍ ଯୋଗୁ ୪୦୦ କୋଟିରୁ ଅଧିକ ଲୋକଙ୍କ ଜୀବନ ଘରେ ବିତୁଛି। ବହୁ ଶିଳ୍ପସଂସ୍ଥା ବନ୍ଦ ରହିଛି। ମେଶିନ୍ କାର୍ଯ୍ୟ କରିବା ସମୟରେ ସୃଷ୍ଟି ହେଉଥିବା କମ୍ପନ ଆଗପରି ଆଉ ହେଉନାହିଁ ବୋଲି ଭୂବିଜ୍ଞାନୀ ଥୋମାସ୍ ଲିକୋକ୍ କହିଛନ୍ତି। ଲକ୍‌ଡାଉନ୍ ଯୋଗୁ ତେବେ ଏହାର ସକାରାତ୍ମକ ପ୍ରଭାବ ପରିବେଶ ଉପରେ ପଡୁଛି ବୋଲି ଆମେରିକା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ହୋଇଥିବା ଏକ ରିପୋର୍ଟରେ କୁହାଯାଇଛି।



# ପ୍ରସ୍ତୁତ ହେଲାଣି ୩୨ ଲକ୍ଷ ମାସ୍କ

ନୂଆଦିଲ୍ଲୀ, ୫।୪-ଭାରତରେ କରୋନା ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। କରୋନା ସଂକ୍ରମଣଠାରୁ ଦୂରେଇ ରହିବା ଲାଗି ମାସ୍କ ପିନ୍ଧିବା ଜରୁରୀ ବୋଲି ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଇତିମଧ୍ୟରେ ଦେଶରେ ୩୨ ଲକ୍ଷରୁ ଊର୍ଦ୍ଧ୍ୱ ମାସ୍କ ପ୍ରସ୍ତୁତ ହୋଇସାରିଛି। ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରୀୟ ଗ୍ରାମୀଣ ଆଜୀବିକା ମିଶନ ସହାୟତାରେ ମାସ୍କ ତିଆରି କାର୍ଯ୍ୟରେ ୩୯୯ ଜିଲାର ଏସ୍‌ଏଚ୍‌ଜି ନିୟୋଜିତ ଅଛନ୍ତି। ଦେଶର ୧୪,୫୨୨ ଏସ୍‌ଏଚ୍‌ଜିର ୬୫ ହଜାରରୁ ଅଧିକ ସଦସ୍ୟ ମାସ୍କ ତିଆରି କାମରେ ନିୟୋଜିତ ହୋଇଛନ୍ତି।



# ବସ୍ତିବାସିନ୍ଦାଙ୍କ ମୁହଁରେ ହସ ଫୁଟାଇଲେ ରକୁଲ

ଗୁରଗାଓଁ: ବିଶ୍ୱବ୍ୟାପୀ କରୋନା ଭାଇରସ୍‌ର ପ୍ରକୋପ ବଢ଼ିବାରେ ଲଗିଛି। ଭାରି ବି ଏଥିରୁ ବାଦ୍ ଯାଇନି। ଲକ୍‌ଡାଉନ୍, ସଟ୍‌ଡାଉନ୍ ଓ କର୍ଫ୍ୟୁସମ ପରିସ୍ଥିତି ଭିତରେ ଲୋକମାନେ ସମୟ ବିତାଉଛନ୍ତି। ଅନେକ ଦିନମଜୁରିଆ ଓ ଶ୍ରମିକ ଶ୍ରେଣୀର ଲୋକ କାମ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁ ଗହଳି ଓ ବସ୍ତି ବାସିନ୍ଦାଙ୍କ ଦୁଃଖ କହିଲେ ନ ସରେ। ଏମିତିକି ଅନେକ ଲୋକ ଅନାହାର ଓ ଅର୍ଦ୍ଧାହାରରେ ମଧ୍ୟ ବାସ କରୁଛନ୍ତି। ଏଭଳି ସ୍ଥିତିରେ ସହାୟତାର ହାତ ବଢ଼ାଇଛନ୍ତି ଅଭିନେତ୍ରୀ ରକୁଲ ପ୍ରୀତ୍ ସିଂ। ଗୁରଗାଓଁର ଏକ ବସ୍ତିରେ ସେ ୨୦୦ ପରିବାରକୁ ମାଗଣାରେ ଦୁଇ ଓଳା ଖାଇବାର ବ୍ୟବସ୍ଥା କରିଛନ୍ତି। ବସ୍ତିଟି ତାଙ୍କ ଘର ପାଖରେ ଥିବାରୁ ସୋସାଇଟି ଦ୍ୱାରା ଖାଦ୍ୟ ପ୍ରସ୍ତୁତ କରାଯାଇ ବସ୍ତି ଲୋକମାନଙ୍କୁ ଯୋଗାଯାଉଛି। ଭୋକିଲା ଓ ନିରାଶ୍ରୟଙ୍କ ଲାଗି ସେ ମାସ ତମାମ୍ ଏଭଳି ଦୁଇଓଳା ସେମାନଙ୍କୁ ଖାଇବା ଯୋଗାଇବେ ବୋଲି ରକୁଲ ପ୍ରକାଶ କରିଛନ୍ତି। ଯଦି ଲକ୍‌ଡାଉନ୍ ଏପ୍ରିଲ ୧୪ ପରେ ପୁଣି ବଢ଼ାଯାଏ, ତା ପରେ ବି ମୋ ପରିବାର ସେମାନଙ୍କୁ ଦୁଇଓଳି ଆହାର ଯୋଗାଇଦେବ ବୋଲି ସେ କହିଛନ୍ତି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଅଭାବୀ ଲୋକମାନଙ୍କ ପ୍ରତି ସହଯୋଗର ହାତ ବଢ଼ାଇବାକୁ ସେ ଅନ୍ୟମାନଙ୍କୁ ଅନୁରୋଧ କରିଛନ୍ତି। ସେମାନଙ୍କ ମୁହଁରେ ହସଦେଖିବା ମୋତେ ବହୁତ ଆନ୍ଦ ଦେଇଛି ବୋଲି ମଧ୍ୟ ସେ ପ୍ରକାଶ କରିଛନ୍ତି। ସହଯୋଗ ଲାଗି ରକୁଲ ନିଜ ବାପା-ମା' ଓ ପରିବାର ଲୋକଙ୍କୁ ଟୁଇଟ କରି ସାଧୁବାଦ ଜଣାଇଛନ୍ତି।



ରକୁଲ ପ୍ରୀତ୍ ସିଂ

# କରୋନା କଟକଣା: ୪୫୦ କୋଟି ଲୋକ ଗୃହବନ୍ଦୀ

ନୂଆଦିଲ୍ଲୀ/ୱାଶିଂଟନ, ୫।୪-ପୃଥିବୀର ୨୦୫ ଦେଶରେ କରୋନା ସଂକ୍ରମଣ ଯୋଗୁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହୋଇଛି। ନାଗରିକଙ୍କ ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ଦେଶର ସରକାରଙ୍କ ପକ୍ଷରୁ ଲକ୍‌ଡାଉନ୍ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହାଯୋଗୁ ୯୦ ଦେଶର ୪୫୦ କୋଟିରୁ ଅଧିକ ଲୋକ ଗୃହବନ୍ଦୀ ଜୀବନ କାଟୁଛନ୍ତି। କେତେକେ ଦେଶରେ ଲକ୍‌ଡାଉନ୍‌ର ଉଲ୍ଲଂଘନକାରୀଙ୍କୁ ବଡ଼ ରକମର ଜରିମାନା ଲଗାଯାଉଛି। ଆଉ କେତେକ ଦେଶରେ ଜେଲ୍‌ଦଣ୍ଡ ସହ ଗୁଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କରୋନା ମୃତ୍ୟୁ ସଂଖ୍ୟାରେ ଶୀର୍ଷରେ ଥିବା ଇଟାଲୀରେ ଘରୁ ବାହାରୁଥିବା ଲୋକଙ୍କଠାରୁ ୨.୫ ଲକ୍ଷରୁ ୪ ଲକ୍ଷ ଯାଏ ଜରିମାନା ଆଦାୟ କରାଯାଉଛି। ଦେଶରେ ଇତି ମଧ୍ୟରେ ୪୦ ହଜାର ଜଣଙ୍କଠାରୁ ଏପରି ଜରିମାନାଦଣ୍ଡ ଲଗାଯାଇଛି। ରୁଷିଆରେ କ୍ୱାରାଣ୍ଟାଇନ୍ ନିୟମ ଭାଙ୍ଗିଲେ ୭ବର୍ଷ ଜେଲ୍ ଏବଂ କରୋନା ସଂକ୍ରମଣ ହୋଇଥିବା ଲୁଚାଇଲେ ୩ ବର୍ଷ ଜେଲ୍ ଦଣ୍ଡାଦେଶ ଆଇନ ପ୍ରଚଳନ କରାଯାଇଛି। ଫିଲିପାଇନ୍ସରେ ଲକ୍‌ଡାଉନ୍ ଉଲ୍ଲଂଘନ କରାଗଲେ ଗୁଳି ମାରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଅଷ୍ଟ୍ରିଆରେ ଘରୁ ବାହାରିଲେ



ମାସ୍କ ପିନ୍ଧିବାକୁ ଆଇନ ଜାରି ହୋଇଛି। ସୌଦିରେ ଘରୁ ବାହାରିଲେ ୧କୋଟି ଟଙ୍କା ଜରିମାନା ଏବଂ ସଂକ୍ରମଣ ତଥ୍ୟ ଲୁଚାଇଲେ ୯୩ ଲକ୍ଷ ଟଙ୍କାର ଜରିମାନା ଦେବାକୁ ନିୟମ କରାଯାଇଛି। ପାନାମାରେ ମହିଳାମାନେ ସପ୍ତାହର ସୋମ, ବୁଧ ଏବଂ ଶୁକ୍ରବାର ବାହାରକୁ ବାହାରି ପାରିବେ। ସେହିପରି ପୁରୁଷମାନେ ରବି, ମଙ୍ଗଳ, ଗୁରୁ ଏବଂ ଶନିବାର କେବଳ ୨ ଘଣ୍ଟା ପାଇଁ ବାହାରକୁ ବାହାରି ପାରିବେ ବୋଲି ଆଇନ ଜାରି ହୋଇଛି। କଲମ୍ବିଆରେ ଆଇଡି ନମ୍ବର ଆଧାରରେ ଲୋକେ ସପ୍ତାହର ନିର୍ଦ୍ଦିଷ୍ଟ ବାରରେ ଘରୁ ବାହାରି ପାରିବେ ବୋଲି ଆଇନ ପ୍ରଚଳନ କରାଯାଇଛି। ୦, ୪, ୭ ଆଇଡି ନମ୍ବର ଥିବା ବ୍ୟକ୍ତି ସୋମବାର ବାହାରକୁ ବାହାରି ପାରିବେ। ସେହିଭଳି ଅନ୍ୟ ଆଇଡି ଥିବା ବ୍ୟକ୍ତି ଭିନ୍ନ ଭିନ୍ନ ବାରରେ ବାହାରକୁ ଆସିପାରିବେ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। କରୋନା ପାଇଁ ଏପରି ଅଜବ ନିୟମ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

# କୋଭିଡ୍-୧୯: ଇଟାଲୀ ସୁପର ସ୍ପ୍ରେଡର

ୱାଶିଂଟନ, ୫।୪: କରୋନା ସଂକ୍ରମଣ ସମଗ୍ର ମାନବଜାତି ପାଇଁ ବିପଦ ସୃଷ୍ଟି କରିଛି। ଚାଇନାର ଉହାନସ୍ଥିତ ମାଂସ ବଜାରରୁ ଏହାର ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ସୁପର ସ୍ପ୍ରେଡର ପାଲଟିଥିଲା ଇଟାଲୀ। ଇଟାଲୀ ଦ୍ୱାରା ୫୦ରୁ ଊର୍ଦ୍ଧ୍ୱ ଦେଶକୁ କୋଭିଡ୍-୧୯ ବ୍ୟାପିଥିବା ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସମ୍ପୃକ୍ତ ସଂକ୍ରମିତ ଦେଶରେ ଇଟାଲୀ ଫେରନ୍ତାଙ୍କ ନିକଟରେ ହିଁ ପ୍ରଥମେ କରୋନା ଭୂତାଣୁ ଚିହ୍ନଟ ହୋଇଥିଲା। ଉହାନରୁ ରୋମ୍‌ର ଦୂରତା ୮ ହଜାର କିଲୋମିଟରରୁ ଅଧିକ। ତଥାପି ସମଗ୍ର ଇଟାଲୀ ଏବେ କରୋନା କବଳରେ। ଏଠାରେ ଜାନୁୟାରୀ ୩୧ରେ ପ୍ରଥମେ ୨ଜଣଙ୍କ ନିକଟରେ ଭୂତାଣୁ ଚିହ୍ନଟ ହୋଇଥିଲା। ସେମାନେ ଥିଲେ ଚାଇନା ଫେରନ୍ତା ପର୍ଯ୍ୟଟକ। ଏହାପରେ ହଠାତ୍ ସାମୂହିକ ସଂକ୍ରମଣରେ ସଂକ୍ରମିତ ହୋଇଥିଲେ ହଜାର ହଜାର ଲୋକ। କରୋନାର ଭୟାବହତାକୁ ଅନୁମାନ କରି ଅନେକ ଦେଶ ବିମାନ ଉଡ଼ାଣ ବନ୍ଦ କରିଦେଇଥିଲେ। ତେବେ ଏହାକୁ ଇଟାଲୀ ଅଣଦେଖା କରିଥିଲା। ଏପରି କି ବହୁ ବଳମ୍ବରେ ମାର୍ଚ୍ଚ ୧୬ରେ ଇଟାଲୀ ବିମାନ ଉଡ଼ାଣ ଉପରେ ରୋକ ଲଗାଇଥିଲା। ସେତେବେଳକୁ ଗୋଷ୍ଠୀଗତ ସଂକ୍ରମଣ ଚରମ ସୀମାରେ ପହଞ୍ଚି ସାରିଥିଲା। ସରକାରଙ୍କ ଦାୟିତ୍ୱହୀନତା, ବିଳମ୍ବିତ ପଦକ୍ଷେପ ଏବଂ ଜନସଂଖ୍ୟାରେ ସାନ୍ଦ୍ରତା ଇଟାଲୀରେ ଗୋଷ୍ଠୀ ସଂକ୍ରମଣକୁ ଆହୁରି ସହଜ କରିଦେଇଥିବା ରିପୋର୍ଟରେ ଦର୍ଶାଯାଇଛି। ଇଟାଲୀର ହେୟଜ୍ଞାନ ଯୋଗୁ ୟୁରୋପ, ଏସିଆ, ଆଫ୍ରିକା, ଆମେରିକାର ବହୁ ଅଞ୍ଚଳକୁ କରୋନା ବ୍ୟାପିଥିବା ଉକ୍ତ ରିପୋର୍ଟରେ କୁହାଯାଇଛି।

ଧରିତ୍ରୀ DHARITRI
ସୋମବାର, ୬ ଏପ୍ରିଲ, ୨୦୨୦

ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା- ସଂକୀର୍ଣ୍ଣତା ଓ ସ୍ଥଳଦର୍ଶିତା। ବିସ୍ତୃତ ଦିଗବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ। ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚକର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ। -ଶ୍ରୀଅରବିନ୍ଦ



# କ୍ରୋଧ ସୃଷ୍ଟିକାରୀ

କେତେକ ବିଶେଷ ପରିସ୍ଥିତିରେ ସମଗ୍ର ମଣିଷ ଜାତିକୁ ଏକାଠି ହେବାକୁ ପଡ଼ିଥାଏ। ଆଜିର ସ୍ଥିତିରେ ସମ୍ମିଳିତ ଉଦ୍ୟମ ନ ହେଲେ କରୋନା ମହାମାରୀକୁ ଜିତିବା ସମ୍ଭବ ନୁହେଁ। ଦିନ ଯେତିକି ଗଡ଼ି ଚାଲିଛି ଭାରତରେ କୋଭିଡ୍-୧୯ ଯୋଗୁ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ଆରମ୍ଭ କରିଛି। ଏହା ବିତୁଥିବା ସମୟ ପାଇଁ ନା ଅଧିକ ପରୀକ୍ଷାର ଫଳ ମିଳୁଛି, ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ। ଭାରତରେ ଦେଖାଦେଇଥିବା ସମୁଦାୟ କୋଭିଡ୍ ସଂକ୍ରମଣର ପ୍ରାୟ ୫୦ ପ୍ରତିଶତ ନୂଆଦିଲ୍ଲୀର ନିଜାମୁଦ୍ଦିନ ଅଞ୍ଚଳରେ ହୋଇଥିବା ତବଲିଘି ଜମାତ ଧର୍ମସଭାରେ ଯୋଗଦେଇଥିବା ସଂଖ୍ୟାଲଘୁ ସମ୍ପ୍ରଦାୟ ବ୍ୟକ୍ତିଙ୍କ ଦ୍ୱାରା ବ୍ୟାପିଥିବା ରିପୋର୍ଟ ପ୍ରକାଶ ପାଇଛି। ଏହାଠାରୁ ଅଧିକ ଗମ୍ଭୀର ବିଷୟ ହେଉଛି ଯେ, ଏମାନଙ୍କ ମଧ୍ୟରୁ ଅଧିକାଂଶ କରୋନା ଭୂତାଣୁ ଆକ୍ରାନ୍ତ ହୋଇ ବିଭିନ୍ନ ହସ୍ପିଟାଲରେ କ୍ୱାରାଣ୍ଟାଇନ୍ ବା ଏକାନ୍ତବାସରେ ରହୁଥିବା ବେଳେ ସେମାନେ ସେଠାକାର ନର୍ସ ଓ ଡାକ୍ତରଙ୍କ ଉପରକୁ ଛେପ ପକାଉଥିବା ଖବର ଶୁଣିବାକୁ ମିଳିଛି। ଏପରି କି ଭଲ ଖାଦ୍ୟ ଲାଗି ଦାବିକରି ପରଷା ଯାଇଥିବା ଖାଦ୍ୟକୁ ସେବିକାମାନଙ୍କ ଉପରକୁ ଫୋପାଡ଼ିଛନ୍ତି। ହସ୍ପିଟାଲ ରେଲିଂ ଉପରେ କେତେକେ ଛେପ ପକାଉଥିବାର ଭିଡିଓ ମଧ୍ୟ ଭାଇରାଲ ହୋଇଛି। ବାସ୍ତବରେ ଏଭଳି ବ୍ୟବହାର ଅତ୍ୟନ୍ତ ନିନ୍ଦନୀୟ। ସମ୍ଭବତଃ ଏ କଥାକୁ ହୃଦୟଙ୍ଗମ କରି ଅବସରପ୍ରାପ୍ତ ଓ କାର୍ଯ୍ୟରତ ପ୍ରାୟ ୮୦ ଜଣ ମୁସଲିମ୍ ଆଇଏଏସ୍ ଏବଂ ଆଇପିଏସ୍ ଅଫିସର ଏବେ ନିଜ ସମ୍ପ୍ରଦାୟକୁ ନିବେଦନ କରି କହିଛନ୍ତି ଯେ, ସମସ୍ତେ ସାମାଜିକ ଦୂରତ୍ୱ ବଜାୟ ରଖନ୍ତୁ। ଏଥିସହିତ ଏହି ଭୂତାଣୁ କିଭଳି ନ ବ୍ୟାପିବ ସେଦିଗରେ ସମସ୍ତେ ଚେଷ୍ଟା କରିବା ଦରକାର। କେତେକ ଅଞ୍ଚଳରେ ପୋଲିସ ତା' କାର୍ଯ୍ୟ ସମ୍ପାଦନ କରିବାକୁ ଯାଇଥିବା ବେଳେ କିଛି ବ୍ୟକ୍ତି ପୋଲିସ ଉପରକୁ ଇଟା ଓ ପଥର ଫିଙ୍ଗିଥିବା ବିଷୟ ମଧ୍ୟ ପଦାକୁ ଆସିଛି। ତେଣୁ ଉକ୍ତ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀମାନେ ଏହାକୁ ନାପସନ୍ଦ କରି ସମସ୍ତେ କୋଭିଡ୍-୧୯କୁ ପ୍ରତିହତ କରିବା ସକାଶେ ଦାୟିତ୍ୱବାନ୍ ହେବାକୁ କହିଛନ୍ତି। ଯେଉଁଭଳି ଭାବେ ଏହି ଅଫିସରମାନେ ସେମାନଙ୍କ ସମ୍ପ୍ରଦାୟକୁ ନିବେଦନ କରିଛନ୍ତି, ତାହା ସମ୍ଭବତଃ ସ୍ୱାଧୀନ ଭାରତ ଇତିହାସରେ ପ୍ରଥମ ଥର ପାଇଁ ଘଟିଛି। ଶାହା ବାନୋ ଘଟଣା ସମେତ ଯେତେ ହିଂସା ଘଟିଛି, ଯଥା-ବମ୍ବେର ୨୬/୧୧ ଆକ୍ରମଣ, ଦିଲ୍ଲୀ, ହାଇଦ୍ରାବାଦ ଏବଂ ଦେଶର ବିଭିନ୍ନ ସ୍ଥାନରେ ବୋମା ବିସ୍ଫୋରଣ ବାରମ୍ବାର ଘଟୁଥିବା ବେଳେ ମୁସଲମାନ ସମ୍ପ୍ରଦାୟର କୌଣସି ମୁରବି କେବେହେଲେ ନିରୀହଙ୍କ ମୃତ୍ୟୁ ପ୍ରତି ସମବେଦନା ଜଣାଇବା ସହିତ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ନିନ୍ଦା କରିନାହାନ୍ତି।

ରାଜନୀତି, ଧର୍ମ ବା ଭିନ୍ନ ମତବାଦ ନିର୍ବିଶେଷରେ ସମସ୍ତଙ୍କ ପାଇଁ କୋଭିଡ୍-୧୯ ଏକ ବିପଦ ଭାବେ ଉଭା ହୋଇଛି। ଦେଶବ୍ୟାପୀ ଲକ୍‌ଡାଉନ୍ ଓ ସ୍ଥଳବିଶେଷରେ କେତେକ ଅଞ୍ଚଳରେ ଶଟ୍‌ଡାଉନ୍ କରାଯାଇ ସଂକ୍ରମଣକୁ କମାଇବା ପାଇଁ ଭାରତ ସରକାରଙ୍କଠାରୁ ଆରମ୍ଭକରି ରାଜ୍ୟ ସରକାରଗୁଡ଼ିକ ବିହିତ ପଦକ୍ଷେପ ନେଉଛନ୍ତି। ଯେତେବେଳେ ଆମେରିକା ଭଳି ବିଶ୍ୱର ସର୍ବଶକ୍ତିମାନ୍ ଦେଶ ଏହି ଭୂତାଣୁ ସମ୍ମୁଖରେ ଆଣ୍ଠେଇ ପଡ଼ିଲାଣି, ସେତେବେଳେ ଜନବହୁଳ ଭାରତବର୍ଷରେ ସଂକ୍ରମଣ ସ୍ତର ନିୟନ୍ତ୍ରଣ ମଧ୍ୟରେ ରହିବା ଏକ ସକାରାତ୍ମକ ସଂକେତ ଦେଉଛି। ଏହି ଦେଶରେ ବିଭିନ୍ନ ଧର୍ମର ଲୋକ ନିଜ ଭଗବାନ ବା ବିଶ୍ୱାସକୁ ସମ୍ମାନ ଦେଇ ଚାଲିଛନ୍ତି। ବିବିଧତା ମଧ୍ୟରେ ଏକତା ହେଉଛି ଭାରତର ମୂଳମନ୍ତ୍ର। ତେବେ କରୋନା ଭଳି ଭୂତାଣୁ ବ୍ୟାପିବା ଭୟରେ ଆଜି ଭାରତର ପ୍ରତ୍ୟେକ ଧର୍ମପୀଠକୁ ବନ୍ଦ କରିଦିଆଯାଇଛି। କୌଣସି ଧର୍ମର ଠାକୁର ଏହି ଭୂତାଣୁ କବଳରୁ ମଣିଷକୁ ବଞ୍ଚାଇ ପାରୁନାହାନ୍ତି ବୋଲି ଚର୍ଚ୍ଚା ହେଉଛି। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ସାମାଜିକ ଦୂରତ୍ୱ ଓ ପ୍ରତିଷେଧକ ବ୍ୟବସ୍ଥା ଅଧିକ ଗୁରୁତ୍ୱ ରଖୁଛି। ଏଭଳିସ୍ଥଳେ ତବଲିଘି ଜମାତ ଧର୍ମସଭା ଆୟୋଜନ କରାଯିବାର କୌଣସି ଯଥାର୍ଥତା ନ ଥିଲା ବୋଲି ସେହି ଧର୍ମର କେତେକ ବିଶ୍ୱାସୀ ମତ ଦେଇଛନ୍ତି। କୋଭିଡ୍-୧୯ ରିପୋର୍ଟ ଅନୁଯାୟୀ ଭାରତରେ ସଂକ୍ରମିତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ପାଖାପାଖି ୫୦ ପ୍ରତିଶତ ତବଲିଘି ଜମାତରେ ଯୋଗ ଦେଇଥିବା ଲୋକଙ୍କ ଦ୍ୱାରା ହୋଇଛି। ତେବେ ଏଭଳି ଏକ କାର୍ଯ୍ୟକ୍ରମ ନେଇ ସର୍ବନିମ୍ନ ଖବର ପାଇବାରେ କେନ୍ଦ୍ର ସରକାରଙ୍କ ଅଧୀନ ଦିଲ୍ଲୀ ପୋଲିସର ବିଫଳତା ଓ ଦିଲ୍ଲୀର କେଜ୍‌ରିୱାଲ ସରକାର ସେଠାରେ ହେଉଥିବା ଧର୍ମସଭା ବିଷୟରେ କିଛି ନ ଜାଣିପାରିବା ପରିସ୍ଥିତିକୁ ଅଧିକ ଜଟିଳ କରିପକାଇଛି ବୋଲି କୁହାଯାଉଛି।

କରୋନା ଭୂତାଣୁ ଯେବେଠାରୁ ଗଣମାଧ୍ୟମରେ ସମ୍ପୂର୍ଣ୍ଣ ଦୃଷ୍ଟି ଆକର୍ଷଣ କଲାଣି, ସେବେଠାରୁ ହିନ୍ଦୁ, ମୁସଲମାନ କିମ୍ବା ଅନ୍ୟ କୌଣସି ବିଭେଦକାରୀ ଖବର ଲୋକଲୋଚନରୁ ଦୂରେଇ ରହିଥିଲା। ତବଲିଘି ମର୍କଜ୍‌ର ଏହି ଅସାମାଜିକ ବ୍ୟବହାର ଯୋଗୁ ଦେଶବ୍ୟାପୀ ସମସ୍ୟା ବୃଦ୍ଧି ପାଇଛି। ବିଶେଷକରି ସେହି ସଭାରେ ଯୋଗ ଦେଇଥିବା ସଦସ୍ୟମାନେ ଯେଉଁଭଳି ଭାବେ ନିଜ ଅଞ୍ଚଳକୁ ଫେରି ଲୁକ୍କାୟିତ ରହୁଛନ୍ତି, ସେଥିରୁ ସ୍ୱାଭାବିକ ଭାବେ ଧାରଣା ସୃଷ୍ଟି ହେଉଛି ଯେ, ସେମାନଙ୍କ ଉଦ୍ଦେଶ୍ୟ ଜନବିରୋଧୀ। ଏଭଳି ଦେଶଦ୍ରୋହୀ କାର୍ଯ୍ୟଠାରୁ କୌଣସି ଉଗ୍ରବାଦୀ କାର୍ଯ୍ୟ ସାଂଘାତିକ ନୁହେଁ। ଏପରି ମାନସିକତା ସବୁ ଦେଶପ୍ରେମୀଙ୍କ କ୍ରୋଧ ସୃଷ୍ଟି କରାଇବା ସୁନିଶ୍ଚିତ।

## ଚିରନ୍ତନୀ

ତାପିତ ମରମ ଯେତେ ବିରହୀ
ସବୁ ଜ୍ୱାଳା ଏ ପବନେ ମରଇ
କାଙ୍ଗାଳ ଧନୀ ବାସେ ସମାନେ
ଭେଦାଭେଦ ଛୋଟ ବଡ଼ ନ ମାନେ
ଆସିଛି ସେ ପୁଷ୍ପକ ବିମାନେ
ଯାଏ ଖେଳି ଫୁଲେ ଫୁଲେ କି କହି।

(ଫଗୁଣ ଜ୍ୟୋସ୍ନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୬ ଏପ୍ରିଲ ୧୯୯୫

- ପାକିସ୍ତାନ ପ୍ରତି ଲାଗୁ ହୋଇଥିବା ପ୍ରେସଲର ସଂଶୋଧନ ଆଇନକୁ କୋହଳ କରାଯିବା ନେଇ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ସୂଚନା।
- ବମ୍ବେ ବୋମା ବିସ୍ଫୋରଣ ଘଟଣାର ଅନ୍ୟତମ ଆସାମୀ ତଥା କୁଖ୍ୟାତ ନିଶା ବେପାରୀ ଇକ୍‌ବଲ ମହମ୍ମଦ ମେମୋନ ଲଣ୍ଡନରୁ ଗିରଫ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 2 | | 9 | 8 | | | | E | | 4 | | | 6 | C |
| | 4 | 8 | | | D | | | | | | | | | 2 |
| | | | | | | C | B | | | | | | E | |
| C | | 9 | B | | 3 | 2 | | | A | | 0 | | | 4 |
| | 1 | | | | | | | 6 | E | | 5 | 3 | 9 | |
| 9 | 6 | | | | | 0 | 8 | | | | A | | | |
| | C | | | | | | 5 | | | 7 | 9 | | | |
| | E | 4 | C | | A | | 6 | 7 | 1 | | | 2 | 0 | |
| | 7 | 3 | 2 | | | | | A | | | | | | 8 |
| A | | | 7 | | 5 | | | | 8 | | | B | | |
| | | | | | | | E | | | 1 | 6 | 7 | | |
| 4 | 8 | | | | 2 | | | 0 | | | | E | | |
| | | 1 | | | 4 | 5 | D | | C | B | | 9 | | 3 |
| | 9 | | | | | | | | | 5 | | | 4 | |
| 2 | | | A | | 7 | | | B | | | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 0 | E | 3 | A | 9 | 5 | 4 | 7 | 1 | C | B | 8 | D | 2 |
| 7 | 3 | D | 6 | C | E | A | B | 2 | 9 | 5 | 8 | 0 | 1 | 4 |
| 1 | 8 | 2 | 4 | B | 0 | E | 6 | C | 3 | D | 7 | A | 5 | 9 |
| B | 5 | 4 | 8 | 7 | D | 9 | 1 | 0 | E | A | 2 | C | 3 | 6 |
| A | C | 9 | 2 | 1 | 5 | 3 | 8 | D | 0 | 6 | 4 | 7 | E | B |
| 8 | 9 | 3 | 0 | 2 | 6 | D | A | 4 | 5 | B | C | 1 | 7 | E |
| C | A | B | 1 | 9 | 7 | 0 | 5 | 8 | 4 | 3 | E | 2 | 6 | D |
| 4 | E | 6 | C | 3 | A | 1 | 9 | B | 2 | 7 | D | 5 | 0 | 8 |
| 5 | 7 | 1 | E | D | 4 | 6 | 2 | 3 | 8 | 9 | 0 | B | A | C |
| D | 2 | 0 | 5 | 8 | B | 7 | C | E | 6 | 1 | A | 9 | 4 | 3 |
| 3 | 4 | 7 | 9 | E | C | 8 | 0 | 5 | A | 2 | 6 | D | B | 1 |
| 9 | 6 | 8 | D | 5 | 1 | B | 7 | A | C | E | 3 | 4 | 2 | 0 |
| 2 | 1 | C | A | 0 | 3 | 4 | D | 6 | B | 8 | 5 | E | 9 | 7 |
| E | B | 5 | 7 | 4 | 2 | C | 3 | 1 | D | 0 | 9 | 6 | 8 | A |
| 0 | D | A | B | 6 | 8 | 2 | E | 9 | 7 | 4 | 1 | 3 | C | 5 |

ଗତକାଲିର ଉତ୍ତର

# ଭିନ୍ନ ଏକ ବିଶ୍ୱଯୁଦ୍ଧ ଓ ଭାରତ

ଉପେନ୍ଦ୍ର ବିଶ୍ୱାଳ

ଜୁଲାଇ ୧୯୧୪ ମସିହା। ସର୍ବିୟାର କେତେକ ଉଗ୍ର ଜାତୀୟତାବାଦୀ ଯୁବକ ଗୁଳିକରି ମାରିଦେଲେ ଆର୍କଡିଉକ୍ ଫର୍ଡିନାଣ୍ଡ ଓ ତାଙ୍କ ପତ୍ନୀଙ୍କୁ। ସର୍ବିୟାର ସାର୍ବଭୌମତ୍ୱ ଉପରେ ଅଷ୍ଟ୍ରିଆ ଓ ହଙ୍ଗେରୀର ହସ୍ତକ୍ଷେପକୁ ବରଦାସ୍ତ କରିପାରୁ ନ ଥିଲେ ସେମାନେ। ସୁଯୋଗ ଉଣ୍ଡି ଅଷ୍ଟ୍ରିଆର ଉତ୍ତରାଧିକାରୀ ସେହି ଦମ୍ପତିଙ୍କୁ ଶେଷ କରିଦେଲେ ଉତ୍କ୍ଷିପ୍ତ ହୋଇ। ପ୍ରତିକ୍ରିୟା ସ୍ୱରୂପ ଅଷ୍ଟ୍ରିଆ-ହଙ୍ଗେରି ମିଳିତ ଆକ୍ରମଣ କରିଦେଲେ ସର୍ବିୟା ଉପରେ। ସର୍ବିୟାର ବନ୍ଧୁ ରାଷ୍ଟ୍ର ଭାବେ ସହାୟତା କରିବାକୁ ରୁଷିଆ ଆଗେଇ ଆସିବାରୁ ଜର୍ମାନୀ ମଧ୍ୟ ଆଗେଇ ଆସିଲା ଅଷ୍ଟ୍ରିଆ-ହଙ୍ଗେରୀ ସମର୍ଥନରେ । ସେଇଠୁ ଅନ୍ୟ ଦେଶଗୁଡ଼ିକ ନିଜ ନିଜର ମିତ୍ର ରାଷ୍ଟ୍ର ପକ୍ଷ ନେଇ କୁଦିପଡ଼ିଲେ ଯୁଦ୍ଧକୁ। ଆରମ୍ଭ ହୋଇଗଲା ପ୍ରଥମ ବିଶ୍ୱଯୁଦ୍ଧ। ପ୍ରାୟ ଲକ୍ଷେ ଲୋକଙ୍କ ପ୍ରାଣ ବିନିମୟରେ ଯୁଦ୍ଧର ପରିସମାପ୍ତି ଘଟିଲା ୧୯୧୯ ଆରମ୍ଭରେ। ତଥାପି ଚେତିଲା ନାହିଁ ବିଶ୍ୱ ଅନେକ ଅପୂରଣୀୟ କ୍ଷତି ଓ ଜୀବନ ହାନି ସତ୍ତ୍ୱେ। ତା' ପରେ ବି ଦେଶ ଦେଶ ମଧ୍ୟରେ ବଢ଼ିଚାଲିଲା ବିଦ୍ୱେଷଭାବ, ପ୍ରତିପତ୍ତି ପ୍ରଦର୍ଶନର ପ୍ରତିଦ୍ୱନ୍ଦ୍ୱିତା। ପୁଣି କୋଡ଼ିଏ ବର୍ଷ ପରେ ଜର୍ମାନୀ ଆକ୍ରମଣ କରିଦେଲା ପୋଲାଣ୍ଡ ଉପରେ। ପୋଲାଣ୍ଡ ପାଇଁ ବାହାରିପଡ଼ିଲେ ଫ୍ରାନ୍ସ ଓ ବ୍ରିଟେନ। ସେଇଠୁ ଅନ୍ୟ ରାଷ୍ଟ୍ରମାନେ ମଧ୍ୟ ବାହାରି ଆସିଲେ ନିଜ ନିଜର ବନ୍ଧୁରାଷ୍ଟ୍ରଙ୍କୁ ସହାୟତା କରିବାକୁ। ଆରମ୍ଭ ହୋଇଗଲା ଆଉ ଏକ ମହା ସମର। ଲକ୍ଷ ଲକ୍ଷ ଲୋକ ନିହତ ହେଲେ ସେଥିରେ। ୮୭ ହଜାରରୁ ଅଧିକ ଥିଲେ କେବଳ ଭାରତରୁ। ଏତେବେଳେ ଯାଇ ସଭିଙ୍କ ଚେତା ପଶିଲା। ମହା ସମରର ମହାବିଭୀଷିକା ଦେଖି ମର୍ମାହତ ହେଲେ ବିଶ୍ୱ ନେତୃବୃନ୍ଦ। ସେଇଠୁ ଆରମ୍ଭ ହେଲା ଯୁଦ୍ଧ ପରର ଶାନ୍ତିପର୍ବ। ଗଠିତ ହେଲା ବିଶ୍ୱ ପଞ୍ଚାୟତ ବା ଜାତିସଂଘ କାର୍ଯ୍ୟାଳୟ । ଶାନ୍ତି ସହାବସ୍ଥାନର ସମ୍ମତି ଜଣାଇ ସାମିଲ ହେଲେ ସମସ୍ତେ। ଦେଶ ଦେଶ ମଧ୍ୟରେ ତିକ୍ତତା ଦେଖାଦେଇଥିଲେ ବି ଜାତିସଂଘର ହସ୍ତକ୍ଷେପ ଯୋଗୁ ବିଶ୍ୱ ବର୍ତ୍ତିଯାଇଥିଲା ତୃତୀୟ ବିଶ୍ୱଯୁଦ୍ଧରୁ। ମାତ୍ର ୭୫ ବର୍ଷ ପରେ ଆଜି ଅକସ୍ମାତ ଦେଖାଦେଇଛି ଭିନ୍ନ ଏକ ବିଶ୍ୱଯୁଦ୍ଧ। ପୂର୍ବ ଯୁଦ୍ଧରେ ବିଶ୍ୱ ସମୁଦାୟ ବିଭକ୍ତ ହୋଇ ଲଢୁଥିଲେ ଦୁଇଗୋଷ୍ଠୀରେ। ମାତ୍ର ଚଳିତ ତୃତୀୟ ବିଶ୍ୱଯୁଦ୍ଧରେ ସମସ୍ତ ଦେଶ ଗୋଟେପକ୍ଷରେ ଥିଲାବେଳେ ଅଦୃଶ୍ୟ ଶକ୍ତିଟି ଏକାକୀ ଆକ୍ରମଣ କରିଚାଲିଛି ମହାକାଳର ରୂପ ନେଇ। ତା'ର ପ୍ରଚଣ୍ଡ ଆକ୍ରମଣରେ ପ୍ରାୟ ସବୁ ଦେଶ ଭୀଷଣ କ୍ଷତାକ୍ତ। ବିଶ୍ୱ ସମୁଦାୟ ବୁଝିବା ବେଳକୁ ବଳିପଡ଼ିଲେଣି ହଜାର ହଜାର ଲୋକ। ବୃହତ ଭୂଖଣ୍ଡ ଚାଇନାକୁ ଅତର୍କିତ ଭାବେ ଆକ୍ରମଣ କରି ଭୂପତିତ କରିସାରି ମାଡ଼ିଗଲା ପ୍ରଚଣ୍ଡ ଶକ୍ତିଶାଳୀ ୟୁରୋପ ଭୂଖଣ୍ଡକୁ। ଇଟାଲି, ଫ୍ରାନ୍ସ, ବ୍ରିଟେନ, ଜର୍ମାନୀ ଆଦି ଖୁବ୍ ଶକ୍ତିଶାଳୀ, ସମୃଦ୍ଧ ଭୂଖଣ୍ଡମାନ ଅଦୃଶ୍ୟ ଶତ୍ରୁର ଆକ୍ରମଣରେ ଭୟଙ୍କର ଭାବେ ଘାଇଲା। ପୁଣି ନିଜକୁ ମହାଶକ୍ତିଶାଳୀ ବୋଲି ଘୋଷିତ କରୁଥିବା ସାମ୍ରାଜ୍ୟବାଦୀ ମାର୍କିନ ଭୂଖଣ୍ଡ ମଧ୍ୟ ଅଣନିଃଶ୍ୱାସୀ ଆଜି। ବିବ୍ରତ, ବିଚଳିତ ସାରା ବିଶ୍ୱ। ତ୍ରାହି ତ୍ରାହି ଡାକୁଛି ମଣିଷ। ସାମାନ୍ୟ ଅଦୃଶ୍ୟ ଏକ ଭୂତାଣୁ ନିକଟରେ କି ଅସହାୟ ଏ ମଣିଷ ସତରେ! କୁଆଡେ ଗଲା ଦର୍ପ, ଦମ୍ଭ, ଦାଦାଗିରିପଣିଆ ? ଦଶନ୍ଧି ଦଶନ୍ଧି ଧରି ଚକ୍ରାନ୍ତର ଜାଲ ବିଛାଇ ଚାଲିଥିବା ଚାଇନାର ଚମକ ଆଜି ହଜିଯାଇଛି। ବିଶ୍ୱର ଆର୍ଥିକ ସ୍ଥିତିକୁ ବିପର୍ଯ୍ୟୟ ବଳୟ ଭିତରକୁ ଠେଲିଦେଇ ବାଣିଜ୍ୟ ଲଢେଇରେ ବ୍ୟସ୍ତଥିବା ଚାଇନା ଓ ଆମେରିକା ଉଭୟ ଆଜି ସମ ଦଶାରେ। ବିଶ୍ୱରେ ବଡ଼ଭାଇପଣିଆ ଦେଖାଉଥିବା ମହାଶକ୍ତିଶାଳୀ ଆମେରିକା ଆଜି ଆତଙ୍କରେ ଆକ୍ରାମାକ୍ରା। ଏପରିସ୍ଥଳେ ବୃଥା ବିଦ୍ୱେଷ, ବଡିମାପଣ କାହା ପାଇଁ ? କାହିଁକି ହୀନମାନସିକତାର ଶିକାର ବିଶ୍ୱ ନେତୃବୃନ୍ଦ। ଶାନ୍ତି ସହାବସ୍ଥାନ ପାଇଁ କାହିଁକି ଆଦରିବାନି ବସୁଧୈବ କୁଟୁମ୍ବକମ୍, ସର୍ବେ ଭବନ୍ତୁ ସୁଖୀନଃର ମହାମନ୍ତ୍ରକୁ। ଭାରତର ଅଜସ୍ର ଶାଶ୍ୱତ ଚିନ୍ତନ, ଦର୍ଶନ, ବିଚାର-ଭାବନାକୁ ଏ ବିଶ୍ୱ ଯଦି ବୁଝିପାରନ୍ତା, ଆପଣାଇନିଅନ୍ତା, କେତେ ସୁଖପ୍ରଦ ହୁଅନ୍ତା ଏ ଦୁନିଆ ସତରେ!!!

ଈଶ୍ୱରଙ୍କ ସତ୍ତା ଓ ସୃଷ୍ଟିକୁ ନେଇ ଏ ମଣିଷ ବେଳେ ବେଳେ ହେୟଜ୍ଞାନ କରିଥାଏ। ପୃଥିବୀ ଓ ପ୍ରକୃତିକୁ ନିଜ ଖିଆଲରେ ଚଳାଇବାକୁ ଚେଷ୍ଟା କରିଥାଏ। ପ୍ରକୃତି ନଷ୍ଟ ନ ହୋଇ ପ୍ରକୃତିର ଅନିଷ୍ଟ କରିଚାଲେ। ଜରା, ବ୍ୟାଧିକୁ ଜୟକରି ମୃତ୍ୟୁକୁ ବି ଜୟ କରିବାର ଅଜବ ଅଭିଳାଷ କରୁଛି। ଚନ୍ଦ୍ର ଓ ମଙ୍ଗଳରେ ବସତି ବସାଇବାକୁ ଖୁବ୍ ବେଗରେ ଦୌଡୁଛି। କିନ୍ତୁ ଆଜି ବିଜ୍ଞାନ ଅଧିପତି ମଣିଷ ପ୍ରକୃତି ନିକଟରେ କିଭଳି ନଗଣ୍ୟ ? ଏବେ ଆସିବା ଭାରତ ଭୂମିକୁ। ସାମ୍ପ୍ରତିକ ସ୍ଥିତିକୁ ଅନୁଧ୍ୟାନ କଲେ ଅନୁଭବ ହୁଏ ଯେ, ସେହି ମହାଶକ୍ତିକୁ ସାରା ଦୁନିଆରେ କେହି ଦେଶ ଯଦି ଯଥାର୍ଥ ମୁକାବିଲା କରୁଥାଏ, ତାହା ହେଉଛି ଭାରତ। ତଥାପି ମହା ଶକ୍ତିଶାଳୀ ଏପରି ଶତ୍ରୁକୁ ହେୟଜ୍ଞାନ ନ କରି ଆଉ ଟିକେ ଯଦି ସଜାଗ ଓ ସତର୍କ ରହିଯିବା ତା'ହେଲେ ସୁନିଶ୍ଚିତ ପ୍ରତିହତ କରିପାରିବା ତାକୁ। ଭଗବାନ ମଧ୍ୟ ଆମକୁ ପର୍ଯ୍ୟାପ୍ତ ସାଧନ, ସଂସାଧନ, ସାହାରା ଯୋଗାଇ ଦେଇଛନ୍ତି। ମୁନି-ଋଷିଙ୍କ ସିଦ୍ଧ ଏ ଭୂମିରେ ବି ଯଥେଷ୍ଟ ସାମର୍ଥ୍ୟ ରହିଛି ଏପରି ଭୟଙ୍କର ଶତ୍ରୁକୁ ମୁକାବିଲା କରିବାକୁ। ଭାରତ ହେଉଛି ବିଶ୍ୱର ଏପରି ଏକ ଭାଗ୍ୟବାନ ଭୂଖଣ୍ଡ, ଯେଉଁଠି ସର୍ବାଧିକ ପ୍ରତିଭାତ ହୁଅନ୍ତି ସୂର୍ଯ୍ୟଦେବ। ସର୍ବାଧିକ ରଶ୍ମି ଅଜାଡି ଦିଅନ୍ତି ଆମ ପାଇଁ। ଯେଉଁଥିପାଇଁ କି ଶାରୀରିକ ସାମର୍ଥ୍ୟ, ସହନଶକ୍ତି ଆମର ଅଧିକ। ଆମେ ସୂର୍ଯ୍ୟସ୍ନାନ, ସୂର୍ଯ୍ୟ ନମସ୍କାର, ନମସ୍ତେ ଆଦିକୁ ଅଭ୍ୟାସପୂର୍ବକ ଆଦରିନେଲେ ଦୂରେଇଯିବ ଏ ଦୁଷ୍ଟଶକ୍ତି। ପାଶ୍ଚାତ୍ୟ ଚଷମାରେ ଭାରତକୁ ଦେଖିବା ଯୋଗୁ ଆମେ ନିଜେ ଆମଠାରୁ ଦୂରେଇଯାଇ ନାନାଦି ଅମଙ୍ଗଳକୁ ଆମନ୍ତ୍ରଣ କରୁଛୁ। ଥଣ୍ଡା, କାଶ, ଶର୍ଦ୍ଦି ଆଦିର ମୁକାବିଲା ସହିତ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଖୁବ୍ ସହାୟକ ହେଉଥିବା ତୁଳସୀ ଚାରାକୁ ତ ଭଗବାନ ବିଷ୍ଣୁ ରୋପିଛନ୍ତି ଆମ ଘର ଅଗଣାରେ। ବିଜ୍ଞାନ ଭରିରହିଛି ଆମ ପ୍ରଥା-ପରମ୍ପରା, ବିଧି-ବିଧାନ, ଚଳଣି-ଚନ୍ଦନ ଆଦିରେ। ପୂଜା, ଉପବାସ, ବାରବ୍ରତ, ମୌନବ୍ରତ ଆଦିରେ ଆମକୁ ଆତ୍ମସଂଯମୀ ହେବାକୁ ପ୍ରେରିତ କରାଯାଇଥାଏ। ଆତ୍ମସଂଯମ ଅର୍ଥ ଆତ୍ମବିଜୟ। ଆତ୍ମ ବିଜୟ ଅର୍ଥ ଦୁନିଆକୁ ବିଜୟ। ଯାହାକି ଶ୍ରୀରାମଙ୍କ ପାଖରେ ଥିଲା, କିନ୍ତୁ ମହାବିଜ୍ଞାନୀ, ମହାଶକ୍ତିଶାଳୀ ରାବଣଠି ନ ଥିଲା।

ପୃଥିବୀ ଏକ ବିଶାଳ ଚୁମ୍ବକୀୟ କ୍ଷେତ୍ର। ଆମ ଶରୀର ମଧ୍ୟ ଚୁମ୍ବକୀୟ କ୍ଷେତ୍ର। ପୃଥିବୀ ବକ୍ଷରେ ଜଡ଼ ତରଙ୍ଗ, ମାନସ ତରଙ୍ଗ, ଭୂମା ତରଙ୍ଗଗୁଡ଼ିକ ବିଭିନ୍ନ ତାରଙ୍ଗିକ ଦୈର୍ଘ୍ୟକୁ ନେଇ ପ୍ରବାହିତ। ମନ୍ଦିରର ଗର୍ଭଗୃହ ଏମିତି ଜାଗାରେ ନିର୍ମିତ ଯେ, ଯେଉଁଠି ଭୂଗର୍ଭରୁ ଆସୁଥିବା ବିଦ୍ୟୁତ୍-ଚୁମ୍ବକୀୟ ତରଙ୍ଗ ସର୍ବାଧିକ ଉଦ୍‌ଗମ ହେଉଥାଏ। ଦିଅଁ ଦର୍ଶନ ସହିତ ଦକ୍ଷିଣାବର୍ତ୍ତ ବୁଲିଲା ବେଳେ ଆମଠି ପଡୁଥିବା ଧନାତ୍ମକ ତରଙ୍ଗ ବା ସକାରାତ୍ମକ ଉର୍ଜାର ପ୍ରଭାବରେ ଦେହର ଷଡ଼ଚକ୍ର, ବିଶେଷକରି ଆଜ୍ଞାଚକ୍ର ଖୁବ୍ ସକ୍ରିୟ ହୋଇଉଠନ୍ତି। ତତ୍‌ସହିତ ବୈଦିକ ମନ୍ତ୍ରର ଶ୍ରବଣ ଓ ଉଚ୍ଚାରଣ ଏବଂ ସାତ୍ତ୍ୱିକ ଭାବନା ବଳରେ ଆମ ଦେହରେ ଶ୍ୱେତରକ୍ତ କଣିକା ଅଧିକ ସୃଷ୍ଟି ହୋଇଥାଏ। ଶଙ୍ଖ, ଘଣ୍ଟିର ଶବ୍ଦରେ ଆମ ଚାରିପାଖେ ପଇଁତରା ମାରୁଥିବା ଅନେକ ଅନିଷ୍ଟକାରୀ ଜୀବାଣୁ ମରିଯାଆନ୍ତି ବା ଦୂରେଇ ଯାଆନ୍ତି। ଶରୀରର ଷଡ଼ ଶକ୍ତି କେନ୍ଦ୍ରଗୁଡ଼ିକୁ ଏହି ଶବ୍ଦ ସକ୍ରିୟ କରାଇବା ସହିତ ମସ୍ତିଷ୍କରେ ରକ୍ତ ସଞ୍ଚାଳନ ବୃଦ୍ଧି କରିଥାଏ। ଫଳତଃ ଦେହରେ ଶ୍ୱେତରକ୍ତକଣିକା ବୃଦ୍ଧି ଘଟେ, ଯାହାକି ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର କେତେକ ଜୀବ ବିଜ୍ଞାନୀ ଗବେଷଣା କରି ଏହା ଘୋଷଣା କରିଛନ୍ତି। ଏଥିପାଇଁ ତ ଆମ ମାଆମାନଙ୍କଠାରେ ରୋଗପ୍ରତିରୋଧକ ଶକ୍ତି ଅଧିକ ଥିବାରୁ ପୁରୁଷଙ୍କ ତୁଳନାରେ ଏତେଟା ରୋଗାକ୍ରାନ୍ତ ନୁହନ୍ତି। ସେମିତିବି ଚେକ୍ ୟୁନିଭର୍ସିଟିର ବିଜ୍ଞାନ ଗବେଷକ ରବର୍ଟ ପାବ୍ଲିଟା ଗୋମାତାଙ୍କ ଉପରେ ଗବେଷଣା କରି କହିଛନ୍ତି ଯେ ଗୋମୂତ୍ରର ଜୀବାଣୁ ଧ୍ୱଂସକାରୀ ଶକ୍ତି ଅତି ପ୍ରଖର। ହଇଜା ପରି ମାରାତ୍ମକ ଜୀବାଣୁକୁ ଏହା ନଷ୍ଟ କରିପାରେ। ଗୋଲୋକରୁ ଏକ ସ୍ୱତନ୍ତ୍ର ରଶ୍ମି ସୂର୍ଯ୍ୟ ରଶ୍ମି ସହିତ ମିଳିତ ହୋଇ ଗୋମାତା ଉପରେ ପଡିଥାଏ। ଯେଉଁଥିପାଇଁ ସୃଷ୍ଟିର ଏହି ଦିବ୍ୟପ୍ରାଣୀର ମଳ ଓ ମୂତ୍ର ବି ଅତ୍ୟନ୍ତ ଉପଯୋଗୀ। ଗୋମୂତ୍ରକୁ ନିୟମିତ ପାନ କଲେ ଅନେକ ମାରାତ୍ମକ ଭୂତାଣୁଠାରୁ ଆମେ ଦୂରେଇ ରହିପାରିବା। ପୁନଶ୍ଚ ବିଜ୍ଞାନ ପାଇଁ ବିସ୍ମୟ ଥିବା ଗଙ୍ଗାଜଳ, ଯାହାକି ଜୀବାଣୁନାଶକ। ନିୟମିତ ଏହାକୁ ବି ପାନ କଲେ ଏ ଦିଗରେ ଅନେକ ସୁଫଳ ପାଇପାରିବା। ସୂଚନାଯୋଗ୍ୟ ଯେ ହିନ୍ଦୁ ଓ ହିନ୍ଦୁତ୍ୱର ପ୍ରଚଣ୍ଡ ବିରୋଧୀ ଆଉରଙ୍ଗଜେବ୍ ନିୟମିତ ଗଙ୍ଗାଜଳ ପାନ କରୁଥିଲେ ନିଜକୁ ନୀରୋଗ ରଖିବାକୁ। ଆମ ଆଙ୍ଗୁଠିର ଅଗ୍ରଭାଗଗୁଡ଼ିକ ଏକ ଏକ ଚାପବିନ୍ଦୁ, ଯାହାକି ଶରୀରର ବିଭିନ୍ନ ଅଙ୍ଗ ସହିତ ସଂଯୁକ୍ତ। ଯୋଡହସ୍ତେ ନମସ୍କାର, ପ୍ରାର୍ଥନା ବା ତାଳିମାରିବା ଦ୍ୱାରା ଆଙ୍ଗୁଠି ଓ ପାପୁଲିର ଚାପବିନ୍ଦୁଗୁଡ଼ିକ ପରସ୍ପର ସଂଲଗ୍ନ ହୋଇ ଶକ୍ତିକେନ୍ଦ୍ରଗୁଡ଼ିକୁ ସକ୍ରିୟ କରାଇଥାଏ। ଫଳତଃ ଶରୀରରେ ସକାରାତ୍ମକ ଉର୍ଜା ଉଜ୍ଜୀବିତ ହୁଏ। ଆହୁରି ବି ପଞ୍ଚଭୂତରେ ଗଢ଼ା ମଣିଷ ଶରୀର ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ଦ୍ୱାରା ବେଶ୍ ପ୍ରଭାବିତ। ନିରାମିଷାଶୀମାନଙ୍କ ଦେହରେ ଅଧିକ ଶ୍ୱେତରକ୍ତକଣିକା ଥିବାର ଚିକିତ୍ସା ବିଜ୍ଞାନ କୁହେ। ଏଣୁ ଆମ ଶରୀର ପ୍ରତି ଉପଯୋଗୀ ଥିବା ଖାଦ୍ୟ ଖାଇବା ସହିତ ସଂସ୍ପର୍ଶ ପ୍ରତି ମଧ୍ୟ ସଚେତନ ହେବା ଉଚିତ। ବ୍ୟକ୍ତି ସଂସ୍ପର୍ଶକୁ ଯେତେ ସଙ୍କୁଚିତ କରିପାରିବା ସାମ୍ପ୍ରତିକ ସମୟ ପାଇଁ ସେତେ ମଙ୍ଗଳ। ଧର୍ମ-ଧାରଣା, ସଂସ୍କୃତି-ପରମ୍ପରା ପ୍ରକୃତି-ପରିବେଶ ଦୃଷ୍ଟିରୁ ଭାରତ ଏକ ଭିନ୍ନ ଭୂଖଣ୍ଡ। ଆମର ଖାଦ୍ୟପେୟ, ବେଶଭୂଷା ସ୍ୱତନ୍ତ୍ର। ଅନ୍ୟ ଦେଶ ସହିତ ଏହା ଆଦୌ ତୁଳନୀୟ ନୁହେଁ। ଏଣୁ ଅନ୍ୟକୁ ଅନ୍ଧ ଭାବେ ଅନୁକରଣ କରି ଅନର୍ଥକୁ ଆମନ୍ତ୍ରଣ କରିବା ମୂଢ଼ତା ମାତ୍ର। ପ୍ରକୃତି ମାତାର ପ୍ରିୟ ସନ୍ତାନ ଭାବେ ନିଜକୁ ବଞ୍ଚିବା ଓ ବଢ଼ିବା।

ଗୋଡ଼ିଶୁଳ, ସଜନାଗଡ଼, ବାଲେଶ୍ୱର
ମୋ-୯୪୩୭୪୩୬୦୭୩
unbiswal05@gmail.com

# ପାନ୍‌ଡେମିକ୍ କ'ଣ ଓ କେବେ ହୋଇଥିଲା

ଡା. ସୁରେନ୍ଦ୍ରନାଥ ପତି

ବର୍ତ୍ତମାନ କରୋନା ଭାଇରସ୍ 'ପାନ୍‌ଡେମିକ' ସମଗ୍ର ପୃଥିବୀର ଛାତି ଥରାଇ ଦେଇଛି । ଚାଇନାର ଉହାନ ସହରରୁ ଡିସେମ୍ବର ୨୦୧୯ରେ ଆରମ୍ଭ ହୋଇ ବିଶ୍ୱର ସମସ୍ତ ଦେଶକୁ ବ୍ୟାପିଗଲାଣି । ଏହା ଏକ ନୂତନ ଭାଇରସ୍। ବୈଜ୍ଞାନିକମାନେ ନାମ ଦେଇଛନ୍ତି କୋଭିଡ୍-୧୯ । ମାନବଜାତିର ଇତିହାସରେ ବହୁ ପାନ୍‌ଡେମିକ୍ ଘଟିଯାଇଛି। ବହୁ ଜନସାଧାରଣ ମୃତ୍ୟୁବରଣ କରିଛନ୍ତି। ତଥାପି ମନୁଷ୍ୟ ତିଷ୍ଠି ରହି ଉତ୍ତରୋତ୍ତର ଉନ୍ନତି କରି ଅତ୍ୟାଧୁନିକ ଇଣ୍ଟରନେଟ ଯୁଗରେ ପ୍ରବେଶ କରିଛି ।

ପାନ୍‌ଡେମିକ୍ ଶବ୍ଦଟି ଗ୍ରୀକ୍‌ରୁ ଆସିଛି । ପାନ୍ ଓ ଡିମୋସ୍, ଯାହା ବିସ୍ତୃତ ଭୌଗୋଳିକ ଅଞ୍ଚଳ, ମହାଦେଶ ବା ସମଗ୍ର ପୃଥିବୀକୁ ବ୍ୟାପିଯାଏ । ବସନ୍ତ, ଟ୍ୟୁବରକ୍ୟୁଲୋସିସ୍, ବ୍ଲାକଡେଥ, ଏଚଆଇଭି, ୧୯୧୮ରେ ଇନ୍‌ଫ୍ଲୁଏନ୍‌ଜା ଓ ୨୦୦୯ରେ ସ୍ୱାଇନ ଫ୍ଲୁ ଆଦିର ପାନ୍‌ଡେମିକ ଦେଖାଦେଇଥିଲା । ଜନସମାଜ ଆତଙ୍କିତ ଅବସ୍ଥାରେ ମୃତ୍ୟୁର ଶିକାର ହୋଇଥିଲେ। ଏଥେନ୍ସରେ ଖ୍ରୀଷ୍ଟପୂର୍ବ ୪୩୦ରୁ ୪୨୬ ମଧ୍ୟରେ ପ୍ଲେଗ, ପାନ୍‌ଡେମିକ୍ ଆକାରରେ ଦେଖାଦେଇଥିଲା। ଏହାର କାରଣ ଜଣାଯାଇ ନ ଥିଲା । ଆଣ୍ଟୋନି ପ୍ଲେଗ ଖ୍ରୀଷ୍ଟାବ୍ଦ ୧୬୫ରୁ ୧୮୦ ମଧ୍ୟରେ ଘଟିଥିଲା । ତା'ପରେ ସାଇପ୍ରସ୍ ଓ ରୋମରେ ପ୍ଲେଗ ହୋଇଥିଲା। ବ୍ୟୁବୋନିକ୍ ପ୍ଲେଗ ବହୁବର୍ଷ ଧରି ଖ୍ରୀଷ୍ଟାବ୍ଦ ୫୪୧ରୁ ୭୫୦ ପର୍ଯ୍ୟନ୍ତ ଲାଗି ରହିଥିଲା। ଇଜିପ୍ଟରୁ ଆରମ୍ଭ ହୋଇ କନଷ୍ଟାନଟିନୋପଲ ଦେଇ ଦିନକୁ ୧୦ ହଜାର ବ୍ୟକ୍ତିଙ୍କର ଜୀବନ ନେଇ ପ୍ରାୟ ସମଗ୍ର ପୃଥିବୀରେ ବ୍ୟାପ୍ତ ହୋଇଥିଲା। ଏହାଦ୍ୱାରା ଇଉରୋପର ଜନସଂଖ୍ୟା ଅଧାକୁ ହ୍ରାସ ପାଇଥିଲା। ଖ୍ରୀଷ୍ଟାବ୍ଦ ୧୩୩୧ରୁ ୧୩୫୩ ମଧ୍ୟରେ 'ବ୍ଲାକଡେଥ' ମହାମାରୀ ସଙ୍ଗଠିତ ହୋଇଥିଲା। ୭.୫ କୋଟି ଲୋକ ପୃଥିବୀରେ ପ୍ରାଣତ୍ୟାଗ କଲେ । ଏହା ମଧ୍ୟ ଏକ ବ୍ୟୁବୋନିକ ପ୍ଲେଗ ଥିଲା । କୃଷ୍ଣସାଗରରୁ ଆସିଥିବା ୧୨ଟି ଜାହାଜରେ କଳାମୂଷାଙ୍କ ଦ୍ୱାରା ବାହିତ ହୋଇ ପ୍ରଥମେ ଇଟାଲୀର ସିସିଲି ଦ୍ୱୀପରେ ଆରମ୍ଭ ହୋଇଥିଲା । ତା'ପରେ ଏହା ଇଉରୋପରେ ବ୍ୟାପି ଯାଇଥିଲା । ଗ୍ରେଟ ପ୍ଲେଗ ଅଫ ଲଣ୍ଡନ ୧୬୬୫ ହୋଇ ଏକ ଲକ୍ଷ ଲୋକଙ୍କର ଜୀବନ ନେଇଥିଲା। ଚାଇନାରେ ୧୮୫୫ରେ ଏକ ପ୍ଲେଗ ଏପିଡେମିକ ହୋଇ ଭାରତକୁ ମଧ୍ୟ ବ୍ୟାପି ୧୦ ମିଲିୟନ ଲୋକଙ୍କର ମୃତ୍ୟୁର କାରଣ ହୋଇଥିଲା। ସେଠାରୁ ଏହା ବ୍ୟାପି ସାନଫ୍ରାନ୍ସିକୋ ପ୍ଲେଗରେ ୧୯୦୦ ମସିହାରେ ଆମେରିକାର ସର୍ବପ୍ରଥମ ପ୍ଲେଗ ନାମଧାରଣ କରିଥିଲା। ସ୍ପାନିଶ 'ଫ୍ଲୁ' ୧୯୧୮ରୁ ୧୯୨୦ ମଧ୍ୟରେ ପାସିଫିକ ଦ୍ୱୀପପୁଞ୍ଜ ଉତ୍ତରମେରୁ ଅଞ୍ଚଳରେ ୫୦ରୁ ୧୦୦ ମିଲିଅନ ଯୁବକ ଯୁବତୀଙ୍କର ମୃତ୍ୟୁର କାରଣ ସାଜିଥିଲା। ଯଦିଓ ଫ୍ଲୁ କମ୍ ବୟସର ମାନବକୁ ଆକ୍ରାନ୍ତ କରିଥାଏ ତେବେ ବସନ୍ତ ରୋଗ ଅଷ୍ଟ୍ରେଲିଆ, ନିଉଜିଲାଣ୍ଡରେ ସେଠାକାର ଆଦିମ ଅଧିବାସୀଙ୍କୁ ଅର୍ଦ୍ଧାଧିକ ମାରି ଦେଇଥିଲା। ହାୱାଇ, ଫିଜି ଆଦି ରାଷ୍ଟ୍ରରେ ମିଳିମିଳା, ହୁପିଙ୍ଗ କଫ୍, ଫ୍ଲୁରେ ଲକ୍ଷ ଲକ୍ଷ ଶିଶୁ ଓ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ । ଆଣ୍ଡାମାନରେ ମଧ୍ୟ ଏହି ଶତାବ୍ଦୀରେ ମିଳିମିଳା ରୋଗ ତାଣ୍ଡବ ରଚିଅଛି ।

କଲେରା ରୋଗ ମଧ୍ୟ ବହୁଥର ପାନ୍‌ଡେମିକ ରଚନା କରିଛି । ୧୮୨୦ ମସିହାରେ ବଙ୍ଗ ରାଜ୍ୟରୁ କଲେରା, ବ୍ରିଟିଶ ସୈନ୍ୟ ଓ ସାଧାରଣ ଲୋକଙ୍କୁ ଆକ୍ରାନ୍ତ କରି ହଜାର ହଜାର ଲୋକଙ୍କର ଜୀବନ ନେଇଥିଲା। ଚାଇନା, ଇଣ୍ଡୋନେସିଆକୁ ବ୍ୟାପିଥିଲା । ଏକା ଜାଭାରେ ଏକ ଲକ୍ଷ ଲୋକ ପ୍ରାଣତ୍ୟାଗ କରିଥିଲେ। ତା'ପରେ ରୁଷିଆକୁ ବ୍ୟାପି ଥିଲା। କଲେରା ଭ୍ୟାକ୍‌ସିନ ୧୮୮୫ ମସିହାରେ ପ୍ରସ୍ତୁତ ହୋଇଥିଲା। ଲେପ୍ରୋସି ବା କୁଷ୍ଠରୋଗ ପାନ୍‌ଡେମିକ କଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ । ଏହା ଏକାଦଶ ଶତାବ୍ଦୀରେ ଇଉରୋପରେ ଘଟିଥିଲା। ଏହା ଫଳରେ ଲେପ୍ରୋସି ହସ୍ପିଟାଲ ଓ ଲେପ୍ରୋସି ହୋମ୍ ନିର୍ମିତ ହୋଇଥିଲା । ଭାରତରେ ମଧ୍ୟ କୁଷ୍ଠ ଡାକ୍ତରଖାନା ହେଲା । ବହୁ ଏଚଆଇଭି/ଏଡ୍‌ସ- ଏହା ୧୯୮୧ରେ ଆବିଷ୍କୃତ ହେବା ପରେ ସାରା ପୃଥିବୀରେ ବ୍ୟାପି ଯାଇଛି । ଅବଶ୍ୟ ଔଷଧ ସେବନ ଦ୍ୱାରା ଏହା ଆୟତ୍ତାଧୀନ ହୋଇଛି । 'ସାରସ' ୨୦୦୨ରେ ଚାଇନାରେ କରୋନା ଭାଇରସ ଦ୍ୱାରା ସୃଷ୍ଟି ହୋଇ ୨୬ଟି ଦେଶରେ ୭୭୪ଟି ମୃତ୍ୟୁ ଘଟାଇଥିଲା । ଏଚ୍୧ଏନ୍୧ (ସ୍ୱାଇନ ଫ୍ଲୁ ୨୦୦୯)ରେ ପାନ୍‌ଡେମିକ ହୋଇ ମେକ୍ସିକୋଠାରେ ଆରମ୍ଭ ହୋଇ ୨୦୦ରୁ ଉର୍ଦ୍ଧ୍ୱ ଦେଶକୁ ବ୍ୟାପିଥିଲା। ୩ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ଇବୋଲା ଭାଇରସ ଓ ଜିକା ଭାଇରସ ଦ୍ୱୟ ପଶ୍ଚିମ ଆଫ୍ରିକାରେ ଏପିଡେମିକ ସୃଷ୍ଟି କରିଥିଲେ, ମାତ୍ର ପାନ୍‌ଡେମିକ ନୁହେଁ ।

ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କରୋନା ଭାଇରସ ରୋଗକୁ ପାନ୍‌ଡେମିକ ଭାବେ ଘୋଷିତ କରିଛନ୍ତି । ଏହି ରୋଗକୁ କୋଭିଡ୍-୧୯ ନାମ ଦିଆଯାଇଛି । ଶୁଣାଯାଉଛି ଉହାନରେ ଏବେ ମାତ୍ର ଜଣେ ବ୍ୟକ୍ତି ପଜିଟିଭ ବାହାରିଛି । ସେଠାରୁ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଅନ୍ୟତ୍ର ନିଆଯାଉଛି । ଏହି ରୋଗ ପାଇଁ କୌଣସି ଔଷଧ ନ ଥିବାରୁ ପରିଷ୍କାର କରି ହାତ ଧୋଇବା, ଗୋଟିଏ ସ୍ଥାନରେ ଅଧିକ ଲୋକ ଏକତ୍ରିତ ନ ହେବା, ମାସ୍କ ବ୍ୟବହାର କରିବା, ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କଲେ ଡାକ୍ତରଙ୍କ ପରାମର୍ଶ ନେବାକୁ ଉପଦେଶ ଦିଆଯାଇଛି । ଆମେରିକାର ସିଆଟଲଠାରେ କରୋନା ପ୍ରତିଷେଧକ ଟିକା ପ୍ରସ୍ତୁତି ହୋଇଥିବାର ଖବର ମିଳୁଛି।

EMAIL: SURENDRANATH.PATI@GMAIL.COM

## ଏଇ ଭାରତରେ

କେରଳରେ କରୋନା ସଂକ୍ରମଣ ଆତଙ୍କ ସୃଷ୍ଟି କରିଥିବାବେଳେ ଜଣେ ମାଛ ଦୋକାନି ତାଙ୍କ ଅଞ୍ଚଳକୁ ଭୂତାଣୁ ମୁକ୍ତ କରିବା ପାଇଁ ଯେଭଳି ଆଗକୁ ଆସିଛନ୍ତି ତାହା ଏକ ଉଦାହରଣ ସୃଷ୍ଟି କରିଛି। କାଞ୍ଜିରାପାଲ୍ଲୀ ସହରର ଏହି ବ୍ୟକ୍ତି ଜଣକ ହେଉଛନ୍ତି ନାଜିବ । ସେ ଏକ ହ୍ୟାଣ୍ଡ ୱାଶିଂ ମେଶିନ ତିଆରି କରିଛନ୍ତି। ଏଥିରେ ଏକ ପାଣି ଟାଙ୍କି ଖଞ୍ଜା ଯାଇଛି । ପୂରା ମେଶିନକୁ ସେ ଏକ ଅଟୋରେ ରଖି ସେଥିରେ ଟ୍ୟାପ୍ ଲଗାଇଛନ୍ତି। ଏହାକୁ ସେ କାଞ୍ଜିରାପଲ୍ଲୀ ସହରର ସବୁଆଡେ ବୁଲାଇ ରାସ୍ତାଘାଟକୁ ଜୀବାଣୁ ମୁକ୍ତ କରିବା ସହ ଲୋକମାନଙ୍କୁ ଲିକ୍ୱିଡ ହ୍ୟାଣ୍ଡ ୱାଶ ଓ ସାବୁନ ବି ବାଣ୍ଟୁଛନ୍ତି। ଲୋକମାନଙ୍କୁ ମଧ୍ୟ କେରୋନାର ଭୟାଭୟତା ତଥା ହାତ ସଫା କରିବାର ଗୁରୁତ୍ୱ ଉପରେ ସଚେତନ କରୁଛନ୍ତି। କେବଳ ଏତିକି ନୁହେଁ ଏହି ସହର ଦେଇ ଯାଉଥିବା ସବୁ ଯାନକୁ ସ୍ପ୍ରେକରି ସଫା କରୁଛନ୍ତି। ଏ ସମସ୍ତ କାର୍ଯ୍ୟ ନାଜିବ ମାଗଣାରେ କରୁଛନ୍ତି। ସେ ବ୍ଲିଚିଂ ପାଉଡର, ଆଣ୍ଟି ସେପ୍ଟିକ ଲୋଶନ ଏବଂ ଲେମନ ଗ୍ରାସ୍ ଅଏଲକୁ ମିଶାଇ ଏକ ଜୀବାଣୁ ନାଶକାରୀ ଦ୍ରବଣ ପ୍ରସ୍ତୁତ କରି ତାହାକୁ ବ୍ୟବହାର କରୁଛନ୍ତି। ଏହାକୁ ସ୍ୱାସ୍ଥ୍ୟ ଅଧିକାରୀମାନେ ଅନୁଧ୍ୟାନ କରିବା ପରେ ଏହାକୁ ବସ୍‌ଷ୍ଟାଣ୍ଡ, ରାସ୍ତା ତଥା ଅନ୍ୟ ସର୍ବସାଧାରଣ ସ୍ଥାନଗୁଡିକରେ ସେ ସ୍ପ୍ରେ କରୁଛନ୍ତି। ତାଙ୍କୁ ଏହି କାର୍ଯ୍ୟରେ ଏବେ ଅନେକ ସ୍ୱେଚ୍ଛାସେବୀ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି। କିଛିଦିନ ତଳେ ଅନେକ ଲୋକ ନାଜିବଙ୍କୁ ଏହି କାର୍ଯ୍ୟ ଲାଗି ଆର୍ଥିକ ସାହାଯ୍ୟ ଯୋଗାଇ ଦେଇଛନ୍ତି। ନଜିବ ପ୍ରଥମେ ଜଣେ ଟ୍ରକ୍ ଡାଇଭର୍ ଥିଲେ । ପରେ ସେ ତାହା ଛାଡି ମାଛ ବ୍ୟବସାୟ କରୁଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶାରେ ସ୍ମଗ୍ ଟାୱାର ସ୍ଥାପିତ ହେଉ

ମହାଶୟ,

ଦିନକୁ ଦିନ ବାୟୁ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ପିଏମ୍ ୨.୫ ଓ ପିଏମ୍ ୧୦ ପରି କ୍ଷତିକାରକ ପ୍ରଦୂଷଣ କଣିକା ସହରାଞ୍ଚଳ ବାୟୁମଣ୍ଡଳରେ ଭାସି ବୁଲୁଛି। ଭୁବନେଶ୍ୱର, ରାଉରକେଲା, ତାଳଚେର ପରି ସହର ଏବଂ ଯୋଡା-ବଡବିଲ ପରି ଖଣିଖାଦାନ ଅଞ୍ଚଳରେ ପ୍ରଦୂଷଣ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହେଲାଣି। ରାଜଧାନୀ ଦିଲ୍ଲୀର ବାୟୁପ୍ରଦୂଷଣ ସମସ୍ୟାକୁ ଦୂର କରିବାକୁ ସୁପ୍ରିମକୋର୍ଟ ସ୍ମଗ୍ ଟାୱାର ଓ ଆଣ୍ଟି ସ୍ମଗ୍ ଗନ୍ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜନଗହଳି ତଥା ଯାନବାହନ ଘନତ୍ୱ ସ୍ଥାନରେ ଏହି ସ୍ମଗ୍ ଟାୱାର ସ୍ଥାପନ କରାଗଲେ ୩ କି.ମି. ପରିଧିରେ ରହୁଥିବା ଲୋକଙ୍କୁ ସ୍ୱଚ୍ଛ ବାୟୁ ପ୍ରଦାନ କରିବାରେ ସକ୍ଷମ ହୋଇପାରିବ। ଏଣୁ ଓଡ଼ିଶାର ପ୍ରଗତିଶୀଳ ସରକାର ୫-ଟିର ଟେକ୍ନୋଲୋଜି ଜରିଆରେ ଏହି ସ୍ମଗ୍ ଟାୱାର ଯଥାଶୀଘ୍ର ସ୍ଥାପନ କରିବାକୁ ବିଧିବଦ୍ଧ ନିଷ୍ପତ୍ତି ନିଅନ୍ତୁ। ବାୟୁ ବିଶୋଧକ ଯନ୍ତ୍ର ପ୍ରସ୍ତୁତ ଶିଳ୍ପକୁ ଷ୍ଟାର୍ଟଅପ ଜରିଆରେ ଅଗ୍ରାଧିକାର ଦିଆଗଲେ ଯୁବ ଉଦ୍ୟୋଗୀ ସୃଷ୍ଟି ହେବା ସହ ବାୟୁ ପ୍ରଦୂଷଣର ମାତ୍ରା ହ୍ରାସ ପାଇବ। ସର୍ବପ୍ରଥମେ ରାଜଧାନୀ ଭୁବନେଶ୍ୱରର ଶିଳ୍ପାଞ୍ଚଳ ଓ ସହରାଞ୍ଚଳରେ ଲମ୍ବା ସ୍ମଗ୍ ଟାୱାର ସରକାର ସ୍ଥାପନ କରନ୍ତୁ। ଏତଦ୍‌ବ୍ୟତୀତ ରାଜଧାନୀରେ କୃତ୍ରିମ ଜଙ୍ଗଲ ସୃଷ୍ଟି ପ୍ରକ୍ରିୟା ଏକ ନିର୍ଦ୍ଦିଷ୍ଟ ସମୟସୀମାରେ କାର୍ଯ୍ୟକାରୀ ହେଉ। କେବଳ ଗୁଡାଏ ଯୋଜନା କରି ବାୟୁ ପ୍ରଦୂଷଣକୁ ରୋକାଯାଇପାରିବନି। ସରକାରୀ ନୀତି ନିୟମ ତୃଣମୂଳ ସ୍ତରରେ ଠିକ୍ ପରିଚାଳନା ସହ ସରକାରୀ ଦପ୍ତର/ବିଧାନସଭା/ ମନ୍ତ୍ରୀ ଉଆସରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବ୍ୟବହାରରେ ଅଙ୍କୁଶ ଲାଗୁ। ପ୍ରଦୂଷଣର ମାତ୍ରା କମିବ ନିଶ୍ଚୟ।

ଅଜୟ କୁମାର ସାମନ୍ତରାୟ, ପାରିନୂଆଗାଁ, ବାଣପୁର, ଖୋର୍ଦ୍ଧା

### ଶୀତଳଭଣ୍ଡାର ଅଚଳ

କଟକ ଜିଲାର ବହୁ ଗ୍ରାମଠାରେ ଥିବା ବାପୁଜୀ ସମବାୟ ଶୀତଳଭଣ୍ଡାର ଅଚଳ ହୋଇ ରହିଅଛି। ଯନ୍ତ୍ରାଂଶଗୁଡିକ ଅଗୋଚରରେ ଚୋରି ହେଉଅଛି। କୌଣସି ସୁରକ୍ଷା ବ୍ୟବସ୍ଥା ନାହିଁ। ଚାଷୀମାନେ ବଳଖା ପନିପରିବାକୁ କିଛିଦିନ ସୁରକ୍ଷିତ ଭାବେ ରଖିପାରନ୍ତେ। ଯେଉଁ ଉଦ୍ଦେଶ୍ୟ ନେଇ ଶୀତଳଭଣ୍ଡାର ନିର୍ମାଣ ହୋଇଥିଲା ତାହା ବୃଥା ହୋଇଲାଣି। ରାଜ୍ୟ ସରକାର ସଚଳ ପ୍ରତି ଧ୍ୟାନ ଦିଅନ୍ତୁ ନଚେତ ବିକ୍ରି କରି ଲବ୍ଧ ଅର୍ଥ ବେକାର ହୋଇଥିବା କର୍ମଚାରୀଙ୍କ ମଧ୍ୟରେ ବଣ୍ଟନ କରାଯାଉ। ଘରୋଇ କ୍ଷେତ୍ରକୁ ଅଗ୍ରାଧିକାର ଦେଲେ ହେଉ କିମ୍ବା ଭାଗିଦାରୀରେ ସଚଳ କରାଯାଉ।

ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଖୋର୍ଦ୍ଧାରୋଡ୍ ରେଲୱେ ପକ୍ଷରୁ ହାଓଡ଼ାକୁ ଅଣ୍ଡା ପରିବହନ

**ଜଟଣୀ,୫।୪(ଡି.ଏନ୍.ଏ.):** ଦେଶସାରା ଲକ୍‌ଡାଉନ୍ ଘୋଷଣା ଯୋଗୁ ରେଲୱେର ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ହେଲେ ରେଲୱେ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ପରିବାହନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଯଶବନ୍ତପୁର-ହାଓଡ଼ା ସମୟ ସାରଣୀ ସ୍ୱତନ୍ତ୍ର ପାର୍ସଲ କାରଗୋ ଟ୍ରେନ୍‌ରେ ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟରେ ଯାଉଥିବା ୨୯୨ କାଟୁନ୍ ଅଣ୍ଡା ଖୋର୍ଦ୍ଧାରୋଡ ଷ୍ଟେଶନରୁ ରବିବାର ହାଓଡ଼ାକୁ ପରିବହନ କରାଯାଇଛି। ଅପରାହ୍ନ ସାଢ଼େ ୫ଟାରେ ଏହି ମାଲବାହୀ କାରଗୋ ଟ୍ରେନ୍ ହାଓଡ଼ା ଅଭିମୁଖେ ଛାଡ଼ିଥିଲା। ଏହା ପୂର୍ବରୁ ୨ତାରିଖରେ ୮ହଜାର ୩୮୦କିଲୋ ଦେଶୀ ଘିଅ ଏହି ଷ୍ଟେଶନରୁ ହାଓଡ଼ାକୁ ପଠାଯାଇଥିଲା।

## ଖୋର୍ଦ୍ଧା ଜିଲାରେ ୧୬୪ଜଣଙ୍କ ନମୁନା ନେଗେଟିଭ

**ଖୋର୍ଦ୍ଧା ଅଫିସ,୫।୪:** ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ କୋଭିଡ-୧୯ ଭୂତାଣୁ ସଂକ୍ରମଣ ନିୟନ୍ତ୍ରଣ ଲାଗି ପ୍ରଚେଷ୍ଟା ଜାରି ରହିଛି। ଶନିବାର ସୁଦ୍ଧା ଖୋର୍ଦ୍ଧା, ଟାଙ୍ଗୀ, ବୋଲଗଡ଼ ଏବଂ ବାଲକାଟୀ ସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ରରୁ ୧୬୪ଜଣଙ୍କ ସ୍ୱାବ ପରୀକ୍ଷା ଲାଗି ପଠାଯାଇଥିଲା। ସମସ୍ତଙ୍କ ରିପୋର୍ଟ ନେଗେଟିଭ ରହିଛି। ବିଭିନ୍ନ ରାଜ୍ୟରୁ ୩୬୬୯ଜଣ ଶ୍ରମିକ ଖୋର୍ଦ୍ଧା ଜିଲାକୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ୨୫୫୭ଜଣଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି। ଅବଶିଷ୍ଟ ୧୧୧୨ଜଣଙ୍କୁ ଯଥାଶୀଘ୍ର କ୍ୱାରାଣ୍ଟାଇନରେ ରଖାଯିବ ବୋଲି ଜିଲାପାଳ ସୀତାଂଶୁ ରାଉତ ରବିବାର କହିଛନ୍ତି।

ସେ କହିଲେ ଯେ, ୨୮୬ଜଣ ୧୦୪ ନମ୍ବରରେ ପଞ୍ଜୀକୃତ ହୋଇଛନ୍ତି। ତମାଣ୍ଡୋ ଭ୍ରମରବର ହାଇସ୍କୁଲଠାରେ ଏକ ଡେଷ୍ଟିଚ୍ୟୁଟ ହୋମ ଖୋଲାଯାଇଛି। ସେଠାରେ ୨ଶହ ଅସହାୟ ବ୍ୟକ୍ତିଙ୍କ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଛି। ସହରରେ ଭିକ୍ଷାବୃତ୍ତି କରୁଥିବା ୮୦ଜଣଙ୍କୁ ସେଠାରେ ରଖାଯାଇଛି। ଏହାସହ ଜିଲାର ଖୋର୍ଦ୍ଧା ଓ ଜଟଣୀ ପୌର ପରିଷଦ, ବାଣପୁର ଓ ବାଲୁଗାଁ ବିଜ୍ଞାପିତ ପରିଷଦରେ ୯ଟି ଏବଂ ୧୯୦ଟି ପଞ୍ଚାୟତରେ ୨୦୧ଟି ମୋଟ ୨୧୦ଟି ଅସ୍ଥାୟୀ ମେଡିକାଲ ବ୍ୟବସ୍ଥା କରାଯାଇଛି। ଏଥିରେ ୫୦୨୮ ଶଯ୍ୟା ରହିଛି। ଜାମୁଝରି ଓ ଛତାବରଠାରେ ଦୁଇଟି କ୍ୱାରାଣ୍ଟାଇନ କେନ୍ଦ୍ରରେ ୨୫୨ଜଣ ରହିବା ବ୍ୟବସ୍ଥା ରହିଛି। ଏହି ଅବସରରେ ଜିଲାପାଳ ରାଉତ ସମସ୍ତ ଜନସାଧାରଣ ଲକଡାଉନ ନୀତି ନିୟମକୁ ପାଳନ ଲାଗି ଆହ୍ୱାନ କରିଥିଲେ।

## ରୋଗୀ ସେବା କଲେ ପୂର୍ବତନ ବିଧାୟକ

**ଚୌଦ୍ୱାର,୫।୩(ଡି.ଏନ୍.ଏ):** ଶଟ୍‌ଡାଉନ ସମୟରେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଲୋକମାନଙ୍କୁ ଆମ୍ବୁଲାନ୍ସ ସେବା ଯୋଗାଇ ଦେଇଛନ୍ତି। ଶଟଡାଉନ ଥିବାରୁ ଗାଡିମୋଟର ଯାତାୟାତ ବନ୍ଦ ଥିଲା। ଏଭଳି ସ୍ଥିତିରେ ଶନିବାର ଚୌଦ୍ୱାର ହାଉସିଂବୋର୍ଡର ଜଣେ ବ୍ୟକ୍ତିଙ୍କ ହଠାତ୍ ଛାତିରେ ଯନ୍ତ୍ରଣା ହେବାର ତାଙ୍କୁ ହସ୍ପିଟାଲ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଗାଡି ମିଳି ନ ଥିଲା। ବାଧହୋଇ ଉକ୍ତ ୱାର୍ଡର ପୂର୍ବତନ କାଉନସିଲର ଶୁଭେନ୍ଦୁ ସାମଲ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ଫୋନ କରିବାରୁ ରୋଗୀଙ୍କ ସେବାପାଇଁ ନିଜେ ବାହାର କରିଥିବା ଆମ୍ବୁଲାନ୍ସ ଓ କର୍ମଚାରୀ ପଠାଇ ପୀଡିତଙ୍କୁ ଚିକିତ୍ସା କରାଇ ଘରେ ପହଞ୍ଚାଇ ଥିଲେ। ସେହିପରି ଓଟିଏମ କଲୋନୀର ଜଣେ ବ୍ୟକ୍ତିଙ୍କ ନବଜାତ ଶିଶୁପୁତ୍ରର ଶନିବାର ସନ୍ଧ୍ୟାରେ କଟକ ଶିଶୁଭବନରେ ମୃତ୍ୟୁ ହୋଇଥିଲା। ସେଠାରେ ମୃତ ଶିଶୁକୁ ଘରକୁ ଆଣିବା ପାଇଁ ଗାଡି ପାଇ ନ ଥିଲେ। ବାଧହୋଇ ଶିଶୁପୁତ୍ରକୁ କାନ୍ଧରେ ଧରି ଦରଘା ବଜାର ପର୍ଯ୍ୟନ୍ତ ଚାଲିଚାଲି ଆସୁଥିବା ଖବରପାଇ ପୂର୍ବତନ ବିଧାୟକ ତୁରନ୍ତ ଆମ୍ବୁଲାନ୍ସ ସହିତ ନିଜେ ଯାଇ ସେମାନଙ୍କୁ କଟକରୁ ଚୌଦ୍ୱାର ଆଣିଥିଲେ। ବିଧାୟକଙ୍କ ଏହି କାର୍ଯ୍ୟ ପାଇଁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ଖାଇବାକୁ ପାଉନାହାନ୍ତି ସ୍ଥାନାନ୍ତରିତ ବସ୍ତିବାସିନ୍ଦା

ସ୍ଥିତପ୍ରଜ୍ଞ ମିଶ୍ର
ଭୁବନେଶ୍ୱର,୫।୪(ବ୍ୟୁରୋ)



- ସାଧାରଣ ବଣ୍ଟନରୁ ସାମଗ୍ରୀ ଆସିପାରୁନି, ଓଳିଏ ଖାଇଲେ ଓଳିଏ ଉପାସ
- ବିଭାଗ ସହ ଆଲୋଚନା ହୋଇଛି, ଖୁବ୍‌ଶୀଘ୍ର ହେବ ସମାଧାନ: ବିଏମ୍‌ସି

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବସ୍ତି ଉଚ୍ଛେଦ ଓ ବସ୍ତିବାସିନ୍ଦାଙ୍କୁ ଗୋଟିଏ ଜୋନରୁ ଉଠାଇ ଅନ୍ୟ ଏକ ଜୋନକୁ ସ୍ଥାନାନ୍ତର କରୁଛନ୍ତି। କିନ୍ତୁ ବିଏମ୍‌ସି ବସ୍ତିବାସିନ୍ଦାଙ୍କ ଆଧାର ଓ ରାଶନ କାର୍ଡର ସଂଶୋଧନରେ ତତ୍ପରତା ନ ଥିବାରୁ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଲକ୍‌ଡାଉନ୍ ଚାଲିଥିବାବେଳେ ଭୁବନେଶ୍ୱରରେ ବିଏମ୍‌ସି ଦ୍ୱାରା ସାଧାରଣ ବଣ୍ଟନ ଆରମ୍ଭ ହୋଇଛି। ପୋଲିସ ଭୟରେ ଯାତାୟାତ କରିପାରୁ ନ ଥିବାରୁ ବସ୍ତିବାସିନ୍ଦା ଖାଇବାକୁ ନ ପାଇ ଉପାସ ରହୁଥିବା କହିଛନ୍ତି।

ସୂଚନାଯୋଗ୍ୟ, ରେଲୱେ ପ୍ଲାଟଫର୍ମ ସହ ଟ୍ରାକ ସମ୍ପ୍ରସାରଣ ଯୋଗୁ ଗତ ୨୦୧୩ରେ ମଧ୍ୟ ନିର୍ବାଚନମଣ୍ଡଳୀ ତଥା ବିଏମ୍‌ସି ଦକ୍ଷିଣପୂର୍ବ ଜୋନର ୩୩ ନଂ ୱାର୍ଡ (ବନଫୁଲ ବସ୍ତି)ରେ ଦୀର୍ଘବର୍ଷ ଧରି ବସବାସ କରୁଥିବା ପ୍ରାୟ ୨୦୯ ପରିବାରକୁ ଉତ୍ତର ଜୋନ ତଥା ଇନଫୋସିଟି ଥାନା ଅନ୍ତର୍ଗତ ୱାର୍ଡ-୨କୁ ସ୍ଥାନାନ୍ତର କରାଯାଇଥିଲା। ରହିବାର ୭ବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କ ଆଧାର, ରାଶନ କାର୍ଡର ଠିକଣା ଏଯାଏ ଦକ୍ଷିଣ ପୂର୍ବ ଜୋନ୍‌ରେ ରହିଛି। କିଛି ବସ୍ତିବାସିନ୍ଦାଙ୍କ କହିବା ମୁତାବକ, ଉକ୍ତ ଅଞ୍ଚଳରେ ରହୁଥିବା ଜଣେ ପ୍ରଭାବଶାଳୀ ରାଜନେତା ନିଜ ସପକ୍ଷରୁ ୨୦୯ ଭୋଟ ଚାଲିଯିବା ଭୟରେ କାହାରି ମଧ୍ୟ ଭୋଟ ପରିଚୟପତ୍ରକୁ ବଦଳାଉ ନାହାନ୍ତି। ଯାହାର ଫଳସ୍ୱରୂପ ସେମାନେ ଏହି ସାମ୍ପ୍ରତିକ ସ୍ଥିତିରେ ଭୋକ ଉପାସରେ ରହୁଛନ୍ତି।

ଏ ନେଇ ବିଏମ୍‌ସି ଅତିରିକ୍ତ ଯୋଗାଣ ଅଧିକାରୀ (ଏସିଏସ୍‌ଓ) ବସନ୍ତ କୁମାର ପଣ୍ଡା କହିଛନ୍ତି, ବିଭାଗ ସ୍ତରରେ ଏ ସମସ୍ୟା ନେଇ ଆଲୋଚନା କରାଯାଇଛି। ଯେଉଁ ସ୍ଥାନରେ ବର୍ତ୍ତମାନ ବସ୍ତିବାସିନ୍ଦାମାନେ ଅଛନ୍ତି, ସେହି ସ୍ଥାନରୁ ହିଁ ସେମାନଙ୍କୁ ରାଶନ ମିଳିପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କିନ୍ତୁ ଯାନ୍ତ୍ରିକ ତ୍ରୁଟି ହେତୁ ତାକୁ କାର୍ଯ୍ୟକାରୀ କରାଯାଇପାରି ନାହିଁ। ଆଗାମୀ ଦିନରେ ଏ ନେଇ ତୁରନ୍ତ ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ସହଯୋଗର ହାତ ବଢ଼ାଇଲେ ସାଇ ମନ୍ଦିର ଟ୍ରଷ୍ଟ

ଏହି ଅବସ୍ଥାରେ ବନଫୁଲ ବସ୍ତିବାସିନ୍ଦାଙ୍କ ପାଇଁ ସାହାରା ସାଜିଛି ପଟିଆ ସାଇ ମନ୍ଦିର ଟ୍ରଷ୍ଟ। ଲୋକଙ୍କର ଦୁର୍ଦ୍ଦଶା ଦେଖି ସାଇ ମନ୍ଦିର ଟ୍ରଷ୍ଟ ସହାୟତାରେ ପ୍ରତି ଘରକୁ ମାଗଣାରେ ଚାଉଳ, ତେଲ, ଡାଲି, ପରିବା ଦିଆଯାଇଛି। ବସ୍ତିର ସଭାପତି ଏସ୍ ଆପନା ରାଓଙ୍କ କହିବା ମୁତାବକ ପ୍ରଶାସନ ସେମାନଙ୍କୁ ଏଠାକୁ ଦୀର୍ଘ ୭ ବର୍ଷ ହେଲା ଆଣିଥିଲେ ମଧ୍ୟ ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରିନାହିଁ। ସରକାର କହିବା ମୁତାବକ, ଘରେ ରାଶନ ସାମଗ୍ରୀ ପହଞ୍ଚାଇବେ କଥା ପାଣିର ଗାର ସଦୃଶ ହୋଇଯାଇଛି। ତୁରନ୍ତ ସେମାନଙ୍କ ପରିବାରକୁ ସହାୟତା ପ୍ରଦାନ କରା ନ ଗଲେ ଅନେକ ଲୋକ ଅନାହାରରେ ମୃତ୍ୟୁମୁଖରେ ପଡିବେ ବୋଲି ବସ୍ତିର ପ୍ରଭାକର ସରାଇ, ମାନନ ଗାୟନ, ସଞ୍ଜୁ ତରାଇ, ସିମା ତିହାଡି ପ୍ରମୁଖ କହିଛନ୍ତି।

## ଲିଙ୍ଗରାଜ ମନ୍ଦିରରେ ବସିଲା ଚିଲ

**ଭୁବନେଶ୍ୱର, ୫।୪ (ବ୍ୟୁରୋ):** ମହାପ୍ରଭୁ ଲିଙ୍ଗରାଜ ମନ୍ଦିର ଉପରେ ହଠାତ ଏକ ମାଟିଆ ଚିଲ ବସି ରହିବା ଘଟଣାକୁ ନେଇ ସେବାୟତମାନେ ଆତଙ୍କିତ ହୋଇଛନ୍ତି। ଶନିବାର ଅପରାହ୍ନରେ ଏକ ମାଟିଆ ଚିଲ ଦୀର୍ଘ ସମୟ ଧରି ମନ୍ଦିର ଚୂଡ଼ା ଉପରେ ଘୂରି ବୁଲିଥିଲା। ମହାପ୍ରଭୁ ବାନା ଚତୁଃପାର୍ଶ୍ୱରେ ଘୂରିବା ପରେ ମନ୍ଦିର ଉପରେ ବସି ରହିବା ସହ ବିକଟାଳ ରଡ଼ି ଛାଡ଼ିଥିଲା। ଏହି ଚିଲଟି କେଉଁଆଡେ ନ ଯାଇ ବିଳମ୍ବିତ ସନ୍ଧ୍ୟାଯାଏ ମନ୍ଦିର ଉପରେ ଥିବା ପତାକା ଉପରେ ସେଭଳି ବସି ରହିଥିଲା। ଚିଲର ଏଭଳି ହଠାତ୍ ଆବିର୍ଭାବକୁ ଦେଖି ମନ୍ଦିରରେ ଉପସ୍ଥିତ ସେବାୟତମାନେ ଚକ୍ତିତ ହୋଇପଡ଼ିଥିଲେ। ଆଗରୁ ଏଭଳି ଘଟି ନ ଥିବାବେଳେ ହଠାତ ଏ ସମୟରେ ଚିଲ ବସିବାକୁ ଅଶୁଭ ସଂକେତ ବୋଲି ସେବାୟତମାନେ ଆଶଙ୍କା ପ୍ରକଟ କରୁଛନ୍ତି। ଏଠାରେ ଉଲ୍ଲେଖଥାଉ କି, କରୋନା ପ୍ରଭାବକୁ ଦେଖି ପ୍ରଶାସନ ଚଳିତବର୍ଷ ମହାପ୍ରଭୁଙ୍କ ରୁକୁଣା ରଥକୁ ସ୍ଥଗିତ କରିଥିଲେ। ଯାହାକୁ ନେଇ ସେବାୟତମାନେ ମନ୍ଦିରରରେ ପୂଜା ନୀତିରେ ଭାଗ ନେଇ ନ ଥିଲେ। ମନ୍ଦିର ନୀତିକାନ୍ତି ବନ୍ଦ ରହିଥିବାବେଳେ କେତେକ ସେବାୟତମାନେ ତୁଳସୀ ଦେଇ ମହାପ୍ରଭୁଙ୍କ ପୂଜାନୀତି କରୁଛନ୍ତି। ଏହି ସମୟରେ ପୂଜାନୀତି ବିଭ୍ରାଟ ହେବା ଫଳରେ ଆଗକୁ ବଡ଼ ବିପଦ ଆସୁଥିବା ସେବାୟତମାନେ ଆଶଙ୍କା କରିଛନ୍ତି। ପ୍ରଶାସନ ପକ୍ଷରୁ ରଥ ନିର୍ମାଣ ଚୂଡ଼ାନ୍ତ ହୋଇଥିବାବେଳେ ପରମ୍ପରା ଭାଙ୍ଗି ଏହାକୁ ବନ୍ଦ କରାଯିବା ଘଟଣାକୁ ବିଭିନ୍ନ ସମାଲୋଚନା କରାଯାଉଛି। ବିଶେଷକରି ମହାପ୍ରଭୁଙ୍କ ରୁକୁଣା ରଥ ନିର୍ମାଣ ସମୟରେ ସାମାଜିକ ଦୂରତା ରହି ନ ଥିଲା। ହେଲେ ପରେ ମଧ୍ୟ ପୂଜାନୀତି ହେଲାନି। ଏହି ସମୟରେ ୪୮ଘଣ୍ଟା ଶଟଡାଉନ ଫଳରେ ଏବେ ରଥର ଘୋଡ଼ା ଏବଂ ଡାହୁକ ବାହାରେ ରହିଥିବା ଦେଖିବାକୁ ମିଳିଛି। ଶଟଡାଉନ ଫଳରେ ମନ୍ଦିର ଚତୁଃପାର୍ଶ୍ୱ ପୂରା ଖାଁ ଖାଁ ଲାଗୁଛି।





ବମିଖାଲ ରାସ୍ତା ଓ ଓଭରବ୍ରିଜ୍‌କୁ ରବିବାର ବିଶୋଧନ କରାଯାଉଛି।

## ସିଲ୍ ଅଞ୍ଚଳକୁ ବିଶୋଧନ କଲା ବିଏମ୍‌ସି

ଭୁବନେଶ୍ୱର, ୫।୪(ବ୍ୟୁରୋ)

ସୂର୍ଯ୍ୟନଗରରୁ ୮ ଓ ବମିଖାଲରୁ ୪ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ବିଏମ୍‌ସି ପକ୍ଷରୁ ଉଭୟ ଅଞ୍ଚଳକୁ ସିଲ୍ କରାଯିବା ସହ ସଫେଇ ଓ ବିଶୋଧନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ଗଳିକନ୍ଦିରେ ବିଶୋଧକ ସ୍ପ୍ରେ କରାଯାଇଥିବା ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ସୂଚନା ଅନୁଯାୟୀ, ସକାଳେ ବିଏମ୍‌ସି ଓ ଅଗ୍ନିଶମ ବିଭାଗ କର୍ମଚାରୀ ମିଳିତ ଭାବେ ଅଞ୍ଚଳକୁ ପରିଷ୍କାର କରୁଥିବାବେଳେ ସନ୍ଧ୍ୟାରେ ଫଗିଂ ସହ କେମିକାଲଯୁକ୍ତ ଧୂଆଁ ଛାଡ଼ାଯାଉଛି। ତିନିଟି ବଡ଼ ଫାୟାର ଟେଣ୍ଡର ଓ ଗୋଟିଏ ଛୋଟ ଫାୟାର ଟେଣ୍ଡର ସହାୟତାରେ ଉଭୟ ଅଞ୍ଚଳରେ ସୋଡିୟମ ହାଇପୋକ୍ଲୋରାଇଟ୍ ସ୍ପ୍ରେ କରାଯାଉଛି। ଏଥିସହ ଯାନ୍ତ୍ରିକ ସଫେଇ ଜାରି ରହିଥିବା ଦେଖିବାକୁ ମିଳିଛି।

### ସାନିଟାଇଜ୍ ହେଲା ସହରର ସବୁ ହାଟ

ଶଟ୍‌ଡାଉନ୍ ଯୋଗୁ ୪୮ ଘଣ୍ଟା ଧରି ବନ୍ଦ ରହିଥିବା ପରିବା ଓ ଗସେରୀ ହାଟ ପୁଣି ଖୋଲିଛି। ଲୋକେ ପରିବା, ଗ୍ରସେରୀ ଓ ଅନ୍ୟ ସାମଗ୍ରୀ କିଣିବା ପାଇଁ ଏସବୁ ହାଟକୁ ସୋମବାରଠାରୁ ଆସିବେ। ତେଣୁ ସଂକ୍ରମଣ ଆଶଙ୍କା ଏଡ଼ାଇବା ପାଇଁ ଏହା ପୂର୍ବରୁ ଭୁବନେଶ୍ୱରର ସମସ୍ତ ହାଟ ଓ ବଜାରକୁ ସାନିଟାଇଜ୍ କରାଯାଇଛି। ରବିବାର ଅପରାହ୍ନରେ ଅଗ୍ନିଶମ ବିଭାଗ ଓ ବିଏମ୍‌ସିର ମିଳିତ ସହଯୋଗରେ ଏହି ବିଶୋଧନ କାର୍ଯ୍ୟ କରାଯାଇଥିବା ସୂଚନା ମିଳିଛି।

## ନିମାପଡ଼ାରେ ୫ ଦିନ ପାଇଁ ହାଟ, ବଜାର ବନ୍ଦ

**ନିମାପଡ଼ା,୫।୪(ଡି.ଏନ.ଏ):** କରୋନା ସଂକ୍ରମଣ ରୋକିବାକୁ ଲକଡାଉନ କରାଯାଇଛି। ଓଡ଼ିଶାରେ ସଂକ୍ରମଣ ସଂଖ୍ୟା ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଲୋକଙ୍କ ସୁରକ୍ଷା ପାଇଁ ନିମାପଡ଼ାରେ ଆସନ୍ତା ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ହାଟ, ବଜାର, ପନିପରିବା, ମାଛ, ମାଂସ, ଅଣ୍ଡା ଆଦି ମାର୍କେଟକୁ ପ୍ରଶାସନ ପକ୍ଷରୁ ବନ୍ଦ କରିଦିଆଯାଇଛି। ଏ ନେଇ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ଜଣାଇ ଦିଆଯାଇଛି। ଏହି ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ପ୍ରଶାସନ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଏହାକୁ ଯଦି କେହି ଅବମାନନା କରନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷେ ପୁରୀ ଜିଲା ପିପିଲିସ୍ଥିତ ଦାନଗହରି ଅଞ୍ଚଳରେ ଜଣେ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ପିପିଲି ସମେତ ନିମାପଡ଼ାବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଏଥିନିମନ୍ତେ ନିମାପଡ଼ା, ଚାରିଛକ, ଖେଲାର, ହରିପୁର, ବଳଙ୍ଗା, ବାମନାଳ ଆଦି ଅଞ୍ଚଳରେ ନିମାପଡ଼ାକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ସିଲ କରିଦିଆଯାଇଛି। ପ୍ରତି ଛକରେ ପୋଲିସ ବ୍ୟାରିକେଡ ପକାଇ ଯିବାଆସିବା ଯାନବାହନକୁ କଡ଼ା ଯାଞ୍ଚ କରୁଛି। ଲକଡାଉନ ବ୍ୟବସ୍ଥାକୁ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି।

### ବିଦ୍ୟୁତ୍ ଆଘାତରେ ବାଳକ ଗୁରୁତର
## ମାନବିକତା ଦେଖାଇଲେ ଥାନାଧିକାରୀ

ନରାଜ,୫।୪(ଡି.ଏନ.ଏ)

କଟକ ଜିଲା ବାରଙ୍ଗ ଥାନା ଅନ୍ତର୍ଗତ ବ୍ରାହ୍ମଣୀଗାଁ ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ୭ବର୍ଷର ବାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସେହି ଗ୍ରାମର ଆଦିତ୍ୟ ଦାସ। ସୂଚନାଯୋଗ୍ୟ, ରବିବାର ଆଦିତ୍ୟ ଘରେ ଖେଳୁଥିବା ସମୟରେ ଅସାବଧାନତାବଶତଃ ବିଦ୍ୟୁତ ତାରକୁ ଧରି ଦେଇଥିଲେ। ଫଳରେ ପିଲାଟିର ଦୁଇ ହାତର ପାପୁଲି ପୋଡିଯିବା ସହ ସେହିଠାରେ ଚେତାଶୂନ୍ୟ ହୋଇଯାଇଥିଲେ। ଖବରପାଇ ବାରଙ୍ଗ ଥାନା ଅଧିକାରୀ ଶଶିକାନ୍ତ ରାଉତ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ଚିକିତ୍ସା ଦ୍ୱାରା ତାଙ୍କର ଚେତା ଫେରାଇ ଆଣିବା ପରେ ପୋଲିସ ଗାଡିରେ କଟକ ଶିଶୁଭବନରେ ଚିକିତ୍ସା ପାଇଁ ନେଇଯାଇଥିଲେ। ସେହିଭଳି ଶନିବାର ସନ୍ଧ୍ୟାରେ ସାପ କାମୁଡ଼ି ଥିବା ବିଦ୍ୟାଧରପୁର ଗ୍ରାମର ଧୀରେନ ବେହେରାଙ୍କୁ ଥାନା ଅଧିକାରୀ ନିଜେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେ ବର୍ତ୍ତମାନ ସୁସ୍ଥ ଅଛନ୍ତି। ବାରଙ୍ଗ ଅଞ୍ଚଳରେ ବର୍ତ୍ତମାନ ଶଟଡାଉନ ଥିବାବେଳେ ଥାନା ଅଧିକାରୀ ଲୋକମାନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ସାହାଯ୍ୟ କରି ମାନବିକତାର ପରିଚୟ ସୃଷ୍ଟି କରିଛନ୍ତି।



ଆହତ ବାଳକଙ୍କ ଚେତା ଫେରାଇବାକୁ ଚେଷ୍ଟା କରୁଛନ୍ତି ଥାନାଧିକାରୀ।

## ଶୁଆ ବେପାରୀଙ୍କ ଆକ୍ରମଣରେ ୫ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ଆହତ

ଭୁବନେଶ୍ୱର,୫।୩(ବ୍ୟୁରୋ)

### ବରବରା ରେଞ୍ଜ୍‌ରେ ଲଙ୍କାକାଣ୍ଡ

ଖୋର୍ଦ୍ଧା ବନଖଣ୍ଡ ଅଧିନ ବରବରା ରେଞ୍ଜ ଅଞ୍ଚଳରେ ବେଆଇନ ଶୁଆ ବେପାର ବଢ଼ି ଚାଲିଛି। ଏପରିକି ଲକ୍‌ଡାଉନ୍ ସମୟରେ ବି ଏହି କାରବାର ଚାଲିଛି। ଏହାକୁ ନେଇ ଗତ ୧ ତାରିଖରେ ତୁମୁଳକାଣ୍ଡ ଘଟିଛି। ବରବରା ଅଞ୍ଚଳରେ ଶୁଆ ବିକ୍ରି ଚାଲିଥିବାବେଳେ ବନ ବିଭାଗର ଏକ ଟିମ୍ ଚଢ଼ାଉ କରି ତାହାକୁ ବନ୍ଦ କରିଥିଲେ। ପରେ ୫୦ରୁ ଊର୍ଦ୍ଧ୍ୱ ଲୋକ ସେମାନଙ୍କୁ ଘେରାଉ କରିବା ସହ ସଂଘବଦ୍ଧ ଭାବେ ଠେଙ୍ଗା, ବାଡ଼ି, ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ଏଥିରେ ବନରକ୍ଷୀ ଆଶିଷ ମହାନ୍ତି, ନୀଳାଦ୍ରି ପ୍ରସାଦ, ସୌମ୍ୟ ରଞ୍ଜନ ବେହେରା, କବିତା ଜାଲିଙ୍କ ସମେତବହୁ ବନ କର୍ମଚାରୀ ଗୁରୁତର ଆହତ ହେଇଛନ୍ତି। ଏଥିସହ ସରକାରୀ ଗାଡ଼ି ଓ ବନ କର୍ମଚାରୀଙ୍କ କେତେକ ଗାଡ଼ିକୁ ମଧ୍ୟ ଭାଙ୍ଗି ଚୁର୍‌ମାର କରିଦେଇଛନ୍ତି।

ଏହି ଘଟଣାକୁ ନେଇ ବରବରା ରେଞ୍ଜର ଡେପୁଟି ରେଞ୍ଜର ଧୀରେନ କୁମାର ପ୍ରଧାନ ବାଣପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ୫ଦିନ ପରେ ମଧ୍ୟ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ଏହି ଘଟଣାକୁ ଅଣଗେଜେଟେଡ ବନ କର୍ମଚାରୀ ସଂଘ ସମ୍ପାଦକ ସମୀର ବେହେରା ଦୃଢ଼ ନିନ୍ଦା କରିବା ସହ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି।

## ଗ୍ରାମରାସ୍ତା, ଘରକୁ ବିଶୋଧନ କଲେ ଗ୍ରାମବାସୀ

**କଣ୍ଟାପଡା,୫।୩(ଡି.ଏନ୍.ଏ):** ଘାତକ କରୋନା ଭୂତାଣୁରୁ ରକ୍ଷାପାଇଁ ସାମାଜିକ ଦୂରତ୍ୱ ନିହାତି ଆବଶ୍ୟକ। ତେଣୁ ବିଭିନ୍ନ ଗାଁ ମୁଣ୍ଡକୁ ଯୁବକମାନେ ସିଲ୍‌କରି ବାହାର ଲୋକଙ୍କୁ ପ୍ରବେଶ କରାଇବା ଉପରେ ଅଙ୍କୁଶ ଲଗାଇଛନ୍ତି। ସେହିପରି କଣ୍ଟାପଡ଼ା ଗାଁ ମୁଣ୍ଡ ସିଲ୍ ହୋଇଥିବା ବେଳେ ରବିବାର ଗ୍ରାମବାସୀ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଛନ୍ତି। ରବିବାର ସ୍ଥାନୀୟ ସରପଞ୍ଚ ପ୍ରୀତି ବେହେରାଙ୍କ ଉଦ୍ୟମରେ ଅଜୟ ବେହେରା, ମାନସ ସାହୁ, ଚକ୍ରଧର ବେହେରା, ଶିବ ବେହେରା ଅନ୍ୟ ଯୁବକମାନେ ଏକାଠି ହୋଇ କଣ୍ଟାପଡା ଗ୍ରାମ ରାସ୍ତାକୁ ବ୍ଲିଚିଂ ପାଉଡର ପକାଇ ପାଣିରେ ଧୋଇବା ସହ ଗାଁମୁଣ୍ଡକୁ ପରିଷ୍କାର କରିଥିଲେ। ସେହିପରି ଅନ୍ୟମାନେ ଗାଁରେ ଥିବା ବିଭିନ୍ନ ଘରକୁ ସାନିଟାଇଜର ସ୍ପ୍ରେ କରି ବିଶୋଧନ କରିଥିଲେ।






କରୋନା ସହ ଲଢ଼େଇ ପାଇଁ ଏକତାର ବାର୍ତ୍ତା ନେଇ ରବିବାର ରାତି ୯ଟରେ ଜଳାଯାଇଥିବା ଦୀପ ଆଲୋକରେ ଭୁବନେଶ୍ୱରର ଏକ କୋଠା ଆଲୋକିତ ହୋଇଉଠିଛି। କଟକ ତିଗିରିଆ ଅଞ୍ଚଳରେ ଭାରତ ମାନଚିତ୍ର ଆକୃତିରେ ଦୀପ ଜଳାଯାଉଛି।

## ସଂକ୍ରମଣ ଭୟ ନାହିଁ, କାମରେ ବ୍ୟସ୍ତ ପୌର କର୍ମଚାରୀ

ଖୋର୍ଦ୍ଧା ଅଫିସ,୫।୪

ସାରା ବିଶ୍ୱ ଏବେ କରୋନା ଆତଙ୍କରେ କବଳିତ। କୋଭିଡ-୧୯ ଭୂତାଣୁ ସଂକ୍ରମଣ ରୋକିବା ଲାଗି ଦେଶରେ ଲକଡାଉନ ବଳବତ୍ତର ରହିଛି। ରାଜ୍ୟରେ ସଂକ୍ରମିତ ସଂଖ୍ୟା ବଢୁଥିବା ଦେଖି ସରକାରଙ୍କ ପକ୍ଷରୁ ସତର୍କତମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଅତ୍ୟାବଶ୍ୟକ ସାମଗ୍ରୀକୁ ବାଦ ଦେଇ ସମସ୍ତ ଦୋକାନ ବଜାର ବନ୍ଦ ରହିଛି। ସକାଳ ପରିବା ବଜାର ଗହଳିକୁ ବାଦ ଦେଲେ ଅନ୍ୟ ସମୟରେ ରାସ୍ତାଘାଟ ସମ୍ପୂର୍ଣ୍ଣ ଖାଁ ଖାଁ। ସଂକ୍ରମଣକୁ ନେଇ ଚାରିଆଡ଼େ ଲୋକଙ୍କ ମନରେ ଭୟର ବାତାବରଣ ରହିଛି। ଏହି ସମୟରେ ପୌର ପରିଷଦ ଅଧୀନ ସଫେଇ କର୍ମଚାରୀମାନେ ନିଜ କର୍ତ୍ତବ୍ୟରେ ଟିକେ ବି ଅବହେଳା ନ କରି ଦିନରାତି ନିଜ କାର୍ଯ୍ୟ କରିଚାଲିଛନ୍ତି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କୁହନ୍ତି, କରୋନା ମୁକାବିଲା ଲାଗି ୧୭୪ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ସକାଳ ସମୟରେ ସାହି ଗଳିକନ୍ଦି ଅଳିଆ ଉଠାଇବା, ଜନଗହଳି ସ୍ଥାନରେ ବ୍ଲିଚିଂ, ଅସ୍ଥାୟୀ ପରିବା ହାଟରେ ପରିମଳ, ସହରର ସ୍ୱଚ୍ଛତା, ଅସହାୟ, ଗରିବ, ନିରାଶ୍ରୟଙ୍କୁ ଖାଦ୍ୟ ପ୍ରଦାନ, ସହରକୁ ସାନିଟାଇଜର, ସନ୍ଧ୍ୟାରେ ମେଶିନ ଦ୍ୱାରା ଧୂଆଁ ସ୍ପ୍ରେ ଆଦି କାର୍ଯ୍ୟରେ ଲାଗିଛନ୍ତି। କରୋନା ଭୂତାଣୁ ନେଇ ସାରା ବିଶ୍ୱରେ ଏକ ଘଡ଼ି ସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। କୌଣସି କାମ ନ ଥିଲେ ଘରେ ରହିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି। ଜନସାଧାରଣ ଘରେ ପରିବାର ସହ ସମୟ ବିତାଉଥିବାବେଳେ ଅନ୍ୟପଟେ ପୌର କର୍ମଚାରୀମାନେ ନିଜ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳିଛି। ଏ ନେଇ ଜଣେ ମହିଳା କର୍ମଚାରୀ କୁହନ୍ତି ବର୍ତ୍ତମାନ ସାରା ବିଶ୍ୱ କୋଭିଡ-୧୯ ଭୂତାଣୁ ଆତଙ୍କରେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏଣୁ ଆମକୁ କାମ କରିବାକୁ ପଡ଼ିବ। ପୂର୍ବରୁ ଫାଇଲିନରେ କାମ କରୁଥିଲୁ। ଏବେ ଏହି କାମରେ ଲାଗିଥିବାରୁ ମୁ ନିଜକୁ ଗର୍ବ ଅନୁଭବ କରୁଛି।

## ୨୦ଦିନ ପାଇଁ ମହଜୁଦ ରହିଛି ଅତ୍ୟାବଶ୍ୟକ ସାମଗ୍ରୀ

ଭୁବନେଶ୍ୱର,୫।୪ (ବ୍ୟୁରୋ)

- ରାଜଧାନୀ ରାସ୍ତାରେ ଖୋଲିବ ଅଧିକ କାଉଣ୍ଟର
- ଡିସିପିଙ୍କ ସହ ରାଜ୍ୟ ବ୍ୟବସାୟୀ ମହାସଂଘର ଆଲୋଚନା

ରାଜ୍ୟରେ କୋଭିଡ୍-୧୯ ହୁହୁ ହୋଇ ବଢ଼ି ଚାଲିଥିବାବେଳେ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ କଟକଣା ଲୋକଙ୍କ ମନରେ ଖାଦ୍ୟ ଚିନ୍ତାକୁ ବଢ଼ାଇ ଦେଇଛି। ଏପଟେ ଧୀରେ ଧୀରେ ଦୋକାନରୁ ଅତ୍ୟାବଶ୍ୟକ ସାମଗ୍ରୀ ସରିଆସିଲାଣି। ଆଗକୁ ରାଜଧାନୀରେ ଖାଦ୍ୟ ସମସ୍ୟା ଦେଖାଦେବ ବୋଲି ଲୋକଙ୍କ ମନରେ ଆଶଙ୍କା ପ୍ରକାଶ ପାଇଛି। ତେଣୁ ଯେତେବେଳେ ଟିକେ ସୁଯୋଗ ମିଳୁଛି ଲୋକେ ଦୋକାନ ବଜାରରେ ଭିଡ଼ ଜମାଉଛନ୍ତି। ୪୮ଘଣ୍ଟିଆ ଶଟ୍‌ଡାଉନ୍ ହଟିଯାଇଥିବାବେଳେ ସୋମବାର ଏଭଳି ଆଶଙ୍କା ମଧ୍ୟ ଦେଖାଦେବ ଓ ସାମାଜିକ ଦୂରତ୍ୱକୁ ଲୋକେ ଉଲ୍ଲଂଘନ କରିବାର ସମ୍ଭାବନା ରହିଛି। ଏଭଳି ସ୍ଥିତିକୁ ଦୂର କରିବା ପାଇଁ ଅଧିକ ସମୟ ଦୋକାନ ଖୋଲିବା ସହ ରାସ୍ତା ଉପରେ ଅଧିକ କାଉଣ୍ଟର ଖୋଲାଯିବ। ଲୋକମାନେ ସମାନ ଦାମ୍‌ରେ ସାମଗ୍ରୀ ପାଇପାରିବେ ବୋଲି ରାଜ୍ୟ ବ୍ୟବସାୟୀ ମହାସଂଘ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଡିସିପି ଅନୁପ ସାହୁଙ୍କ ସହ ମଧ୍ୟ କଥାହୋଇଥିବା ଓ ପ୍ରତିଶ୍ରୁତି ମିଳିଥିବା ସେ କହିଛନ୍ତି। ସେ କୁହନ୍ତି, ଆମକୁ ସରକାରଙ୍କ ଆଭିମୁଖ୍ୟକୁ ବୁଝିବାକୁ ହେବ। ଆମେ ଅଧିକରୁ ଅଧିକ ସମୟ ଦୋକାନ ଖୋଲିବା ପାଇଁ ଡିସିପିଙ୍କୁ ଅନୁରୋଧ କରିଛୁ। ଯେତେ ଅଧିକ ସମୟ ଦୋକାନ ଖୋଲିଲେ ଗହଳି କମିଯିବ। ଏହା ସଫଳ ହେଲେ ପର୍ଯ୍ୟାୟକ୍ରମେ ଅନ୍ୟ ସ୍ଥାନରେ ଏପରି ବ୍ୟବସ୍ଥା ହେବ। ଆମ ନିକଟରେ ପର୍ଯ୍ୟାପ୍ତ ଖାଦ୍ୟ ସାମଗ୍ରୀ ମହଜୁଦ ରହିଛି। ୨୦ ଦିନ ବାହାରୁ ମାଲ୍ ନ ଆସିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ। ଲୋକମାନେ ଭୟଭୀତ ହୋଇ ଆବଶ୍ୟକତାଠାରୁ ଅଧିକ କିଣନ୍ତୁ ନାହିଁ ବୋଲି ସେ ନିବେଦନ କରିଛନ୍ତି।

# ଶଟ୍‌ଡାଉନ୍ ଛାପ


ଭୁବନେଶ୍ୱର ସତ୍ୟନଗରରେ ଅଟକି ରହିଥିବା ଟ୍ରେନ୍



ଏୟାରପୋର୍ଟ ଖାଁ ଖାଁ


ବିଏମ୍‌ସି କର୍ମଚାରୀ କାମ କରିବା ପୂର୍ବରୁ ହାତକୁ ସାନିଟାଇଜ୍ କରୁଛନ୍ତି।



ଭୁବନେଶ୍ୱର ଏଣ୍ଟିପଏଣ୍ଟ ପଳାଶୁଣୀଠାରେ ଗାଡ଼ିଗୁଡ଼ିକ ଚେକ୍ କରାଯାଉଛି।


ବମିଖାଲରେ ପଜିଟିଭ୍ ବାହାରିବା ପରେ ନିକଟସ୍ଥ ଅଞ୍ଚଳ ସିଲ୍ କରାଯାଇଛି।


ଶୁନ୍‌ଶାନ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ରାସ୍ତା।


ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଖାଁ ଖାଁ।


ଲକ୍‌ଡାଉନ୍ ସମୟରେ ଜଣେ ମହିଳା ରାଜମହଲ ଛକଠାରେ ଚଉଁରାରେ ପୂଜା କରୁଛନ୍ତି।


ବରମୁଣ୍ଡା ନିକଟ ରାସ୍ତାରେ ଦୁଇ ହଂସ ଖାଦ୍ୟ ଅନ୍ୱେଷଣରେ ରାସ୍ତାରେ ବୁଲୁଛନ୍ତି।



ଏଜି ଛକ ନିକଟରେ ଥିବା ବସ୍‌ଷ୍ଟପ୍‌ରେ ଆଶ୍ରୟ ନେଇଥିବା ଲୋକେ।


କ୍ୟାପିଟାଲ୍ ହସ୍ପିଟାଲ୍ ରୋଡ୍‌ରେ ରାସ୍ତା ଉପରେ ଗାଈଗୋରୁ


ଶଟ୍‌ଡାଉନ୍ ସମୟରେ ରସୁଲଗଡ଼ ଓଭରବ୍ରିଜ୍‌ର ଦୃଶ୍ୟ।

# ଶଟ୍‌ଡାଉନ୍ ଛାପ




ବିମାନ ବନ୍ଦରରେ ଅଟକି ଥିବା ବିମାନ


ଜନଶୂନ୍ୟ ପୁରୀ ବଡ଼ଦାଣ୍ଡ


ବିଏମ୍‌ସି ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ବସ୍‌ଷ୍ଟାଣ୍ଡରେ ଅସହାୟଙ୍କୁ ରନ୍ଧା ଖାଦ୍ୟ ବଣ୍ଟାଯାଉଛି।


କଟକ ସହର ମୁଖ୍ୟ ରାସ୍ତା



ଭଦ୍ରକ ସହରର ମୁଖ୍ୟ ପ୍ରବେଶ ପଥ


ଓଲ୍‌ଡଟାଉନ୍ ଏରିଆ


ମାଷ୍ଟରକ୍ୟାଣ୍ଟିନ୍‌ର ଏକ ଷ୍ଟାଚ୍ୟୁ ତଳେ ଲୋକେମାନେ ଆଶ୍ରୟ ନେଇଛନ୍ତି।


ଖଣ୍ଡଗିରି ନିକଟ ନୂତନ ବସ୍‌ଷ୍ଟପ୍‌ରେ ଆଶ୍ରୟ ନେଇଥିବା ବାସହରା


ଶିଶୁ ହାତରେ ଆହାର


ଫାୟାର ଷ୍ଟେଶନରୁ ସିଆର୍‌ପି ରାସ୍ତା


ରାଜାରାଣୀ ମନ୍ଦିର


କଳ୍ପନାରୁ ଏଜି ଛକ

## ଚାଉଳ ପାଇଁ ଚାହିଁ ବସିଛନ୍ତି ହିତାଧିକାରୀ

**ବିଞ୍ଝାରପୁର, ୫।୪ (ଡି.ଏନ.ଏ.)**

ମହାମାରୀ କରୋନା ଯୋଗୁ ଦେଶରେ ଲକ୍‌ଡାଉନ୍ ଚାଲିଛି। ଏଥିଯୋଗୁ ସାଧାରଣ ଗରିବ, ଖଟିଖିଆ କାମଧନ୍ଦା ହରାଇଛନ୍ତି। ସେମାନଙ୍କ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରାଶନ କାର୍ଡ ହିତାଧିକାରୀଙ୍କୁ ଆଗୁଆ ୩ମାସର ଚାଉଳ ସମେତ ପରିବାର ପିଛା ୧ହଜାର ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ଯାଜପୁର ଜିଲାର ଅନ୍ୟ ବ୍ଲକଗୁଡ଼ିକରେ ୩ମାସର ଆଗୁଆ ଚାଉଳ ସମେତ ୧ହଜାର ଟଙ୍କା ସହାୟତା ଦିଆଯାଇଥିଲାବେଳେ ବିଞ୍ଝାରପୁର ବ୍ଲକରେ ତାହା ହୋଇପାରିନାହିଁ। ଏହାକୁ ନେଇ ହିତାଧିକାରୀ ମହଲରେ ଅସନ୍ତୋଷ ଦେଖାଯାଇଛି। ବହୁ ଲୋକ ଭୋକଉପାସରେ ରହିଛନ୍ତି। ଏ ସମ୍ପର୍କରେ ବ୍ଲକର ମାର୍କେଟିଂ ଇନ୍‌ସପେକ୍ଟର(ଏମ୍‌ଆଇ) ଶୁଭାଙ୍ଗୀ ରାୟଙ୍କୁ ପଚାରିବାରୁ ଆଲଟମେଣ୍ଟରେ ସମସ୍ୟା ଯୋଗୁ ବିଞ୍ଝାରପୁର ବ୍ଲକରେ ଚାଉଳ ଦେବାରେ ଡେରି ହୋଇଛି। ଏବେ ଲିଫ୍ଟିଂ ଚାଲିଛି ଦିନେ ୨ଦିନ ମଧ୍ୟରେ ସମସ୍ତ ହିତାଧିକାରୀ ଚାଉଳ ପାଇଯିବେ। ଜିଲାପାଳଙ୍କ ସହ ଆଲୋଚନା କରି ହିତାଧିକାରୀଙ୍କୁ ଟଙ୍କା ଦିଆଯିବ ବୋଲି ସେ କହିଛନ୍ତି।

## କୁଆଖିଆ ଥାନାରେ ଡିଜିପି

**ରସୁଲପୁର,୫।୪(ଡି.ଏନ୍.ଏ.)**

କୁଆଖିଆ ଥାନା ଅଧୀନରେ ରହିଛି ରସୁଲପୁର ବ୍ଲକ ଅଧୀନ ୧୮ ପଞ୍ଚାୟତ। ଏହି ଅଞ୍ଚଳରେ ଲକ୍‌ଡାଉନ୍ କଟକଣା କିଭଳି ରହିଛି ତାହାର ସମୀକ୍ଷା ପାଇଁ ପୋଲିସ ଡିଜି ଅଭୟ ରବିବାର ଅପରାହ୍ଣରେ କୁଆଖିଆ ଥାନାରେ ପହଞ୍ଚିଥିଲେ। ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ଓ ଅନ୍ୟ କର୍ମଚାରୀମାନଙ୍କ ସହ ଆଇନଶୃଙ୍ଖଳା, ଡ୍ୟୁଟି ସମୟ, ଛୁଟି ଆଦି ବିଷୟରେ ଆଲୋଚନା କରିଥିଲେ। ଥାନାରେ ରହୁଥିବା ପୋଲିସ କର୍ମଚାରୀଙ୍କ ପ୍ରକୋଷ୍ଠକୁ ବୁଲି ଦେଖିଥିଲେ। ସେଠାରେ ପୋଲିସ କର୍ମଚାରୀମାନେ ରହିବା ସମୟରେ ସାମାଜିକ ଦୂରତା ଓ ସଙ୍ଗରୋଧ ପାଳନ କରୁଛନ୍ତି କି ନାହିଁ ତାହା ପଚାରି ବୁଝିଥିଲେ। ଏହି ଅବସରରେ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂ, ଯାଜପୁର ଏସ୍‌ପି ଚରଣ ସିଂ ମୀନା ପ୍ରମୁଖ ଉପସ୍ଥିତ ଥିଲେ।

## ୪୭୬ ପେଟି ବିଦେଶୀ ମଦ ଜବତ

**ବିଞ୍ଝାରପୁର, ୫।୪ ( ଡି.ଏନ.ଏ )**

ସିଂହପୁର ବଜାରର ଏକ ଘରେ ବିପୁଳ ମଦ ଗଚ୍ଛିତ ଥିବା ବିଞ୍ଝାରପୁର ପୋଲିସ ଖବର ପାଇଥିଲା। ଶନିବାର ରାତିରେ ତହସିଲଦାର ଅସ୍ମିତା ଦାଶଙ୍କ ଉପସ୍ଥିତିରେ ଆଇଆଇସି ଶିବଚରଣ ବେହେରା ସଦଳବଳେ ସେଠାରେ ଚଢାଉ କରିଥିଲେ। ଘରର ତାଲା ଭାଙ୍ଗି ସେଠାରୁ ୪୭୬ ପେଟି ବିଦେଶୀ ମଦ ଜବତ କରାଯାଇଛି। ଲକ୍‌ଡାଉନ୍ ଆରମ୍ଭରୁ ସିଂହପୁର ସ୍ଥିତ ବିଦେଶୀ ମଦ ଦୋକାନ ସମ୍ପୂର୍ଣ୍ଣ ବନ୍ଦ ରହିଛି। କିନ୍ତୁ ମଦ ଦୋକାନ ପାଖରେ ଥିବା ଏକ ଖାଲି ଘରେ ବିପୁଳ ମଦ ରଖି ବିକ୍ରି କରାଯାଉଥିବା ପୋଲିସକୁ ଖବର ମିଳିଥିଲା। ଏନେଇ ଥାନାରେ ଆଇପିସି ଦଫା ୧୮୮, ୨୬୯, ୨୭୦ ଏବଂ ଓଡ଼ିଶା ଅବକାରୀ ଆଇନ ୫୨ଏ ଅନୁଯାୟୀ ୯୭/୨୦ନମ୍ବରରେ ଏକ ମାମଲା ରୁଜୁ କରାଯାଇଛି। ଉକ୍ତ ଘରର ମାଲିକ କିଏ ସେନେଇ ପୋଲିସ ତଦନ୍ତ କରୁଛି।

# ଶଟ୍‌ଡାଉନକୁ ମାନିଲେ ଲୋକେ ରାସ୍ତା ଶୂନ୍‌ଶାନ



ଯାଜପୁର ଜିଲା ଗସ୍ତରେ ଆସିଥିବା ଡିଜିପି ଅଭୟ ଅନ୍ୟ ପୋଲିସ ଅଧିକାରୀଙ୍କ ସହ ।

**କରୋନା ମୁକାବିଲା**
- ଡିଜିପିଙ୍କ ସମୀକ୍ଷା
- ୨୪ ଘଣ୍ଟାରେ ୧୨ ମାମଲା ରୁଜୁ
- ୫୭ ଗାଡ଼ି ଜବତ, ୧.୧ଲକ୍ଷ ଜରିମାନା ଆଦାୟ

**ଯାଜପୁର ଅଫିସ/ଯାଜପୁର ଟାଉନ,୫।୪(ଡି.ଏନ୍.ଏ.)**

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦାରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଘୋଷିତ ପ୍ରଥମ ଦିନର ଶଟ୍‌ଡାଉନ୍ ସୁରୁଖୁରୁରେ ସମ୍ପନ୍ନ ହୋଇଛି। ଶନିବାର ରାତି ୮ଟାରୁ ଜିଲାର ପ୍ରମୁଖ ବଜାର ବ୍ୟାସନଗର ଓ ଯାଜପୁର ସହର ସମେତ କୋରେଇ ବ୍ଲକର ପାଣିକୋଇଲି ଓ ସାଦକପୁର, ବଡ଼ଚଣା ବ୍ଲକର ଚାରିନଙ୍ଗ, ଧର୍ମଶାଳା ବ୍ଲକର ନେଉଳପୁର ଏବଂ ଯାଜପୁର, ବିଞ୍ଝାରପୁର, ଦଶରଥପୁର, ବରୀ, ବଡ଼ଚଣା, ଧର୍ମଶାଳା, ରସୁଲପୁର, କୋରେଇ, ସୁକିନ୍ଦା ଓ ଦାନଗଦି ବ୍ଲକ ମୁଖ୍ୟାଳୟକୁ ଶଟ୍‌ଡାଉନ ଘୋଷଣା କରାଯାଇଛି। କରୋନା ସଂକ୍ରମିତ ଗ୍ରାମ ବ୍ରହ୍ମବରଦାକୁ ସମ୍ପୂର୍ଣ୍ଣ ଭାବେ ସିଲ୍ କରି ଦିଆଯାଇଛି। ଏହାର ୩ କିମି ପରିଧି ଅଞ୍ଚଳକୁ ଶଟ୍‌ଡାଉନ୍ ଘୋଷଣା କରିଥିବାରୁ ଲୋକେମାନେ ଘରୁ ବାହାରି ନାହାନ୍ତି। କରୋନା ସଂକ୍ରମିତଙ୍କୁ କଟକର ଅଶ୍ୱିନୀ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ତାଙ୍କ ପରିବାରବର୍ଗଙ୍କୁ ସରକାରୀ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ରବିବାର ସନ୍ଧ୍ୟା ସୁଦ୍ଧା କେବଳ ଔଷଧ ଦୋକାନକୁ ଛାଡ଼ିଦେଲେ ସବୁ ଦୋକାନବଜାର ବନ୍ଦ ରହିଛି। ସବୁଆଡ଼େ ଶୂନଶାନ, ଖାଁ ଖାଁ ପରିବେଶ ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଡିଜିପି ଅଭୟ ଯାଜପୁର ଜିଲା ଗସ୍ତ କରି ଡିଆଇଜି(ସିଆର) ଆଶିଷ ସିଂ ଓ ଏସ୍‌ପି ଚରଣସିଂ ମୀନାଙ୍କ ସହିତ ଶଟ୍‌ଡାଉନ୍ ଉପରେ ସମୀକ୍ଷା କରିଛନ୍ତି।

ମିଳିଥିବା ସୂଚନା ମୁତାବକ ଗତ ୨୪ ଘଣ୍ଟା ମଧ୍ୟରେ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍‌କୁ ଉଲ୍ଲଂଘନ କରିଥିବା ଅଭିଯୋଗରେ ଜିଲାର ୧୪ ଜଣଙ୍କ ନାମରେ ୧୨ ମାମଲା ରୁଜୁ ହୋଇଛି। ୫୭ ଗାଡ଼ି ଜବତ କରାଯାଇ ୧,୧୦,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଶନିବାର ରାତିରେ ଯାଜପୁର ପ୍ରଶାସନ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇ ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ଏକ ପ୍ରଶାସନିକ ଟିମ୍ ଯାଜପୁର ସହରରେ ବୁଲି ବୁଲି ଶଟ୍‌ଡାଉନ୍ ନିୟମକୁ ମାନିବାକୁ ପରାମର୍ଶ ଦେଇଥିଲେ। ଘରୁ ବାହାରିଲେ ୧୪ ଦିନିଆ କ୍ୱାରାଣ୍ଟାଇନ୍‌ରେ ରହିବାକୁ ବାଧ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ସୋମବାର ରାତି ୮ ଯାଏ ଶଟ୍‌ଡାଉନ ବଳବତ୍ତର ରହିବ। ଏହି ସମୟରେ କେବଳ ନିର୍ଦ୍ଦିଷ୍ଟ କେତୋଟି ମେଡିସନ ଦୋକାନ, ପେଟ୍ରୋଲ ପମ୍ପ, ଡାକ୍ତରଖାନା, ପାଣିଯୋଗାଣ, ପୋଲିସ, ଅଗ୍ନିଶମ, ଯୋଗାଣ ବିଭାଗ, ବିଦ୍ୟୁତ ସରବରାହ ଓ ବିତରଣ କେନ୍ଦ୍ର ଆଦି ଖୋଲା ରହିବ।

## ନେଉଳପୁର ସମେତ ୪ ବଜାର ବନ୍ଦ

**ବିଞ୍ଝାରପୁର/ରତ୍ନଗିରି/ଚଣ୍ଡିଖୋଲ/ଧର୍ମଶାଳା, ୫।୪ (ଡି.ଏନ୍.ଏ.)**

କରୋନା ଭାଇରସ୍ ସଂକ୍ରମଣର ଭୟ ସମସ୍ତଙ୍କୁ ଘାରୁଛି। ଫଳରେ ସରକାରଙ୍କ ପକ୍ଷରୁ ଶନିବାର ରାତି ୮ଟାରୁ ଲାଗୁ କରାଯାଇଥିବା ଶଟ୍‌ଡାଉନ୍ କଟକଣାକୁ ପ୍ରାୟ ସବୁଠି ଲୋକେ ମାନି ନେଇଛନ୍ତି। ବିଞ୍ଝାରପୁର ବ୍ଲକ ମୁଖ୍ୟାଳୟରେ ଲୋକେ ସ୍ୱତଃପ୍ରବୃତ୍ତ ଭାବେ ଶଟ୍‌ଡାଉନ୍‌କୁ ଗ୍ରହଣ କରି ନିଜ ନିଜ ଘରେ ରହିଥିବା ଦେଖିବାକୁ ମିଳିଛି। ସୋମବାର ରାତି ୮ଟା ଯାଏ ଚାଲିବ ଏହି ୪୮ ଘଣ୍ଟିଆ ଶଟ୍‌ଡାଉନ୍। ଜିଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ବିଞ୍ଝାରପୁର ବ୍ଲକ ହେଡ୍‌କ୍ୱାର୍ଟର ସମେତ ୫ଟି ପଞ୍ଚାୟତ ତଥା କଏଣା-ରଘୁନାଥପୁର, ସୟଦପୁର, ବିଞ୍ଝାରପୁର, ମାଁସଡା ଓ କଲ୍ୟାଣପୁରକୁ ଶଟ୍‌ଡାଉନ କରାଯାଇଛି। ଗାଁ ସାହି, ଗଳି ମଧ୍ୟ ଶୂନଶାନ ରହିଛି।

ସେହିପରି ଶଟ୍‌ଡାଉନ୍‌କୁ କଡ଼ାକଡ଼ି କାର୍ଯ୍ୟକାରୀ ପାଇଁ ବରୀ ତହସିଲ କାର୍ଯ୍ୟାଳୟଠାରେ ଶନିବାର ରାତିରେ ଏକ ବୈଠକ ହୋଇଥିଲା। ତହସିଲଦାର ସରୋଜକାନ୍ତ ନାୟକ, ବରୀ ଥାନା ଅଧିକାରୀ ମାର୍କଣ୍ଡ ମିଶ୍ର, ଭାରପ୍ରାପ୍ତ ବିଡିଓ ଶାଶ୍ୱତ ଜେନା ଓ ବିଭିନ୍ନ ବିଭାଗର ପ୍ରଶାସନିକ କର୍ମଚାରୀ ବୈଠକରେ ଉପସ୍ଥିତ ଥିଲେ। ରବିବାର ବରୀରେ ଲୋକମାନେ ଶଟ୍‌ଡାଉନ୍ ମାନି ଘରେ ରହିଥିଲେ। ଫଳରେ ବରୀ-କଳାମାଟିଆ ରାସ୍ତା ଓ ବରୀ ମାଉଣ୍ଡଠାରୁ ବ୍ଲକ୍ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ଶୂନଶାନ ଦେଖିବାକୁ ମିଳିଥିଲା।

ବଡ଼ଚଣା ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ରାତି ୮ଟାରୁ ଶଟ୍‌ଡାଉନ୍‌କୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଇଛି। ଜିଲାପାଳ ଚଣ୍ଡିଖୋଲ ଓ ଚାରିନଙ୍ଗଳକୁ ଶଟ୍‌ଡାଉନ ଘୋଷଣା କରିଥିବାବେଳେ ପରବର୍ତ୍ତୀ ସମୟରେ ବ୍ଲକ ପ୍ରଶାସନ ତରଫରୁ ଛତିଆ, ବାଲିଚନ୍ଦ୍ରପୁର, ନଳୀପୁର, ପତରାଜପୁରକୁ ଏହି କଟକଣାରେ ସାମିଲ କରାଯାଇଥିଲା। ପୋଲିସ ପକ୍ଷରୁ ରବିବାର ସମସ୍ତ ରାସ୍ତା ଓ ବଜାର ସିଲ୍ କରାଯିବା ଯୋଗୁ ସବୁ ଶୂନ୍‌ଶାନ ହୋଇଯାଇଛି।



ନେଉଳପୁରଠାରେ ପୋଲିସ ପ୍ରହରା।

ଧର୍ମଶାଳା ବ୍ଲକ ହେଡ୍‌କ୍ୱାର୍ଟର ସମେତ ଏହାର ଆଖାପାଖ ଗ୍ରାମ ଏବଂ ଜାରକା, କାଏମା, ଧର୍ମଶାଳା, ନାକପୋଲ ଆଦି ୪ ବଜାର ରବିବାର ସମ୍ପୂର୍ଣ୍ଣ ଶଟ୍‌ଡାଉନ୍ ରହିଥିଲା। ଶନିବାର ରାତି ୮ଟାରୁ ଆରମ୍ଭ ହୋଇଥିବା ଏହି ୪୮ ଘଣ୍ଟିଆ କଟକଣାକୁ ଜନସାଧାରଣ ଓ ବ୍ୟବସାୟୀ ସମର୍ଥନ କରିଛନ୍ତି। ନେଉଳପୁର ଗାଁ ଉପରେ ପ୍ରଶାସନ ଫୋକସ କରିଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସେଠାରେ ପୋଲିସ ମୁତୟନ ସହ କଡ଼ାପ୍ରହରା ଦିଆଯାଇଥିଲା। ତହସିଲଦାର ସରୋଜ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ମହାନ୍ତି, ଥାନା ଅଧିକାରୀ ସରୋଜ କୁମାର ସାହୁ ବାରମ୍ବାର ଏହି ଗାଁକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏତଦବ୍ୟତୀତ ଜାରକା, ନାକପୋଲ, କାଏମା ଓ ଧର୍ମଶାଳା ବଜାରରେ ମଧ୍ୟ ପୁଲିସ ମୃତୟନ କରାଯାଇଥିଲା।



ଯାଜପୁର ଜିଲାର ବରୀ



ବିଞ୍ଝାରପୁର

# ଜଗତ୍‌ସିଂହପୁର ଜିଲାର ସମସ୍ତ ନମୁନା ନେଗେଟିଭ୍

**ଜଗତ୍‌ସିଂହପୁର ଅଫିସ, ୫।୪:**

କରୋନା ସଂକ୍ରମଣକୁ ନେଇ ଜଗତ୍‌ସିଂହପୁର ଜିଲାବାସୀଙ୍କ ମଧ୍ୟରେ ଦେଖା ଦେଇଥିବା ଭୟ କେତେକାଂଶରେ ଦୂର ହୋଇଛି। ଜିଲାରୁ ପରୀକ୍ଷା ପାଇଁ ଯାଇଥିବା ସମସ୍ତ ୩୮ ନମୁନା ରିପୋର୍ଟ ନେଗେଟିଭ୍ ଆସିଛି। ଏନେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସୂଚନା ଦେଇ କହିଛନ୍ତି, ଦିଲ୍ଲୀ ନିଜାମୁଦ୍ଦିନ ଜମାତ ଧର୍ମସଭାରୁ ଫେରିଥିବା ୨ ଜଣଙ୍କ ସମେତ ମୋଟ ୩୮ ଜଣଙ୍କ ଦେହରେ କରୋନା ଭୂତାଣୁ ଥିବା ସନ୍ଦେହ କରାଯାଇ ସେମାନଙ୍କ ସ୍ୱାବ୍ ପରୀକ୍ଷା ପାଇଁ କଟକ ପଠାଯାଇଥିଲା। ହେଲେ ଏହିସବୁ ନମୁନା ନେଗେଟିଭ୍ ଥିବା ଜଣାଯାଇଛି। ବିଦେଶରୁ ଫେରିଥିବା ଜିଲାର ୧୬୮ ଜଣଙ୍କୁ ଅଲଗା ଭାବେ ରହିବାକୁ ପରାମର୍ଶ ଦିଆଯାଇଥିଲା। ସେମାନେ ଏଥିମଧ୍ୟରେ ୧୪ ଦିନ କାଟି ସାରିଥିଲେ ସୁଦ୍ଧା ଅସୁସ୍ଥ ହୋଇନାହାନ୍ତି। ଦିଲ୍ଲୀ ନିଜାମୁଦ୍ଦିନ ଅଞ୍ଚଳରୁ କେତେଜଣ ମୁସଲିମ୍ ସମ୍ପ୍ରଦାୟର ଲୋକ ଜିଲାକୁ ଫେରିଛନ୍ତି ଏବଂ ସେମାନେ କିଏ ସେ ସମ୍ପର୍କିତ ପୂର୍ଣ୍ଣ ସୂଚନା ଜିଲା ପ୍ରଶାସନ ପାଖରେ ପହଞ୍ଚି ପାରିନାହିଁ। ଯେଉଁ କାରଣରୁ ସେମାନଙ୍କୁ ଚିହ୍ନଟ ପାଇଁ ଜିଲା ପୋଲିସ ଓ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି।

ମାର୍ଚ୍ଚ ମଧ୍ୟ ଭାଗରେ ଦିଲ୍ଲୀ ଜମାତରେ ବହୁ ସଂଖ୍ୟକ ଦେଶ, ବିଦେଶର ଲୋକ ଏକତ୍ରିତ ହେବା ପରେ ସେଠାରେ କରୋନା ଭୂତାଣୁ ସଂକ୍ରମଣ ବଢ଼ିଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଫେରିଥିବା ଅନେକ ଲୋକ କରୋନା ସଂକ୍ରମିତ ହୋଇଥିବା ଚିହ୍ନଟ ହେଲା ପରେ ଜିଲାବାସୀଙ୍କ ମନରେ ଭୟ ବଢିବାରେ ଲାଗିଛି। ଏ ସମ୍ପର୍କରେ ଏସ୍‌ପି ପ୍ରକାଶ ଆର୍ କହିଛନ୍ତି, କେବଳ ଯାଜପୁରରେ ହୋଇଥିବା ଧର୍ମସଭାରେ ଯୋଗଦେଇ ୧୨ ଜଣ ମାର୍ଚ୍ଚ ୨୩ ପରେ ଜିଲାକୁ ଫେରିଛନ୍ତି। ତେବେ ନିଜାମୁଦ୍ଦିନରୁ କାଳେ କେହି ଫେରିଥିବେ ସେନେଇ ଜିଲାର ସମସ୍ତ ଥାନା ଅଧିକାରୀଙ୍କୁ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଥାନାଗୁଡିକ ପକ୍ଷରୁ ମୁସଲିମ୍ ସାହି/ବସ୍ତି ମୁରବୀ ଓ ସାଧାରଣ ଲୋକଙ୍କ ସହ ଯୋଗାଯୋଗ ଚାଲିଛି। ଏହାବାଦ୍ ଯଦି କେହି ବାହାରୁ ଆସିଥିବେ ଏବଂ କରୋନା ସଂକ୍ରମିତ ହୋଇଥିବା ସନ୍ଦେହ ହୁଏ ତେବେ ସଙ୍ଗେସଙ୍ଗେ ଟୋଲ୍ ଫ୍ରି ସଂଖ୍ୟା ୧୦୪କୁ କଲ୍ କରିବାକୁ ପରାମର୍ଶ ଦିଆଯାଉଥିବା ଏସ୍‌ପି ପ୍ରକାଶ କରିଛନ୍ତି।

## ଲୁଣା ନଦୀରୁ ମୃତ ଥଣ୍ଟିଆ କୁମ୍ଭୀର ଉଦ୍ଧାର

**ମହାକାଳପଡ଼ା, ୫।୪(ଡି.ଏନ.ଏ.)**



କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜୟଚନ୍ଦ୍ରପୁର ଗ୍ରାମ ନିକଟ ଲୁଣା ନଦୀ ଗାଧୁଆ ତୁଠରୁ ୪ଫୁଟ ଲମ୍ବର ମୃତ ଥଣ୍ଟିଆ କୁମ୍ଭୀରକୁ ଲୋକେ ଉଦ୍ଧାର କରିଛନ୍ତି। ଖବର ପାଇ କେନ୍ଦ୍ରାପଡ଼ା ବନ ବିଭାଗ କର୍ମଚାରୀ ଓ ମାର୍ଶାଘାଇ ପୋଲିସ ପହଞ୍ଚି ତାହାକୁ ଜବତ କରିଥିଲେ। କୁମ୍ଭୀର ଲାଞ୍ଜରେ ବନ ବିଭାଗର ଟ୍ରାଞ୍ଜିଷ୍ଟର ଲାଗିଥିବା ଜଣାପଡ଼ିଛି। ଧୀବରଙ୍କ ଜାଲରେ ପଡ଼ି କୁମ୍ଭୀରର ମୃତ୍ୟୁ ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

# ଖଜୁରି କନ୍ଦା ପାଲଟିଛି ଆହାର

**ନୟାଗଡ଼ ଅଫିସ,୫।୪**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା ଦୁତା ପଞ୍ଚାୟତର କୁରୁଡାଙ୍ଗୀ, ଭାଲିଆପଦର, ଜର୍କବାଡି, ସିରିଶିରା ଗାଁରେ ଖାଦ୍ୟାଭାବ ଦେଖାଦେଇଛି। ପ୍ରଶାସନର ତ୍ରୁଟି ଯୋଗୁ ଏହିସବୁ ଗାଁର ଆଦିବାସୀ ଲୋକେ ଭୋକିଲା ଅବସ୍ଥାରେ କାଳ କାଟୁଛନ୍ତି। କିଛି ଲୋକଙ୍କ ପାଖରେ ସଞ୍ଚିତ ଅର୍ଥ ଓ ଆଉ କିଛି ଲୋକଙ୍କ ପାଖରେ ୪ମାସର ଭତ୍ତା ଟଙ୍କା ଅଛି, ହେଲେ ଖାଦ୍ୟ ନାହିଁ। ବାଣିଗୋଛା ବଜାରକୁ ବାହାରିଲେ ପୋଲିସ ମାଡ଼ ମାରି ଘଉଡାଇ ଦେଉଛି। ଫଳରେ ସେମାନେ ଖାଦ୍ୟସାମଗ୍ରୀ ପାଇଁ ଯାଇପାରୁ ନାହାନ୍ତି। ଗାଁରେ ପ୍ରଶାସନ ଭତ୍ତା ଟଙ୍କା ଦେଇଥିଲେ ମଧ୍ୟ ଚାଉଳ ପଠାଇବାରେ ସକ୍ଷମ ହୋଇ ନାହିଁ। ଯଦ୍ୱାରା ଲୋକମାନେ ଜଙ୍ଗଲରୁ ମିଳୁଥିବା ଖଜୁରି କନ୍ଦାକୁ ଖାଦ୍ୟ ରୂପେ ଗ୍ରହଣ କରୁଛନ୍ତି। କୁରୁଡାଙ୍ଗୀ ଗାଁର ୯ବର୍ଷର ବାଳକ ଶୁଶୀଳ ମଳିକ କୁହନ୍ତି, ବଞ୍ଚିବା ପାଇଁ ସଂଗ୍ରାମ କରିବାକୁ ପଡୁଛି। ଘରେ ଖାଦ୍ୟ ନ ଥିବାରୁ ମା' କହିବା ଅନୁସାରେ ଭୂଇଁ ଖଜୁରିର କନ୍ଦା ଆଣିବାକୁ ଯାଇଥିଲି। ଏହାକୁ ଖାଇ ଭୋକ ମେଣ୍ଟାଉଛୁ। ସେହିପରି ଚାଉଳ ନ ଥିବାରୁ ଆଖପାଖ ଗାଁର ଲୋକେ କଞ୍ଚା ପଣସକୁ ରୋଷେଇ କରି ଖାଉଛନ୍ତି। କେହି ପୂର୍ବବର୍ଷର ପଣସ ମଞ୍ଜି ଖାଉଥିବାବେଳେ କେହି ମହୁଲ ଫୁଲକୁ ପିଠା କରି ଖାଉଛନ୍ତି। ରତ୍ନାକର ଭୋଇ କୁହନ୍ତି, ଆମେ ଖାଇବାକୁ ପାଉ ନାହୁଁ। ପାହାଡିଆ ଅଞ୍ଚଳରେ ରହୁଥିବାରୁ ଆମ ପାଇଁ ଆଇନ କୋହଳ ହେବା ଦରକାର। ଭତ୍ତାଧାରୀଙ୍କୁ ଭତ୍ତା ଟଙ୍କା ଦେବା ପରି ଆମକୁ ଚାଉଳ, ଗହମ ଦେଇଥିଲେ ଏପରି ଅସୁବିଧା ହୋଇ ନ ଥାନ୍ତା।



ଜଙ୍ଗଲରୁ ଖଜୁରି କନ୍ଦା ଧରି ଫେରୁଛି ଶୁଶିଳ ।

- ଟଙ୍କା ଅଛି, ଖାଦ୍ୟ ନାହିଁ
- ମିଳିଲାନି ରାଶନ ସାମଗ୍ରୀ

### ସମନ୍ୱୟ ଅଭାବରୁ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା

ଆଦିବାସୀ ଓ ଦଳିତ ଲୋକଙ୍କୁ ସରକାର ଗୁରୁତ୍ୱ ଦେଉଥିବା ଡିଣ୍ଡିମ ପିଟାଯାଉଛି। ହେଲେ ଦଶପଲ୍ଲା ବ୍ଲକର ଏହି ସମ୍ପ୍ରଦାୟ ଲୋକମାନେ ଦୁର୍ଦ୍ଦଶା ଭୋଗୁଥିଲେ ମଧ୍ୟ ପ୍ରଶାସନର ନୀରବତା ଚକିତ କରିଛି। ଏ ନେଇ ନୟାଗଡ ଉପଜିଲାପାଳ ଓ ଦଶପଲ୍ଲା ବିଡିଓଙ୍କୁ ଅବଗତ କରାଯାଇଥିଲେ ବି ସୁଫଳ ମିଳିପାରି ନାହିଁ। ଘଟଣା ସମ୍ପର୍କରେ ଦଶପଲ୍ଲା ବିଡିଓ ଓ ଜିଲା ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା ପରେ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରହୁ ନ ଥିବା ସ୍ପଷ୍ଟ ହେଉଛି। ଦଶପଲ୍ଲା ବିଡିଓ ଦେବୀ ପ୍ରସାଦ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ଚାଉଳ ଷ୍ଟକ ନାହିଁ। କରୋନା ଯୋଗୁ ଜଟଣୀ ଗୋଦାମରୁ ଚାଉଳ ଆସିପାରୁ ନାହିଁ। ପୁଣି ଦୁତା ପଞ୍ଚାୟତରେ ଡିଲର ନାହାନ୍ତି। ପଞ୍ଚାୟତ ରାଶନ ସାମଗ୍ରୀ ବାଣ୍ଟୁନି। ଚାଉଳ ଆସିଲେ ଦେବୁ, ନଚେତ୍ ଟଙ୍କା ଦେଇଦେବୁ। ଜିଲା ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ର କହନ୍ତି, ଓଡଗାଁ ବ୍ଲକର କାନକଟା ଗୋଦାମରେ ନୟାଗଡ ଜିଲା ପାଇଁ ୪ମାସର ଚାଉଳ ମହଜୁଦ ଅଛି। କେଉଁ ପଞ୍ଚାୟତରେ ଆଗେ ରାଶନ ସାମଗ୍ରୀ ଦେବା କଥା ସେ ନେଇ ବିଡିଓ ଓ ସ୍ଥାନୀୟ ଯୋଗାଣ ଅଧିକାରୀଙ୍କୁ ତାଲିକା ଦେବାକୁ କୁହାଯାଇଥିଲା। ତାଲିକା ଅନୁସାରେ ରାଶନ ଉପକରଣ ଦିଆଯାଉଛି। ଦଶପଲ୍ଲା ବ୍ଲକରେ ଦିନକୁ ୧୨ ଶହ କୁଇଣ୍ଟାଲ ଚାଉଳ ଉଠୁଛି। ପ୍ରାୟ ୫୦ ପ୍ରତିଶତ ଚାଉଳ ଉଠିସାରିଲାଣି। ଆଉ ୨ରୁ ୪ଦିନ ଭିତରେ ତାଙ୍କ କୋଟା ଉଠିଯିବ। ବ୍ଲକ ଯୋଗାଣ ଅଧିକାରୀ ଚାହିଁଲେ ସେହି ପଞ୍ଚାୟତକୁ ଚାଉଳ ଦେଇପାରିବେ। ଜଟଣୀ ନୁହେଁ କାନକଟାରୁ ଜିଲାକୁ ଚାଉଳ ଯୋଗାଯାଉଛି।

## ଖଣ୍ଡପଡ଼ାରେ ୧୦୦ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ

**ଖଣ୍ଡପଡା,୫।୪(ସ୍ୱ.ପ୍ର.):**

ଖଣ୍ଡପଡା ସହରରେ ରବିବାରଠାରୁ କରୋନା ଭୂତାଣୁ ସଂକ୍ରମିତ ରୋଗୀଙ୍କ ପାଇଁ କୋଭିଡ୍ ହସ୍‌ପିଟାଲ କାର୍ଯ୍ୟ ଆରମ୍ଭ କରିଛି। ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ଥାଇ ଆରମ୍ଭ ହୋଇଥିବା ଏହି ହସ୍‌ପିଟାଲରେ ଶହେଟି ଶଯ୍ୟା ରହିଛି। ନୟାଗଡ଼ ଜିଲାପାଳ ଡା. ପୋମା ଟୁଡୁଙ୍କ ନିର୍ଦ୍ଦେଶକ୍ରମେ ଯୁଦ୍ଧକାଳୀନ ଭିତ୍ତିରେ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରସ୍ତୁତ ହସ୍‌ପିଟାଲଟି ୩ ମହଲା ବିଶିଷ୍ଟ ହୋଇଥିବା ବେଳେ ରୋଗୀମାନଙ୍କ ଲାଗି ହୁଇଲ ଚେୟାର ବ୍ୟବସ୍ଥା ରହିଛି। ସନ୍ଦିଗ୍ଧ କରୋନା ରୋଗୀ ଓ କରୋନା ସଂକ୍ରମିତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡର ବ୍ୟବସ୍ଥା କରାଯାଇଛି। ଆଇସୋଲେଶନ ୱାର୍ଡ ସହ ଡାକ୍ତର ଓ କର୍ମଚାରୀଙ୍କ ବିଶ୍ରାମ ପାଇଁ ହସ୍‌ପିଟାଲ ପରିସରରେ ସ୍ୱତନ୍ତ୍ର କକ୍ଷ ରହିଛି। ହସ୍‌ପିଟାଲ ପରିଚାଳନା ଦାୟିତ୍ୱ ଡ. ପ୍ରଦୀପ କୁମାର ପାଇକରାୟଙ୍କ ଉପରେ ନ୍ୟସ୍ତ କରାଯାଇଛି।




ପ୍ରସ୍ତୁତ ହୋଇ ରହିଥିବା କୋଭିଡ ହସ୍ପିଟାଲ ।

## ସଂକ୍ଷେପରେ

### ସୁନ୍ଦରଗଡ଼ର ୭୧ ନମୁନାରୁ ୫୬ ନେଗେଟିଭ

ସୁନ୍ଦରଗଡ଼, ୫।୪(ଡି.ଏନ.ଏ.) କରୋନା ସଂକ୍ରମଣ କୁ ରୋକିବା ନିମନ୍ତେ ଜିଲା ପ୍ରଶାସନ ଓ ଜିଲା ସୱାସ୍ଥ୍ୟ ବିଭାଗ ପକ୍ଷରୁ କଡାକଡି ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲାରେ କେବଳ ସକାଳ ୬ ଟା ରୁ ଦିନ ୧୧ ପର୍ଯ୍ୟନ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀ ରାଶନ ଦୋକାନ ଓ ପରିବା ଦୋକାନ ଖୋଲିବା ପାଇଁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ବର୍ତ୍ତମାନ ସୁଦ୍ଧା ଜିଲାରୁ ଯାଇଥିବା ମୋଟ ୭୧ଟି ନମୁନା ମଧ୍ୟରୁ ୫୬ ଟି ର ରିପୋର୍ଟ ନେଗେଟିଭ ଆସିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### କଲରାପତରିଆ ବାଘର ମୃତ

ବୌଦ୍ଧ,୫।୪ (ସ୍ୱ.ପ୍ର.): ବୌଦ୍ଧ ଜିଲା ମହାନଦୀ କୁସଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳର ସଂରକ୍ଷିତ ଜଙ୍ଗଲ ଲେଦେରାକେନ୍ଦୁ ତଥା ନୂଆପ ବିଟରେ ଏକ କଲରାପତରିଆ ବାଘର ମୃତ୍ୟୁ ଘଟିଛି। ବାଘଟି ଜଙ୍ଗଲରେ ମରି ପଡିଥିବା ଦେଖି ସ୍ଥାନୀୟ ଲୋକ ବନ ବିଭାଗକୁ ଖବର ଦେଇଥିଲେ। ସୂଚନା ପାଇ କୁସଙ୍ଗ ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏମାନେ ଘଟଣାର ତଦନ୍ତ କରିବା ସହିତ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ମୃତ ବାଘର ବ୍ୟବଚ୍ଛେଦ କରାଇଥିଲେ। ଏହାପରେ ଜଙ୍ଗଲରେ ପୋତି ଦିଆ ଯାଇଛି । ତେବେ ମୃତ ବାଘର ବୟସ ୩ ବର୍ଷ ୬ ମାସ ଭିତରେ ହେବ ବୋଲି ସୂଚନା ଦିଆଯାଇଛି।

# ବଢ଼ିଛି ପରିବାର ଗୁଜୁରାଣ ଚିନ୍ତା

**ଲକ୍‌ଡାଉନ ପ୍ରଭାବ**

କରୋନା (କୋଭିଡ୍-୧୯) ସଂକ୍ରମଣ ସାଧାରଣ ଜୀବନଯାପନକୁ ବିପନ୍ନ କରି ପକାଇଛି। ଏଥିପାଇଁ ହୋଇଥିବା ଲକ୍ ଡାଉନ୍ ଯୋଗୁ ଗତ କିଛିଦିନ ହେଲା ଲୋକଙ୍କୁ ନିଜର ଜୀବିକା ହରାଇବାକୁ ପଡ଼ିଛି । କେବଳ ସେତିକି ନୁହେଁ, ଗାଁ ମାଟି ଛାଡ଼ି ଜିଲା ତଥା ରାଜ୍ୟ ବାହାରକୁ ଯାଇଥିବା ଶ୍ରମିକଙ୍କ ଜୀବନ ଦୁର୍ବିସହ ହୋଇ ପଡ଼ିଛି । ପଡ଼ୋଶୀ ଛତିଶଗଡ଼ ରାଜ୍ୟରୁ ବରଗଡ଼ ସହରକୁ ଆସିଥିବା ଶ୍ରମିକଙ୍କ ବର୍ତ୍ତମାନର ଜୀବନଶୈଳୀରୁ ତାହା ସ୍ପଷ୍ଟ ହୋଇଛି। ରୋଜଗାର ବନ୍ଦ ହୋଇଯିବାରୁ ସେମାନଙ୍କ ପରିବାର ଗୁଜୁରାଣ ଚିନ୍ତା ବଢ଼ିଯାଇଛି । ସେହିପରି କେହି ଖାଇବାକୁ ଆଣିଦେଲେ ଖାଉଛନ୍ତି ତ ନ ହେଲେ ଭୋକ ଉପାସରେ ରହିବାକୁ ପଡୁଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଝୁମ୍ପୁଡ଼ିପଡ଼ାରେ ଆଶ୍ରୟ ନେଇଥିବା ଏଭଳି କିଛି ଶ୍ରମିକଙ୍କୁ ଆମେ ଭେଟିଥିଲୁ।



### ରୋଜଗାର ଠପ୍ ପଡ଼ିଯାଇଛି

ଛତିଶଗଡ଼ ବଲୋଦା ବଜାର ଧାନଗାଁରେ ଘର । ବର୍ଷେ ହେଲା ଏଠାକୁ ଆସି ରହୁଛି । ପରିବାର କହିଲେ ମା, ବାପା, ସ୍ତ୍ରୀ ଏବଂ ୪ ସନ୍ତାନ । ଜଣେ ସନ୍ତାନଙ୍କୁ ଧରି ଆମେ ସ୍ତ୍ରୀ, ସ୍ୱାମୀ ଏଠାରେ ଅଛୁ । ଅନ୍ୟ ୩ ସନ୍ତାନ ଗାଁରେ ତାଙ୍କ ଆଈ, ଅଜାଙ୍କ ପାଖରେ ରହୁଛନ୍ତି । ଏଠାରେ ଯାହା ରୋଜଗାର କରୁ, ପରିବାର ଖର୍ଚ୍ଚ ପାଇଁ ସେଠାକୁ ମଝିରେ ଟଙ୍କା ପଇସା ପଠାଇଥାଉ । ଏବେ ତ କରୋନା ପାଇଁ ରୋଜଗାର ପୂରାପୂରି ବନ୍ଦ ପଡ଼ି ଯାଇଛି ।**–ମନୋଜ କୁମାର**

### କାମ କଲେ ପରିବାର ଚଳେ



ସାରଙ୍ଗଗଡ଼ ନିକଟ କୋଶିକ୍‌ରେ ଆମ ଘର । ଘରଡ଼ିହ ଛାଡ଼ି ଦେଲେ ଗ୍ରାମରେ ଜମିବାଡ଼ି କିଛି ନାହିଁ । ୬ମାସ ହେଲା, ସ୍ତ୍ରୀ ସହିତ ଏଠାକୁ ଆସିଛି । ସାଙ୍ଗରେ ଶିଶୁପୁତ୍ରକୁ ବି ଆଣିଛୁ । ଗ୍ରାମରେ ୨ ଅବିବାହିତ ଭାଇ ଅଛନ୍ତି । କାମ କଲେ ମତେ ଦିନକୁ ୪୦୦ ଏବଂ ସ୍ତ୍ରୀଙ୍କୁ ୨୫୦ଟଙ୍କା ମିଳିଥାଏ । ତହିଁରେ ପରିବାର ଗୁଜୁରାଣ ମେଣ୍ଟିଥାଏ । କିନ୍ତୁ କିଛିଦିନ ହେଲା ରୋଜଗାର ବନ୍ଦ ପଡ଼ି ଯାଇଛି । ବାଧ୍ୟହୋଇ ଘରେ ସେମିତି ବସି ରହିଛୁ।

**–ରାଜେଶ ପଟେଲ**



### ବଦାନ୍ୟ ଲୋକେ ବିପଦର ବନ୍ଧୁ

ସିମେରିଆ ବଲୋଦା ବଜାରରେ ଘର । ୨୦ଦିନ ହେଲା ମୁଁ ଏଠାକୁ ଆସିଛି । ୭ଦିନ କାମ କରିବା ପରେ ଲକ୍ ଡାଉନ୍ ହୋଇଗଲା । ୨୧୦୦ ଟଙ୍କା ରୋଜଗାର ହୋଇଥିଲା । ଗ୍ରାମରେ ମା, ବାପା, ସ୍ତ୍ରୀ, ୩ପୁଅ, ୧ଝିଅ ଅଛନ୍ତି । ଫଳରେ ପରିବାର ଖର୍ଚ୍ଚ ପାଇଁ ୧ହଜାର ଟଙ୍କା ପଠାଇଥିଲି । ମୋ ପାଖରେ ଯାହା ବଳିଥିଲା, ତାହା ବି ଖର୍ଚ୍ଚ ହୋଇ ଗଲାଣି । କିଛି ବଦାନ୍ୟ ଲୋକେ ଖାଇବାକୁ ଆଣି ଦେଉଛନ୍ତି। ତାହା ଖାଇ ଜୀବନ ବିତାଉଛୁ ।**–ଉଦୟରାମ**

### ଘରକୁ ମନ ଡାକୁଛି



କୋସିକ୍ ଅଞ୍ଚଳରେ ମୋର ଘର । ପାଖରେ ୩ସନ୍ତାନ ଅଛନ୍ତି । ୨୫ଦିନ ହେଲା ଏଠାକୁ ଆସିଛି । ଦିନକୁ ୨୫୦ ଟଙ୍କା ପାରିଶ୍ରମିକ ହିସାବରେ ୧୦ଦିନ କାମ କରି ୨୫୦୦ ଟଙ୍କା ରୋଜଗାର କରିଥିଲି । ସେହି ରୋଜଗାର ଟଙ୍କାରୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କିଣିଛି । କିଛି ଭାଇ ଆସି ନିୟମିତ ଖାଇବାକୁ ଦେଉଛନ୍ତି । ଚୂଡ଼ା, ଗୁଡ଼, ଚାଉଳ, ଡାଲି, ଲୁଣ ମଧ୍ୟ ମିଳିଛି । ହେଲେ ଘରକୁ ମନ ଡାକୁଛି ।**–ସୁମିତ୍ରା ଯାଦବ**

### ଆଶା ଉଜୁଡ଼ିଗଲା



ରାୟଗଡ଼ରେ ଘର । ଗାଁରେ ଯେଉଁ ଜମି ଅଛି, ସେଠାକୁ ଜଳସେଚନ ବ୍ୟବସ୍ଥା ନାହିଁ । ଫଳରେ ସେହି ଜମିରେ ଚାଷବାସ ହୁଏ ନାହିଁ । ସେହିପରି ରାୟଗଡ଼ରେ ସେଭଳି କାମ ମଧ୍ୟ ମିଳୁ ନାହିଁ । ସେଥିପାଇଁ ଏଠାକୁ ଛୁଆପିଲା ଧରି ସ୍ୱାମୀଙ୍କ ସହିତ ଆସିଛୁ। ରୋଜଗାର ଆଶାରେ ଆସିଥିଲୁ । ହେଲେ ନିରାଶ ହୋଇଛୁ । ଆସିବା ଦିନଠାରୁ ୯ହଜାର ଟଙ୍କା ରୋଜଗାର କରିଥିଲୁ । ଘରକୁ ୭ହଜାର ଟଙ୍କା ପଠାଇଛୁ ।**–ସଙ୍ଗୀତା ନିଶାଦ**

*(ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ)*



ସ୍ୱେଚ୍ଛାସେବୀମାନେ ବରଗଡ଼ ଜିରା ନଦୀ କୂଳ ସ୍ୱର୍ଗଦ୍ୱାରରେ ଶବଦାହ କରୁଛନ୍ତି ।

# ପରିବାର ଲୋକେ ଆସିଲେନି, ଶବଦାହ କଲେ ସ୍ୱେଚ୍ଛାସେବୀ

**ବରଗଡ଼ ଅଫିସ୍,୫।୪**

ବରଗଡ଼ ଜୀରାନଦୀ କୂଳ ସ୍ୱର୍ଗଦ୍ୱାରରେ ରବିବାର ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ଛତିଶଗଡ଼ ଅଞ୍ଚଳର ଜଣେ ଯୁବକଙ୍କ ଶବଦାହ କରିଛନ୍ତି । ମୃତକଙ୍କ ନାମ ପୁନିତରାମ ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ଗତ ଶୁକ୍ରବାର ରାତ୍ରିରେ କିଛି ଯୁବକ ଗୁରୁତର ଅସୁସ୍ଥ ଅବସ୍ଥାରେ ପୁନିତରାମଙ୍କୁ ବରଗଡ଼ ଖେଦାପାଲିସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣି ଭର୍ତ୍ତି କରି ସେଠାରୁ ଚାଲିଯାଇଥିଲେ । ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ପାଖରେ କେହି ନ ଥିବା ଯୋଗୁ ମୃତଦେହକୁ ସ୍ଥାନୀୟ ଶବ ସଂରକ୍ଷଣ ଗୃହରେ ରଖାଯାଇଥିଲା । ଶବ ଚିହ୍ନଟ ହେବା ପରେ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା । ତେବେ ପରିବାରରେ କେବଳ ମୃତକଙ୍କ ବୃଦ୍ଧ ବାପା ଥିବା ଯୋଗୁ ସେ ବରଗଡ଼ ଆସି ଶବ ନେବାକୁ କିମ୍ବା ଶବଦାହ ପାଇଁ ନିଜ ଅସହାୟତା ପ୍ରକାଶ କରିଥିଲେ। ଏହା ସହିତ ଯେ କେହି ମଧ୍ୟ ଶବ ସଂସ୍କାର କଲେ, ତାଙ୍କ କୌଣସି ଆପତ୍ତି ଅଭିଯୋଗ ନାହିଁ ବୋଲି ସେଠାକାର ପୋଲିସ ପାଖରେ ଲେଖି ଦେଇଥିଲେ । ଏ ନେଇ ଭଟଲି ପୋଲିସ ସୂଚନା ପାଇବା ପରେ ବରଗଡ଼ର ସ୍ୱେଚ୍ଛାସେବୀଙ୍କୁ ଶବ ସଂସ୍କାର ପାଇଁ ଅନୁମତି ଦେଇଥିଲା। ଏହାପରେ ସ୍ୱେଚ୍ଛାସେବୀ ବିକାଶ ଅଗ୍ରୱାଲ, ଟିକେଲାଲ ପ୍ରଧାନ, ଲୋକନାଥ ମେହେର, ବସନ୍ତ ବାଗ, ସୁରଜ ବାଗ ପ୍ରମୁଖ ଜିରା ନଦୀ କୂଳ ସ୍ୱର୍ଗଦ୍ୱାରକୁ ଶବ ନେଇ ଦାହ କରିଥିଲେ ।

# ତାମିଲନାଡୁ, ମହାରାଷ୍ଟ୍ରରେ ଫସିଛନ୍ତି ୯୦ ଶ୍ରମିକ

**ବରଗଡ଼ ଅଫିସ୍,୫।୪**

କରୋନା (କୋଭିଡ୍-୧୯) ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଦେଶବ୍ୟାପୀ ଲକ୍ ଡାଉନ୍ କଟକଣା ଲାଗୁ କରାଯାଇଛି । ଏଭଳି ପରିସ୍ଥିତିରେ ତାମିଲନାଡୁ ଏବଂ ମହାରାଷ୍ଟ୍ରରେ ୯୦ଜଣ ଶ୍ରମିକ ଫସି ରହିଥିବା ସୂଚନା ମିଳିଛି । ସେମାନଙ୍କ ମଧ୍ୟରୁ ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ବାଦିପାଲି, ସମଲେଇପଦର ଅଞ୍ଚଳର ୫୦ଜଣ ତାମିଲନାଡୁ ରାଜ୍ୟର କୋଏମ୍ବାଟୁରର ଏକ ସୂତାମିଲରେ କାମ କରୁଛନ୍ତି । ବାକି ୪୦ଜଣ ମହାରଷ୍ଟ୍ରର ପୁନେ ଥାନା ଅନ୍ତର୍ଗତ ଉଡସେ ଅଞ୍ଚଳର ଏକ ଚିନି କାରଖାନାରେ କାମ କରୁଥିବାବେଳେ ସେମାନେ ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ସୁନ୍ଦରଗଡ଼ ଜିଲା ଅଞ୍ଚଳର ବୋଲି ଜଣାପଡ଼ିଛି । ସେମାନେ ସେଠାରେ ଫସି ରହିଥିବା ସୂଚନା ପାଇ ବରଗଡ଼ର ସାମାଜିକ କର୍ମୀ ଦିବସ କୁମାର ସାହୁ ଶନିବାର ସେଠାକାର ଜିଲାପାଳ ଏବଂ ଶ୍ରମ ଅଧିକାରୀଙ୍କୁ ଯୋଗାଯୋଗ କରି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ । ଏହାପରେ ସେମାନଙ୍କ ପାଖକୁ ରାଶନ ସାମଗ୍ରୀ ପହଞ୍ଚିଥିବା ସୂଚନା ମିଳିଛି ।



ମହାରାଷ୍ଟ୍ରରେ ଫସିଥିବା ଶ୍ରମିକମାନେ ।

### ଯୁବକଙ୍କ ମୃତ୍ୟୁ: କରୋନା ସନ୍ଦେହରେ ଲୋକେ ଆତଙ୍କିତ

**ପଡିଆବାହାଲ, ୫।୪(ଡି.ଏନ.ଏ.)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କବରାପାଲି ପଞ୍ଚାୟତର ତୁରିପଡାରେ ରବିବାର ସକାଳେ ଜଣେ ବହିରାଗତ ଯୁବକଙ୍କ ହଠାତ୍ ମୃତ୍ୟୁ ଘଟିଛି। ସଦର ଥାନା ପୋଲିସ ମୃତଦେହ ଜବତ କରି ବୁର୍ଲା ଭିମସାରକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚାଲୁ ରଖିଛି। ତେବେ କରୋନାରେ ତାଙ୍କର ମୃତ୍ୟୁ ହୋଇଥାପାରେ ବୋଲି ଆଶଙ୍କା କରି ଗାଁ ଲୋକେ ଭୟଭୀତ ହୋଇ ପଡିଛନ୍ତି। ଚେନ୍ନାଇରେ କାମ କରୁଥିବା ବଣାଇ ଅଞ୍ଚଳର ଏହି ଯୁବକ ଜଣକ ଲକଡାଉନ ଯୋଗୁ ଘରକୁ ଫେରି ଆସିଥିଲେ । ହେଲେ ଗାଁ ଲୋକେ ପଶିବାକୁ ନ ଦେବାରୁ ଯୁବକ ଜଣକ ମାମୁଁ ଘର ତୁରିପଡାକୁ ଆସି ରହୁଥିଲେ।

### ବୁଢ଼ାରଜା, ବିନ୍ଧ୍ୟବାସିନୀ ଯାତ୍ରାରେ କଟକଣା

ଭେଡ଼େନ୍,୫।୪(ଡି.ଏନ.ଏ): କରେନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଭେଡ଼େନ ବ୍ଲକ ସଂକ୍ରିଡ଼ାରେ ଅନ୍ତର୍ଗତ ଆସନ୍ତା ୯ତାରିଖରେ ହେବାକୁ ଥିବା ବିନ୍ଧ୍ୟବାସିନୀ ଯାତ୍ରା ଏବଂ ୧୦ତାରିଖରେ ପପଙ୍ଗା ପାହାଡ଼ରେ ବୁଢ଼ାରଜା ଯାତ୍ରାରେ ମଧ୍ୟ କଟକଣା ଲାଗୁ କରାଯାଇଛି । କେବଳ ପୂଜକଙ୍କ ଦ୍ୱାରା ପୂଜାବିଧି ହେବ ବୋଲି ନିଷ୍ପତ୍ତି ହୋଇଛି । ବରଗଡ଼ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଭେଡ଼େନ ତହସିଲଦାର ସୀମା ସବିତା କୁଲୁ, ଅତିରିକ୍ତ ତହସିଲଦାର ନାରାୟଣ ଦଣ୍ଡସେନା, ସରପଞ୍ଚ ସୁଶାନ୍ତ ସାହୁ ପ୍ରମୁଖ ଗ୍ରାମବାସୀଙ୍କ ଉପସ୍ଥିତିରେ ରବିବାର ଅନୁଷ୍ଠିତ ଏକ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି ।

## ଫଟୋରେ ଖବର...



ସାମାଜିକ ଦୂରତା ରହିଲାନି: ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ଥୁଆପାଲି ରବିବାର ପରିବା ହାଟକୁ ତହସିଲଦାର ସୀମା ସବିତା କୁଲୁ ବନ୍ଦ କରିଛନ୍ତି ।

# ପୋଲିସ ଆୟୋଜନ କଲା ରକ୍ତଦାନ ଶିବିର

**ସୋନପୁର,୫।୪(ନି.ପ୍ର)**

କରୋନା ମହାମାରୀ ଏବେ ସମଗ୍ର ବିଶ୍ୱକୁ ଆତଙ୍କିତ କରି ରଖିଛି । ଦେଶରେ ଗତ ୨୪ ତାରିଖ ମଧ୍ୟରାତ୍ରରୁ ଲକଡାଉନ ଘୋଷଣା ହୋଇଛି । ଜରୁରି କାମ ନଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି । ଏଭଳି ସ୍ଥିତିରେ ସୁବର୍ଣ୍ଣପୁର ଜିଲାରେ ରକ୍ତଦାନ ଶିବିର ଆୟୋଜନ ହୋଇପାରୁନି । ସ୍ୱେଚ୍ଛାକୃତ ରକ୍ତଦାତାମାନେ ବ୍ଲଡ଼ବ୍ୟାଙ୍କକୁ ଅସିପାରୁ ନାହାଁନ୍ତି । ବ୍ଲଡ଼ବ୍ୟାଙ୍କରେ ମାତ୍ର ୩୦ୟୁନିଟ ରକ୍ତ ରହିଛି । ଏସବୁକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପକ୍ଷରୁ ଟାଉନ ଥାନା ପରିସରରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏଥିରେ ସାମାଜିକ ଦୁରତ୍ୱ ବଜାୟ ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା । ଭିଡକୁ ଏଡାଇବା ପାଇଁ ରବିବାର କେବଳ ୨୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସୋମବାର ପୁଣି ଶିବିର ଆୟୋଜିତ ହେବ । ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାଶ ଶିବିରକୁ ଉଦଘାଟନ କରିଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରମେଶ ଚନ୍ଦ୍ର ପାଣିଗ୍ରାହୀ, ସୋନପୁର ଏସଡ଼ିପିଓ ମିହିର କୁମାର ପଣ୍ଡା, ଆଇଆଇସି ଲୋକେଶ୍ୱର ସାହୁ, ଏସଆଇ ସୁବ୍ରତ ପାଣିଗ୍ରାହୀ, ଅବିନାଶ ପ୍ରଧାନ, ପ୍ରାକ୍ତନ ନଗରପାଳ ପ୍ରକାଶ ଚନ୍ଦ୍ର ସାହୁ, ଅରବିନ୍ଦ ବାରିକ, ସ୍ୱେଚ୍ଛାସେବୀ ମନୋଜ ପଣ୍ଡା, ତାପସ ବେଉରିଆ, ଜିଲା ହାବିଲଦାର-କନେଷ୍ଟବଳ ସଂଘ ସଭାପତି କୁମୁଦ ରଞ୍ଜନ ମେହେର ଓ ସମ୍ପାଦକ ଦିନେଶ ମିଶ୍ର ସହଯୋଗ କରିଥିଲେ । କରୋନା ସମୟରେ ଯୁବତୀ ଯୁବକମାନେ ରକ୍ତଦାନ କରିବାକୁ ଆଗ୍ରହ ପ୍ରକାଶ କରିବା ଘଟଣାକୁ ସାଧାରଣରେ ପ୍ରଶଂସା କରାଯାଇଛି ।

### ୧୨ ବାଇକ ଜବତ

ଜୁନାଗଡ଼,୫।୪(ଡି.ଏନ.ଏ.): କରୋନା ଭୁତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସାରା ଭାରତରେ ଲକଡାଉନ ଜାରି ରହିଛି। ଏହାକୁ ଅମାନ୍ୟ କରୁଥିବା ବ୍ୟକ୍ତିଙ୍କ ଉପରେ ପୋଲିସ ପ୍ରଶାସନ ପକ୍ଷରୁ କଡା ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅଧୀନରେ ଥିବା ଚିଲଗୁଡା ଫାଣ୍ଡି ପୋଲିସ ଗତ ୨ ଦିନରେ ୧୨ଟି ବାଇକ ଜବତ କରିଛି। ଲକଡାଉନ ନିୟମ ଉଲ୍ଲଂଘନ କରିଥିବା ଅମାନିଆ ବାଇକ ଚାଳକମାନେ ଗାଡି ଛାଡି ଫେରାର ହୋଇଯାଇଛନ୍ତି। ଶନିବାର ୮ଟି ଓ ରବିବାର ୪ ବାଇକ ଜବତ କରାଯାଇଥିବା ଚିଲଗୁଡା ଫାଣ୍ଡି ଅଧିକାରୀ ବୀରବନ୍ଧୁ ସେଠୀ ପ୍ରକାଶ କରିଛନ୍ତି।

# ବିଚାରପତି-ପ୍ରଶାସନ ବିବାଦ ତେଜିଲା

**ଝାରସୁଗୁଡା ଅଫିସ,୫।୪**

କରୋନା ଭୁତାଣୁ ସଂକ୍ରମଣକୁ ରୋକିବା ପାଇଁ ସମଗ୍ର ଦେଶରେ ଲକଡାଉନ କଟକଣା ପାଳନ କରାଯାଉଛି। ଏହାକୁ ପାଳନ କରିବା ପାଇଁ ପୋଲିସ ଓ ଜିଲା ପ୍ରଶାସନର ଅଧିକାରୀମାନେ ନିୟୋଜିତ ଅଛନ୍ତି। ତେବେ କିଛିଦିନ ହେବ ଝାରସୁଗୁଡା ସହରରେ ବିଚାରପତି ଓ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ଅଧିକାରୀମାନଙ୍କ ମଧ୍ୟରେ ଯୁକ୍ତିତର୍କ ହେଉଥିବା ଘଟଣା ନଜରକୁ ଆସିଛି। ଲକଡାଉନ ବେଳେ ରାସ୍ତାରେ ଯିବା ଆସିବା କରୁଥିବା ବିଚାରପତିମାନଙ୍କୁ ପୋଲିସ ପକ୍ଷରୁ ଛଡା ଯାଉ ନ ଥିବା ଅଭିଯୋଗ ହେଉଥିଲା। ଏଥିପାଇଁ ବିଭିନ୍ନ ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଶୀତଳ ଯୁଦ୍ଧ ରବିବାର ଉଗ୍ରରୂପ ନେଇଛି । ଲାକଡାଉନ ଡ୍ୟୁଟିରେ ଥିବା ପ୍ରଶାସନିକ ଅଧିକାରୀମାନେ ପୂର୍ବାହ୍ନ ୧୧ଟାରୁ ସମୂହ କାର୍ଯ୍ୟ ବନ୍ଦ କରି ଜିଲାପାଳ ସରୋଜ କୁମାର ସାମଲଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ମୁତାବକ ରବିବାର ଝାରସୁଗୁଡା ଜିଲାରେ କାର୍ଯ୍ୟରତ ଜଣେ ବିଚାରପତିଙ୍କ ଅଫିସ କର୍ମଚାରୀ କୌଣସି କାର୍ଯ୍ୟରେ ବସଷ୍ଟାଣ୍ଡ ଅଞ୍ଚଳକୁ ଆସିଥିଲେ। ତାଙ୍କୁ ଜଣେ ପ୍ରଶାସନିକ ଅଧିକାରୀ ଅଟକାଇ ବାହାରେ ବୁଲିବାକୁ ବାରଣ କରିଥିଲେ। ଏହା ପରେ ବିଚାରପତି ଜଣକ ସମ୍ପୃକ୍ତ ଅଧିକାରୀଙ୍କୁ କୁଆଡେ ଫୋନ ଯୋଗେ କାଟୁ ଭାଷା ପ୍ରୟୋଗ କରିଥିଲେ। ପରେ ଲକଡାଉନ ଡ୍ୟୁଟିରେ ଥିବା ସମସ୍ତ ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟବନ୍ଦ କରିଥିଲେ। ପରେ ସମସ୍ତେ ଝାରସୁଗୁଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୈଠକ କରି ଜିଲାପାଳ ସାମଲଙ୍କୁ ସାକ୍ଷାତ କରି ଅଭିଯୋଗ କରିବାକୁ ଯାଇଥିଲେ। ଜିଲାପାଳ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ଲକଡାଉନ କଟକଣା ପାଳନ ଜରୁରୀ ଥିବାରୁ ସମସ୍ତ ଅଧିକାରୀମାନଙ୍କୁ ଡ୍ୟୁଟି କରିବାକୁ ପରାମର୍ଶ ଦେଇଥିଲେ। ଏହି ଘଟଣା ସମ୍ପର୍କରେ ସେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସମସ୍ତ ଅଧିକାରୀ ଦିନ ୧୨ଟା ୩୦ ବେଳେ ଡ୍ୟୁଟିକୁ ଫେରିଥିଲେ।



ଝାରସୁଗୁଡାରେ ରବିବାର ପ୍ରଶାସନିକ ଅଧିକାରୀମାନେ ଜିଲାପାଳଙ୍କ ସହ ଆଲୋଚନା କରିବାକୁ ଯାଉଛନ୍ତି ।

# କଳାହାଣ୍ଡିର ପ୍ରଥମ କରୋନା ରୋଗୀଙ୍କ ପଞ୍ଚାୟତ ସିଲ୍

**କେସିଙ୍ଗା, ୫।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଖମାର ହଳଦୀ ଗ୍ରାମ ପଞ୍ଚାୟତ ଅଞ୍ଚଳର ଜଣେ ୨୯ ବର୍ଷୀୟ ଯୁବକ କରୋନା ରୋଗରେ ଆକ୍ରାନ୍ତ ହୋଇଛନ୍ତ। ଏହି ଯୁବକ ଜଣକ ବାହାରିନଠାରେ ଏକ କମ୍ପାନୀରେ ଇଲେକ୍ଟ୍ରିକ ଫିଟର ଭାବରେ କାମ କରୁଥିଲେ। ସେ ଗତ ୧୯ ତାରିଖରେ ଦୁଇ ବନ୍ଧୁଙ୍କ ସହିତ ଏକ ବିମାନରେ ହାଇଦ୍ରାବାଦରେ ପହଞ୍ଚି ଥିଲେ। ସେଠାରୁ ବିଶାଖାପାଟଣା ଆସି ଥି ଲେ। ବି ଶା ଖା ପା ଟ ଣା ରୁ ଏକ ଟ୍ରେନ ଯୋଗେ ରାୟଗଡା ଦେଇ କେସିଙ୍ଗା ପହଞ୍ଚିଥିଲେ । କେସିଙ୍ଗାରୁ ବସ ଯୋଗେ ନିଜ ଗ୍ରାମକୁ ଆସିଥିଲେ। ସ୍ୱାସ୍ଥ୍ୟ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ଯୁବକଙ୍କ ରକ୍ତ ନମୁନା ସଂଗ୍ରହ କରିଥିଲେ। ତାଙ୍ଗ ଶରୀରରେ କରୋନା ପଜିଟିଭ ଥିବା ଜଣା ପଡିବା ପରେ ଶନିବାର ରାତିରେ ଉକ୍ତ ଗ୍ରାମ ପଞ୍ଚାୟତକୁ ଜିଲା ପ୍ରଶାସନ ପକ୍ଷରୁ ସିଲ କରି ଦିଆଯାଇଛି। ବାହାର ଅଞ୍ଚଳର କାହାକୁ ପଞ୍ଚାୟତ ଅଞ୍ଚଳରେ ପଶିବାକୁ କିମ୍ବା ବାହାରକୁ ଯିବାକୁ ଦିଆଯାଉ ନାହିଁ। ରବିବାର କଳାହାଣ୍ଡି ଜିଲାପାଳ ପରାଗ ହର୍ଷତ, ଧର୍ମଗଡ ଉପ-ଜିଲାପାଳ ପଦ୍ମନାଭ ବେହେରାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉକ୍ତ ଗ୍ରାମ ପରି ଦର୍ଶନ କରିଥିଲେ। ଏହାକୁ ଆଧାର କରି ଉକ୍ତ ପଞ୍ଚାୟତ ଅଞ୍ଚଳରେ ସଟ ଡାଉନ ଘୋଷଣା କରାଯାଇଛି। ଅପରପକ୍ଷରେ ଆକ୍ରାନ୍ତ ଯୁବକଙ୍କୁ ଭବାନୀପାଟଣା ଅଣାଯାଇଛି, ସେଠାରୁ ତାଙ୍କୁ କଟକ ପଠାଯିବ। ସମ୍ପୃକ୍ତ ଯୁବକଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ ୩୧ ଜଣଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ସଂଗ୍ରହ କରାଯାଇଛି। ଜିଲାର ସମସ୍ତ ସୀମାକୁ ସିଲ କରି ଦିଆଯାଇଛି। ଜିଲା ଆରକ୍ଷୀ ଅଧିକ୍ଷକ ବି.ଗଙ୍ଗାଧର ସାମାଜିକ ଦୂରତା ବଜାୟ ରଖିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।



ଖମାର ହଳଦୀ ଗ୍ରାମ ପଞ୍ଚାୟତ ଅଞ୍ଚଳକୁ ସିଲ୍ କରିବାକୁ ପ୍ରସ୍ତୁତି ଚାଲିଛି ।

# ଭଦ୍ରକ ଶଟ୍‌ଡାଉନ ସ୍ଥିତି ପରଖିଲେ ଡିଜିପି

ଭଦ୍ରକ ଅଫିସ, ୫।୪

ଭଦ୍ରକ ସହରର ଶଟ୍‌ଡାଉନ ସ୍ଥିତି ରବିବାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ଅନୁଧାନ କରିଛନ୍ତି। ସହରର ମୁଖ୍ୟ ପ୍ରଭାବିତ ଅଞ୍ଚଳ କୁହାଯାଉଥିବା ପୁରୁଣାବଜାର ଅଞ୍ଚଳକୁ ମହାନିର୍ଦ୍ଦେଶକ ବୁଲି ଦେଖିଥିଲେ। ତାଙ୍କ ସହ ଆଇଜି ଦୀପ୍ତେଶ ପଟ୍ଟନାୟକ, ଭଦ୍ରକ ଏସ୍‌ପି ରାଜେଶ ପଣ୍ଡିତ ସାମିଲ ଥିଲେ। ଏହି ୩ ଅଧିକାରୀ ପୁରୁଣାବଜାର ଥାନାରେ ପହଞ୍ଚି ଶଟ୍‌ଡାଉନ ସମୟରେ ପୂର୍ବରୁ ସିଲ୍ କରାଯାଇଥିବା ପୁରୁଣାବଜାର ଅଞ୍ଚଳରେ କିଭଳି ଆଇନଶୃଙ୍ଖଳା ପରିସ୍ଥିତି ରହିଥିଲା ଓ ପୋଲିସ ମୁତୟନ କିଭଳି ରହିଥିଲା, ଲୋକଙ୍କ ସହଯୋଗ କିଭଳି ରହିଥିଲା ଥାନାଧିକାରୀ ଗଣେଶ୍ୱର ପ୍ରଧାନଙ୍କଠାରୁ ପଚାରି ବୁଝିଥିଲେ। ଶଟ୍‌ଡାଉନ ସମୟରେ ୨୦ଜଣ ଆଇନ ଉଲ୍ଲଙ୍ଘନକାରୀଙ୍କୁ ଗିରଫ କରାଯାଇ କ୍ୱାରାଣ୍ଟାଇନରେ ରଖାଯାଇଛି।

ଭଦ୍ରକ ସହରରେ ୩ଜଣ ରୋଗୀ ଚିହ୍ନଟ ହେବା ପରେ ସହରରେ ସୁରକ୍ଷା ବ୍ୟବସ୍ଥା ପାଇଁ ୧୯ଟି ସ୍ଥାନରେ ଚେକ୍‌ପୋଷ୍ଟ କରାଯାଇ ଯାଞ୍ଚ କଡ଼ାକଡ଼ି କରାଯାଇଛି। ସମୁଦାୟ ୧୫ ପ୍ଲାଟୁନ ପୋଲିସ, ୩୫ ଜଣ ପୋଲିସ ଅଧିକାରୀ, ୨୨ ଜଣ ମାଜିଷ୍ଟ୍ରେଟ୍, ୩ ପ୍ଲାଟୁନ ଓଏସ୍‌ଏପି ସହରରେ ମୁତୟନ ଅଛନ୍ତି। ଶଟ୍ ଡାଉନ ସମୟରେ କେବଳ ଆମ୍ବୁଲାନ୍ସ, ଜରୁରୀକାଳୀନ ବିଭାଗ, ପ୍ରଶାସନିକ ଅଧିକାରୀଙ୍କ ଗାଡ଼ି ବ୍ୟତୀତ ରାସ୍ତାରେ ଅନ୍ୟ କୌଣସି ଗାଡ଼ି ଚଳାଚଳ କରି ନ ଥିଲା। ଏହି ସମୟରେ ପ୍ରଶାସନ ପକ୍ଷରୁ ଗରିବ, ଭିକାରୀ କ୍ୱାରାଣ୍ଟାଇନରେ ଥିବା ଲୋକଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। ପୌରପାଳିକା ପକ୍ଷରୁ ଗାଈ, ଗୋରୁ ଓ ବୁଲା କୁକୁରମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଉଥିବା ଦେଖିବାକୁ ମିଳିଥିଲା। କେନ୍ଦ୍ରାଞ୍ଚଳ ଉପ ଅଗ୍ନିଶମ ଅଧିକାରୀ ତ୍ରୈଲୋକ କୁମାର ବାବୁଙ୍କ ନେତୃତ୍ୱରେ ଭଦ୍ରକ ପୌରାଞ୍ଚଳର ୯୦ପ୍ରତିଶତ ୱାର୍ଡ଼ରେ ବିଶୋଧନ କାର୍ଯ୍ୟ କରାଯାଇଛି। ଅଗ୍ନିଶମ ବିଭାଗର ୩ଟି ଗାଡ଼ି ଏହି ବିଶୋଧନ କାର୍ଯ୍ୟରେ ନିୟୋଜିତ ଥିବା ବରିଷ୍ଠ ଆଗ୍ନେୟ ହରେକୃଷ୍ଣ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଶଟ୍‌ଡାଉନ ସମୟରେ ୨୦ଜଣ ଆଇନ ଉଲ୍ଲଙ୍ଘନକାରୀଙ୍କୁ ଭଦ୍ରକ ଟାଉନ ଓ ପୁରୁଣାବଜାର ପୋଲିସ ଗିରଫ କରି ସ୍ଥାୟୀ ସଙ୍ଗରୋଧ କେନ୍ଦ୍ରକୁ ପଠାଇଛି। ମୋଟ ୭ଟି ମେଡିସିନ ଷ୍ଟୋରକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଦୋକାନ ବଜାର ବନ୍ଦ ରହିଛି। ମୋଟାମୋଟି ଭାବେ ଭଦ୍ରକରେ ଏହି ଶଟ୍‌ଡାଉନକୁ ସମର୍ଥନ ମିଳିଛି।


ଭଦ୍ରକ ଶଟ୍‌ଡାଉନ୍ ସ୍ଥିତି ଅନୁଧାନ କରୁଛନ୍ତି ଡିଜିପିଙ୍କ ସହ ପୂର୍ବାଞ୍ଚଳ ଆଇଜି ଓ ଭଦ୍ରକ ଏସ୍‌ପି ।

**ଆଇନ ଉଲ୍ଲଂଘନ କରି ସଙ୍ଗରୋଧ କେନ୍ଦ୍ର ଗଲେ ୨୦**

## ସଂକ୍ଷେପରେ

### ଯୁବତୀ ଜୀବନ୍ତ ଦଗ୍ଧ

ତିହିଡି, ୫।୪(ସ୍ୱ.ପ୍ର./ଡି.ଏନ.ଏ.)-ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବାରସର ପଞ୍ଚାୟତ ମୁଟୁରିଗଡ଼ ଗାଁରେ ରବିବାର ମଧ୍ୟାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି। କବିତା ରାଉତ(୨୪) ନାମକ ଯୁବତୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଯୁବତୀଙ୍କ ବାପା କାମ ପାଇଁ ଯାଇଥିବା ବେଳେ ମା’ ଘର ବାହାରେ ଥିଲେ। ଘରେ ହଠାତ୍ ନିଆଁ ଲାଗି ଯାଇଥିଲା। ଅଗ୍ନିର ପ୍ରକୋପ ଯୋଗୁ ଯୁବତୀ ଜଣକ ଘରୁ ବାହାରି ପାରି ନ ଥିଲେ। ପରେ ଗାଁ ଲୋକେ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ। ସେତେବେଳକୁ ଯୁବତୀଙ୍କର ମୃତ୍ୟୁ ହୋଇଯାଇଥିଲା।

### ରିଲିଫ ଫଣ୍ଡକୁ ସହାୟତା

ସିମୁଳିଆ, ୫।୪(ଡି.ଏନ୍.ଏ.)-କରୋନା ସମଗ୍ର ବିଶ୍ୱବ୍ୟାପୀ ଆତଙ୍କ ସୃଷ୍ଟି କରିଛି। ଏହାର ମୁକାବିଲା ପାଇଁ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ମାନେ ସହଯୋଗର ହାତ ବଢାଇଛନ୍ତି। ବରି ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ପାଣିଗ୍ରାହି ମୁଖ୍ୟମନ୍ତ୍ରୀ ରିଲିଫପଣ୍ଡକୁ ୨ହଜାର ଟଙ୍କା ସହାୟତା ରାଶି ପଠାଇଛନ୍ତି। ସେହିପରି ‘ବାଲିଖଣ୍ଡ ବରିଷ୍ଠ ନାଗରିକ ମଞ୍ଚ’ ପକ୍ଷରୁ ୪ହଜାର ୧୧ଟଙ୍କା, ବାଲିଖଣ୍ଡ ‘ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ’ ପକ୍ଷରୁ ୨୫ଶହ ୧ଟଙ୍କା, ମୁନି ସମାଜ ପକ୍ଷରୁ ଶହେ ଟଙ୍କା, ସମଗ୍ର ଓଡିଶାର ବିଭିନ୍ନ ବର୍ଗର ଜନସାଧାରଣଙ୍କ ପାଇଁ କାର୍ଯ୍ୟ କରୁଥିବା ‘ପ୍ରୟାସ’ ସଙ୍ଗଠନ ପକ୍ଷରୁ ପ୍ରଧାନମନ୍ତ୍ରୀ ରିଲିଫ ଫଣ୍ଡକୁ ୧୦ହଜାର ଟଙ୍କା ଓ ‘ପ୍ରୟାସ’ ସଙ୍ଗଠନର ପ୍ରତିଷ୍ଠାତା ସଞ୍ଜୟ ସେଠୀ ନିଜ ଜନ୍ମଦିନ ଅବସରରେ ୫ହଜାର ଓ ପର୍ଯ୍ୟଟନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ୧ଲକ୍ଷ ୫ହଜାର ଟଙ୍କା ରିଲିଫଫଣ୍ଡକୁ ଦାନ କରିଛନ୍ତି।

### ଯୁବକଙ୍କ ମୃତଦେହ ଉଦ୍ଧାର

ବାରିପଦା ଅଫିସ, ୫।୪-ବାରିପଦା ଟାଉନ ଥାନା ଅନ୍ତର୍ଗତ ମଧୁବନ ଅଞ୍ଚଳରୁ ରବିବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଘର ଭିତରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି। ମୃତକ ହେଲେ ମଧୁବନ ଅଞ୍ଚଳର ସାଗର ଦେଓଘରିଆ (୩୮)। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୬/୨୦) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

# ପ୍ରବାସୀ ବାଲେଶ୍ୱରବାସୀଙ୍କୁ ସହାୟତା

ବାଲେଶ୍ୱର ଅଫିସ, ୫।୪

କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ ଘୋଷଣା କରାଯାଇଛି। ହଜାର ହଜାର କର୍ମଚାରୀ ଓ ଶ୍ରମିକ କାମଧନ୍ଦା ହରାଇ ବେକାର ହୋଇଛନ୍ତି। ଏପରି ସ୍ଥିତିରେ ସେମାନେ ନିଜ ଗାଁକୁ ଫେରିଆସିବାକୁ ଚାହିଁଲେ ମଧ୍ୟ ଆସି ପାରୁନାହାନ୍ତି। ଦେଶର ବିଭିନ୍ନ ଭାଗରେ ଏହିପରି ଓଡ଼ିଶାର ପ୍ରାୟ ୨ଲକ୍ଷ ଲୋକ ଅଟକି ରହିଥିବା ବେଳେ ବାଲେଶ୍ୱର ଜିଲାର ଅନେକ ଲୋକ ଦେଶର ବିଭିନ୍ନ ସ୍ଥାନରେ ଅଟକି ରହିଛନ୍ତି। ଖବର ପାଇବା ପରେ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ସତ୍ୟଶିବ ଦାସ, ସୁଦର୍ଶନ ଦାସ, ବିଜନ ନାୟକ, ମାନସ ଦାସ ପଟ୍ଟନାୟକ ପ୍ରମୁଖ ତୁରନ୍ତ ସହାୟତାର ହାତ ବଢ଼ାଇଛନ୍ତି। ନିଜସ୍ୱ ପ୍ରଚେଷ୍ଟାରେ ସେମାନେ ଏସବୁ ସ୍ଥାନରେ ଭୋକ ଉପାସରେ ଥିବା ବାଲେଶ୍ୱର ଅଞ୍ଚଳର ବିଭିନ୍ନ ଲୋକଙ୍କ ସମେତ ଓଡ଼ିଶା ଅନ୍ୟ ପ୍ରାନ୍ତର ଲୋକଙ୍କ ପାଇଁ ମଧ୍ୟ ଖାଦ୍ୟ, ପାନୀୟ ବନ୍ଦୋବସ୍ତ କରିଥିଲେ। ବିଭିନ୍ନ ସ୍ଥାନରେ ଅଟକି ରହିଥିବା ବାଲେଶ୍ୱର ଜିଲାର ୧୧୦୦ରୁ ଅଧିକ ଲୋକଙ୍କ ନିକଟରେ ରାଶନ ସାମଗ୍ରୀ ପହଞ୍ଚିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପ୍ରତି ଯଥେଷ୍ଟ ଯତ୍ନ ନିଆଯାଉଛି। ଯେତେଦିନ ପର୍ଯ୍ୟନ୍ତ ତାଲାବନ୍ଦ ରହିଥିବ ଏବଂ ଜୀବନଯାତ୍ରା ସ୍ୱାଭାବିକ ହୋଇ ନ ଥିବ, ସେତେଦିନ ପର୍ଯ୍ୟନ୍ତ ଏହି ବିପନ୍ନମାନଙ୍କୁ ଖାଦ୍ୟ ପାନୀୟ ଯୋଗାଇ ଦିଆଯିବା ସହ ସେମାନଙ୍କ ନିରାପଦ ରହଣିର ବ୍ୟବସ୍ଥା କରାଯିବ ବୋଲି ବାଲେଶ୍ୱର ଜିଲାର କଂଗ୍ରେସ ନେତାମାନଙ୍କ ପକ୍ଷରୁ ଆଶ୍ୱାସନା ଦିଆଯାଇଛି।


ଗୁଜୁରାଟରେ ଥିବା ପ୍ରବାସୀ ବାଲେଶ୍ୱରବାସୀଙ୍କୁ ମିଳିଥିବା ଖାଦ୍ୟ ସାମଗ୍ରୀ।

## କ୍ୱାରାଣ୍ଟାଇନରେ ରହିଲେ ବାଂଲାଦେଶୀ ମହିଳା

ପାଟଣା, ୫।୪(ସ୍ୱ.ପ୍ର.)

କରୋନା ଭୂତାଣୁ ସଂକ୍ରମଣ ନେଇ ଏବେ ଗାଁ ଗାଁ ରେ କୋକୁଆ ଭୟ ଦେଖାଦେଇଛି। କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମଶାସନକୁ ୨ ଦିନ ତଳେ ଜଣେ ସନ୍ଦିଗ୍ଧ ମହିଳା ଆସିବା ନେଇ ଚର୍ଚ୍ଚା ହୋଇଥିଲା। ତାଙ୍କୁ ଶୁଖିଲା କାଶ ଓ ଛିଙ୍କ ହେଉଥିବାରୁ ଲୋକେ ଭୟଭୀତ ହୋଇ ପଡିଥିଲେ। ଗ୍ରାମର ଯୁବକମାନେ ଉକ୍ତ ମହିଳାଙ୍କୁ ନେଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ସୁପ୍ରକାଶ ଶତପଥୀଙ୍କୁ ହସ୍ତାନ୍ତର କରିଥିଲେ। ସନ୍ଦିଗ୍ଧ ମହିଳାଙ୍କୁ ପଚରାଉଚରା କରାଯିବାରୁ ସେ ବାଂଲାଦେଶର ବୋଲି ଜଣାପଡିଥିଲା। ସେ ଏବେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ କ୍ୱାରାଣ୍ଟାଇନରେ ରହିଛନ୍ତି। ସେ ବାଂଲାଦେଶରୁ କୌଣସି ପ୍ରକାରେ ପାରାଦୀପ ଚାଲି ଆସିଥିଲେ। ପାରାଦୀପରୁ ଟ୍ରକ ଯୋଗେ ଢେଙ୍କିକୋଟରେ ଓହ୍ଲାଇଥିଲେ। ଲୋକେ ତାଙ୍କୁ ଘଉଡ଼ାଇବାରୁ ସେ ସ୍ୱାମଶାସନ ଗ୍ରାମରେ ପହଞ୍ଚିଥିଲେ।

# ସୋସିଆଲ ମିଡିଆରେ ଏକ ନିର୍ଦ୍ଦିଷ୍ଟ ଧର୍ମକୁ ଆକ୍ଷେପ କରି ଭିଡିଓ ଭାଇରାଲ, ଜଣେ ଗିରଫ

ବଡ଼ବିଲ,୫।୪( ସ୍ୱ. ପ୍ର.):

କରୋନା ସମ୍ପର୍କିତ ଆପତ୍ତିଜନକ ଭିଡ଼ିଓ, ମେସେଜ, ଫଟୋ ଆଦି ସୋସିଆଲ ମିଡିଆରେ ଭାଇରାଲ ଘଟଣାକୁ ନେଇ ସରକାର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ରବିବାର ଏଭଳି ଏକ ଘଟଣାରେ ସ୍ଥାନୀୟ ଶ୍ରୀରାମ ନଗର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ରାଜେନ୍ଦ୍ର କୁମାର କେଶରୀ ଓରଫ ମୁନ୍ନା। ତାଙ୍କ ମୋବାଇଲକୁ ପୋଲିସ ଜବତ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ମୁନ୍ନା ନିଜ ମୋବାଇଲ ଯୋଗେ ଏକ ନିର୍ଦ୍ଦିଷ୍ଟ ଧର୍ମକୁ ଆକ୍ଷେପ କରିବା ସହ ଶତ୍ରୁତା ସୃଷ୍ଟିକାରୀ ଆପତ୍ତିଜନକ ଭିଡିଓ ସୋସିଆଲ ମିଡିଆରେ ଅପଲୋଡ କରିଥିଲେ। ତାହା କ୍ରମେ ଭାଇରାଲ ହୋଇଥିଲା। ପୋଲିସ ଏହା ଜାଣିବା ପରେ ବଡ଼ବିଲ ପୋଲିସ ଥାନାରେ ମାମଲା(ନଂ୫୫/୨୦) ରୁଜୁ କରି ଅଭିଯୁକ୍ତ ମୁନ୍ନାଙ୍କୁ ଗିରଫ କରିଥିଲା।

# ଲକ୍‌ଡାଉନ ନିୟମ ଭାଙ୍ଗି ୪ ଗିରଫ : ୩୩ ହଜାର ଜରିମାନା

କୁଆଁମରା, ୫।୪(ଡି.ଏନ.ଏ.)

ଲକ୍‌ଡାଉନ ସମୟରେ ଏଣେତେଣେ ନ ବୁଲି ଘରେ ରହିବାକୁ କଡାକଡି ଭାବେ କୁହାଯାଇଥିଲା। ମେଡିସିନ ଷ୍ଟୋର ଓ କେତେକ ଅତ୍ୟାବଶ୍ୟକ ଦୋକାନଗୁଡିକ ଖୋଲରହିବ ବୋଲି କୁହାଯାଇଥିଲା। ହେଲେ ଏହି ନିୟମକୁ ଭାଙ୍ଗି ୨ଜଣ ଦୋକାନ ଖୋଲିଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଛି। ଏଥିପୂର୍ବରୁ ଲକ୍‌ଡାଉନ ନିୟମ ଭାଙ୍ଗି ୨ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିଲା। ତେବେ ରବିବାର ସୁଦ୍ଧା ନିୟମ ଉଲ୍ଲଂଘନ କରିଥିବା ମୋଟ ୨୭ ବାଇକ ଜବତ ହୋଇଛି। ମୋଟ ୪ଟି ମାମଲା ସହ ଆଜି ପର୍ଯ୍ୟନ୍ତ ୩୩ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ କହିଛନ୍ତି। ତେବେ ଖୁଣ୍ଟା ଥାନା ଅଧୀନରେ ଗୋପବନ୍ଧୁ ନଗର ଓ ଖୁଣ୍ଟା ଦୁଇଟି ବ୍ଲକର ମୋଟ ୨୭ଟି ପଞ୍ଚାୟତର ଦେଢ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଥିବା ବେଳେ ଥାନାରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ପୋଲିସ ପାଟ୍ରୋଲିଂକୁ କଡାକଡି କରିବାକୁ ହେଲେ ଅଧିକ ଫୋର୍ସ ଆବଶ୍ୟକତା ରହିଛି ବୋଲି ଦାବି ହେଉଛି।

# ଅସହାୟଙ୍କୁ ରନ୍ଧାଖାଦ୍ୟ ବାଣ୍ଟିଲା ପ୍ରଶାସନ

ବାରିପଦା ଅଫିସ, ୫।୪

ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଲକଡାଉନ ଘୋଷଣା କରାଯାଇଛି। ଏଭଳି ସମୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ଜିଲାରେ ଗରିବ, ନିସ୍ୱ, ଅସହାୟ ଓ ମାନସିକ ବିକୃତମାନଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ବିଶେଷ କରି ଉପରୋକ୍ତ ଲୋକମାନଙ୍କୁ ଦୈନନ୍ଦିନରେ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରାଯିବା ଦିଗରେ ବିଶେଷ ଦୃଷ୍ଟି ନେଇ ଜିଲାରେ ଏହି ମାଗଣା ରନ୍ଧା ଖାଦ୍ୟ ପ୍ରତ୍ୟେକ ଦିନ ଯୋଗାଇ ଦିଆଯାଉଛି। ଜିଲାର ୨୬ଟି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ଓ ୪ଟି ସହରାଞ୍ଚଳର ବିଭିନ୍ନ ୱାର୍ଡରେ ଅସହାୟମାନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୪୭,୩୫୫ଜଣ ହିତାଧିକାରୀଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ଏଥିରେ ୪୩, ୦୭୮ଜଣ ବୟସ୍କ ଲୋକ ଏବଂ ୪,୨୭୭ ଜଣ ପିଲା ଅଛନ୍ତି।

# ବ୍ରହ୍ମପୁରରେ ଆଂଶିକ ଶଟ୍‌ଡାଉନ

ବ୍ରହ୍ମପୁର ଅଫିସ,୫।୪

- ଦିନ ତମାମ ରାସ୍ତା ଜନଶୂନ୍ୟ
- ନିୟମ ଖିଲାପକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ
- ୫୦୦ରୁ ଊର୍ଦ୍ଧ୍ୱ ବାଇକ୍ ଜବତ

ରାଜ୍ୟରେ କରୋନାରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସମଗ୍ର ଜିଲାରେ ଆଂଶିକ ଶଟ୍‌ଡାଉନ୍ ଅର୍ଥାତ୍ ୧୯ ଘଣ୍ଟିଆ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ରବିବାର ଏହାର ପ୍ରଭାବରେ ସହର ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇଥିବା ଦେଖିବାକୁ ମିଳିଥିଲା। ସହରରେ ଲକ୍‌ଡାଉନ୍ ଜାରି କରାଯିବା ସତ୍ତ୍ୱେ ଅନେକ ସମୟରେ ଲୋକ ବିଭିନ୍ନ ଆଳରେ ପ୍ରଶାସନର ନିୟମକୁ ଅବମାନନା କରୁଥିବା ଦେଖିବାକୁ ମିଳିଥିଲା। ଏହାକୁ ଦୃଷ୍ଟିରେ ପ୍ରଶାସନ ପକ୍ଷରୁ ରବିବାରରୁ କଡା ପଦକ୍ଷେପ ଗ୍ରହଣ କରାଯିବା ନେଇ ଘୋଷଣା କରାଯାଇଥିଲା। ମଧ୍ୟାହ୍ନ ୧୨ଟାରୁ ପରଦିନ ସକାଳ ୭ଟା ପର୍ଯ୍ୟନ୍ତ ସହରରେ ଚଳପ୍ରଚଳ ଉପରେ ସମ୍ପୂର୍ଣ୍ଣ ରୋକ ଲାଗାଯିବା ସହ ଯାନ ଚଳାଚଳ ଉପରେ ମଧ୍ୟ କଟକଣା ଲଗାଯାଇଥିଲା। ଏହାକୁ ଖିଲାପକାରୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସଚେତନ କରାଯାଇଥିଲା। ସହରରେ ବାଇକ୍ ଚଳାଇଲେ ଚାଳକଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶନିବାରରୁ ସଚେତନ କରିଥିଲେ। ଏହିକ୍ରମରେ ରବିବାର ସକାଳୁ ପ୍ରଶାସନ ପକ୍ଷରୁ କଡା ପଦକ୍ଷେପ ଗ୍ରହଣ କରାଯାଇଥିଲା। ସହରର ବିଭିନ୍ନ ପ୍ରମୁଖ ଛକ ସମେତ ଗେଟବଜାର, ନୂଆବସ୍‌ଷ୍ଟାଣ୍ଡରୋଡ, ଅର୍ଣ୍ଣପୂର୍ଣ୍ଣାମାର୍କେଟ, ଏସ୍‌ଏନ୍‌ଟି ରୋଡ ଭଳି ବିଭିନ୍ନ ଜନଗହଳିପୂର୍ଣ୍ଣ ରାସ୍ତାରେ ପ୍ରଶାସନ ପକ୍ଷରୁ ନାକାବନ୍ଦି କରାଯାଇଥିଲା। ପୋଲିସ ପକ୍ଷରୁ ଯାଞ୍ଚ କଡକଡି କରିବା ସହ ନିୟମ ଖିଲାପକାରୀଙ୍କ ବାଇକ୍ ଜବତ କରାଯାଇଥିଲା। ଦିନକ ମଧ୍ୟରେ ସହରର ବିଭିନ୍ନ ଥାନା ଅଧୀନସ୍ଥ ଅଞ୍ଚଳରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ବାଇକ୍ ଜବତ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ପ୍ରଶାସନର କଡା ପଦକ୍ଷେପ ଯୋଗୁ ରବିବାର ମଧ୍ୟାହ୍ନ ୧୨ଟାରୁ ସହରର ରାସ୍ତା ଶୂନ୍‌ଶାନ୍ ହୋଇଯାଇଥିଲା।


ଶୂନଶାନ୍ ଅର୍ଣ୍ଣପୂର୍ଣ୍ଣା ମାର୍କେଟ ଅଞ୍ଚଳ ।

## ବ୍ରହ୍ମପୁର

### ବମିଖାଲରୁ ଆସିଥିବା ଲୋକଙ୍କ ଉପରେ ନଜର

ବେଗୁନିଆପଡା,୫।୪(ଡି.ଏନ୍.ଏ.):

ଭୁବନେଶ୍ୱରସ୍ଥିତ ବମିଖାଲରେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ସେଠାରୁ ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକକୁ ଫେରିଥିବା ଲୋକଙ୍କ ଉପରେ ପ୍ରଶାସନ ନଜର ରଖିଛି। ବମିଖାଲରୁ ବେଗୁନିଆପଡ଼ା ବ୍ଲକ ସାଙ୍କୁଡା ପଞ୍ଚାୟତକୁ ୫୦ରୁ ଊର୍ଦ୍ଧ୍ୱ ଲୋକ ଗତ ୭ ଦିନ ହେଲା ଫେରିଥିଲେ। ସେମାନେ ସଙ୍ଗରୋଧରେ ରହିନାହାନ୍ତି। ସେହପରି ଏସ୍. ଛଟିନା ପଞ୍ଚାୟତକୁ ମଧ୍ୟ ୨୦ରୁ ଊର୍ଦ୍ଧ୍ୱ ଲୋକ ଫେରି ବାହାରେ ବୁଲାବୁଲି କରୁଛନ୍ତି। ଏହି ଖବର ପାଇବା ପରେ କୋଦଳା ତହସିଲଦାର ପ୍ରଭାତ କୁମାର ପରିଡା, ବେଗୁନିଆପଡ଼ା ବିଡିଓ ବେଦବର ପ୍ରଧାନ, କୋଦଳା ଥାନାଧିକାରୀ ଦେବାଶିଷ ମହାନ୍ତିଙ୍କ ସମେତ ଡାକ୍ତରୀ ଟିମ୍ ଉକ୍ତ ଗ୍ରାମକୁ ଆସିଥିଲେ। ହେଲେ କାହାରିକୁ ପାଇ ନ ଥିବା ଜଣାପଡିଛି ।

## କ୍ୱାରାଣ୍ଟାଇନ୍‌ରେ ରହିଲେ ବ୍ରହ୍ମବରଦା ଫେରନ୍ତା

ଆସିକା,୫।୪(ଡି.ଏନ୍.ଏ.):

ଆସିକା ବ୍ଲକ ପାଣ୍ଡିଆପଥର ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାୟର ୧୪ଜଣ ବ୍ୟକ୍ତି ଯାଜପୁର ଜିଲା ବ୍ରହ୍ମବରଦାରୁ ଫେରିଥିଲେ। ଶନିବାର ମଧ୍ୟ ରାତିରେ ପ୍ରଶାସନ ନିକଟରେ ଏହି ଖବର ପହଞ୍ଚିଥିଲା। ପରେ ଆସିକା ତହସିଲଦାର ସଦାନନ୍ଦ ସେଠୀ, ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ, ବିଡିଓ ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଉକ୍ତ ଗ୍ରାମରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଆସିକା ଡାକ୍ତରଖାନାକୁ ଆଣିଥିଲେ । ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ଥିଲେ ମଧ୍ୟ ସେମାନେ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଥିବା ବିଡିଓ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ରବିବାର ଆସିକା କେନ୍ଦ୍ରୀୟ ବିଦ୍ୟାଳୟରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଅନ୍ୟ ରାଜ୍ୟର କେତେଜଣ ଶ୍ରମିକଙ୍କୁ ଠିକାଦାର କୌଣସି ରାଶନ ଦେଉ ନ ଥିବା ଅଭିଯୋଗ ହୋଇଥିଲା। ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ରାଶନ ଦେବା ଲାଗି ସମ୍ପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଧୋବାପଲ୍ଲୀରେ ରହୁଥିବା କେତେକ ବାହାର ରାଜ୍ୟର ଶ୍ରମିକଙ୍କୁ ବରଗାଁ ପଞ୍ଚାୟତ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ ବ୍ୟବସ୍ଥା କରାଯାଇଥିବା ବିଡିଓ ସୂଚନା ଦେଇଛନ୍ତି।

## ପାତ୍ରପୁର ବ୍ଲକରେ ଫସିଛନ୍ତି ମୟୂରଭଞ୍ଜ ଶ୍ରମିକ

ପାତ୍ରପୁର,୫।୪(ଡ଼ି.ଏନ.ଏ.):

ଲକ୍‌ଡାଉନ୍ ଯୋଗୁ ପାତ୍ରପୁର ବ୍ଲକ ବି. ନୂଆଗାଁ ଗ୍ରାମରେ ମୟୁରଭଞ୍ଜ ଜିଲାର ୫ ଜଣ ଶ୍ରମିକ ଅଟକିଛନ୍ତି। ରାଇରଙ୍ଗପୁର ଓ ଉଦଳା ଅଞ୍ଚଳର ଏହି ଶ୍ରମିକମାନେ ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ହେବ ବି. ନୂଆଗାଁ ଗ୍ରାମରେ ରହି ରଙ୍ଗ କାମ କରଥିଲେ । ଲକ୍‌ଡ଼ାଉନ୍ ଯୋଗୁ ଏବେ ସେମାନେ ଘରକୁ ଫେରିପାରୁ ନାହାନ୍ତି। ପାଖରେ ପଇସା ନାହିଁ। ତୁରନ୍ତ ଘରକୁ ପଠାଇବା ବ୍ୟବସ୍ଥା କରାଯାଉ ବୋଲି ସେମାନେ ସରକାର ଓ ପ୍ରଶାସନକୁ ଗୁହାରି କରିଛନ୍ତି।

# କୁକୁଡ଼ାଖଣ୍ଡି ବ୍ଲକ: ସିଲ୍ ହେଲା ମାଟିଆସାହି

କୁକୁଡାଖଣ୍ଡି,୫।୪(ଡି.ଏନ.ଏ.)

କୁକୁଡାଖଣ୍ଡି ବ୍ଲକ ବାଘଲଟି ପଞ୍ଚାୟତ ମାଟିଆସାହିକୁ ରବିବାର ସିଲ କରାଯାଇଛି। ଏନେଇ ସୂଚନା ଦେଇଛନ୍ତି ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ। ଉକ୍ତ ଗ୍ରାମକୁ ରାଜ୍ୟ ବାହାରୁ ୧୩୦ ଜଣ ବ୍ୟକ୍ତି ଆସି ରହିଥିବା ସୂଚନା ପାଇ ତହସିଲଦାର ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର ଗ୍ରାମକୁ ଯାଇ ଘଟଣା ସମ୍ପର୍କରେ ଅବଗତ ହେବା ପରେ ଉପଜିଲାପାଳଙ୍କୁ ଜଣାଇଥିଲେ। ପରେ ଉପଜିଲାପାଳ ଗ୍ରାମକୁ ସିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ଏହାକୁ ହଟସ୍ପଟ ବୋଲି ଘୋଷଣା କରିଛନ୍ତି। କୁକୁଡାଖଣ୍ଡି ଅତିରିକ୍ତ ତହସିଲଦାର ଅମିତ ମହାନ୍ତିଙ୍କୁ ସେଠାର ମାଜିଷ୍ଟ୍ରେଟ ଦାୟିତ୍ୱ ଦିଆଯିବା ସହ ଗୋଳନ୍ଥରା ଥାନା ଅଧିକାରୀଙ୍କୁ ଘଟଣା ଉପରେ ଦୃଷ୍ଟି ଦେବା ସହ ସେଠାରେ ଚେକ୍‌ପୋଷ୍ଟ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ବିଡିଓଙ୍କୁ ସେଠାରେ ବସବାସ କରୁଥିବା ଲୋକଙ୍କୁ ପାଇଁ ଅତ୍ୟାବଶକ ସାମଗ୍ରୀର ହୋମ ଡେଲିଭେରି ପାଇଁ ମଧ୍ୟ କୁହାଯାଇଛି। ଗ୍ରାମକୁ ପ୍ରବେଶ ଓ ବାହାରିବା ଉପରେ ସମ୍ପୂର୍ଣ୍ଣ କଟକଣା ସହ ବାରଣ କରାଯାଇଛି। ଯାନବାହନ ପ୍ରବେଶକୁ ମଧ୍ୟ ନିଷେଧ କରାଯାଇଛି। ଗତ ୫ଦିନ ହେଲା ଭୁବନେଶ୍ୱର ବମିଖାଲ ଅଞ୍ଚଳରୁ ୧୩୦ ଜଣ ଚାଲିଚାଲି ଏଠାକୁ ଆସିଥିଲେ। ସମସ୍ତେ ଶ୍ରମିକ ଶ୍ରେଣୀର ଲୋକ। ଏଯାବତ କାହାରିଠାରେ କୌଣସି ଲକ୍ଷଣ ଦେଖାଯାଇନି। କେହି ମଧ୍ୟ ଡାକ୍ତରଖାନା ଯାଇନାହାନ୍ତି। ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ୩ ମାସର ଚାଉଳ ଦିଆଯାଇଛି। ଡାକ୍ତରୀ ଦଳ ମଧ୍ୟ ଗ୍ରାମରେ ପହଞ୍ଚି ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛନ୍ତି।


ସିଲ ହୋଇଥିବା ମାଟିଆ ସାହି ।

## ଶଟ୍‌ଡାଉନ ପରେ ଗଞ୍ଜାମ-ଖୋର୍ଦ୍ଧା ସୀମା ସିଲ୍

ବେଗୁନିଆପଡା,୫।୪ (ଡି.ଏନ.ଏ.)

ଦିନକୁ ଦିନ କରୋନା ପଜିଟିଭଙ୍କ ସଂଖ୍ୟା ଓଡିଶାରେ ବଢିବାରେ ଲାଗିଛି। ଏହାର ଭୟାଭୟକୁ ଦୃଷ୍ଟିରେ ରଖି ଶନିବାର ରାତିରେ ଗଞ୍ଜାମ ଜିଲା ପ୍ରଶାସନ ତରଫରୁ ୧୯ ଘଣ୍ଟିଆ ଶଟଡାଉନ୍ ଘୋଷଣା ପରେ ଗଞ୍ଜାମ ଖୋର୍ଦ୍ଧା ସୀମା ସିଲ କରାଯାଇଛି। କୋଦଳା ତହସିଲଦାର ପ୍ରଭାତ କୁମାର ପରିଡ଼ା, ବିଡ଼ିଓ ବେଦବର ପ୍ରଧାନ, ଥାନାଧିକାରୀ ଦେବାଶିଷ ମହାନ୍ତି, ବେଗୁନିଆପଡା ଫାଣ୍ଡି ଅଧିକାରୀ ଦିପ୍ତୀ ରଞ୍ଜନ ବେହେରାଙ୍କ ସମେତ ପୋଲିସ କର୍ମଚାରୀ ସ୍ଥିତି ଅନୁଧାନ କରିଥିଲେ।


କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ପର୍ତ୍ତମାହା ପଞ୍ଚାୟତରେ ରବିବାର ରାତି ପ୍ରାୟ ୯ଟାରେ ବିଦ୍ୟୁତ୍ ଆଲୁଅ ବନ୍ଦ କରାଯିବା ସହ ଅନ୍ତରଙ୍ଗ ଯୁବ ସଂଘ ପକ୍ଷରୁ ‘କୋଭିଡ-୧୯’ ଲେଖା ଆକାରରେ କ୍ୟାଣ୍ଡେଲ ପ୍ରଜ୍ୱଳନ କରାଯାଇଛି ।

# ଅନୁଗୋଳରେ ନାହିଁ ପର୍ଯ୍ୟାପ୍ତ ପିପିଇ



- ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଦିଆଯାଇଛି ବରାଦ
- ରୋଗୀଙ୍କ ଚିକିତ୍ସା ବେଳେ କେବଳ ଡାକ୍ତର ପିନ୍ଧିବେ
- କ୍ୱାରାଣ୍ଟାଇନ୍ ସେଣ୍ଟର, ମେଡିକାଲ କ୍ୟାମ୍ପକୁ ଦିଆଯିବନି

**ଅନୁଗୋଳ ଅଫିସ, ୫।୪–**

କରୋନା ଆକ୍ରାନ୍ତଙ୍କ ଚିକିତ୍ସା ବେଳେ ଡାକ୍ତର, ନର୍ସ ଓ ଅନ୍ୟ ସହଯୋଗୀମାନେ ପର୍ସନାଲ ପ୍ରୋଟେକ୍ସନ୍ ଇକ୍ୟୁପମେଣ୍ଟ(ପିପିଇ) ପିନ୍ଧିବା ଜରୁରୀ। ନଚେତ ସେମାନେ ମଧ୍ୟ ଏହି ମାରାତ୍ମକ ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ଭୟ ରହିଛି। କିନ୍ତୁ ଅନୁଗୋଳ ଜିଲାରେ ଏହି ପିପିଇ ଏବେ ପର୍ଯ୍ୟାପ୍ତ ପରିମାଣର ନାହିଁ। ଯଦିଓ ଏଯାଏ ଜିଲାର କୌଣସି ବ୍ୟକ୍ତି କରୋନାରେ ସଂକ୍ରମିତ ହୋଇନାହାନ୍ତି ତଥାପି ଦୈନିକ ସନ୍ଦିଗ୍ଧଙ୍କ ସଂଖ୍ୟା ମେଡିକାଲଗୁଡ଼ିକରେ ବଢୁଥିବାରୁ ଡାକ୍ତର ଓ ନର୍ସଙ୍କ ପାଇଁ ପିପିଇର ଅଧିକ ଆବଶ୍ୟକତା ରହିଛି। ହେଲେ ଆଗୁଆ ପ୍ରସ୍ତୁତି କରିବା ପରିବର୍ତ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଏଥିପାଇଁ ବରାଦ ଦିଆଯାଇଥିବା ସୂଚନା ମିଳିଛି।

ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ କରୋନା ମୁକାବିଲା ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଜିଲାର ୨୨୫ଟି ପଞ୍ଚାୟତ ସହ ଦୁଇଟି ପୌରପାଳିକା ଓ ଗୋଟିଏ ଏନ୍ଏସିରେ ୨୩୫ଟି କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲାଯାଇଛି। ପ୍ରତି ପଞ୍ଚାୟତରେ ମଧ୍ୟ ଗୋଟିଏ ଲେଖାଏ ଅସ୍ଥାୟୀ ମେଡିକାଲ କ୍ୟାମ୍ପ କରାଯାଇଛି। ଏସବୁ ସେଣ୍ଟରରେ ବହୁ ଲୋକଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ କରୋନା ୱାର୍ଡ ଖୋଲାଯାଇଥିବା ବେଳେ ଦୈନିକ ସନ୍ଦିଗ୍ଧମାନେ ଏଠାକୁ ଚିକିତ୍ସା ଓ ରକ୍ତ ପରୀକ୍ଷା ପାଇଁ ଆସୁଛନ୍ତି। କିନ୍ତୁ ଏଯାଏ ଡାକ୍ତର ଓ ନର୍ସମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ପିପିଇ ଯୋଗାଇ ଦିଆଯାଇ ନ ଥିବାରୁ ସେମାନଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, ବ୍ଲକରେ ଖୋଲାଯାଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟର ଓ ଅସ୍ଥାୟୀ ମେଡିକାଲ କ୍ୟାମ୍ପଗୁଡ଼ିକରେ ପିପିଇର ଆବଶ୍ୟକତା ନାହିଁ। କେବଳ କରୋନା ଆକ୍ରାନ୍ତଙ୍କ ଚିକିତ୍ସା କରୁଥିବା ଡାକ୍ତରମାନଙ୍କୁ ଏହା ଯୋଗାଇ ଦିଆଯିବ। ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଯେତିକି ପିପିଇ ରହିଛି, ସେଥିରେ କାମ କରାଯାଉଛି। ଆବଶ୍ୟକତା ଅନୁଯାୟୀ ଅଧିକ ପିପିଇ ଆଣିବାକୁ ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କୁ କୁହାଯାଇଛି।

# ସଙ୍କଟ ଟାଳିବ ସଚେତନତା: ଜିଲାପାଳ

**ଢେଙ୍କାନାଳ ଅଫିସ, ୫।୪**

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ସମସ୍ତଙ୍କ ପାଇଁ ସତର୍କ ଘଣ୍ଟି ବଜାଇଛି। ସତର୍କତା, ସଚେତନତା, ସାମାଜିକ ଦୂରତ୍ୱ ହିଁ ଏହି ମହାମାରୀ କବଳରୁ ରକ୍ଷା କରିପାରିବ। ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ସଚେତନତା ସୃଷ୍ଟି କରିବା ଦିଗରେ ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ନିଷ୍ଠା, ମିଳିତ କାର୍ଯ୍ୟ କରୋନା ବିରୋଧୀ ଲଢ଼େଇରେ କାମରେ ଆସିବ ବୋଲି କହିଛନ୍ତି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା। ଜିଲା କାର୍ଯ୍ୟାଳୟ ଓସ୍‌ୱାନ ହଲରେ ଶନିବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଜିଲାର ଏନ୍‌ଜିଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା ଅବସରରେ ଜିଲାପାଳ ଏପରି ଆହ୍ୱାନ ଦେଇଛନ୍ତି।

ଏପରି ସଙ୍କଟ ପରିସ୍ଥିତିରେ ପରିବେଶ ସଫାସୁତରା ରଖିବା, ଅସହାୟଙ୍କୁ ଆବଶ୍ୟକ ସହାୟତା ଯୋଗାଇବା, ସେମାନଙ୍କ ମନୋବଳ ବୃଦ୍ଧି କରିବା, ସାମାଜିକ ଦୂରତା ବଜାୟ ରଖିବା ଦିଗରେ ସଚେତନ କରାଇବା, ଫେରନ୍ତା ଶ୍ରମିକଙ୍କୁ ଚିହ୍ନଟ, ଅପପ୍ରଚାର କରୁଥିବା ବ୍ୟକ୍ତିଙ୍କ ଉପରେ ନଜର ରଖିବା ଗୁରୁତ୍ୱପୂର୍ଣ୍ଣ। ଏହାକୁ ସ୍ୱେଚ୍ଛାସେବୀମାନେ ଭଲ ଭାବେ ତୁଲାଇପାରିବେ ବୋଲି ଜିଲାପାଳ ଆଶାବ୍ୟକ୍ତ କରିଥିଲେ। କରୋନା ରୋଗୀଙ୍କ ଚିକିତ୍ସା ଲାଗି ଗ୍ରାମାଞ୍ଚଳରେ ୨୧୨ ଏବଂ ସହରାଞ୍ଚଳରେ ୭ଟି ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। କରୋନା ସନ୍ଦିଗ୍ଧ ଭୟ ନ କରି ନିଜେ ଆଗକୁ ଆସିବା ଉଚିତ ବୋଲି ଜିଲାପାଳ ପରାମର୍ଶ ଦେଇଛନ୍ତି। ଲକ୍‌ଡାଉନ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ସାମାଜିକ ଦୂରତ୍ୱ ରକ୍ଷା ନ କଲେ ସାପ୍ତାହିକ ହାଟକୁ ସ୍ଥାନାନ୍ତର କିମ୍ବା ବନ୍ଦ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ(ପ୍ରଶାସନ), ଅତିରିକ୍ତ ଜିଲାପାଳ ସୌଦାମିନୀ ସେଠି(ରାଜସ୍ୱ), ପିଡି ଡିଆରଡିଏ ନରୋତ୍ତମ ବେହେରା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଞ୍ଜନ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଭିଡିଓ କନଫରେନ୍ସିଂ ମାଧ୍ୟମରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ଏନ୍‌ଟିପିସି ପକ୍ଷରୁ ମାସ୍କ ବଣ୍ଟନ



ତାଳଚେର,୫।୪(ନି.ପ୍ର.)- ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପ ପକ୍ଷରୁ ଏହାର ଟାଉନଶିପ୍ ଏବଂ ପାରିପାର୍ଶ୍ୱିକ ଅଞ୍ଚଳକୁ କରୋନା ସଂକ୍ରମଣରୁ ସୁରକ୍ଷିତ ରଖିବା ନିମନ୍ତେ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଛି। ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖାଯିବା, ରାସ୍ତାକୁ ସାନିଟାଇଜ କରାଯିବା ଓ ପ୍ଲାଣ୍ଟର ସମସ୍ତ କର୍ମଚାରୀ, ଠିକା ଶ୍ରମିକ ଏବଂ ଆଖପାଖ ଗାଁର ଲୋକଙ୍କୁ ମାସ୍କ ବଣ୍ଟନ କରାଯାଇଛି। କମ୍ପାନୀର ସିଏସ୍‌ଆର୍ ଯୋଜନାରେ ସ୍ଥାନୀୟ ଗଦାଶିଳା ପଞ୍ଚାୟତରେ ୫ଶହ, ଟାଉନଶିପ୍ ଓ ଏହାର ଆଖପାଖ ଗ୍ରାମର ବ୍ୟବସାୟୀ, ପରିବା ଦୋକାନୀ ଏବଂ ଫଳ ଦୋକାନୀଙ୍କୁ ୨ଶହ ମାସ୍କ ବଣ୍ଟନ କରାଯାଇଛି। କେନ୍ଦ୍ରୀୟ (ରାଷ୍ଟ୍ର ପାହ୍ୟା) ଶକ୍ତି, ନୂଆ ଏବଂ ନବୀକରଣୀୟ ଉର୍ଜ୍ଜା ଓ କୌଶଳ ବିକାଶ ମନ୍ତ୍ରୀ ଆର.କେ.ସିଂହଙ୍କ ପରାମର୍ଶକ୍ରମେ ଦେଶରେ ଥିବା ଏନ୍‌ଟିପିସିର ବିଭିନ୍ନ ବିଦ୍ୟୁତ୍ କେନ୍ଦ୍ର ପକ୍ଷରୁ କରୋନା ଭାଇରସ୍ ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ପଦକ୍ଷେପମାନେ ନିଆଯାଉଛି ବୋଲି ଏନ୍‌ଟିପିସି ପକ୍ଷରୁ ପ୍ରେସ୍ ଇସ୍ତାହାର କୁହାଯାଇଛି।

### ସନ୍ଦିଗ୍ଧଙ୍କ ରିପୋର୍ଟକୁ ଅପେକ୍ଷା

ଅନୁଗୋଳ ଅଫିସ, ୫।୪- ଅନୁଗୋଳ ଜିଲାରେ ଥିବା କରୋନା ସନ୍ଦିଗ୍ଧଙ୍କ ରକ୍ତ ନମୁନା ଭୁବନେଶ୍ୱର ପଠାଯାଇଥିଲା। ବିଶେଷକରି ଦିଲ୍ଲୀ ନିଜାମୁଦ୍ଦିନ ଧର୍ମସଭାରୁ ଫେରନ୍ତାଙ୍କ ସଂସ୍ପର୍ଶରେ ଆସିଥିବା ଜିଲାର ୩୧ଜଣଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିବା ବେଳେ ସେମାନଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି। ରବିବାର ସୁଦ୍ଧା ଯାଇଥିବା ମୋଟ୍ ୧୩୩ ଜଣଙ୍କ ନମୁନାରୁ ୫୮ଟି ନେଗେଟିଭ ଥିବାବେଳେ ଅବଶିଷ୍ଟ ୭୫ଟିର ରିପୋର୍ଟ ଆସିନାହିଁ। ସେହିପରି ଗୁରୁବାର ଯାଇଥିବା ୩୩ଟି ରକ୍ତ ନମୁନା ନେଗେଟିଭ ଥିବା ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ଗୋରୁଙ୍କ ସାହାରା ସାଜିଛନ୍ତି ରୁକେଶ

**ଅନୁଗୋଳ ଅଫିସ, ୫।୪**

ଅନୁଗୋଳ ସହରରେ ଥିବା ବୁଲା ଗୋରୁମାନେ ଖାଇବାକୁ ପାଉ ନ ଥିବା ବେଳେ ସେମାନଙ୍କ ସାହାରା ସାଜିଛନ୍ତି ସ୍ଥାନୀୟ ଯୁବକ ରୁକେଶ ରୋଶନ। ଗତ ୪ ଦିନ ହେବ ସେ ସହରରେ ବୁଲୁଥିବା ଷଣ୍ଢ, ଗୋରୁଙ୍କୁ ପନିପରିବା କିଣି ଖାଇବାକୁ ଦେଉଛନ୍ତି। ଟାଉନହଲ୍ ଠାରୁ ହେମସୁରପଡ଼ା, ମାଛ ମାର୍କେଟ, ଅମଲାପଡ଼ା, ବସ୍‌ଷ୍ଟାଣ୍ଡ, ଶିକ୍ଷକପଡ଼ା ଆଦି ଅଞ୍ଚଳରେ ବୁଲି ସେ ବୁଲା ଗୋରୁଙ୍କୁ ଖାଦ୍ୟ ଖୁଆଉଛନ୍ତି। ପୌରପାଳିକା ପକ୍ଷରୁ ସହଯୋଗ ମିଳିଲେ ସେ ସହରର ଅନ୍ୟ ସ୍ଥାନରେ ଥିବା ଗୋରୁଙ୍କୁ ଖାଇବାକୁ ଦେଇପାରିବେ ବୋଲି ରୁକେଶ କହିଛନ୍ତି। ଏ ନେଇ ପୌରନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ଯେଉଁମାନେ ଗୋ-ସେବା ପାଇଁ ଆଗେଇ ଆସିବେ ସେମାନଙ୍କୁ ପୌରପାଳିକା ପକ୍ଷରୁ ପରିବା ଓ ତିଆରି ହେଉଥିବା ରୁଟି ପ୍ରଦାନ କରାଯିବ। ସେମାନେ ନେଇ ଗୋ-ସେବାରେ ତାହା ଲଗାଇପାରିବେ।



## ବନ୍ଦ ହେଲା ନନ୍ଦିରା କୋଇଲା ଖଣି

**ଅନୁଗୋଳ ଅଫିସ/ତାଳଚେର, ୫।୪(ନି.ପ୍ର.)**

କରୋନା ଭାଇରସ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ତାଳଚେରସ୍ଥିତ ନନ୍ଦିରା କୋଇଲା ଖଣିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯାଇଛି। ତାଳଚେର ଏରିଆ ଜେନେରାଲ ମ୍ୟାନେଜର ଭି.କୁମାର ଏ ନେଇ ଶନିବାର ନନ୍ଦିରା ଖଣିର ପ୍ରୋଜେକ୍ଟ ଅଫିସରଙ୍କୁ ଚିଠି ଲେଖି ଅବଗତ କରିଛନ୍ତି। କରୋନା ଭାଇରାସ ଓଡ଼ିଶାରେ କାୟା ବିସ୍ତାର କରୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କାମ ଓ ରକ୍ଷଣାବେକ୍ଷଣ ପାଇଁ ଅଳ୍ପ କେତେଜଣ ଶ୍ରମିକଙ୍କୁ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି। ଏହା ବ୍ୟତୀତ ଖଣିର ସମସ୍ତ ଉତ୍ତୋଳନ ଓ ପରିବହନ କାମ ବନ୍ଦ ରହିବ। ଯେଉଁମାନେ ଗୁରୁତ୍ୱପୂର୍ଣ୍ଣ ଓ ରକ୍ଷଣାବେକ୍ଷଣ କାମ ପାଇଁ ରହିବେ ସେମାନେ ସାମାଜିକ ଦୂରତା ଏବଂ ସ୍ୱଚ୍ଛତା ବଜାୟ ରଖିବେ।

## ଲକ୍‌ଡାଉନ ଉଲ୍ଲଂଘନ, ୧୭ ଗିରଫ

**ଭୁବନ, ୫।୪(ଡି.ଏନ.ଏ.)**

ଲକ୍‌ଡାଉନ ନିୟମ ଉଲ୍ଲଂଘନ ଅଭିଯୋଗରେ ଭୁବନ ପୋଲିସ ଶନିବାର ୧୭ଜଣଙ୍କୁ ଗିରଫ କରିଛି। କରୋନା ସଂକ୍ରମଣ ରୋକିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାସତ୍ତ୍ୱେ କେତେଜଣ ଅମାନିଆ ଯୁବକ ଏହାକୁ ବେଖାତିର କରି ଖୁଲମଖୁଲା ବିଭିନ୍ନ ବାହାନା କରି ବାଇକ୍, ସାଇକେଲ ଧରି ବୁଲୁଛନ୍ତି। ଏପରି ଅବାଧ ଯୁବକଙ୍କୁ ସାବାଡ୍ କରିବା ଲାଗି ପୋଲିସ ଆହୁରି କଠୋର ହେବ ବୋଲି ଚେତାବନୀ ଦିଆଯାଇଛି।

# ଚୈତ୍ରପର୍ବରେ ବନ୍ୟଜନ୍ତୁ ଶିକାର

**ବୈପାରିଗୁଡ଼ା,୫।୪(ଡି.ଏନ୍.ଏ.)**

**ଲକ୍‌ଡାଉନକୁ ବେଖାତିର**

କରୋନାକୁ ନେଇ ଚାରିଆଡ଼େ ଆତଙ୍କିତ ପରିସ୍ଥିତି। ସବୁଠି ଲକ ଡାଉନ। ବାହାରକୁ ନ ଆସିବାକୁ ପୋଲିସ ଡାକବାଜି ଯନ୍ତ୍ରରେ ପ୍ରଚାର କରୁଛି। ଗୋଷ୍ଠୀଗତ ଭାବେ ଗୋଟିଏ ସ୍ଥାନରେ ରୁଣ୍ଡ ନ ହେବାକୁ ନିୟମ କରାଯାଇଛି। ନିୟମ ଖିଲାପ କରୁଥିବା ଲୋକଙ୍କୁ ପୋଲିସ ଦଣ୍ଡ ଦେଉଛି। ତଥାପି ଏହାକୁ ଖାତିର ନ କରି ଚୈତ୍ର ପର୍ବ ଆଳରେ ଲୋକେ ସଙ୍ଘବଦ୍ଧ ଭାବେ ବନ୍ୟଜନ୍ତୁ ଶିକାର କରୁଥିବା ଅଭିଯୋଗ ହୋଇଛି। ଗତ ଗୁରୁବାର କୋରାପୁଟ ଜିଲା ବୈପାରିଗୁଡ଼ା ବନାଞ୍ଚଳ ଅଧୀନସ୍ଥ କେନ୍ଦୁଗୁଡା ପଞ୍ଚାୟତ ଭାଲୁଗୁଡା ଗ୍ରାମର କେତେକ ଆଦିବାସୀ ଯୁବକ ବେଷ୍ଟ କରିଥିଲେ। ସେମାନେ ଗୋଡେଇ ଗୋଡେଇ ଠେଙ୍ଗାରେ ପିଟି ପିଟି ୫ଟି ଠେକୁଆ ଶିକାର କରି ସନ୍ଧ୍ୟାରେ ଉତ୍ସବ ମନାଇଥିଲେ। ଖବର ପାଇ ବନ ବିଭାଗ ଚଢାଉ କରାଯାଇ ୨ ଅଭିଯୁକ୍ତଙ୍କୁ ଆଣି ଅଟକ ରଖି ପରେ ଛାଡ଼ିଦେଇଥିଲା। ଏ ସମ୍ପର୍କରେ ନାଞ୍ଚଳ ଅଧିକାରୀ ଦିବ୍ୟା ମାଧୁରୀ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣାଟି ସତ। କିନ୍ତୁ ମୃତ ଠେକୁଆଙ୍କ ଦେହାବଶେଷ ଜବତ ହୋଇପାରି ନ ଥିବାରୁ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁ ନାହିଁ।

## ଦକ୍ଷିଣ ଓଡ଼ିଶା

### କରୋନା ପାଇଁ ଘର ଘର ବୁଲି ପିଡିଏସ୍ ଚାଉଳ ବଣ୍ଟା ବେଳେ ବାଟମାରଣା ଯୋଗାଣ ସହାୟକ ନିଲମ୍ବିତ

**କାଳିମେଳା,୫।୪(ଡି.ଏନ୍.ଏ.)**

ମାଲକାନଗିରି ଜିଲା ପଡିଆ ବ୍ଲକ ଅନ୍ତର୍ଗତ ଉଣ୍ଡ୍ରକୁଣ୍ଡା ପଞ୍ଚାୟତର ହିତାଧିକାରୀଙ୍କୁ ଦିଆଯିବାକୁ ଥିବା ପିଡିଏସ ଚାଉଳକୁ ସେହି ପଞ୍ଚାୟତର ଯୋଗାଣ ସହାୟକ ହଡ଼ପ କରିଥିବା ଅଭିଯୋଗ ହୋଇଛି। କରୋନାକୁ ଦୃଷ୍ଟିରେ ରଖି ଗତ ୨ ତାରିଖ ଉଣ୍ଡ୍ରକୁଣ୍ଡା ବସ୍ତିରେ ଥିବା ପ୍ରାୟ ୮୨ ପରିବାରକୁ ପିଡିଏସ ଚାଉଳ ଦେବା ପାଇଁ ସେହି ପଞ୍ଚାୟତ ଦାୟିତ୍ୱରେ ଥିବା ଯୋଗାଣ ସହାୟକ ସୁଶିଲ ମଣ୍ଡଳ ଯାଇଥିଲେ। ଚାଉଳ ଦେବା ପରେ ସେଥିରୁ ପ୍ରାୟ ୧୦ ବସ୍ତା ଚାଉଳ ବାହାର କରି ସାଧାରଣ ସିମେଣ୍ଟ ବସ୍ତା ଭିତରେ ଭର୍ତ୍ତି କରିଥିଲେ। ସେ ଜଣେ ବେପାରୀଙ୍କ ଦାରା ଏହି ଚାଉଳ ବିକ୍ରି କରୁଥିବା ଗ୍ରାମବାସୀ ଦେଖିଥିଲେ। ଅଭିଯୋଗ କରିବା ପରେ ପଡିଆ ବିଡିଓ ଉକ୍ତ ଯୋଗାଣ ସହାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପୂର୍ବକ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି।

# ବିଭିନ୍ନ ଧର୍ମଗୁରୁଙ୍କ ବୈଠକ ଡାକିଲେ ଜିଲାପାଳ

**ରାୟଗଡ଼ା ଅଫିସ,୫।୪**



**କରୋନା ମୁକାବିଲା**

ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ସଦଭାବନା ସଭାଗୃହରେ ରବିବାର ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ରାୟଗଡା ସହରରେ ଥିବା ଚର୍ଚ୍ଚ, ମସଜିଦ, ମନ୍ଦିର ପରି ଧାର୍ମିକ ଅନୁଷ୍ଠାନର ଧର୍ମଗୁରୁ ତଥା ଧର୍ମଯାଜକଙ୍କ ସହ ଆଲୋଚନା କରିଛନ୍ତି ଜିଲାପାଳ। ଏଥିରେ ଦିଲ୍ଲୀ ନିଜାମୁଦ୍ଦିନ କିମ୍ବା ବାହାର ରାଜ୍ୟ ଯାତ୍ରା କରି ଫେରିଥିବା ବ୍ୟକ୍ତିମାନେ ନିଜକୁ ପ୍ରଶାସନର ଦୃଷ୍ଟିକୁ ଆଣନ୍ତୁ। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ମଧ୍ୟ ୧୦୪ ନମ୍ବରକୁ ଯୋଗାଯୋଗ କରି ନିଜର ନାମ ପଞ୍ଜିକରଣ କରାନ୍ତୁ। କରୋନାକୁ ଗୋଷ୍ଠୀ ସଂକ୍ରମଣରେ ପରିଣତ ନ କରିବା ପାଇଁ ସବୁ ଧର୍ମଗୁରୁଙ୍କ ସହଯୋଗ ଲୋଡ଼ିଛନ୍ତି ଜିଲାପାଳ।

## ପରିଚାଳକଙ୍କ ସମେତ ୮ ଗିରଫ

**କାଶୀନଗର,୫।୪(ଡି.ଏନ୍.ଏ.)**

**ଚର୍ଚ୍ଚରେ ଚାଲିଥିଲା ସାମୂହିକ ପ୍ରାର୍ଥନା**

କରୋନାକୁ ପ୍ରତିହତ କରିବା ପାଇଁ ଲକ ଡାଉନ ଘୋଷଣା କରାଯାଇଛି। ଘରୁ ନ ବାହାରିବା ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ବାରମ୍ବାର ସଚେତନ କରାଯାଉଛି। ତଥାପି ଲୋକେ ସଚେତନ ହେବାକୁ ନାରାଜ। ଗଜପତି ଜିଲା କାଶୀନଗର ଥାନା ଅଞ୍ଚଳରେ ରବିବାର ଏଭଳି କିଛି ଘଟିଛି। ଧର୍ମ ଅନୁଷ୍ଠାନରେ ଏକାଠି ନ ହେବା ପାଇଁ କୁହାଯାଇଥିଲେ ମଧ୍ୟ ଶିଆଳି ପଞ୍ଚାୟତ ଅଧୀନ ପାଲମାନଗୁଡ଼ା ଚର୍ଚ୍ଚରେ ସାମୂହିକ ପ୍ରାର୍ଥନା ସଭାରେ ସାମିଲ ହୋଇ ୮ଜଣ ଗିରଫ ହୋଇଛନ୍ତି। ପ୍ରାର୍ଥନା ଚାଲିଥିବା ନେଇ କାଶୀନଗର ପୋଲିସ ସୂଚନା ପାଇ ଏସଆଇ ଟି. ରାଙ୍ଗାବାବୁ, ରତିରଞ୍ଜନ ନାୟକ ଏବଂ ଟିମ ସେଠାରେ ପହଞ୍ଚିଥିଲେ। ପୋଲିସକୁ ଦେଖି ଉପସ୍ଥିତ ଥିବା ୪୦ରୁ ଅଧିକ ଲୋକ ଏଣେତେଣେ ଦୌଡିଥିଲେ। ତେବେ ଚର୍ଚ୍ଚ ପରିଚାଳକ ଓ ଅନ୍ୟ ୭ ଜଣଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଥାନାରେ କେସ ନଂ. ୩୫/୨୦ ରେ ଏକ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି।

## ମାଓବାଦୀଙ୍କୁ ଗାଁ ମନା

**ନନ୍ଦପୁର,୫।୪(ଡି.ଏନ୍.ଏ.)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ଥାନା ଅଂଚଳରେ କୋରାପୁଟ ଯୁବକ ଜାଗରଣ ସମିତି ଗାଁ ଗାଁରେ ପୋଷ୍ଟର ମାରି କରୋନା ବିଷୟରେ ସଚେତନତା ବାର୍ତ୍ତା ଦେଇଛି। ଗାଁର କୌଣସି ଜାନିଯାତ୍ରାରେ ୨/୩ ଜଣରୁ ଅଧିକ ଏକାଠି ନ ହେବା, ପରସ୍ପର ମଧ୍ୟରେ ୨ମିଟର ଦୂରତା ରଖିବା, ମାଓବାଦୀଙ୍କୁ ଗାଁରେ ନ ପଶାଇବା, ସେମାନଙ୍କ ସଭା ସମିତିରେ ଯୋଗ ନ ଦେବା ପାଇଁ ପୋଷ୍ଟରରେ ନିବେଦନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଏହି ଅଞ୍ଚଳ ମାଓବାଦୀ ପ୍ରବଣ ହୋଇଥିବା ବେଳେ ଅନ୍ୟ ରାଜ୍ୟର ମାଓବାଦୀମାନେ ଆସି ଏଠାକାର ଜଙ୍ଗଲ, ଗାଁରେ ବୁଲିବା ଯୋଗୁ କରୋନା ଭୂତାଣୁ ଅଧିକ ସଂକ୍ରମିତ ଓ ବ୍ୟାପିବାର ଆଶଙ୍କା ରହିଛି।

# ଅଜଣା ଲୋକ ଦେଖି ଟେକା ମାରି ଘଉଡ଼ାଉଥିଲେ ଗାଁଲୋକେ

**ନରଙ୍ଗପୁର,୫।୪(ବି.ପ୍ର.)**

- ପୋଲିସ ଉଦ୍ଧାର କଲା
- ଡାକ୍ତରଖାନାରେ ଭର୍ତ୍ତି

ଚାରିଆଡ଼େ କନୋନା ଭୟ। ଅଜଣା ଲୋକଙ୍କୁ ଦେଖିଲେ ଗାଁ ଭିତରକୁ ପୂରାଇ ଦେଉନାହାନ୍ତି ଗ୍ରାମବାସୀ। ଏଭଳି ସ୍ଥଳେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଜଣେ ଅଜଣା ବ୍ୟକ୍ତି ବୁଲୁଥିବା ଦେଖି ଗାଁ ଗହଳିର ଲୋକେ ଟେକା ପଥର ମାରି ଘଉଡ଼ାଉଥିଲେ। ପ୍ରଶାସନ ଖବର ପାଇବା ପରେ ବିଡିଓ ଅକ୍ଷମିତା କାର୍ତ୍ତିକ ତେନ୍ତୁଳିଖୁଣ୍ଟି ପୋଲିସ ଓ ମେଡିକାଲ ଟିମକୁ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରୁ ବ୍ୟକ୍ତି ଜଣଙ୍କୁ ଉଦ୍ଧାର କରିବା ବେଳେ ଅସୁସ୍ଥତା ଯୋଗୁ ତାଙ୍କର ଚିକିତ୍ସା କରାଯାଇଥିଲା। ଥାନା ଅଧିକାରୀ ପରମାନନ୍ଦ ସୁନାନୀଙ୍କ ନେତୃତ୍ୱରେ ପୋଲିସ ଟିମ ତାଙ୍କୁ ଉଦ୍ଧାର କରି ଅସୁସ୍ଥତା ପାଇ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସେ ଭୋକିଲା ଥିବାରୁ ବିଡିଓ ତାଙ୍କୁ ଖାଦ୍ୟ ଓ ଜଳ ଆଣଇ ଦେଇଥିଲେ।

## ସଂକ୍ଷେପରେ

### ଲକ୍ ଡାଉନ ଉଲ୍ଲଂଘନ ୯ ଜଣଙ୍କ ନାଁରେ ମାମଲା

ଗୁଣପୁର,୫।୪(ଡି.ଏନ୍.ଏ.)- ରାୟଗଡା ଜିଲା ଗୁଣପୁର ପୋଲିସ ଲକ ଡାଉନ କଟକଣା ଅମାନ୍ୟ କରିଥିବା ଅଭିଯୋଗରେ ରବିବାର ସୁଦ୍ଧା ୯ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ରବିବାର ନୂଆ ବସଷ୍ଟାଣ୍ଡ ସମ୍ମୁଖରେ ଏମ. ସତ୍ୟ ଭରା ପ୍ରସାଦ ରାଓ ଦୋକାନ ଖୋଲି ଚା ବିକୁଥିଲେ। ସେଠାରେ ବହୁତ ଲୋକ ଗହଳି କରିବା ସହ ସାମାଜିକ ଦୂରତ୍ୱ ମଧ୍ୟ ପାଳନ ହେଉ ନ ଥିଲା। ତେଣୁ ସେହି ଚା ଦୋକାନୀଙ୍କ ନାମରେ ମାମଲା ରୁଜୁ ହୋଇଥିବା ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

### ଜୟପୁରରେ ପ୍ରସ୍ତୁତ ହେଉଛି ସ୍ୱତନ୍ତ୍ର କରୋନା ହସ୍ପିଟାଲ

ଜୟପୁର,୫।୪(ଡି.ଏନ୍.ଏ.): କୋରାପୁଟ ଜିଲା ଜୟପୁରଠାରେ କୋଭିଡ-୧୯ ସ୍ୱତନ୍ତ୍ର ଚିକିତ୍ସାଳୟ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ଗତ ଶୁକ୍ରବାର ଜିଲାପାଳଙ୍କ ଘୋଷଣା ପରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ ହୋଇଛି। ଏକ ସପ୍ତାହରୁ ୧୦ ଦିନ ମଧ୍ୟରେ ଚିକିତ୍ସାଳୟର ନିର୍ମାଣ କାମ ଶେଷ କରିବା ସହିତ ଏହାକୁ ପ୍ରସ୍ତୁତ ରଖିବା ପାଇଁ ଲକ୍ଷ୍ୟ ରହିଛି। ୫୦ ବେଡ଼ ପାଇଁ ପ୍ରସ୍ତୁତ ହୋଇଥିବା ବେଳେ ଏବେ ଏହାକୁ ୧୫୦ ବେ ବୃଦ୍ଧି କରାଯାଉଛି। ଏଥିରେ ପ୍ରାରମ୍ଭିକ ଭାବେ ୩ଟି ଭେଣ୍ଟିଲେଟର ରହିବ।



କୋରାପୁଟ ଜିଲା ଜୟପୁର ସହରର ଏକ ବସ୍ତିରେ ପିଲାମାନେ ଦୀପଜାଳି କରୋନାରୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛନ୍ତି ।




ରାୟଗଡ଼ା ଜିଲା ଗୁଣପୁର ଷ୍ଟେଶନ ରୋଡ ଅଞ୍ଚଳରେ ରବିବାର ରାତିରେ ପିଲାମାନେ ଦୀପ ଜଳାଇ ସମର୍ଥନ ଦେଉଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ଏପ୍ରିଲ ୬/୨୦୨୦ Monday, April 6/2020

# ସଙ୍କଟ ସ୍ଥିତିକୁ ଆସିପାରେ ୫୨% ଚାକିରି



**ନୂଆଦିଲ୍ଲୀ, ୫।୪:** କରୋନା ପ୍ରଭାବକୁ କମ୍ କରିବା ଲାଗି ସରକାର ୨୧ ଦିନିଆ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହାର ପ୍ରଭାବ ଦେଶର ଅର୍ଥ ବ୍ୟବସ୍ଥା ଉପରେ ଗଭୀର ଭାବେ ପଡିଛି। କନଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ(ସିଆଇଆଇ) ପକ୍ଷରୁ ହୋଇଥିବା ଏକ ସର୍ବେକ୍ଷଣ ମୁତାବକ ଅନେକ ଲୋକଙ୍କ ନିଯୁକ୍ତି ଉପରେ କରୋନା ମାଡ କରିବାର ସ୍ଥିତି ଉପୁଜିଛି। ଏଭଳି ସ୍ଥିତିରେ ୫୨% ଚାକିରି ସଙ୍କଟ ସ୍ଥିତିକୁ ଆସିପାରେ ବୋଲି ସିଆଇଆଇର ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସିଆଇଆଇ ୨୦୦ ପ୍ରମୁଖ କମ୍ପାନୀର ସିଇଓଙ୍କୁ ନେଇ ଏକ ସର୍ବେକ୍ଷଣ କରିଥିଲା। ଅଧିକାଂଶ କମ୍ପାନୀଙ୍କ ଆୟ ଉପରେ ଏବେ କରୋନାର ନକାରାତ୍ମକ ପ୍ରଭାବ ରହିଛି। ଏହା ଦ୍ୱାରା ଲୋକଙ୍କର ଚାକିରି ଯିବାର ଆଶଙ୍କାକୁ ବଢାଇଛି।

ଏପ୍ରିଲ-ଜୁନ ଏବଂ ଜାନୁୟାରୀ-ମାର୍ଚ୍ଚ ତ୍ରୈମାସରେ ଅଧିକାଂଶ କମ୍ପାନୀଗୁଡିକର ଲାଭ ୧୦%ରୁ ଅଧିକ କ୍ଷତିଗ୍ରସ୍ତ ହେବା ନେଇ ଆଶଙ୍କା କରାଯାଉଛି। ଏହା ଦ୍ୱାରା ୨ ତ୍ରୈମାସରେ କମ୍ପାନୀଗୁଡିକର ଲାଭ ହ୍ରାସ ହେବା ନେଇ କୁହାଯାଇଛି। ଏହି ସମୟରେ କମ୍ପାନୀଗୁଡିକର ଆୟ ଏବଂ ଲାଭରେ ବୃହତ୍ ପରିମାଣର କ୍ଷତି ହେବ ବୋଲି ଆକଳନ କରାଯାଇଛି। ଏହାର ପ୍ରଭାବ

## ଅର୍ଥ ବ୍ୟବସ୍ଥା ଉପରେ ଗଭୀର ପ୍ରଭାବ

ଦେଶର ବିକାଶ ହାର ଉପରେ ପଡିବ ବୋଲି ଆଶଙ୍କା ରହିଛି। ଲକ୍‌ଡାଉନ ଶେଷ ହେବା ପରେ ୪୭% କମ୍ପାନୀଗୁଡିକରେ ୧୫%ରୁ କମ୍ ନିଯୁକ୍ତି ଉପରେ ପ୍ରଭାବ ପଡିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିଭଳି ୩୨% କମ୍ପାନୀରେ ୧୫ରୁ ୩୦% ନିଯୁକ୍ତି ହ୍ରାସ ହୋଇପାରେ। ଏବେ ସାରା ଦେଶରେ କରୋନା ମାମଲା ବଢି ବଢି ଚାଲିଛି। ଲକ୍‌ଡାଉନ ପାଇଁ ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇ ଯାଇଛି।

## ପ୍ୟାକେଜ୍ ନେଇ ବିଚାର କରୁଛନ୍ତି ସରକାର

କରୋନା ଯୋଗୁ ବିଗିଡିଥିବା ଅର୍ଥ ବ୍ୟବସ୍ଥାକୁ ଟ୍ରାକ୍‌କୁ ଫେରାଇ ଆଣିବା ଲାଗି ସରକାର ଯୋଜନା କରୁଛନ୍ତି। ଏଥି ଲାଗି ଏକ ଅର୍ଥନୈତିକ ପ୍ୟାକେଜ ଅର୍ଥ ବ୍ୟବସ୍ଥା ଲାଗି ଆସିବ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଲକ୍‌ଡାଉନ ଶେଷ ହେବା ପରେ ଉପୁଜିଥିବା ବିଭିନ୍ନ ସ୍ଥିତିକୁ ମଧ୍ୟ ସରକାର ବିଚାର କରିବେ। ପ୍ୟାକେଜକୁ ନେଇ ସରକାର ବର୍ତ୍ତମାନ ଆଲୋଚନା କରିଛନ୍ତି। ମାତ୍ର ଚୂଡାନ୍ତ ନିଷ୍ପତ୍ତି ଏବେ ଯାଏ ଆସିନାହିଁ। ଚାହିଦା ବୃଦ୍ଧି ସହ ଅନ୍ୟ ପଦକ୍ଷେପ ଉପରେ ବିଚାର କରାଯାଉଥିବା ଅଧିକାରୀ ଜଣକ ମତ ପ୍ରକାଶ କରିଛନ୍ତି।

## ପରିଚାଳନା ବନ୍ଦ କଲା ଏୟାର ଡେକାନ

କରୋନା ମହାମାରୀ ଜନୀତ ଲକ୍‌ଡାଉନ ଲାଗି ଏବେ ସାରା ଦେଶରେ କମ୍ପାନୀଗୁଡିକ ବନ୍ଦ ପଡିଛନ୍ତି। ଏଭଳି ସ୍ଥିତିରେ ଘରୋଇ ବିମାନ ସେବା ଯୋଗାଣକାରୀ କମ୍ପାନୀ ଏୟାରଡେକାନ ଏହାର ପରିଚାଳନା ବନ୍ଦ କରିଛି। କମ୍ପାନୀ ଏହା ଉପରେ ପଡିଥିବା ଚାପକୁ ସମ୍ଭାଳିବାକୁ ସକ୍ଷମ ହୋଇନାହିଁ। ଫଳରେ ପରିଚାଳନା ବନ୍ଦ କରିଥିବା ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। କମ୍ପାନୀ ପରିଚାଳନା ବନ୍ଦ ନେଇ ଘୋଷଣା କରିବା ସହ ଏହାର ସବୁ କର୍ମଚାରୀଙ୍କୁ ବିନା ବେତନ ଛୁଟିରେ ଘରକୁ ପଠାଇ ଦେଇଛି। ଫଳରେ ଲକ୍‌ଡାଉନ ଯୋଗୁ ବନ୍ଦ ହୋଇଥିବା କମ୍ପାନୀ ତାଲିକାରେ ଏହା ପ୍ରଥମ ସ୍ଥାନରେ ରହିଛି। ସ୍ଥିତି ଠିକ୍‌ଠାକ୍ ହେଲେ କମ୍ପାନୀ ପୁଣି ଥରେ ସେବା ଯୋଗାଣ ନେଇ ବିଚାର କରିବ ବୋଲି କହିଛି।

# ଆକାଶର ଲାଇଭ୍ ଅନ୍‌ଲାଇନ କ୍ରାସ୍ କୋର୍ସ

**ନୂଆଦିଲ୍ଲୀ, ୫।୪:** ଆକାଶ ଏଜୁକେଶନାଲ ସର୍ଭିସ ଲିମିଟେଡ (ଏଇଏସ୍ଏଲ୍) ପକ୍ଷରୁ ଏନ୍‌ଇଇଟି ଓ ଜେଇଇ ପାଇଁ ଲାଇନ ଅନ୍‌ଲାଇନ କ୍ରାସ୍ କୋର୍ସ ଶୁଭାରମ୍ଭ ଘୋଷଣା କରାଯାଇଛି। କୋଭିଡ୍-୧୯ ବ୍ୟାପିବା ଯୋଗୁ ସାରା ଦେଶରେ ସ୍କୁଲ ଓ ଶିକ୍ଷାନୁଷ୍ଠାନଗୁଡିକ ପ୍ରଭାବିତ ହୋଇଛି। ଏହାକୁ ଧ୍ୟାନରେ ରଖି ଅନୁଷ୍ଠାନ ପକ୍ଷରୁ ଜେଇଇ ଓ ଏନ୍‌ଇଇଟି ଆଶାୟୀଙ୍କ ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏଇଏସ୍ଏଲ୍‌ର ଅନଲାଇନ ଶିକ୍ଷା ସହାୟକ କମ୍ପାନୀ ଆକାଶ ଡିଜିଟାଲ ପକ୍ଷରୁ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯିବ। ଭାବବିନିମୟ ଶିକ୍ଷା ବ୍ୟବସ୍ଥା ଦ୍ୱାରା ଛାତ୍ରୀଛାତ୍ର ଆଲୋଚନାରେ ଭାଗନେବା ସହ ମେଣ୍ଟରଙ୍କ ପରାମର୍ଶ ମଧ୍ୟ ପାଇପାରିବେ। ଏହା ଆଗାମୀ ପ୍ରତିଦ୍ୱନ୍ଦିତାମୂଳକ ପରିକ୍ଷା ଲାଗି ଛାତ୍ରୀଛାତ୍ରଙ୍କୁ ସହାୟତା କରିବ। ଏଭଳି ପଦକ୍ଷେପ ଦ୍ୱାରା ଛାତ୍ରୀଛାତ୍ର ଘରେ ବସି ଅନଲାଇନରେ ଶିକ୍ଷା ଗ୍ରହଣ କରିବାକୁ ସୁବିଧା ପାଇପାରିବେ ବୋଲି ଆକାଶ ଏଜୁକେଶନାଲ ସର୍ଭିସ ଲିମିଟେଡର ସିଇଓ ଆକାଶ ଚୌଧୁରୀ ସୂଚନା ଦେଇଛନ୍ତି।

# ସିପେଟ ପକ୍ଷରୁ ୧୦ ଲକ୍ଷ ଦାନ




**ଭୁବନେଶ୍ୱର, ୫।୪:** କୋଭିଡ୍-୧୯ ବିରୋଧି ପଦକ୍ଷେପ ଅନ୍ତର୍ଗତ ସିପେଟ ପକ୍ଷରୁ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ(ବିଏମ୍‌ସି)କୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛି। କରୋନା ମୁକାବିଲା ଲାଗି ସିପେଟ ମହାନିର୍ଦ୍ଦେଶକ ଡ.ସଞ୍ଜୟ କୁମାର ନାୟକଙ୍କ ନେତୃତ୍ୱରେ ସିପେଟ ଏହାର ଯୋଗଦାନ ରଖିଛି। ଏହି ଅବସରରେ ସିପେଟର ପ୍ରିନ୍ସିପାଲ ଡାଇରେକ୍ଟର ପି.କେ.ସାହୁ, ଡେପୁଟି ଡାଇରେକ୍ଟର ନିହାରିକା ପରିଡା, ପ୍ରଶାସନିକ ଅଧିକାରୀ ଜେ.କେ.ଦାସ, ଏସ୍.ମୋହିନୀ,ଡି.ପରିଡା ପ୍ରମୁଖ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି। ସେହିଭଳି ଭୁବନେଶ୍ୱରର ଆର୍‌କେଡି କନଷ୍ଟ୍ରକଶନ ପ୍ରାଇଭେଟ ଲିମିଟେଡ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୫ ଲକ୍ଷ ପ୍ରଦାନ କରିଛି।

# କୋଭିଡ୍-୧୯ ଲାଗି ସହାୟତା

**ନୂଆଦିଲ୍ଲୀ, ୫।୪: କୋଭିଡ୍-୧୯ ବିରୋଧୀ ଲଢେଇରେ ଦେଶର ବିଭିନ୍ନ କର୍ପୋରେଟ ଯୋଗଦାନ ସ୍ୱରୂପ ଆର୍ଥିକ ସହାୟତା ଯୋଗାଣ ଧାରା ଜାରି ରଖିଛନ୍ତି। ଦେଶର ପ୍ରମୁଖ କର୍ପୋରେଟ ହାଉସଗୁଡିକ ଏ ନେଇ ଆଗେଇ ଆସିଛନ୍ତି। ଏହି ଧାରାରେ ବିଭିନ୍ନ କର୍ପୋରେଟ ତଥା ଅନ୍ୟ ଅନୁଷ୍ଠାନ ରଖିଥିବା ଯୋଗଦାନ....**

**ଆଦିତ୍ୟ ବିର୍ଲା ଗ୍ରୁପ:** ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ପିଏମ୍ କେୟାର୍ସ ପାଣ୍ଠିକୁ ୪୦୦ କୋଟି ଟଙ୍କା ପ୍ରଦାନ ନେଇ ଘୋଷଣା କରାଯାଇଛି। କମ୍ପାନୀ କୋଭିଡ ବିରୋଧୀ ମୁକାବିଲା ଲାଗି ମୋଟ ୫୦୦ କୋଟି ଟଙ୍କା ଯୋଗଦାନ ରଖିବ ବୋଲି କହିଛି। କୋଭିଡ ବିରୋଧୀ ଲଢେଇରେ ସରକାରଙ୍କ ସହ ଯୋଗଦାନ ରଖିବା ଲାଗି କମ୍ପାନୀ ପକ୍ଷରୁ ନିବେଦନ କରାଯାଇଛି। ଏହାବାଦ କମ୍ପାନୀ ଅନ୍ୟ ପଦକ୍ଷେପ ନେଉଥିବା କହିଛି।

**ପିରାମଲ ସର୍ବଜଳ:** ବର୍ତ୍ତମାନର ସଙ୍କଟ ସମୟରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନର ସହାୟତାରେ ପିରାମଲ ସର୍ବଜଳ ପକ୍ଷରୁ ଜଳ ଏଟିଏମ୍ ପରିଚାଳନା ଅବ୍ୟାହତ ରଖାଯାଇଛି। ୪୦ଟି ଜଳ ଏଟିଏମ ଜରିଆରେ ଲୋକଙ୍କ ପାଇଁ ପାଣି ଯୋଗାଣ ହେଉଛି। ଲକ୍‌ଡାଉନ ସମୟରେ ଯେଭଳି ଲୋକଙ୍କ ଲାଗି କୌଣସି ଅସୁବିଧା ନ ହୁଏ ତାକୁ ଧ୍ୟାନରେ ରଖାଯାଇଛି ବୋଲି ପିରାମଲ ସର୍ବଜଳ ପକ୍ଷରୁ ସୂଚନା ରହିଛି।

**ବେଦାନ୍ତ ଲିମିଟେଡ୍:** ବେଦାନ୍ତ ପକ୍ଷରୁ ପିଏମ୍ କେୟାର୍ସ ଫଣ୍ଡକୁ ୧୦୧ କୋଟି ଟଙ୍କା ପ୍ରଦାନ କରାଯାଇଛି। କୋଭିଡ ସ୍ଥିତିର ମୁକାବିଲା କରିବା ଲାଗି କମ୍ପାନୀ ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବ ବୋଲି ଘୋଷଣା କରିଛି। ପୂର୍ବରୁ ୧୦୦ କୋଟି ଟଙ୍କା ପ୍ରଦାନ ନେଇ କମ୍ପାନୀ ଘୋଷଣା କରିଥିବା ବେଳେ ଏହାକୁ ଦୁଇଗୁଣକୁ ବଢାଇଛି। ନିଷ୍ପେଷିତ ଲୋକମାନଙ୍କ ସହାୟତା ଲାଗି ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଥିବା ବେଦାନ୍ତର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ସୂଚନା ଦେଇଛନ୍ତି।

# ଉତ୍ପାଦନ, ବିକ୍ରୟରେ ଜେଏସ୍‌ପିଏଲ୍‌ର ସଫଳତା

**ଭୁବନେଶ୍ୱର, ୫।୪:** ଆର୍ଥିକ ବର୍ଷ ୨୦୨୦ରେ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଲି଼ (ଜେଏସ୍‌ପିଏଲ) ତାର ଘରୋଇ ତଥା ବିଦେଶରେ ଥିବା କାରଖାନାରେ ସର୍ବାଧିକ ଇସ୍ପାତ ଉତ୍ପାଦନ ଏବଂ ବିକ୍ରୟ କରି ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି । ଓଡିଶାର ଅନୁଗୋଳ, ଛତିଶଗଡର ରାୟଗଡ ଏବଂ ଓମାନରେ ଥିବା ଇସ୍ପାତ କାରଖାନାଗୁଡିକରେ ଏ ପର୍ଯ୍ୟନ୍ତ ସର୍ବାଧିକ ଇସ୍ପାତ ଉତ୍ପାଦନ କରିବା ସହିତ, ଇସ୍ପାତ ଓ ସମ୍ବନ୍ଧିତ ଉତ୍ପାଦର ବିକ୍ରୟରେ କମ୍ପାନୀ ନୂତନ କୀର୍ତ୍ତିମାନ ସ୍ଥାପନ କରିଛି। ଭାରତରେ ଥିବା ତାର କାରଖାନା ଗୁଡିକରେ କମ୍ପାନୀ ସୁପରିଚାଳନା ମାଧ୍ୟମରେ ଉତ୍ପାଦନ କ୍ଷମତା ବୃଦ୍ଧି କରି ଗତବର୍ଷ ତୁଳନାରେ ୧୩% (୬୩ ଲକ୍ଷ ଟନ) ଅଧିକ ଇସ୍ପାତ ଉତ୍ପାଦନ କରିପାରିଛି। ଏହା ୧୨% (୬୦ ଲକ୍ଷ ଟନ) ଅଧିକ ଇସ୍ପାତ ବିକ୍ରୟ କରିଛି । ଆର୍ଥିକ ବର୍ଷ ୨୦୧୯-୨୦ରେ ଜେଏସ୍‌ପିଏଲ୍ ଗ୍ରୁପ ୮୨ ଲକ୍ଷ ଟନ ଅଧିକ ଇସ୍ପାତ ଓ ସମ୍ବନ୍ଧିତ ଉତ୍ପାଦର ଉତ୍ପାଦନ କରି ଉତ୍ପାଦନରେ ୧୨% ବୃଦ୍ଧି ହାସଲ କରିଛି। ସେହିପରି ଏହି ଆର୍ଥିକ ବର୍ଷରେ ୮୦ ଲକ୍ଷ ଟନ ଅଧିକ ଇସ୍ପାତ ଓ ସମ୍ବନ୍ଧିତ ଉତ୍ପାଦର ବିକ୍ରି କରି ବିକ୍ରୟରେ ୧୦% ବୃଦ୍ଧି ହାସଲ କରିଛି । ଜେଏସ୍‌ପିଏଲ୍ ପରିଚାଳନା ନିର୍ଦ୍ଦେଶକ ଭି.ଆର. ଶର୍ମା କମ୍ପାନୀର କର୍ମଚାରୀଙ୍କୁ ଏହି ସଫଳତାର ଶ୍ରେୟ ଦେଇଛନ୍ତି।

# ଅନ୍‌ଲାଇନରେ ପାଠପଢ଼ା ଆରମ୍ଭ କଲା ଫିଟ୍‌ଜୀ

**ନୂଆଦିଲ୍ଲୀ, ୫।୪**




ବର୍ତ୍ତମାନ କରୋନା ପାଇଁ ସାରା ଦେଶରେ ଲକ୍‌ଡାଉନ ଘୋଷଣା କରାଯାଇଥିବା ବେଳେ ଛାତ୍ରୀଛାତ୍ରଙ୍କର ପାଠପଢା ମଧ୍ୟ ବ୍ୟାଘାତ ହୋଇଛି। ଏହି ସମୟରେ ସ୍କୁଲ ଏବଂ କୋଚିଂ ସେଣ୍ଟରଗୁଡିକ ବନ୍ଦ ରହିଛି। ଛାତ୍ରୀଛାତ୍ର ଏବଂ ଫାକଲଟିଙ୍କ ମଧ୍ୟରେ ଭାବବିନିମୟ ବନ୍ଦ ରହିଛି। ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି କରିବାରେ ମଧ୍ୟ ବାଧା ଉପୁଜିଛି। ଏହି ସମୟରେ ପ୍ରମୁଖ କୋଚିଂ ପ୍ରତିଷ୍ଠାନ ଫିଟଜୀ ପକ୍ଷରୁ ମାଇଁ ପ୍ୟାଟ ସହଯୋଗରେ ଅନଲାଇନ କୋର୍ସ ଆରମ୍ଭ କରାଯାଇଛି। ୨୦୨୦ରେ ଜେଇଇ ମେନ, ଆଡଭାନ୍ସ, ବିଟ୍‌ସାଟ୍-୨୦୨୦ ଏବଂ ଏନ୍‌ଟିଏସ୍‌ଇ ଷ୍ଟେଟ-୨ ଲାଗି ଛାତ୍ରାଛାତ୍ର ଏହି ଫ୍ରି କୋର୍ସର ଲାଭ ଉଠାଇ ପାରିବେ। ଅଭିଜ୍ଞ ମେଣ୍ଟରଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ପରୀକ୍ଷା ପ୍ରସ୍ତୁତି ଦିଗରେ ଏହା ସହାୟତା ଯୋଗାଇ ଦେବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରିଛି। ଛାତ୍ରୀଛାତ୍ରଙ୍କ ପରଫରମାନ୍ସ ଉନ୍ନତି ଆଣିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ଫିଟଜୀ ପକ୍ଷରୁ ସୂଚନା ରହିଛି।

# ଖେଳ ଖବର

## ଘରୁ ୩ ମାସ ବାହାରି ପାରିବେନି ଫୁଟ୍‌ବଲର

**ବେଲ୍‌ଗ୍ରେଡ୍ (ସର୍ବିୟା), ୫।୪ (ଏପି):** ମହାମାରୀ କରୋନା ଭାଇରସ୍ ବ୍ୟାପିବାକୁ ରୋକିବା ଲାଗି ଜାରି ହୋଇଥିବା କର୍ଫ୍ୟୁ ଅମାନ୍ୟ କରିବା ଅଭିଯୋଗରେ ସର୍ବୀୟ ଫୁଟ୍‌ବଲ ଖେଳାଳି ଆଲେକ୍‌ଜାଣ୍ଡର ପ୍ରିଜୋଭିଚ୍ ଦଣ୍ଡିତ ହୋଇଛନ୍ତି। ସେ ୩ ମାସ ପର୍ଯ୍ୟନ୍ତ ଘରୁ ବାହାରି ପାରିବେ ନାହିଁ। ୨୯ ବର୍ଷୀୟ ଷ୍ଟ୍ରାଇକର



ସୌଦି ଆରବ କ୍ଲବ ଅଲ୍-ଇତିହାଦ୍ ତରଫରୁ ଖେଳିଥାନ୍ତି। ଶନିବାର ତାଙ୍କର ଏକ ଭିଡିଓ ଲିଙ୍କ୍ ଟ୍ରାଏଲ୍ ହୋଇଥିଲା। ଏଥିରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। କୋଭିଡ୍-୧୯ ମହାମାରୀ ରୋକିବା ଲାଗି ସନ୍ଧ୍ୟା ୫ରୁ ସକାଳ ୫ ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରାଯାଇଥିଲା। ଶୁକ୍ରବାର ବେଲ୍‌ଗ୍ରେଡ୍‌ସ୍ଥିତ ଏକ ହୋଟେଲ ଲବିରେ ପୋଲି ପ୍ରଜୋଭିଚ୍ ଓ ଅନ୍ୟ ୧୯ଜଣଙ୍କୁ ଗିରଫ କରିଥିଲା। ରିୟଲ ମାଡ୍ରିଡ୍ ଷ୍ଟ୍ରାଇକର ଲୁକା ଜୋଭିଚ୍‌ଙ୍କ ପରେ ଷ୍ଟେ ଆଟ୍ ହୋମ୍ ନିୟମ ଉଲ୍ଲଂଘନ କରିବାରେ ପ୍ରିଜୋଭିଚ୍ ହେଉଛନ୍ତି ଦ୍ୱିତୀୟ ସର୍ବୀୟ ଖେଳାଳି। ଦେଶରେ ସରକାର ଜରୁରିକାଳୀନ ପରିସ୍ଥିତି ଜାରି କରିଥିବାବେଳେ ଜୋଭିଚ୍ ଗତ ମାସରେ ବେଲ୍‌ଗ୍ରେଡ୍‌ସ୍ଥିତ ଏକ କାଫେରେ ତାଙ୍କ ଗର୍ଲଫ୍ରେଣ୍ଡଙ୍କ ଜନ୍ମଦିନ ପାର୍ଟିରେ ଯୋଗ ଦେଇଥିଲେ। ସରକାରୀ କଟକଣା ଅମାନ୍ୟ କଲେ ୩ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡର ବ୍ୟବସ୍ଥା ଅଛି।

## ଇରାନିଆନ ଓ୍ୱିଙ୍ଗରଙ୍କ ସହ ଇଷ୍ଟବେଙ୍ଗଲର ଚୁକ୍ତି

**କୋଲକାତା, ୫।୪ (ପି.ଟି.):** ଇଷ୍ଟ ବେଙ୍ଗଲ ଫୁଟ୍‌ବଲ ଟିମ୍ ରବିବାର ଭାରତୀୟ ବଂଶୋଦ୍ଭବ ଇରାନିଆନ ମିଡ୍‌ଫିଲ୍ଡର ଓମିଦ୍ ସିଂଙ୍କ ସହିତ ଦୁଇ ବର୍ଷିଆ ଚୁକ୍ତି କରିଛନ୍ତି। ଆସନ୍ତା ସିଜନ ଆରମ୍ଭରେ ସେ ଟିମ୍ ସହିତ ଯୋଗଦେବେ



ବୋଲି ଇଷ୍ଟବେଙ୍ଗଲ ଟପ୍ ଅଫିସିଆଲ ଦେବବ୍ରତ ସରକାର ସୂଚନା ଦେଇଛନ୍ତି। ୨୯ ବର୍ଷୀୟ ଲେଫ୍ଟ ଓ୍ୱିଙ୍ଗରଙ୍କ ପ୍ରକୃତ ଜନ୍ମସ୍ଥାନ ହେଉଛି ପଞ୍ଜାବରେ। ତାଙ୍କ ନିକଟରେ ଭାରତୀୟ ପାସ୍‌ପୋର୍ଟ ରହିଛି। ବର୍ତ୍ତମାନ ସେ ପର୍ସିଆନ୍ ଗଲ୍‌ଫ ପ୍ରୋ-ଲିଗ୍‌ରେ ନାଫତ୍ ମାସଜିଦ୍ ସୋଲେମାନ୍ ଏଫ୍‌ସି ଦଳରୁ ଖେଳୁଛନ୍ତି। ଭାରତୀୟ କୋଚ୍ ଇଗୋର୍ ଷ୍ଟିମାକଙ୍କର ତାଙ୍କ ପ୍ରତି ବିଶେଷ ଆଗ୍ରହ ରହିଛି ବୋଲି ଓମିଦ୍ କୁହନ୍ତି। ଏପରି କି ଭାରତୀୟ ଦଳ ତରଫରୁ ଖେଳିବା ଲାଗି ତାଙ୍କୁ ସେ ଅଫର ମଧ୍ୟ ଦେଇଛନ୍ତି। ମୁଁ ସେଥିରେ ରାଜି ଅଛି। କୋଭିଡ୍-୧୯ ମହାମାରୀ ଯୋଗୁ ୪ ରାଉଣ୍ଡ ଖେଳ ପରେ ଆଇ-ଲିଗ୍‌କୁ ସ୍ଥଗିତ ରଖାଯାଇଛି। ଇଷ୍ଟ ବେଙ୍ଗଲ ବର୍ତ୍ତମାନ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି।

## ନିୟମ ଉଲ୍ଲଂଘନ କରି ଫିଜି ରଗ୍‌ବୀ ଖେଳାଳି ଗିରଫ

**ଶୁଭ, ୫।୪:** ୧୯ ସେଲ୍ଫ ଆଇସୋଲେଶନ ନିୟମ ଉଲ୍ଲଂଘନ କରି ଫିଜି ର ୨ଜଣ ରଗ୍‌ବୀ ଖେଳାଳି ଗିରଫ ହୋଇଛନ୍ତି। ଏହି ୨ ଖେଳାଳିଙ୍କ ଦାୟିତ୍ୱହୀନ ଆଚରଣ ସମ୍ପର୍କରେ ବିଶ୍ୱ ରଗ୍‌ବିର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଓ୍ୱାର୍ଲ୍ଡ ରଗ୍‌ବୀକୁ ଅବଗତ କରାଯିବ ବୋଲି ସ୍ଥାନୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ଦୁଇଜଣଙ୍କ ପରିଚୟ ବିଷୟରେ କିଛି ଉଲ୍ଲେଖ କରାଯାଇନାହିଁ। ତେବେ ଏହି ଖେଳାଳିମାନେ ପେସାଦାର ବୋଲି ଫିଜି ରଗ୍‌ବୀ ୟୁନିୟନ କହିଛି। ଏହି ଦୁଇଖେଳାଳି ପୂରା ଫିଜିକୁ ବିପଦରେ ପକାଇଛନ୍ତି ବୋଲି ଫିଜି ପ୍ରଧାନମନ୍ତ୍ରୀ ବେନିମାରମା କହିଛନ୍ତି। ଜଣେ ଖେଳାଳି ଆଇସୋଲେଶନ ହସ୍ପିଟାଲ୍‌ରୁ ଲୁଚି ପଳାଇଯାଇଥିଲେ।

# ବିଡ୍ ଦାଖଲ କଲା ଭାରତ

## ଏଏଫ୍‌ସି ଏସିଆନ କପ୍




**ନୂଆଦିଲ୍ଲୀ, ୫।୪ (ପି.ଟି.):** ୨୦୨୭ ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ଏସିଆନ କପ୍ ଆୟୋଜନ କରିବାକୁ ଭାରତ ବିଡ୍ ଦାଖଲ କରିଛି। ଭାରତ ଆନୁଷ୍ଠାନିକ ଭାବେ ବିଡ୍ ଦାଖଲ କରିଛି ବୋଲି ରବିବାର ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ତରଫରୁ କୁହାଯାଇଛି। ବିଡ୍ ହାସଲ କଲେ ଭାରତ ପ୍ରଥମଥର ପାଇଁ ଏହି ମହାଦେଶୀୟ ଟୁର୍ନାମେଣ୍ଟ ଆୟୋଜନ କରିବ। ଏ ସଂକ୍ରାନ୍ତରେ ବିଡ୍ ସମ୍ପର୍କିତ ସବୁ ପ୍ରକାର କାଗଜପତ୍ର ମଧ୍ୟ ଦାଖଲ କରାଯାଇଛି। ଏହି ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଆମେ ଏଏଫ୍‌ସି ନିକଟରେ ଆମର ଇଚ୍ଛା ସମ୍ପର୍କରେ ଅବଗତ କରାଇଛୁ ବୋଲି ଏଆଇଏଫ୍ଏଫ୍ ସମ୍ପାଦକ କୁଶଲ ଦାସ କହିଛନ୍ତି। ଉଲ୍ଲେଖଥାଉ କି, କୋଭିଡ୍-୧୯ ସଂକ୍ରମଣ କାରଣରୁ ଏଏଫ୍‌ସି ବିଡ୍ ଦାଖଲର ଶେଷ ତାରିଖକୁ ମାର୍ଚ୍ଚ ୩୧ରୁ ଜୁନ୍ ୩୦ ତାରିଖକୁ ଅର୍ଥାତ୍ ମୋଟ ୩ ମାସ ଘୁଞ୍ଚାଇଥିଲା। ଖୁବ୍‌ଶୀଘ୍ର ଏଏଫ୍‌ସି ଟୁର୍ନାମେଣ୍ଟ ଆୟୋଜକଙ୍କ ସମ୍ପର୍କରେ ଘୋଷଣା କରିବ ବୋଲି ଆଶା କରାଯାଉଛି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ୨୦୧୯ ସଂସ୍କରଣରେ ଦଳ ସଂଖ୍ୟାକୁ ୨୪କୁ ବୃଦ୍ଧି କରାଯାଇଥିଲା। ଆସନ୍ତାବର୍ଷ ଆୟୋଜକ ଦେଶ ସଂକ୍ରାନ୍ତରେ ଏଏଫ୍‌ସି ଘୋଷଣା କରିବ ବୋଲି ଆଶା କରାଯାଉଛି। ଭାରତକୁ ବାଦ୍ ଦେଲେ ସୌଦୀ ଆରବ ୨୦୨୭ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ବିଡ୍ ଦାଖଲ କରିବ ବୋଲି ଘୋଷଣା କରିଛି। ଉଲ୍ଲେଖଥାଉ କି, ୨୦୨୩ ଏଏଫ୍‌ସି ଏସିଆନ କପ୍ ଆୟୋଜନ ଦୌଡ଼ରେ ଭାରତ ସାମିଲ ହୋଇଥିଲା। ଏଥିରେ ଥାଇଲାଣ୍ଡ, ଇଣ୍ଡୋନେସିଆ ଓ ଦକ୍ଷିଣ କୋରିଆ ସାମିଲ ହୋଇଥିଲେ। ତେବେ ଭାରତ ୨୦୧୮ ଅକ୍ଟୋବରରେ ଏଥିରୁ ଓହରିଯାଇଥିଲା। ପରେ ଥାଇଲାଣ୍ଡ, ଦକ୍ଷିଣ କୋରିଆ ଓହରିଯାଇଥିଲା। ଫଳରେ ଏକମାତ୍ର ଦେଶ ଭାବେ ଚାଇନାକୁ ୨୦୨୩ ଟୁର୍ନାମେଣ୍ଟ ଆୟୋଜନ ଅଧିକାର ମିଳିଥିଲା। ଭାରତରେ ମଧ୍ୟ ୧୭ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍ ସଫଳତାର ସହ ଆୟୋଜନ କରିଥିଲା। ସେହିପରି ନଭେମ୍ବରରେ ଭାରତ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଆୟୋଜନ କରିବାର କାର୍ଯ୍ୟକ୍ରମ ଥିଲା। ତେବେ କୋଭିଡ୍-୧୯ କାରଣରୁ ଏହାକୁ ସ୍ଥଗିତ ରଖାଯାଇଛି। ଭାରତ ମଧ୍ୟ ୨୦୨୨ ମହିଳା ଏଏଫ୍‌ସି ଏସିଆନ କପ୍ ଆୟୋଜନ କରିବାର ଅଧିକାର ପାଇଛି। ଭାରତ ଏଏଫ୍‌ସି ଏସିଆନ କପ୍‌ରେ ୪ ଥର ଅଂଶଗ୍ରହଣ କରିଛି ଓ ୧୯୬୪ରେ ରନର୍ସଅପ୍ ହୋଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ତେବେ ଭାରତ ୧୯୮୪, ୨୦୧୧ ଓ ୨୦୧୯ରେ ଗ୍ରୁପ୍ ପର୍ଯ୍ୟାୟ ପାରକରି ନ ଥିଲା।

# କୋଟିଏ ଟଙ୍କା ସଂଗ୍ରହ କଲା ଆଇଓଏ

**ନୂଆଦିଲ୍ଲୀ, ୫।୪ (ପି.ଟି.):** କୋଭିଡ୍-୧୯ ଲଢେଇରେ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ମୋଟ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପାଣ୍ଠି ସଂଗ୍ରହ କରିଛି। ବିଭିନ୍ନ ଜାତୀୟ ସ୍ପୋର୍ଟ୍ସ ଫେଡେରେଶନ (ଏନ୍ଏସ୍ଏଫ୍), ରାଜ୍ୟ ଅଲିମ୍ପିକ୍ ଆସୋସିଏଶନ, ସ୍ୱୀକୃତି ପାଇବା ପାଇଁ ଆବେଦନ କରିଥିବା କେତେକ ସଂଗଠନ ଓ ଅନ୍ୟମାନେ ଦାନ କରିଥିବା ଅର୍ଥରୁ ଏପର୍ଯ୍ୟନ୍ତ ୧,୦୨,୫୬,୦୦୩ ଟଙ୍କା ସଂଗ୍ରହ କରାଯାଇଛି ବୋଲି ଆଇଓଏ ତରଫରୁ କୁହାଯାଇଛି। ଏଥିପାଇଁ ଏନ୍ଏସ୍ଏଫ୍ ଓ ରାଜ୍ୟ ଆସୋସିଏଶନଗୁଡିକୁ ଆଇଓଏ କୃତଜ୍ଞତା ଜଣାଇଛି। ଏହି ଘଡିସନ୍ଧି ମୁହୂର୍ତ୍ତରେ ସମସ୍ତେ ଏକାଠି ହୋଇ ଲଢେଇ ଜାରି ରଖିବା ଉଚିତ୍ ବୋଲି ଆଇଓଏ କହିଛି। ଏହି ଅର୍ଥକୁ ଆଇଓଏ ପ୍ରଧାନମନ୍ତ୍ରୀ କେୟାର୍ସ ପଣ୍ଡକୁ ଦାନ କରିବ ବୋଲି କହିଛି। ପୂର୍ବରୁ ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି, କ୍ରିକେଟ ଆଇକନ ସଚିନ ତେନ୍ଦୁଲକର, ମହିଳା ବ୍ୟାଡ୍‌ମିଣ୍ଟନ ତାରକା ପି.ଭି. ସିନ୍ଧୁ, ଆଥଲେଟ ନୀରଜ ଚୋପ୍ରା, ହୀମା ଦାସ ଓ ଏକାଧିକ କ୍ରୀଡ଼ାବିତ୍ ଏହି ଭାଇରସ୍ ମୁକାବିଲ ପାଇଁ ଅର୍ଥ ଦାନ କରିଛନ୍ତି।

# ୫୦ ଲକ୍ଷ ଦେବେ ଯୁବରାଜ

**ନୂଆଦିଲ୍ଲୀ, ୫।୪ (ପି.ଟି.):** ପୂର୍ବତନ ଭାରତୀୟ କ୍ରିକେଟର ଯୁବରାଜ ସିଂ କରୋନ ଭାଇରସ୍ ମୁକାବିଲା ପାଇଁ ୫୦ ଲକ୍ଷ ଟଙ୍କା ପ୍ରଦାନ କରିବେ। ରବିବାର ସେ ଏ ନେଇ ଘୋଷଣା କରିଛନ୍ତି। ସେ ଏହି ଅର୍ଥ ପ୍ରଧାନମନ୍ତ୍ରୀଙ୍କ କେୟାର୍ସ ଫଣ୍ଡକୁ ଦାନ ଦେବେ ବୋଲି କହିଛନ୍ତି। ଏହି ମହାମାରୀକୁ ରୋକିବା ପାଇଁ ସମସ୍ତଙ୍କୁ ଏକାଠି ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଏକାଠି ହେଲେ ଆମେ ଶକ୍ତିଶାଳୀ ହେବା। ସାମର୍ଥ୍ୟ ଅନୁଯାୟୀ ସମସ୍ତେ କିଛି ପରିମାଣରେ ଦାନ କରିବା ଉଚିତ ବୋଲି ସେ ତାଙ୍କ ଟୁଇଟର ହ୍ୟାଣ୍ଡେଲ୍‌ରେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କହିବା ଅନୁଯାୟୀ ଆମେ ସମସ୍ତେ ରବିବାର ରାତି ୯ଟାରେ ଦୀପ, କ୍ୟାଣ୍ଡେଲ କିମ୍ବା ଟର୍ଚ୍ଚ ଲାଇଟ ଜାଳିବା ବୋଲି ସେ କହଛନ୍ତି। ଦେଶର ଏହି ଘଡିସନ୍ଧି ମୁହୂର୍ତ୍ତରେ ସମସ୍ତେ ଖୋଲା ହାତରେ ଦାନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

# ପ୍ରଥମ ଶ୍ରେଣୀ କ୍ରିକେଟରୁ ଓ'କିଫିଙ୍କ ଅବସର



**ସିଡ୍‌ନୀ, ୫।୪ (ଏପି):** ଅଷ୍ଟ୍ରେଲିଆର ପୂର୍ବତନ ଟେଷ୍ଟ ସ୍ପିନର ଷ୍ଟିଫେନ୍ ଓ'କିଫି ପ୍ରଥମ ଶ୍ରେଣୀ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଆସନ୍ତା ଘରୋଇ ସିଜନ ପାଇଁ ନ୍ୟୁ ସାଉଥ୍ ୱେଲ୍ସ ତରଫରୁ ପ୍ରକାଶିତ ଖେଳାଳି ଚୁକ୍ତି ତାଲିକାରେ ତାଙ୍କ ନାମ ବାଦ୍ ପଡ଼ିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ୩୫ ବର୍ଷୀୟ ଓ'କିଫି ତାଙ୍କ କ୍ୟାରିୟରରେ ୯ଟି ଟେଷ୍ଟ ମ୍ୟାଚ ଖେଳି ୩୫ଟି ଉଇକେଟ ନେଇଛନ୍ତି। ୨୦୧୭ ରେ ପୁଣେଠାରେ ଭାରତ ବିପକ୍ଷ ଏକ ମ୍ୟାଚରେ ସେ ମୋଟ ୧୨ଟି ଉଇକେଟ ଅକ୍ତିଆର କରିଥିଲେ। ଗତ ସିଜନରେ ୪ଦିନିଆ ଶିଫିଲ୍ଡ ଶିଲ୍‌ଡ ଟୁର୍ନାମେଣ୍ଟରେ ଓ'କିଫି ୨୨.୨୫ ଆଭରେଜରେ ୧୬ଟି ଉଇକେଟ ଅକ୍ତିଆର କରିଥିଲେ। ପ୍ରତିଯୋଗିତାରେ ସେ ସବୁଠାରୁ ସଫଳ ସ୍ପିନର ବିବେଚିତ ହୋଇଥିଲେ।

# ଜାଫରଙ୍କ ସର୍ବକାଳୀନ ଏକାଦଶରେ ଧୋନୀ ଅଧିନାୟକ

**ନୂଆଦିଲ୍ଲୀ, ୫।୪:** ଭାରତୀୟ ପୂର୍ବତନ ବ୍ୟାଟ୍ସମ୍ୟାନ ୱାସିମ ଜାଫର ତାଙ୍କର ସର୍ବକାଳୀନ ଦିନିକିଆ ବିଶ୍ୱ ଏକାଦଶ ଘୋଷଣା କରିଛନ୍ତି। ଏଥିରେ ସେ ମହେନ୍ଦ୍ର ସିଂ ଧୋନୀଙ୍କୁ ନେତୃତ୍ୱ ପ୍ରଦାନ କରିଛନ୍ତି। ସେହିପରି ସେ କ୍ରିକେଟ୍ ଆଇକନ୍ ସଚିନ ତେନ୍ଦୁଲକର ଓ ରୋହିତ ଶର୍ମାଙ୍କୁ ଓପନର ହିସାବରେ ଦଳରେ ସାମିଲ କରିଛନ୍ତି। ୩ ନମ୍ବରରେ ସେ ଭିଭିଆନ ରିଚାର୍ଡ୍ସ ଓ ୪ ନମ୍ବରରେ ବିରାଟ କୋହଲିଙ୍କୁ ସାମିଲ କରିଛନ୍ତି।

# ୫ ହଜାର ପରିବାରଙ୍କୁ ଖୁଆଇବେ ହରଭଜନ



**ନୂଆଦିଲ୍ଲୀ, ୫।୪ (ପି.ଟି.):** ଭାରତୀୟ ପୂର୍ବତନ ଅଫ୍- ସ୍ପିନର ହରଭଜନ ସିଂ ଓ ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ଗୀତା ବାସ୍ରା ତାଙ୍କ ହୋମ୍ ଟାଉନ୍ ଜଳନ୍ଧରରେ ୫,୦୦୦ ପରିବାରକୁ ଖୁଆଇବେ ବୋଲି କଥା ଦେଇଛନ୍ତି। କୋଭିଡ୍-୧୯ ମହାମାରୀର ରୂପ ନେଇଥିବା ଭବେଳେ ଏହା ଦ୍ୱାରା ପ୍ରଭାବିତ ପରିବାରଙ୍କୁ ଖାଦ୍ୟ ଦେବାର ଆବଶ୍ୟକତା ଅଛି ବୋଲି ସେ ହୃଦୟଙ୍ଗମ କରିଛନ୍ତି। କେବଳ ଭାରତରେ ଏହି ଭାଇରସ୍ ଦ୍ୱାରା ୩୦୦୦ରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମଣର ଶିକାର ହୋଇଛନ୍ତି ଓ ୭୦ ଜଣ ମୃତ୍ୟୁବରଣ କରିଛନ୍ତି। ଜଳନ୍ଧରରେ ରହୁଥିବା ୫,୦୦୦ ପରିବାରକୁ ଆମେ ରାଶନ ଦେବୁ। ଏହି କଷ୍ଟକର ସମୟରେ ଯେଉଁମାନେ ସେମାନଙ୍କ ପରିବାରକୁ ଖୁଆଇବା ପାଇଁ ସଂଘର୍ଷ କରୁଛନ୍ତି ସେମାନଙ୍କୁ ଆମେ ସାହାଯ୍ୟ କରିବୁ । ଆମେ ଏହି ପରିବାରଗୁଡିକୁ ସାହାଯ୍ୟ ଓ ସମର୍ଥନ ଜାରି ରଖିବୁ ଓ ସେମାନଙ୍କ ବୋଝ କମ୍ କରିବାକୁ ପ୍ରୟାସ କରିବୁ ବୋଲି ହରଭଜନ କହିଛନ୍ତି। ମୁମ୍ବାଇରେ ରହି ମଧ୍ୟ ସେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ମୋର ନିକଟତମ ବନ୍ଧୁ ୫୦୦ଟି ପରିବାରକୁ ଶୁଖିଲା ରାଶନ ପ୍ରଦାନ କରିଛନ୍ତି। ପଞ୍ଜାବ ପୋଲିସ୍‌ର ଡିସିଙ୍କ ସହିତ ଫୋନ୍‌ରେ ଆଲୋଚନା କରିଛି ଓ ତାଙ୍କ କହିବା ଅନୁଯାୟୀ ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯିବ ବୋଲି ସେ କହିଛନ୍ତି। ଯେପର୍ଯ୍ୟନ୍ତ ସ୍ଥିତି ସ୍ୱାଭାବିକ୍ ନ ହୋଇଛି, ସେ ପର୍ଯ୍ୟନ୍ତ ଗୃହହୀନ ଓ ବେରୋଜଗାର ଲୋକଙ୍କୁ ଖାଦ୍ୟ ଯୋଗାଇବେ ବୋଲି ୩୯ ବର୍ଷୀୟ ହରଭଜନ କହିଛନ୍ତି। ୫ କେ.ଜି. ଚାଉଳ, ଅଟା, ତେଲ ଓ ଅନ୍ୟାନ୍ୟ ରୋଷେଇ ସାମଗ୍ରୀ ବଣ୍ଟନ କରାଯିବ। ପଞ୍ଜାବ ପୋଲିସ୍ ଓ ପିଲା ବେଳର ବନ୍ଧୁମାନଙ୍କ ଦ୍ୱାରା ଏହା ସମ୍ଭବ ହେବ। ତେବେ ବହୁତ କାର୍ଯ୍ୟ ବାକି ରହିଛି ବୋଲି ହରଭଜନ କହିଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ